# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୭/୨୦୧୯ (୧୬ ପୃଷ୍ଠା) | Bhubaneswar, Friday, December 27/2019 | ★★★★

୪୬ଶ ଭାଗ ୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


सत्यमेव जयते

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ

ଭାରତ ସରକାର





# ପୂର୍ବୋଦୟ

## ପୂର୍ବ ଭାରତରୁ ହେଉଅଛି ନୂଆ ଭାରତର ଉଦୟ

"ଦେଶର ସାମଗ୍ରିକ ବିକାଶ ପାଇଁ ପୂର୍ବ ଭାରତର ବିକାଶ ନିହାତି ଆବଶ୍ୟକ"



## ବଲାଙ୍ଗିରଠାରେ ବିପିସିଏଲ୍ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟର

## ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ

### ଶ୍ରୀ ଏମ୍. ଭେଙ୍କୟା ନାଇଡୁ

ଭାରତର ମାନନୀୟ ଉପରାଷ୍ଟ୍ରପତିଙ୍କ

କରକମଳରେ

**୨୭ ଡିସେମ୍ବର ୨୦୧୯, ସକାଳ ୮.୩୦ ଘଟିକା**

**ବିପିସିଏଲ୍ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ୍, ବରକାନି, ବଲାଙ୍ଗିର**

### ମୁଖ୍ୟାଂଶ

ପ୍ରକଳ୍ପ ମୂଲ୍ୟ: ୧୦୩ କୋଟି, ପ୍ରକଳ୍ପ ଅବଧି : ୨୪ ମାସ, ପୂର୍ଣ୍ଣତା: ୧୯ ମାସ

ବାର୍ଷିକ ୪୨ ଲକ୍ଷ ଏଲ୍‌ପିଜି ସିଲିଣ୍ଡର ବଟଲିଂ କ୍ଷମତା

ପଶ୍ଚିମ ଓଡ଼ିଶାର ୧୪ଟି ଜିଲାରେ ଏଲ୍‌ପିଜିର ବଢୁଥିବା ଚାହିଦା ପୂରଣ କରିବ

୨୪ଟି ବୈଦ୍ୟୁତିକ କାରୌସେଲ ଷ୍ଟେସନ ଯୁକ୍ତ ଅତ୍ୟାଧୁନିକ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ୍

### ଗରିମାମୟ ଉପସ୍ଥିତି

**ପ୍ରଫେସର ଗଣେଶୀ ଲାଲ**
ଓଡ଼ିଶାର ରାଜ୍ୟପାଳ

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଧର୍ମେନ୍ଦ୍ର ପ୍ରଧାନ**
ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ଏବଂ ଇସ୍ପାତ ମନ୍ତ୍ରୀ
ଭାରତ ସରକାର

**ସଙ୍ଗୀତା କୁମାରୀ ସିଂହ ଦେଓ**
ସାଂସଦ (ଲୋକସଭା), ବଲାଙ୍ଗିର

**ନରସିଂହ ମିଶ୍ର**
ବିଧାୟକ, ବଲାଙ୍ଗିର

### ୨୦୧୪ରୁ ଓଡ଼ିଶାରେ ଏଲ୍‌ପିଜିର ଅଭିବୃଦ୍ଧି

| | ୨୦୧୪ | ୨୦୧୯ | % ଅଭିବୃଦ୍ଧି (ଅଦ୍ୟାବଧି) |
|---|---|---|---|
| ଉପଭୋକ୍ତା | ୨୦.୨୨ ଲକ୍ଷ | ୮୮.୧୦ ଲକ୍ଷ | ୩୩୫.୭୧% |
| ବଟଲିଂ | ୧.୪୮ କୋଟି ସିଲିଣ୍ଡର | ୨.୯୬ କୋଟି ସିଲିଣ୍ଡର | ୧୦୦% |
| ବିତରକ | ୩୬୭ | ୯୩୨ | ୧୫୩.୯୫% |

ଏକ ପାଦ ସ୍ୱଚ୍ଛତା ଆଡ଼କୁ

PAHAL

#GiveItUp

Feel the Joy of Giving



ଏନ୍‌ଆର୍‌ସି ସହିତ ସିଏଏ କିମ୍ବା ଏନ୍‌ପିଆର୍‌ର କୌଣସି ସମ୍ପର୍କ ନାହିଁ। ବିରୋଧୀ ମିଥ୍ୟା ପ୍ରଚାର ଚଳାଇଛନ୍ତି।

-ରାମ ମାଧବ,
ଭାଜପା ସାଧାରଣ ସମ୍ପାଦକ



ଗୁଜରାଟର ସୁରଟଠାରେ ଆଂଶିକ ସୂର୍ଯ୍ୟୋପରାଗର ଦୃଶ୍ୟ



ମୁମ୍ବାଇର ଗୋରେଗାଓଁଠାରେ ସ୍କୁଲ ପିଲାମାନେ ସୂର୍ଯ୍ୟୋପରାଗ ଦେଖୁଛନ୍ତି।



ତାମିଲନାଡୁର ତିରୁଚିରାପାଲିଠାରେ ସୂର୍ଯ୍ୟୋପରାଗ ବେଳର ବିରଳ ଦୃଶ୍ୟ।

## ସଂକ୍ଷେପରେ

### ପ୍ରଶିକ୍ଷଣ ବେଳେ ୨ ସେନା ଇଞ୍ଜିନିୟର ଶହୀଦ

**ନୂଆଦିଲ୍ଲୀ,୨୬।୧୨(ଆଇଏଏନ୍‌ଏସ୍‌):** ପୁଣେର ଦାପୋଡିଠାରେ ଥିବା କଲେଜ ଅଫ୍‌ ମିଲିଟାରୀ ଇଞ୍ଜିନିୟରିଂ (ସିଏମ୍‌ଇ)ରେ ଗୁରୁବାର ବ୍ରିଜିଂ ଏକ୍ସରସାଇଜ୍‌ ବେଳେ ୨ ଜଣ ସେନା ଇଞ୍ଜିନିୟର ଶହୀଦ ହେବା ସହ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ପ୍ରଶିକ୍ଷଣ ବେଳେ ଦୁଇ ସେନା ଇଞ୍ଜିନିୟରଙ୍କ ଜୀବନ ଯାଇଥିବା ଜଣେ ବରିଷ୍ଠ ସେନାଧିକାରୀ କହିଛନ୍ତି। ଆହତଙ୍କ ମଧ୍ୟରେ ଜଣେ ଜୁନିୟର କମିଶନ୍‌ଡ ଅଫିସର ଅଛନ୍ତି। ବ୍ରିଜିଂ ଏକ୍ସରସାଇଜ୍‌ ହେଉଛି ସେନା ଇଞ୍ଜିନିୟରମାନଙ୍କ ପ୍ରଶିକ୍ଷଣର ଅଂଶବିଶେଷ।

### ଅଖିଳ ଗୋଗୋଇଙ୍କ ଘରେ ଏନ୍‌ଆଇଏ ଚଢ଼ାଉ



**ନୂଆଦିଲ୍ଲୀ,୨୬।୧୨(ପି.ଟି.):** ଆର୍‌ଟିଆଇ କର୍ମୀ ତଥା କୃଷକ ନେତା ଅଖିଳ ଗୋଗୋଇଙ୍କ ଗୁଆହାଟୀସ୍ଥିତ ବାସଭବନରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଗୁରୁବାର ଚଢ଼ାଉ କରିଛି। ପୂର୍ବରୁ ଏନ୍‌ଆଇଏ ଗୋଗୋଇଙ୍କ ବିରୋଧରେ ଆଇପିସିର ବିଭିନ୍ନ ଧାରା ସମେତ ବେଆଇନ କାର୍ଯ୍ୟକଳାପ ନିରାକରଣ ଆଇନରେ ମାମଲା ରୁଜୁ କରିଥିଲା। ଆସାମରେ ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ବିରୋଧୀ ଆନ୍ଦୋଳନ ବେଳେ ଗୋଗୋଇ ଗିରଫ ହୋଇଥିଲେ।

### ମନିଲଣ୍ଡରିଂ ମାମଲା ଆଇଏଏସ୍‌ ଅଫିସରଙ୍କ ୩୬ କୋଟିର ସମ୍ପତ୍ତି ଜବତ

**ନୂଆଦିଲ୍ଲୀ,୨୬।୧୨(ପି.ଟି.):** ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତ ଗୁଜରାଟ କ୍ୟାଡରର ପୂର୍ବତନ ଆଇଏଏସ୍‌ ଅଫିସର ସଞ୍ଜୟ ଗୁପ୍ତା ଓ ତାଙ୍କ ପରିବାରର ୩୬ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜବତ କରିଛି। ୧୯୮୫ ବ୍ୟାଚ୍‌ର ଏହି ଆଇଏଏସ୍‌ ଅଫିସର ୨୦୦୨ରେ ଚାକିରି ଛାଡ଼ି ନିସା ଗ୍ରୁପ୍‌ ଅଫ୍‌ କମ୍ପାନିଜ୍‌ ନାମରେ ନିଜର ହସ୍ପିଟାଲିଟି ବ୍ୟବସାୟ ଆରମ୍ଭ କରିଥିଲେ। ମେଟ୍ରୋ ଲିଙ୍କ୍‌ ଏକ୍ସପ୍ରେସ୍‌ ଫର ଗାନ୍ଧୀନଗର ଆଣ୍ଡ ଅହମଦାବାଦ କମ୍ପାନୀ ଲିଃ (ଏମ୍‌ଇଜିଏ)ରେ ଅର୍ଥ ହେରଫେର ହୋଇଥିବା ନେଇ ତାଙ୍କ ବିରୋଧରେ ଇଡି ମାମଲା ରୁଜୁ କରିଥିଲା। ୨୦୧୧ ଏପ୍ରିଲରୁ ୨୦୧୩ ଅଗଷ୍ଟ ପର୍ଯ୍ୟନ୍ତ ଉକ୍ତ ଅଫିସର ଏମ୍‌ଇଜିଏର ଅଧ୍ୟକ୍ଷ ଥିଲେ। ସେହି ସମୟରେ ସେ ତାଙ୍କର କେତେଜଣ ଘନିଷ୍ଠ

### ଇତିହାସର ଆଇନାରେ
### ଡିସେମ୍ବର ୨୭ର ପ୍ରମୁଖ ଘଟଣା

୨୦୦୨ ଡିସେମ୍ବର ୨୭ରେ ଚେଚ୍‌ନ୍ୟାରେ ଦୁଇଟି ଆତ୍ମଘାତୀ ଟ୍ରକ୍‌ବୋମା ବିସ୍ଫୋରଣ ହେବାରୁ ପ୍ରାୟ ୭୨ ଲୋକଙ୍କ ପ୍ରାଣହାନି ଘଟିଥିଲା। ୨୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ।

୨୦୦୭ ଡିସେମ୍ବର ୨୭ରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋ ନିର୍ବାଚନ ପ୍ରଚାରରେ ଥିବାବେଳେ ରାୱଲପିଣ୍ଡିଠାରେ ଆତତାୟୀଙ୍କ ଗୁଳିମାଡ଼ରେ ପ୍ରାଣ ହରାଇଥିଲେ।

# ଉପା ଅମଳରେ ଗଢ଼ାହୋଇଥିଲା ଅଟକ କେନ୍ଦ୍ର

### ମୋଦିଙ୍କୁ 'ମିଛର ସର୍ଦ୍ଦାର'କହିଥିବା ରାହୁଲଙ୍କୁ ଭାଜପାର ସମାଲୋଚନା

**ନୂଆଦିଲ୍ଲୀ,୨୬।୧୨(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ମିଛର ସର୍ଦ୍ଦାର' କହିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭାଜପା ସମାଲୋଚନା କରିଛି। ଅଟକ କେନ୍ଦ୍ର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମିଛ କହୁଛନ୍ତି ବୋଲି ରାହୁଲ ଟୁଇଟ୍‌ କରିଥିଲେ। ରାହୁଲଙ୍କୁ ସମାଲୋଚନା କରି ଭାଜପା ମୁଖପାତ୍ର ସମ୍ବିତ୍‌ ପାତ୍ର କହିଛନ୍ତି, କଂଗ୍ରେସ ନେତା ଆପତ୍ତିଜନକ ଭାଷା ବ୍ୟବହାର କରୁଛନ୍ତି। କେନ୍ଦ୍ର ଓ ରାଜ୍ୟରେ କଂଗ୍ରେସ କ୍ଷମତାରେ ଥିବାବେଳେ ଆସାମରେ ଅଟକ କେନ୍ଦ୍ର ନିର୍ମାଣ ହୋଇଥିଲା। ୨୦୧୧ରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରଙ୍କ ଏ ସମ୍ପର୍କିତ ବିବୃତିକୁ ସମ୍ବିତ୍‌ ଖବରଦାତା ସମ୍ମିଳନୀରେ ଦେଖାଇ 'ରାହୁଲ ମିଛର ସର୍ଦ୍ଦାର' ବୋଲି କହିଥିଲେ। ତାଙ୍କ ଦଳ ଦ୍ୱାରା ଆସାମରେ ୩ଟି ଅଟକ କେନ୍ଦ୍ର ନିର୍ମାଣ ହୋଇଥିଲା। ବେଆଇନ ଶରଣାର୍ଥୀ ପ୍ରସଙ୍ଗରେ ଆସାମ ସରକାର ଜାରି କରିଥିବା ଶ୍ୱେତପତ୍ରକୁ ମଧ୍ୟ ସମ୍ବିତ୍‌ ଦେଖାଇଥିଲେ। ତେବେ ଅଟକ କେନ୍ଦ୍ର ଓ ଏନ୍‌ଆର୍‌ସି ମଧ୍ୟରେ କୌଣସି ସମ୍ପର୍କ ନାହିଁ ବୋଲି ସେ କହିଛନ୍ତି। ଦେଶରେ ଅଟକ କେନ୍ଦ୍ର ନାହିଁ ବୋଲି ପ୍ରଧାନମନ୍ତ୍ରୀ ଗୁରୁବାର କହିଥିବାବେଳେ ରାହୁଲ ଏହାକୁ ବିରୋଧ କରିଥିଲେ। ଆର୍‌ଏସ୍‌ଏସ୍‌ର ପ୍ରଧାନମନ୍ତ୍ରୀ ଭାରତମାତାକୁ ଭୁଲ୍‌ କହୁଥିବା ରାହୁଲ ଅଭିଯୋଗ କରିଥିଲେ।

### 'ଲୋକଙ୍କୁ ବିଭ୍ରାନ୍ତ କରୁଛି କଂଗ୍ରେସ'



ଅମିତ୍‌ ଶାହା

**ନୂଆଦିଲ୍ଲୀ,୨୬।୧୨(ପି.ଟି.):** ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ)କୁ ନେଇ କଂଗ୍ରେସ ନେତୃତ୍ୱରେ ବିରୋଧୀ ଦଳ ଦ୍ୱନ୍ଦ୍ୱ ସୃଷ୍ଟିକରିବା ସହ ଲୋକଙ୍କୁ ବିଭ୍ରାନ୍ତ କରି ରାଜଧାନୀର ବାତାବରଣକୁ ନଷ୍ଟ କରୁଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍‌ ଶାହା ଅଭିଯୋଗ କରିଛନ୍ତି। ଗୁରୁବାର ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷ (ଡିଡିଏ) ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶାହା ସିଏଏକୁ ବିରୋଧ କରୁଥିବା ଲୋକଙ୍କୁ ସମାଲୋଚନା କରିବା ସହ ଛୋଟ ଛୋଟ ଦଳଙ୍କୁ ହରାଇବାର ସମୟ ଆସିଛି ବୋଲି କହିଥିଲେ। କେନ୍ଦ୍ରର ବିକାଶମୂଳକ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଆମ୍‌ ଆଦମୀ ପାର୍ଟି (ଏଏପି) ସରକାର ପ୍ରତିବନ୍ଧକ ସୃଷ୍ଟି କରୁଛି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଆୟୁଷ୍ମାନ ଭାରତ ଯୋଜନାକୁ କାର୍ଯ୍ୟକାରୀ କରୁନାହାନ୍ତି। ଏଏପି ନେତା କେନ୍ଦ୍ରୀୟ ପ୍ରକଳ୍ପରେ ତାଙ୍କ ନାମ ଯୋଡ଼ିବାକୁ ଚାହାନ୍ତି ବୋଲି ଶାହା କହିଥିଲେ।




ବେଙ୍ଗାଲୁରୁରେ ୱମେନ ଇଣ୍ଡିଆ ମୁଭ୍‌ମେଣ୍ଟର ସଦସ୍ୟାମାନେ ପ୍ଲାକାର୍ଡ ଧରି ସିଏଏ, ଏନ୍‌ଆର୍‌ସି ଏବଂ ଏନ୍‌ପିଆର୍‌ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ମସ୍‌ଜିଦ ଭଗ୍ନାବଶେଷ ପାଇଁ ସୁପ୍ରିମକୋର୍ଟ ଯିବ ବାବ୍ରୀ କମିଟି

**ଲକ୍ଷ୍ନୌ,୨୬।୧୨(ଆଇଏଏନ୍‌ଏସ୍‌)**

ଅଯୋଧ୍ୟାର ଧ୍ୱସ୍ତ ବାବ୍ରୀ ମସ୍‌ଜିଦର ଭଗ୍ନାବଶେଷ ପାଇବା ନେଇ ଅଖିଳ ଭାରତ ବାବ୍ରୀ ମସ୍‌ଜିଦ କ୍ରିୟାନୁଷ୍ଠାନ କମିଟି (ଏଆଇବିଏମ୍‌ଏସି) ସୁପ୍ରିମକୋର୍ଟ ଯିବ ବୋଲି କହିଛି। ଏହି ପ୍ରସଙ୍ଗରେ ଅଲ୍‌ ଇଣ୍ଡିଆ ମୁସ୍‌ଲିମ ପର୍ସନାଲ ଲ ବୋର୍ଡ୍‌ ସହ ଆଲୋଚନା ହୋଇଥିବା ଏଆଇବିଏମ୍‌ଏସିର ଆବାହକ ଜଫର୍‌ୟାବ୍‌ ଜିଲାନି ଗୁରୁବାର କହିଛନ୍ତି। ପୂର୍ବରୁ ଏହି କମିଟିର ରିଭ୍ୟୁ ପିଟିଶନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ଏବେ କ୍ୟୁରେଟିଭ୍‌ ପିଟିଶନ ଦାଏର ପାଇଁ ପ୍ରସ୍ତୁତ ହେଉଛି କମିଟି। ଶାରିଆତ୍‌ ଆଇନ ଅନୁଯାୟୀ ମସ୍‌ଜିଦର ଭଗ୍ନାବଶେଷକୁ ଅନ୍ୟ କୌଣସି ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ ନାହିଁ। ତେବେ ସୁପ୍ରିମକୋର୍ଟ ବାବ୍ରୀ ମସ୍‌ଜିଦ ଭଗ୍ନାବଶେଷ ସମ୍ପର୍କରେ କୌଣସି ନିଷ୍ପତ୍ତି ଦେଇନାହାନ୍ତି। ମସ୍‌ଜିଦ ଭାଙ୍ଗିବା ବେଆଇନ ଥିଲା ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ଏବେ ସେହି ଭଗ୍ନାବଶେଷ ମୁସଲମାନଙ୍କୁ ହସ୍ତାନ୍ତର ପାଇଁ ଅଦାଲତ ନିର୍ଦ୍ଦେଶ ଦେବା ଆବଶ୍ୟକ ବୋଲି ଜିଲାନି କହିଛନ୍ତି।

### ସିଏଏ ବିରୋଧୀ ଆନ୍ଦୋଳନ
# ୟୁପିରେ ୧୧୧୩ ଗିରଫ

**ଲକ୍ଷ୍ନୌ,୨୬।୧୨(ପି.ଟି.)**

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ବିରୋଧୀ ଆନ୍ଦୋଳନ ବେଳେ ୟୁପିରେ ୧୯ ଜଣଙ୍କ ଜୀବନ ଯାଇଥିବାବେଳେ ୧୧୧୩ ଜଣଙ୍କୁ ଗିରଫ କରାଯାଇଛି ଓ ୫୫୫୮ ଜଣ ଅଟକ ରହିଛନ୍ତି। ଗତ ସପ୍ତାହଠାରୁ ଦେଶର ସବୁଠୁ ଜନବହୁଳ ରାଜ୍ୟରେ ବିକ୍ଷୋଭ ଜାରି ରହିଥିବାବେଳେ ଫିରୋଜାବାଦରେ ୫, ମିରଟରେ ୪, କାନପୁରରେ ୩, ସମ୍ଭଲ, ବିଜ୍‌ନୋରରେ ୨ ଜଣ ଲେଖାଏ, ମୁଜାଫରନଗର, ରାମପୁର ଓ ଲକ୍ଷ୍ନୌରେ ଜଣେ ଲେଖାଏ ପ୍ରାଣ ହରାଇଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଏଥିରେ ବାରାଣସୀରେ ମୃତ ୮ ବର୍ଷର ଶିଶୁକୁ ସାମିଲ କରାଯାଇନାହିଁ। କାରଣ ସେ ବିକ୍ଷୋଭକାରୀଙ୍କ ଦଳଚକଟାରେ ପ୍ରାଣ ହରାଇଥିଲେ।

ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୫ଟି ବେଆଇନ ଅସ୍ତ୍ରଶସ୍ତ୍ର ଜବତ କରିଛି। ଆନ୍ଦୋଳନବେଳେ ଏହି ଅସ୍ତ୍ର ବ୍ୟବହୃତ ହୋଇଥିଲା। ଏହା ବ୍ୟତୀତ ବିଭିନ୍ନ ସ୍ଥାନରୁ ୬୪୭ଟି ଖାଲି କାର୍ଟ୍ରିଜ୍‌ ଜବତ ହୋଇଛି। ସିଏଏ ବିରୋଧୀ ବିକ୍ଷୋଭରେ ୩୫୧ ପୋଲିସ ଆହତ ହୋଇଥିଲେ। ସାମାଜିକ କର୍ମୀ ସଦାଫ ଜାଫର ଓ ଥିଏଟର କଳାକାର ଦୀପକ କବୀରଙ୍କୁ ଲକ୍ଷ୍ନୌ ଜେଲ୍‌ରେ ରଖାଯାଇଥିବାବେଳେ ଜଣେ ଖବରଦାତାଙ୍କୁ ପୋଲିସ ଅଟକ ରଖି ପରେ ଛାଡ଼ିଦେଇଛି।

### ନମାଜ ପାଇଁ ବଢ଼ିଲା ସୁରକ୍ଷା

**ଲକ୍ଷ୍ନୌ,୨୬।୧୨(ପି.ଟି.)**

ଶୁକ୍ରବାର ନମାଜ ପାଠକୁ ଶାନ୍ତିଶୃଙ୍ଖଳାର ସହ କରାଇବା ପାଇଁ ଉତ୍ତରପ୍ରଦେଶରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଗତ ଶୁକ୍ରବାର ନମାଜ ପାଠ ପରେ ସିଏଏ ବିରୋଧୀ ବିକ୍ଷୋଭ ହିଂସାତ୍ମକ ରୂପ ନେଇଥିଲା। ସର୍ବସାଧାରଣ ସମ୍ପତ୍ତି ନଷ୍ଟ କରିଥିବା ହିଂସାକାରୀଙ୍କଠାରୁ କ୍ଷତିପୂରଣ ଆଦାୟ ପାଇଁ ଇତିମଧ୍ୟରେ ୩୭୨ ଜଣଙ୍କୁ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଗଲାଣି। ସମ୍ଭଲରେ ୨୬ ଜଣ, ମୋରାଦାବାଦରେ ୨୦୦, ଲକ୍ଷ୍ନୌରେ ୧୧୦, ଗୋରଖପୁରରେ ୩୪ ଓ ଫିରୋଜାବାଦରେ ୨୯ ଜଣଙ୍କୁ ନୋଟିସ ପଠାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ହୋଇଥିବା ହିଂସାରେ ବାଂଲାଦେଶୀ ଓ କଶ୍ମୀରୀମାନଙ୍କ ସମ୍ପୃକ୍ତି ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

### ହିଂସାରେ ମୃତ ମୁସଲମାନ ଯୁବକଙ୍କ ପରିବାରକୁ ଭେଟିଲେନି ମନ୍ତ୍ରୀ

**ବିଜ୍‌ନୋର,୨୬।୧୨(ପି.ଟି.)**



ଉତ୍ତରପ୍ରଦେଶର ଧନ୍ଦାମୂଳକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ କପିଳଦେବ ଅଗ୍ରୱାଲ ଗୁରୁବାର ହିଂସା ପ୍ରଭାବିତ ବିଜ୍‌ନୋର ଜିଲା ଗସ୍ତରେ ଯାଇଥିଲେ। ଗତ ଶୁକ୍ରବାର ସିଏଏ ବିରୋଧୀ ବିକ୍ଷୋଭ ବେଳେ ହିଂସାରେ ପ୍ରାଣ ହରାଇଥିବା ୨ ମୁସଲମାନ ଯୁବକଙ୍କ ପରିବାର ସଦସ୍ୟଙ୍କୁ ଭେଟିବାକୁ ମନା କରିଦେଇ ମନ୍ତ୍ରୀ ବିବାଦ ମଧ୍ୟକୁ ଆସିଛନ୍ତି। ହିଂସାରେ ଆହତ ନେହଟୌରର ଓମ୍‌ରାଜ ସାଇନିଙ୍କୁ ଭେଟିବା ଲାଗି ମନ୍ତ୍ରୀ ତାଙ୍କ ଘରକୁ ଯାଇଥିବାବେଳେ ସେହି ଅଞ୍ଚଳର ୨ ମୃତକଙ୍କ ପରିବାରକୁ ନ ଭେଟିବାକୁ ନେଇ ଭାଜପାର ସବ୍‌କା ସାଥ ସବ୍‌କା ବିକାଶ ସ୍ଲୋଗାନ ଉପରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ମନ୍ତ୍ରୀ କହିଛନ୍ତି, ଯେଉଁମାନେ ହିଂସାକାଣ୍ଡ ଘଟାଇ ସମାଜରେ ନିଆଁ ଲଗାଉଛନ୍ତି, ସେମାନେ କିପରି ସାମାଜିକ। ଉପଦ୍ରବୀମାନଙ୍କ ଘରକୁ ସେ କାହିଁକି ଯିବେ ବୋଲି ଅଗ୍ରୱାଲ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ରବିବାର କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବିଜ୍‌ନୋର ଯାଇ ଦୁଇ ମୃତକଙ୍କ ପରିବାରକୁ ଭେଟିଥିଲେ।

# ୩୦ରେ ମହାରାଷ୍ଟ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

**ମୁମ୍ବାଇ,୨୬।୧୨:** ଆଗାମୀ ଡିସେମ୍ବର ୩୦ରେ ମହାରାଷ୍ଟ୍ର ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରାଯିବ। ସେହିଦିନ ମୋଟ ୩୬ ମନ୍ତ୍ରୀ ଶପଥଗ୍ରହଣ କରିବେ ବୋଲି କଂଗ୍ରେସ ସୂତ୍ରରୁ ଜଣାପଡ଼ିଛି। ଏବେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ମନ୍ତ୍ରିମଣ୍ଡଳରେ ୬ ଜଣ ମନ୍ତ୍ରୀ ଅଛନ୍ତି। ପ୍ରଦେଶ କଂଗ୍ରେସ ମୁଖ୍ୟ ବାଲାସାହେବ୍‌ ଥୋରଟ୍‌ କହିଛନ୍ତି, ମନ୍ତ୍ରୀପଦ ନେଇ ଦଳ ପକ୍ଷରୁ ନିଷ୍ପତ୍ତି ସରିଛି। ପ୍ରକାଶଥାଉ କି, ଗତ ୨୮ରେ ଉଦ୍ଧବ ଠାକ୍‌ରେଙ୍କ ସହ କଂଗ୍ରେସରୁ ଥୋରଟ୍‌ ଓ ନୀତୀନ ରାଉତ୍‌, ଶିବସେନାରୁ ଏକ୍‌ନାଥ ସିନ୍ଦେ ଓ ସୁଭାଷ ଦେଶାଇ ଏବଂ ଏନ୍‌ସିପିରୁ ଜୟନ୍ତ ପାଟିଲ ଓ ଛଗନ୍‌ ଭୁଜବଳ ଶପଥଗ୍ରହଣ କରିଥିଲେ। କ୍ଷମତାବଣ୍ଟନ ଅନୁଯାୟୀ ଶିବସେନାକୁ ୧୬, ଏନ୍‌ସିପିକୁ ୧୪ ଓ କଂଗ୍ରେସକୁ ୧୨ ମନ୍ତ୍ରୀପଦ ମିଳିବ।

### ମୁସଲମାନ ବରଯାତ୍ରୀଙ୍କୁ ସୁରକ୍ଷା ଦେଲେ ହିନ୍ଦୁ

**କାନପୁର,୨୬।୧୨**

### ଗଢ଼ିଲେ ମାନବଶୃଙ୍ଖଳ

ସିଏଏ ବିରୋଧରେ କାନପୁରରେ ବିକ୍ଷୋଭ ହିଂସାର ରୂପ ନେଇଥିବାବେଳେ କର୍ଫ୍ୟୁ ଜାରି ହୋଇଥିଲା। ଏହି ସମୟରେ ମୁସଲମାନ ବରଯାତ୍ରୀମାନଙ୍କୁ ସୁରକ୍ଷା ଦେବା ପାଇଁ ଆଗେଇ ଆସିଥିଲେ ସ୍ଥାନୀୟ ହିନ୍ଦୁମାନେ। ସେମାନେ ମାନବଶୃଙ୍ଖଳ ଗଢ଼ି ବର ଓ ବରଯାତ୍ରୀମାନଙ୍କୁ ନିରାପଦରେ ବିବାହ ସ୍ଥଳକୁ ନେଇଯାଇଥିଲେ। କାନପୁର ବକର୍‌ଗଞ୍ଜ ଖାନ୍‌ ପରିବାରର ଝିଅ ଜିନତ ପ୍ରତାପଗଡ଼ର ହସନୈନ୍‌ ଫାରୁକୀଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ୨୧ ତାରିଖରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେଦିନ ସିଏଏ ବିରୋଧୀ ହିଂସାରେ ୨ ଜଣ ଯୁବକ ନିହତ ହୋଇଥିଲେ। ସହରରେ ଆତଙ୍କର ବାତାବରଣ ଛାଇଯାଇଥିବାବେଳେ ବରପକ୍ଷ ଭୟଭୀତ ହୋଇପଡ଼ିଥିଲେ। ପୋଲିସ ଓ ଅର୍ଦ୍ଧସାମରିକ ଯବାନମାନେ ସହରରେ ପଇଁତରା ମାରୁଥିବାରୁ ବିବାହ ବନ୍ଦ କରିବା ବ୍ୟତୀତ ଅନ୍ୟ ଉପାୟ ନାହିଁ ବୋଲି ଦୁଇ ପରିବାର କଥା ହେଉଥିବାବେଳେ ପଡୋଶୀ ବିମଲ ଚପାଡିଆ ଏହା ଶୁଣିପାରି ତାଙ୍କର ଦୁଇଜଣ ବନ୍ଧୁଙ୍କ ସହ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ। ସେମାନେ ବରଯାତ୍ରୀଙ୍କୁ ସୁରକ୍ଷିତ ଭାବେ ନେଇଯିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତଦନୁଯାୟୀ ବରଯାତ୍ରୀ ବସ୍‌ରୁ ଓହ୍ଲାଇବା ପରେ ୫୦ରୁ ଉର୍ଦ୍ଧ୍ୱ ହିନ୍ଦୁ ସେମାନଙ୍କ ଚାରିପଟେ ମାନବଶୃଙ୍ଖଳ କରି ୧ କିଲୋମିଟର ଦୂରରେ ଥିବା ବିବାହ ସ୍ଥଳକୁ ନେଇଯାଇଥିଲେ। ସେମାନଙ୍କର ଏଭଳି କାର୍ଯ୍ୟକୁ ଉଚ୍ଚପ୍ରଶଂସା କରାଯାଇଛି।

# ଫିଲିପାଇନ୍ସରେ ବାତ୍ୟା: ୨୦ ମୃତ

**ମାନିଲା, ୨୬।୧୨**

### ଉପକୂଳ ସହର ବତାଡ୍‌ ସର୍ବାଧିକ କ୍ଷତିଗ୍ରସ୍ତ



କେନ୍ଦ୍ରୀୟ ଫିଲିପାଇନ୍ସରେ ଭୟଙ୍କର ଝଡ଼ବାତ୍ୟା 'ଫନ୍‌ଫୋନ' ତାଣ୍ଡବ ରଚିଛି। ଦେଶବ୍ୟାପୀ ଧୁମ୍‌ଧାମ୍‌ରେ ଖ୍ରୀଷ୍ଟମାସ୍‌ ପାଳନ କରାଯାଉଥିବାବେଳେ ବାତ୍ୟା ସବୁ ଉଜାଡ଼ି ଦେଇଛି। ଏଥିରେ ୨୦ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ହଜାର ହଜାର ଲୋକ ବାସହରା ହୋଇପଡ଼ିଛନ୍ତି। ଝଡ଼ବାତ୍ୟା ଯୋଗୁ ଅନେକ ସ୍ଥାନରେ ବନ୍ୟାସମ ପରିସ୍ଥିତି ଦେଖାଦେଇଛି। ଭୂସ୍ଖଳନ ଓ ଜଳବନ୍ଦୀ ଯୋଗୁ ଲୋକମାନଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଛି। ବିଦ୍ୟୁତ ସରବରାହ ବନ୍ଦହୋଇ ଯାଇଥିବାବେଳେ ରାସ୍ତାରେ ଗଛ ପଡ଼ିରହିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଉପକୂଳ ସହର ବତାଡ୍‌ ଓ ଇଷ୍ଟର୍ନ ସମର ପ୍ରଦେଶରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଉଦ୍ଧାର ଓ ରିଲିଫ୍‌ କାର୍ଯ୍ୟ ପ୍ରଶାସନ ପକ୍ଷରୁ ଜାରି ରହିଛି। ଗୁରୁବାର 'ଫନ୍‌ଫୋନ୍‌' ସାମାନ୍ୟ ଦୁର୍ବଳ ହୋଇଥିବାବେଳେ ଘଣ୍ଟା ପ୍ରତି ୧୨୦ କି.ମି. ବେଗରେ ଦକ୍ଷିଣ ଚାଇନା ସାଗର ଆଡ଼କୁ ମୁହାଁଇଛି।

DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୭/୨୦୧୯ | Bhubaneswar, Friday, December 27/2019 | ପୃଷ୍ଠା-୧



## ଜାହ୍ନବୀଙ୍କ ସ୍ୱପ୍ନ 'କବୀର ସିଂହ'

ବଲିଉଡ୍‌ରେ ଡେବ୍ୟୁ କରିଥିବା ଅଭିନେତ୍ରୀ ଜାହ୍ନବୀ କପୁର 'କବୀର ସିଂହ' ଭଳି ଫିଲ୍ମରେ କାମ କରିବାକୁ ଚାହାନ୍ତି। ଏଥିରେ ସେ ଫିମେଲ୍ ଭର୍ସନରେ ଅଭିନୟ କରିବାକୁ ଇଚ୍ଛୁକ। ୦୬

୧୩

## ଓ୍ୱିଜ୍‌ଡେନ କ୍ରିକେଟର୍ସ ତାଲିକାରେ କୋହଲି

ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲିଙ୍କ ନାମ 'ଓ୍ୱିଜ୍‌ଡେନ କ୍ରିକେଟର୍ସ ଅଫ୍ ଦି ଡିକେଡ୍' ତାଲିକାରେ ସ୍ଥାନ ପାଇଛି।








# ହାଲୁକା ବର୍ଷାରୁ କୋହଲା ପାଗ

# ବଢ଼ିବ ଶୀତ: ୮ ଜିଲ୍ଲାରେ ପ୍ରବଳ କୁହୁଡ଼ି ସମ୍ଭାବନା

**ଭୁବନେଶ୍ୱର,୨୬।୧୨(ବ୍ୟୁରୋ):** ଆକାଶରେ ମାଳ ମାଳ ବାଦଲ। ଏହା ସାଙ୍ଗକୁ ହାଲୁକା ବର୍ଷା। ପରିବେଶକୁ ଶୀତୁଆ କରିଦେଇଛି। ଗୁରୁବାର ରାଜ୍ୟରେ ଏଭଳି ଅବସ୍ଥା ଦିନ ତମାମ୍ ଲାଗି ରହିଥିଲା। ଉପକୂଳଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ଆକାଶ ମେଘାଚ୍ଛନ୍ନ ରହିବା ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅନୁଗୋଳରେ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ତାଳଚେର ୩, ଚାନ୍ଦବାଲି ୦.୪, ବାରିପଦା ୧, ଝାରସୁଗୁଡ଼ା ୦.୬, ସୁନ୍ଦରଗଡ଼ ୪ ଓ କେନ୍ଦୁଝରରେ ୦.୬ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଗୋପାଳପୁର ଏବଂ ଭୁବନେଶ୍ୱରରେ ମଧ୍ୟ ହାଲୁକା ବର୍ଷା ହୋଇଥିବା ରେକର୍ଡ ହୋଇଛି। ଏଭଳି ପାଗ ଆଉ ଗୋଟିଏ ଦିନ ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ ଓ ଅନ୍ୟ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଖୋର୍ଦ୍ଧା, କଟକ ଜିଲ୍ଲାରେ ପ୍ରବଳ କୁହୁଡ଼ି ହେବ ବୋଲି ଅନୁମାନ କରାଯାଇଛି। ତେବେ ଆସନ୍ତା ୨୮ ତାରିଖରୁ ପାରଦ ତଳକୁ ଖସିବ ଓ ଶୀତ ବଢ଼ିବ। ୩୦ ତାରିଖ ଯାଏ ଏହାର ପ୍ରଭାବ ରହିବ। ୩୧ ତାରିଖରୁ ପାରଦ ପୁଣି ଉପରମୁହାଁ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗୁରୁବାର ରାଜ୍ୟର ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ରେକର୍ଡ କରିଛି। ଏଠାରେ ତାପମାତ୍ରା ୯.୩ ଡିଗ୍ରୀ ସେଲ୍‌ସିୟସ ଥିବା ରେକର୍ଡ କରାଯାଇଥିବା ବେଳେ ରାଜ୍ୟର ଅନ୍ୟାନ୍ୟ ଭାଗରେ ୧୧ରୁ ୧୯ ଡିଗ୍ରୀ ମଧ୍ୟରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବାଲେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ ହୋଇଥିବା ବେଳେ ଚାନ୍ଦବାଲି ୧୪.୮, କଟକ ୧୫, ପାରାଦୀପ ୧୭.୫, ଭୁବନେଶ୍ୱର ୧୭.୧, ଗୋପାଳପୁର ୧୯.୭, ପୁରୀ ୧୭.୪, ଅନୁଗୋଳ ୧୨.୬, ବାରିପଦା ୧୫.୫, ଝାରସୁଗୁଡ଼ା ୧୬, କେନ୍ଦୁଝର ୧୩.୪, ସମ୍ବଲପୁର ୧୫, ସୁନ୍ଦରଗଡ଼ ୧୧, ହୀରାକୁଦ ୧୬, ତାଳଚେର ୧୪.୧ ଫୁଲବାଣୀ ୧୩, ଦାରିଙ୍ଗବାଡ଼ିରେ ୧୪ ଡିଗ୍ରୀ ସେଲ୍‌ସିୟସ ଥିବା ରେକର୍ଡ କରାଯାଇଛି।

ଆଜିର ସମ୍ପାଦକୀୟ

ନିରୁତ୍ସାହଜନକ


Vencobb FRESH CHICKEN — Taste the difference!

26.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 87 | 141 | 151 |
| CTC | 84 | 137 | 147 |
| DKL | 88 | 142 | 152 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 89 | 144 | 154 |
| BHM | 90 | 145 | 155 |

*Conditions Apply

Issued in the Interest of Consumers





ଫଟୋ: ବିକାଶ ନାୟକ

# ଓଡ଼ିଶାରେ ଦେଖାଗଲା ଆଂଶିକ ସୂର୍ଯ୍ୟୋପରାଗ

■ ମେଘାଚ୍ଛନ୍ନ ଆକାଶରେ ଲୁଚିଗଲେ ସୂର୍ଯ୍ୟ

■ ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ରୁ ନିରାଶରେ ଫେରିଲେ ଦର୍ଶକ

**ଭୁବନେଶ୍ୱର, ୨୬।୧୨ (ବ୍ୟୁରୋ)**

ଚଳିତବର୍ଷର ତୃତୀୟ ତଥା ବିରଳ ସୂର୍ଯ୍ୟୋପରାଗ ଦେଖିବାକୁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଲାଗି ରହିଥିଲା। ହେଲେ କୋହଲା ପାଗକୁ ମେଘାଚ୍ଛନ୍ନ ଆକାଶରେ ଲୁଚି ଯାଇଥିଲେ ସୂର୍ଯ୍ୟ। ଗୁରୁବାର ସକାଳ ୮ଟା ୧୯ରୁ ପରାଗ ସ୍ପର୍ଶ ଆରମ୍ଭ ହୋଇ ୩ଘଣ୍ଟାରୁ ଊର୍ଦ୍ଧ୍ୱ ଅର୍ଥାତ୍ ୧୧ଟା ୨୮ରେ ଛାଡ଼ିଥିଲା। ପୂର୍ଣ୍ଣ ସୂର୍ଯ୍ୟୋପରାଗ ହୋଇଥିଲେ ମଧ୍ୟ ଓଡ଼ିଶାରେ ଆଂଶିକ ଦେଖିବାକୁ ମିଳିଥିଲା। ବାଦଲ ଭିତରେ କେତେବେଳେ ସୂର୍ଯ୍ୟୋପରାଗ ଦିଶୁଥିଲା ତ ପୁଣି କେତେବେଳେ ସମ୍ମୁଖରେ ଅଦୃଶ୍ୟ ହୋଇଯାଉଥିଲା। ପୁରୀ, ବାଲେଶ୍ୱର ଓ ସମ୍ବଲପୁରରେ ଲୋକେ ସୂର୍ଯ୍ୟୋପରାଗକୁ ଅଳ୍ପ ସମୟ ଅନ୍ତରରେ ଦେଖିବାକୁ ପାଇଥିଲେ। ହେଲେ ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର ସମେତ ଉପକୂଳ ଓଡ଼ିଶାର ଲୋକେ ଏହି ମହାଜାଗତିକ ଦୃଶ୍ୟ ଠିକ୍ ଭାବେ ଦେଖିପାରି ନ ଥିଲେ। ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ରେ ସୂର୍ଯ୍ୟୋପରାଗ ଦେଖିବାକୁ ସୂର୍ଯ୍ୟ ଚଷମା, ପ୍ରୋଜେକ୍ଟର ଓ ଟେଲିସ୍କୋପ୍‌ର ବ୍ୟବସ୍ଥା କରାଯାଇଥିଲା। ସକାଳୁ ମଧ୍ୟ ଛାତ୍ରୀଛାତ୍ର, ଅଭିଭାବକ ଓ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ସେହିଭଳି ବିଜେବି କଲେଜ ଗ୍ରାଉଣ୍ଡରେ ମଧ୍ୟ ଆବଶ୍ୟକ ବ୍ୟବସ୍ଥା ହୋଇଥିଲା। ପ୍ଲାନେଟାରିୟମ୍‌ର ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି, ୩ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଧାଡ଼ିରେ ରହି ପରାଗ ଦେଖିବାକୁ ଉତ୍ସାହର ସହ ଛିଡ଼ା ହୋଇଥିଲେ। ପାଗ ଖରାପ ଥିବାରୁ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି। ସକାଳ ୮ଟା ୫୦ରୁ ୯ଟା ଯାଏ କେବଳ ୧୦ ମିନିଟ ପାଇଁ ଆଂଶିକ ପରାଗ ଦେଖିବାକୁ ସୁଯୋଗ ମିଳିଥିଲା ବୋଲି ପଟ୍ଟନାୟକ କହିଛନ୍ତି।

ସେହିପରି ଓଡ଼ିଶା ବ୍ୟତୀତ ନୂଆଦିଲ୍ଲୀ, ଜୟପୁର, ଅହମ୍ମଦାବାଦ୍, ମୁମ୍ବାଇ, ବେଙ୍ଗାଲୁରୁ, କୋଏମ୍ବାଟୁର୍, ଚେନ୍ନାଇ ସମେତ ଅନ୍ୟ ଅଞ୍ଚଳରେ ଏହି ବିରଳ ସୂର୍ଯ୍ୟୋପରାଗ ଦେଖିବାକୁ ମିଳିଛି। ମୁଖ୍ୟତଃ କର୍ଣ୍ଣାଟକ, କେରଳ ଓ ତାମିଲନାଡୁରେ ସକାଳ ୧୦ଟା ୪୭ରେ ବଳୟ ସୂର୍ଯ୍ୟୋପରାଗକୁ ଲୋକେ ଦେଖିଛନ୍ତି। ଏହାଛଡ଼ା ମୁମ୍ବାଇରେ ବି ଏହି ମହାଜାଗତିକ ଦୃଶ୍ୟ ଦେଖାଯାଇଥିଲା। କେବଳ ଭାରତରେ ନୁହେଁ, ବିଦେଶରେ ବି ସୂର୍ଯ୍ୟୋପରାଗ ଦେଖିବାକୁ ମିଳିଥିଲା। ସିଙ୍ଗାପୁର, ଶ୍ରୀଲଙ୍କା, ଦୁବାଇରେ ବଳୟ ସୂର୍ଯ୍ୟୋପରାଗକୁ ଲୋକେ ଦେଖିଥିଲେ ବୋଲି ପ୍ଲାନେଟାରିୟମ ଉପନିର୍ଦ୍ଦେଶକ ପଟ୍ଟନାୟକ କହିଛନ୍ତି।

## ସେନାଧକ୍ଷଙ୍କ ସିଏଏ ମନ୍ତବ୍ୟକୁ ନେଇ ବିବାଦ

# ଅବସର ବେଳେ ଅଡୁଆ

**ନୂଆଦିଲ୍ଲୀ, ୨୬।୧୨(ପି.ଟି.)**

ସିଏଏକୁ ବିରୋଧ କରିବା ଲାଗି ଯୁବବର୍ଗଙ୍କୁ ଭୁଲ୍ ରାସ୍ତା ଦେଖାଉଥିବା ଲୋକ ନେତା ନୁହେଁ ବୋଲି ସେନାଧକ୍ଷ ଜେନେରାଲ୍ ବିପିନ୍ ରାଓ୍ୱତ୍ ଗୁରୁବାର କହିଛନ୍ତି। ଉଗ୍ର ହିଂସାକାଣ୍ଡ, ପୋଡ଼ାଜଳା କରିବା ଲାଗି ଯୁବ, ଛାତ୍ରଙ୍କୁ ଏକାଠି କରି ବାଟବଣା କରିବା ଅନୁଚିତ ବୋଲି ସେ ମତ ଦେଇଛନ୍ତି। ଜଣେ ନେତା ଲୋକଙ୍କୁ ଠିକ୍ ବାଟ ଦେଖାଇବା ଉଚିତ। ଜନସାଧାରଣଙ୍କ ସମ୍ପତ୍ତି ଭାଙ୍ଗିବା ଓ ପୋଡ଼ାଜଳା କରିବା ଲାଗି ପ୍ରବର୍ତ୍ତାଇବା ଠିକ୍‌ନୁହେଁ। ପ୍ରକାଶଥାଉ କି, ଜେନେରାଲ ରାଓ୍ୱତ୍ ଆଗାମୀ ୩୧ରେ ଅବସର ଗ୍ରହଣ କରୁଛନ୍ତି। ସିଡିଏସ୍ ପଦବୀରେ ସେ ଅବସ୍ଥାପିତ ହେବାର ସମ୍ଭାବନା ରହିଛି।

ସେନାଧକ୍ଷଙ୍କ ଏଭଳି ମନ୍ତବ୍ୟକୁ ନେଇ ବିରୋଧୀ ଦଳ ପକ୍ଷରୁ ସମାଲୋଚନା କରାଯାଇଛି। ରାଜନୈତିକ ପ୍ରସଙ୍ଗ ଉପରେ ସେନାଧକ୍ଷ ଏଭଳି ମନ୍ତବ୍ୟ ଦେବା ଅନୁଚିତ ବୋଲି କଂଗ୍ରେସ କହିଛି। କଂଗ୍ରେସ ମୁଖପାତ୍ର ବ୍ରିଜେଶ୍ କଲାପ୍ପା, ଏଆଇଏମ୍‌ଆଇଏମ୍ ମୁଖ୍ୟ ଆସାଦୁଦ୍ଦିନ୍ ଓ୍ୱାଇସି ଜଣେ ଜଣଙ୍କ କାର୍ଯ୍ୟାଳୟର ପରିସୀମା ଜାଣିବା ଦରକାର ବୋଲି ସମାଲୋଚନା କରି କହିଛନ୍ତି। କଂଗ୍ରେସ



ଜେନେରାଲ୍ ବିପିନ୍ ରାଓ୍ୱତ

**ଯୁବବର୍ଗଙ୍କୁ ଭୁଲ୍ ରାସ୍ତା ଦେଖାଉଥିବା ଲୋକ ନେତା ନୁହେଁ: ରାଓ୍ୱତ**

ନେତା ଦିଗ୍‌ବିଜୟ ସିଂ ସାମ୍ପ୍ରଦାୟିକ ହିଂସା ଓ ଗଣହତ୍ୟା ଲାଗି ବାଟ ଫିଟାଉଥିବା ଲୋକଙ୍କୁ ବି ନେତା କୁହାଯିବା ଅନୁଚିତ ବୋଲି ଜବାବ୍ ଦେଇ ମତ ରଖିଛନ୍ତି। ସିପିଏମ୍ ପକ୍ଷରୁ ସେନାଧକ୍ଷଙ୍କ ବିବୃତିକୁ ନେଇ ସମାଲୋଚନା କରାଯାଇଛି। ତାଙ୍କ ରାଜନୈତିକ ମନ୍ତବ୍ୟ ସଂସ୍ଥାଗତ ଭୂମିକାର ସୀମା ଲଙ୍ଘନ କରୁଛି ଓ ଏଥିଲାଗି ସେ କ୍ଷମା ମାଗିବା ଉଚିତ ବୋଲି ସିପିଏମ୍ ପଲିଟି ବ୍ୟୁରୋ ପକ୍ଷରୁ ଦର୍ଶାଯାଇଛି। ଦାୟିତ୍ୱରେ ଥିବା ଜଣେ ବରିଷ୍ଠ ପଦାଧିକାରୀ ଏଭଳି ମନ୍ତବ୍ୟ ଦେବା ଅନୁଚିତ ବୋଲି ସିପିଏମ୍ ନେତା ସୀତାରାମ ୟେଚୁରୀ କହିଛନ୍ତି। ପାକିସ୍ତାନ ଭଳି ସେନାର ରାଜନୀତିକରଣ ଆଡ଼କୁ ଯିବା ଅନୁଚିତ। ଭାରତ ସ୍ୱାଧୀନତା ଇତିହାସରେ ସେନାର ଜଣେ ଉଚ୍ଚପଦସ୍ଥ ଅଧିକାରୀ ରାଜନୀତି କଥା କହି ଗଣତାନ୍ତ୍ରିକ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରିବା ଅନୁଚିତ ବୋଲି ସିପିଏମ୍ କହିଛି। ଏଥିଲାଗି ଦେଶକୁ ସେ କ୍ଷମା ମାଗିବା ଦରକାର ବୋଲି ଦଳ ପକ୍ଷରୁ ଦର୍ଶାଯାଇଛି। ମାନବାଧିକାର କର୍ମୀ ଯୋଗେନ୍ଦ୍ର ଯାଦବ କହିଛନ୍ତି, ପାକିସ୍ତାନ ଓ ବାଂଲାଦେଶରେ ସେନା ରାଜନୀତିର ଭାଷା କହେ। ହେଲେ ଭାରତରେ ଏଭଳି ଘଟଣା ଦୀର୍ଘ ୭୦ ବର୍ଷ ହେବ ଶୁଣିବାକୁ ମିଳି ନ ଥିଲା। ସେନାଧକ୍ଷଙ୍କ ମନ୍ତବ୍ୟକୁ ନେଇ ସୋସିଆଲ ମିଡିଆରେ ମଧ୍ୟ ସମାଲୋଚନା କରାଯାଇଛି।

# ବିଜେଡି ଦଳ ନୁହେଁ, ଆନ୍ଦୋଳନ: ନବୀନ

**ଭୁବନେଶ୍ୱର,୨୬।୧୨(ବ୍ୟୁରୋ)**

**୨୩ତମ ପ୍ରତିଷ୍ଠା ଦିବସ**

■ ଦଳ କାହା ଉପରେ ନିର୍ଭରଶୀଳ ନୁହେଁ

■ ଗାନ୍ଧିଜୀଙ୍କ ଆଦର୍ଶ ସବୁ ସମୟରେ ମହତ୍ତ୍ୱ ରଖିଥାଏ

ବିଜେଡି ଏକ ରାଜନୈତିକ ଦଳ ନୁହେଁ ବରଂ ଏକ ଆନ୍ଦୋଳନ। ବିଜେଡି ତିଷ୍ଠିବା ଏବଂ ସମୃଦ୍ଧି ପାଇଁ କାହା ଉପରେ ଅଥବା ତାଙ୍କ ଉପରେ ମଧ୍ୟ ନିର୍ଭରଶୀଳ ନୁହେଁ। ବିଜୁବାବୁ ତାଙ୍କ ଅନୁଗତ ହେବା ପାଇଁ କାହାକୁ କହୁ ନ ଥିଲେ। ହେଲେ ଓଡ଼ିଶାର ଭାଗ୍ୟ ପ୍ରତି ସର୍ବଦା ଅନୁରକ୍ତ ହେବା ପାଇଁ ପରାମର୍ଶ ଦେଉଥିଲେ। ବିଜୁବାବୁଙ୍କ ଏହି ପ୍ରେରଣା କାରଣରୁ ବିଜେଡି ଏକ ଆନ୍ଦୋଳନରେ ପରିଣତ ହୋଇଛି। ରାଜଧାନୀରେ ଥିବା ଦଳୀୟ ମୁଖ୍ୟାଳୟରେ ବିଜେଡିର ୨୩ତମ ପ୍ରତିଷ୍ଠା ଦିବସରେ ବକ୍ତବ୍ୟ ରଖି ଗୁରୁବାର ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇ ନବୀନ କହିଛନ୍ତି ଯେ, ଭୋଟ ଜରିଆରେ ଜନସାଧାରଣ ଦେଇଥିବା ଦାୟିତ୍ୱ କ୍ଷମତା ନୁହେଁ। ସେବା ପାଇଁ ଏହା ଏକ ମହାନ୍ ସୁଯୋଗ। ସାଢ଼େ ୪ କୋଟି ଓଡ଼ିଆଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଦାୟିତ୍ୱକୁ ନମ୍ରତା ଏବଂ ସାଧୁତାର ସହ ଦଳ ପାଳନ କରୁଥିବା ବିଜେଡି ସଭାପତି କହିଛନ୍ତି। ବର୍ତ୍ତମାନ ସାରା ବିଶ୍ୱ ☞ପୃଷ୍ଠା-୨



ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

# ମହୀପୁରକୁ ସମ୍ପ୍ରସାରଣ ହେଲା ପାସେଞ୍ଜର ଟ୍ରେନ୍




ପତାକା ଦେଖାଇ ଉଦ୍‌ଘାଟନ କରିବା ଅବସରରେ (ବାମରୁ) ଜିଲାପାଳ ଡା. ପୋମା ଟୁଡୁ, ଡିଆର୍‌ଏମ୍ ଶଶିକାନ୍ତ ସିଂ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ କୃଷି ମନ୍ତ୍ରୀ ଅରୁଣ ସାହୁ, ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ ସିଂ।

**ନୟାଗଡ଼ ଅଫିସ,୨୬।୧୨**

■ ରେଳ ମାନଚିତ୍ରରେ ସ୍ଥାନ ପାଇଲା ମହୀପୁର

■ ୨୦୨୨ ମାର୍ଚ୍ଚ ସୁଦ୍ଧା ଦଶପଲ୍ଲାକୁ ଗଡ଼ିବ: କେନ୍ଦ୍ର ମନ୍ତ୍ରୀ

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ମହୀପୁର ଷ୍ଟେଶନ ଗୁରୁବାର ରେଳ ମାନଚିତ୍ରରେ ସ୍ଥାନ ପାଇଛି। ଫଳରେ ବହୁ ପ୍ରତୀକ୍ଷିତ ଅଞ୍ଚଳବାସୀ ଏ ନେଇ ଖୁସି ବ୍ୟକ୍ତ କରିଛନ୍ତି। ନୟାଗଡ଼ ଟାଉନ ଷ୍ଟେଶନଠାରେ ମହିପୁର ନୂଆ ରେଳ ଲାଇନ୍‌ର ଲୋକାର୍ପଣ ଓ ଖୋର୍ଦ୍ଧା ରୋଡ଼ଠାରୁ ନୟାଗଡ଼ ଟାଉନକୁ ଯାଉଥିବା ପାସେଞ୍ଜର ଟ୍ରେନ୍‌କୁ ମହୀପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ।

କେନ୍ଦ୍ରମନ୍ତ୍ରୀ ପ୍ରଧାନ ନିଜ ବକ୍ତବ୍ୟରେ କହିଥିଲେ, ନୟାଗଡ଼ ଟାଉନ ଷ୍ଟେଶନଠାରୁ ମହୀପୁର ୧୨ କିଲୋମିଟର ଦୀର୍ଘ ରେଳ ଲାଇନ ପାଇଁ ୫୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ରେଳ ଆଗାମୀ ଦିନରେ ଜିଲାର ବିକାଶରେ ସହାୟକ ହେବ। ରେଳ ଗଡ଼ିବ ବିକାଶ ଆସିବ ବୋଲି ନାରା ଦେଇଥିଲେ। ୨୦୨୨ ମାର୍ଚ୍ଚ ସୁଦ୍ଧା ଦଶପଲ୍ଲା ଓ ୨୦୨୩ ଡିସେମ୍ବର ସୁଦ୍ଧା ବଲାଙ୍ଗୀର ପର୍ଯ୍ୟନ୍ତ ରେଳ ଚଳାଚଳ କରିବ। ବର୍ତ୍ତମାନ ଓଡ଼ିଶାରେ ରେଳ ବିଭାଗର ୧୦ ହଜାର କୋଟି ଟଙ୍କାର କାମ ହେଉଛି। ଏଥିପାଇଁ ରାଜ୍ୟ ସରକାରଙ୍କ ସହଯୋଗର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଜମି ଅଧିଗ୍ରହଣ, ଜଙ୍ଗଲ ବିଭାଗର ଅନୁମତି ଆଦି କାର୍ଯ୍ୟ ତୁରନ୍ତ ସାରି ଫାଇଲ ପ୍ରଦାନ କଲେ ଭାରତ ସରକାର ଟଙ୍କା ଦେବାରେ କେବେ ଅବହେଳା କରିବେ ନାହିଁ। ସମୃଦ୍ଧ ଓଡ଼ିଶା ଗଠନ କରିବାରେ ବଲାଙ୍ଗୀର-ଖୋର୍ଦ୍ଧା ରେଳ ଲାଇନ୍‌ଠାରୁ ବଡ଼ କିଛି ଉଦାହରଣ ହୋଇ ନ ପାରେ। ଏହି ରେଳ ଲାଇନ କେବଳ ଯେ ଓଡ଼ିଶାକୁ ଅର୍ଥନୈତିକ ସୁଦୃଢ଼ କରିବ ତା'ନୁହେଁ ଭାବାତ୍ମକ ଭାବେ ଯୋଡ଼ିବାର ପଥ ବୋଲି ସେ କହିଥିଲେ। ଅନ୍ୟପେଟ କେନ୍ଦ୍ର ମନ୍ତ୍ରୀ ଅରୁଣ ସାହୁଙ୍କୁ ଟାର୍ଗେଟ କରି ନୟାଗଡ଼ରେ ବନ୍ଦ ହୋଇ ପଡ଼ିଥିବା ଚିନିକଳ ଖୋଲିବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ବିଧାୟକ ତଥା କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଯୋଗଦେଇ ମହୀପୁରକୁ ବିକାଶର ଫର୍ଦ୍ଦ ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

ସିଏଏ ବିରୋଧୀ ବିକ୍ଷୋଭକୁ ନେଇ ସେନାଧ୍ୟକ୍ଷ ଜେନେରାଲ ବିପିନ ରାୱତଙ୍କ ମନ୍ତବ୍ୟ ଅନୈତିକ। ସେ ଭାଜପା ନେତାଙ୍କ ଭଳି କହୁଛନ୍ତି।

–ଅଧୀର ରଞ୍ଜନ ଚୌଧୁରୀ, କଂଗ୍ରେସ ନେତା

**କିଛି ତଥ୍ୟ**

୨୦୧୮–୧୯ ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡିକ ରେକର୍ଡ ୧.୫୬ ଲକ୍ଷ କୋଟି ଟଙ୍କାର ଋଣ ଅସୁଲ କରିଛନ୍ତି।

– ଅର୍ଥ ମନ୍ତ୍ରଣାଳୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ମାହି
ପରିବାରବର୍ଗ


ଶୁଭଶ୍ରୀ
ପରିବାରବର୍ଗ


ନିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ବିଜେଡି ଦଳ...



ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରୁଛି। ଏହି ପରିପ୍ରେକ୍ଷୀରେ ଜାତୀୟ ଫୋରମ୍‌ରେ ଗାନ୍ଧିଜୀଙ୍କ 'ଅହିଂସା'କୁ ସମ୍ବିଧାନର ମୁଖବନ୍ଧରେ ସାମିଲ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦାବି କରାଯାଇଛି। ଦଳୀୟ ପ୍ରତିଷ୍ଠା ଦିବସରେ ମଧ ସେ ଗାନ୍ଧିଜୀଙ୍କ ଆଦର୍ଶ ସମ୍ପର୍କରେ କର୍ମକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗାନ୍ଧିଜୀଙ୍କ ଟାଲିସମ୍ୟାନ(କବଚ ଅଥବା ତାବିଜ୍) ସାରା ମାନବ ଜାତି ପାଇଁ ଓ ସବୁ ସମୟ ପାଇଁ ଆଦର୍ଶ ହୋଇ ରହିଛି ଓ ରହିଥିବ। ଗାନ୍ଧିଜୀଙ୍କ ସେହି ବାର୍ତ୍ତା ସମସ୍ତଙ୍କ ପାଇଁ ପ୍ରେରଣା। ଦଳୀୟ ପ୍ରତିଷ୍ଠା ଦିବସରେ ସେ ରଖିଥିବା ବାର୍ତ୍ତା ଗାନ୍ଧିଜୀଙ୍କର ଗୋଟିଏ ଗୋଟିଏ ଟାଲିସମ୍ୟାନ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ। ସେହିଭଳି ନିର୍ବାଚନ ଜିତିବା ପାଇଁ ଦଳ କାର୍ଯ୍ୟ କରେ ନାହିଁ। ସେବା ଦ୍ୱାରା ଜନସାଧାରଣଙ୍କ ହୃଦୟ ଜିତିବା ଦଳର ମୁଖ୍ୟ ଲକ୍ଷ୍ୟ। ଏଥିପାଇଁ ବର୍ଷକୁ ୩୬୫ ଦିନ କାର୍ଯ୍ୟ କରାଯାଉଛି। ଦଳ ଏହି ନୀତିକୁ ଅନୁସରଣ କରି ବିଜେଡି ଆଜି ଓଡ଼ିଶା ବିକାଶର ପରିଚୟ। ଲୋକଙ୍କ ଆଶା ଓ ଭରସାର ପ୍ରତୀକ ହୋଇ ପାରିଥିବା ନବୀନ ଉଲ୍ଲେଖ କରିଥିଲେ। ଅନୁରୂପଭାବେ ବିଜେଡି ସାଢ଼େ ୪ କୋଟି ଓଡ଼ିଆଙ୍କ ସେବା ଓ ସଶକ୍ତୀକରଣ ପାଇଁ ଏକ ଆନ୍ଦୋଳନ। ପ୍ରତିଷ୍ଠା ଦିବସ ଉପଲକ୍ଷେ ସମସ୍ତ କର୍ମକର୍ତ୍ତାଙ୍କୁ ବିଜେଡି ସଭାପତି ଶୁଭେଚ୍ଛା ଜଣାଇଥିଲେ। କର୍ମୀମାନଙ୍କ ତ୍ୟାଗ, ନିଷ୍ଠା ଓ ପରିଶ୍ରମ ଅମ୍ଳଜାନ ପରି ଦଳକୁ ଶକ୍ତି ଯୋଗାଇଛି। କର୍ମୀମାନଙ୍କ ତ୍ୟାଗ ଦଳକୁ ମଜଭୁତ କରିଥିବା ସେ କହିଥିଲେ। କିଛିଦିନ ପରେ ନୂତନ ବର୍ଷ ଆସୁଥିବାରୁ ବିଜେଡି ସଭାପତି ସମସ୍ତଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ସାରା ରାଜ୍ୟର ବିଧାନସଭା ନିର୍ବାଚନମଣ୍ଡଳୀୱାରି ପ୍ରତିଷ୍ଠା ଦିବସ ପାଳନ ହୋଇଥିବା ବେଳେ ପରାଗ କାରଣରୁ ମୁଖ୍ୟାଳୟରେ ଦିନର ଦ୍ୱିତୀୟାର୍ଦ୍ଧରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର (ଏକାମ୍ର), ଭୁବନେଶ୍ୱର (ମଧ) ଏବଂ ଭୁବନେଶ୍ୱର (ଉତ୍ତର)ର ଶତାଧିକ କର୍ମୀ ଯୋଗ ଦେଇଥିଲେ।

ବିଜେଡି ସାଧାରଣ ସମ୍ପାଦକ(ଦଳୀୟ ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରି ସଞ୍ଜୟ କହିଥିଲେ ଯେ, ନବୀନ ପଟ୍ଟନାୟକ ଭାରତୀୟ ରାଜନୀତିରେ ସ୍ୱତନ୍ତ୍ର ପରିଚୟ ବହନ କରନ୍ତି। ପ୍ରଶାସନିକ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ପାଇଁ ଦେଶର ଅନ୍ୟତମ ସର୍ବଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ବୋଲି ସଞ୍ଜୟ କହିଥିଲେ। ମନ୍ତ୍ରୀ ଅଶୋକ ପଣ୍ଡା କହିଥିଲେ ଯେ, ଓଡ଼ିଶାର ନ୍ୟାଯ୍ୟ ଦାବି କୋଇଲା ରୟାଲଟି ବୃଦ୍ଧି, ରେଳପଥ ଓ ଅନୁଦାନ ବୃଦ୍ଧି ଦାବି ପୂରଣ ପାଇଁ ସଂଗ୍ରାମ ଜାରି ରହିବ। ସେହିଭଳି ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ହେବା ସହ ମହିଳାଙ୍କ ସଶକ୍ତୀକରଣ ହୋଇଛି। ଆଗାମୀ ଦିନରେ ଆମକୁ ଆହୁରି କୁଶଳୀ ହେବାକୁ ପଡ଼ିବ। ଏଥିପାଇଁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱର ଆବଶ୍ୟକତା ରହିଥିବା ଦେବୀ କହିଥିଲେ। ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ବହୁ ଆଶଙ୍କା ଦେଇ ବିଜେଡି ୨୩ ବର୍ଷ ତଳେ ଜନ୍ମ ନେଇଥିଲା। ସେହି ସମୟରେ ବିଜୁବାବୁଙ୍କ ପତ୍ନୀ ମହୀୟସୀ ଜ୍ଞାନ ପଟ୍ଟନାୟକଙ୍କ ପ୍ରେରଣାକୁ ଭୁଲି ହୁଏନା। ବହୁ ଆହ୍ୱାନକୁ ବିଜେଡି ମୁକାବିଲା କରିଛି। ସେହିପରି ଦଳୀୟ ସଭ୍ୟ ସଂଗ୍ରହ ୧ କୋଟି ପାଖାପାଖି ପହଞ୍ଚିଥିବା ପ୍ରସନ୍ନ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ ଏବଂ ବରିଷ୍ଠ ନେତା ଅରୂପ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଭୁବନେଶ୍ୱର ଜିଲା ବିଜେଡି ସଭାପତି ଅମରେଶ ଜେନା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ଛାତ୍ର ବିଜେଡି ସଭାପତି ରାଣା ପ୍ରତାପ ପାତ୍ର, ବିଜେଡି ନେତା ଉତ୍କଳ କେଶରୀ ପରିଡା, ଜନ୍ମେଜୟ ଲେଙ୍କା, ଭୁବନେଶ୍ୱର ମହାନଗର ନିଗମର ପୂର୍ବତନ କର୍ପୋରେଟର ପ୍ରମୁଖ ଉପସ୍ଥିତ ରହିଥିଲେ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଅନୁଷ୍କା ନାୟକ


ରୋହନ କୁମାର ଦାସ


ଅମ୍ରିତ ମିଶ୍ର


ଜ୍ୟୋତ୍ସ୍ନା ପୃଷ୍ଟି

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମସ୍ଥାନରେ ଶୁକ୍ର ରହିଥିବାରୁ ସାମଗ୍ରିକ ସୁଖ, ସୁବିଧା ସାଙ୍ଗକୁ ଅର୍ଥ ଓ ସମ୍ମାନ ମିଳିବ। ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ମିଳିବ ଓ ଆଗାମୀ ସମୟ ପାଇଁ କେତେକ ମୂଲ୍ୟବାନ ଉପଦେଶ ପାଇବେ। ପରିବାରରେ ଅଯଥା ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟିପାଇଁ ସହାୟକ ହୋଇପାରେ।

**ବୃଷ** କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ସାହାଯ୍ୟ ଓ ସହଯୋଗ ଆପଣଙ୍କ କାମକୁ ତ୍ୱରାନ୍ୱିତ କରିବ। ଅଯଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ, ଲାଭ ବଦଳରେ କ୍ଷତି ଅଧିକ ହୋଇପାରେ। ପରିବାରର କୌଣସି ବ୍ୟକ୍ତିଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ବନ୍ଧୁଙ୍କ ପରାମର୍ଶରେ ନିଜ ମନ ପସନ୍ଦର ଜିନିଷ କିଣି ଖୁସି ରହିବେ।

**ମିଥୁନ** କର୍ମକ୍ଷେତ୍ରରେ ସମସ୍ୟା ବିଜଡିତ ରହିବା କାରଣରୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇପାରନ୍ତି। ମାନସିକ ଅସ୍ଥିରତା କାରଣରୁ ଅନ୍ୟମାନଙ୍କ କଥାକୁ ଠିକ୍ ଭାବେ ବୁଝି ପାରିବେ ନାହିଁ। ନିଜର କର୍ତ୍ତବ୍ୟନିଷ୍ଠା ଫଳରେ ପରିବାରର ଲୋକମାନଙ୍କ ଠାରୁ ଆଦର, ଶ୍ରଦ୍ଧା ପାଇବେ।

**କର୍କଟ** କର୍ମକ୍ଷେତ୍ରରେ ଆଶାନୁରୂପ ଅର୍ଥ, ସମ୍ମାନ, ସହଯୋଗ ନ ପାଇ କ୍ଷୋଭପ୍ରକାଶ କରିପାରନ୍ତି। ପାରିବାରିକ ସ୍ତରରେ ପକ୍ଷପାତିତାକୁ ନେଇ ମାନସିକ ସ୍ତରରେ କଷ୍ଟ ପାଇବାର ଆଶଙ୍କା ରହିଛି। ବନ୍ଧୁଙ୍କ ସହ ଯୁକ୍ତିତର୍କ କରି କଥାକୁ ବେଶି ଦୋହରାଇବା ଠିକ୍ ହେବନି। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ସିଂହ** କର୍ମକ୍ଷେତ୍ରର ପ୍ରତିଟି ପଦକ୍ଷେପରେ ସହମତି ଭିତରେ କାମ କଲେ ଉପକୃତ ହେବେ। ସଙ୍ଗଠନ, ରାଜନୀତି, ସଭାସମିତି, ପ୍ରଶାସନ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। କ୍ରୀଡ଼ା ଓ କଳା, ଚଳଚ୍ଚିତ୍ର ପ୍ରଭୃତି ସଙ୍ଗୀତ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପାରିବାରିକ ସମସ୍ୟା ଥିଲେ ମଧ କାମରୁ ଓହରି ପାରିବେ ନାହିଁ।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରି ସମାଲୋଚିତ ହୋଇପାରନ୍ତି।

**ତୁଳା** ଆଜି ଆପଣଙ୍କୁ ଅନ୍ୟମାନଙ୍କ କଥା ଓ କାର୍ଯ୍ୟକଳାପ ଭଲ ଲାଗି ନ ପାରେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇ ନେବେ। ଆନୁଷ୍ଠାନିକ କ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ।

**ବିଛା** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଖର୍ଚ୍ଚ ପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହିବ ନାହିଁ। କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ସାମାଜିକ ସ୍ତରରେ ଦେଖାଦେଇଥିବା ସମସ୍ୟାକୁ ଦୁଃସାହସିକ ପଦକ୍ଷେପ ନେଇ ସୁଧାରି ନେବେ।

**ଧନୁ** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ଟେନସନ୍ କିଛି ମାତ୍ରାରେ କମିଯିବ। ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବା କଷ୍ଟକର ହୋଇପଡିବ। ନିଜର ସତର୍କତା ଅଭାବରୁ ଧନହାନି ଘଟିପାରେ। ସଭାସମିତି କିମ୍ବା ବନ୍ଧୁଙ୍କଠାରୁ ପ୍ରଶଂସା ପାଇପାରନ୍ତି।

**ମକର** ସ୍ୱାସ୍ଥ୍ୟରେ ଉନ୍ନତି, ବିବାଦୀୟ ଘଟଣାରେ ବିଜୟ ଏବଂ ବାଣିଜ୍ୟ, ବ୍ୟବସାୟରେ ଲାଭବାନ୍ ହେବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ବାରମ୍ବାର ପ୍ରତିବନ୍ଧକ ଲାଗିରହୁଥିବାରୁ ଲକ୍ଷ୍ୟପ୍ରାପ୍ତିରେ ବାଧା ସୃଷ୍ଟି ହୋଇପାରେ।

**କୁମ୍ଭ** ଆଜି ଦିନଟିରେ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। ଲେଖାପଢ଼ା, ପ୍ରଶାସନ, ପରିବହନ, ନିର୍ମାଣ ଓ ପ୍ରକାଶନ କ୍ଷେତ୍ରରୁ ଶୁଭଫଳ ପାଇବେ। ନିଜର ସ୍ୱାର୍ଥ ସାଧନ ପାଇଁ ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି। ବନ୍ଧୁମାନଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେ, ଯାହାକି ଆପଣଙ୍କୁ ବହୁତ କ୍ଷେତ୍ରରେ ସାହାଯ୍ୟ କରିବ।

**ମୀନ** କୌଣସି ନୂତନ କାମ ଆରମ୍ଭ କରିବାକୁ ମନ ବଳାଇ ପାରନ୍ତି। କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ, ଅବଶ୍ୟ ବନ୍ଧୁମାନଙ୍କ ସାହାଯ୍ୟ ଦ୍ୱାରା ହିଁ ସମ୍ଭବ ହୋଇପାରେ। ଖଳ ଲୋକଙ୍କ ଦ୍ୱାରା ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବାର ଆଶଙ୍କାକୁ ଏଡିହେବ ନାହିଁ। ଆବଶ୍ୟକ ଅର୍ଥ ଧାର ସୂତ୍ରରେ ପାଇବାକୁ ଚେଷ୍ଟା କରିବେ।

ଆଜି ପୌଷ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଶୁକ୍ରବାର, ଡିସେମ୍ବର ୨୭ ତାରିଖ, ରାଶି ନକ୍ଷତ୍ର–ପୂର୍ବାଷାଢ଼ା/ଧନୁ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୪୯ମି. ଗତେ ଘ୯।୫୯ମି. ମଧ୍ୟେ ଘ୧୨।୦୯ମି. ଗତେ, ଘ୩।୦୨ମି. ମଧ୍ୟେ ଅମୃତ ବେଳା। ସକାଳ ଘ୭।୪୯ମି. ଗତେ ଘ୯।୧୦ମି. ମଧ୍ୟେ, ଘ୧୧।୫୨ମି. ଗତେ ଘ୧।୧୩ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୦।୨୬ମି. ଗତେ ଘ୧୧।୪୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

2400sqft. land, Gohira Square, behind Andhra Bank. Odisha Realty, 9937066926. D-68322

Bhubaneswar ପିତାପଲ୍ଲୀଛକରେ NHକୁ ଲାଗିକି plot ମିଳୁଅଛି। 9090963952. D-68451

ଭୁବନେଶ୍ୱର ଫୁଲନଖରା ତ୍ରିନାଥବଜାର ନିକଟରେ ଘରବାରି, Road, Electricity ସୁବିଧାଥାଇ ସଙ୍ଗେସଙ୍ଗେ ଘରକଲା ଭଳି developed ପ୍ଲଟ୍ କିଣନ୍ତୁ। (Limited plots). ଯୋଗାଯୋଗ– 7381029351, 9937111658. D-68455

Furnished 2BHK flats top floor at Patia Bhubaneswar, Contact: 7978751719. D-67522

Bhubaneswar Infocity-2 ଆଗରେ sqft.560/- immediate possession then registration. 9658383304, 9348232008. D-68456

Residential plots available at Laxmi Sagar canal road, Contact: 7978751719. D-67523

ଭୁବନେଶ୍ୱର ପାହାଳ, ନଖରାରେ ଘରକଲା ଭଳି plot 30' ରାସ୍ତାଥାଇ ମିଳୁଅଛି। 8249728525. D-68458

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15790

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30'ft. road ଏବଂ ବାସୋପଯୋଗୀ plot ଦିଆଯାଉଛି sqft. 650/-। 7008045582, 9692003948. D-15873

Bhubaneswar Infocity-II ମଦନପୁର ନିକଟରେ sqft.499/- demarcation plot କିଣନ୍ତୁ 9861218400 D-68463

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68943

ଭୁବନେଶ୍ୱର ଜଟଣୀ ଗେଟ୍‌ଠାରେ sqft.-180/-, ଅରଗୁଳ ରେଲ୍‌ୱେଷ୍ଟେସନ ପାଖରେ sqft.-180/-, ନଖରା ତ୍ରିନାଥ ବଜାର SC ପ୍ଲଟ୍ 370/- ଘରବାରି outright/ instalment- 9348817649, 7750909843. D-68462

Bhubaneswar ଏୟାରପୋର୍ଟରୁ 7k.m ଦୂରରେ 1500ବର୍ଗଫୁଟ ପ୍ଲଟ୍ 13,50,000/- କିଣି ଘରକରନ୍ତୁ। 9853150290 D-68529

Appartment and Duplex for sale in Patia, Kalarahanga, Bhubaneswar. Contact: 7735412646 D-68638

ହାଇଟେକ୍ ଛକର ୨କି.ମି ଦୂରରେ ୧୨୦୦ ବର୍ଗଫୁଟକୁ 7,90,000/-, ରେ ମିଳୁଅଛି। 9337381796. D-56662

Installment available developed gharabari boundary housing plot Ranga Bazar- 650/-, 9348012510. D-68460

ଭୁବନେଶ୍ୱର Sum Hospital, IIIT, NALCO ଗୋଠପାଟଣା ନିକଟସ୍ଥ କାଟେଣୀ Zeeschool ରେ ଘରବାରି, Boundary Patta plot-550/-, 9777553622. D-68461

ଭୁବନେଶ୍ୱରର Hot location ସୁନ୍ଦରପଦା 1000/- sqft. ଏବଂ ଗୁଡ଼ିଆପୋଖରୀ ପାଖ ପୁରୀ NHକୁ ଲାଗି 750/-sqft. ରେ ଘରବାଡ଼ି, ଇଲେକ୍ଟ୍ରି, ପାଚେରି ସହିତ plot କିଣନ୍ତୁ। 7978641199. D-68740

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**construction**

Construct your building as per your terms and condition. Contact: 9937064680. D-27284

**to-let**

Triple bedroom cum study room, servant room Vipul Garden, Ghatikia. Rent- 15,000/- 7381299922 D-67740

**packers & movers**

India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15784

**healthcare**

Rejuvenate and ayurvedic full body massage by smart therapist. 9114402304. D-68904

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68730

Ayurvedic full body massage ladies and gents. Contact: 9861064981. D-68732

Take full body therapy. Just call 7852986810. D-68528

Ayurvedic full body massage ladies & gents smart therapist, 9668814589. D-68733

Sai herbal spa refresh your body with smart, expert therapist. 7608062524. D-68937

Full body herbal massage with refreshment expert therapist. 7381239385, 06742540855. D-68938

Experience full body massage with us (expert). Call: 7377048581, 06742597822. D-68939

Herbal full body massage by smart / expert therapist. Contact: 8338067247. D-68940

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68941

Refresh your mind and soul with best therapy at Orchid Salon/Spa. 9937287222. D-68739

**AFFIDAVIT**

ଏତଦ୍ୱାରା ମୁଁ ମମତା ମିଶ୍ର (44), ସ୍ୱାମୀ– ସ୍ୱର୍ଗତ ବିଶ୍ୱଜିତ୍ ମିଶ୍ର, କ୍ୱାର୍ଟର ନଂ. BL-19, V.S.S Nagar, PO- Saheed Nagar, Dist- Khurda, Odisha ଘୋଷଣା କରେକି ମମତା ମହାପାତ୍ର ଏବଂ ମମତା ମିଶ୍ର ସମାନ ବ୍ୟକ୍ତି ଅଟନ୍ତି। ଧ–୧୫୯୨୦


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କୃତିତ୍ୱ



ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ରିୟୁ ରଥ ୨୦୧୮–୧୯ ଶିକ୍ଷାବର୍ଷର ପଞ୍ଚମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ବ୍ଲକ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ମେଧାବୀ ଛାତ୍ର ବୃତ୍ତି ପାଇଛନ୍ତି। ସେ ବୀରରାମଚନ୍ଦ୍ରପୁରର ଶ୍ରୀ ଜ୍ଞାନରଞ୍ଜନ ରଥ ଓ ଶ୍ରୀମତୀ ସୁଜାତା ରଥଙ୍କର ସୁପୁତ୍ରୀ ତଥା ପ୍ରାଧ୍ୟାପକ ଶ୍ରୀ ବୃନ୍ଦାବନ ଚନ୍ଦ୍ର ରଥ ଓ ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ରଥଙ୍କର ନାତୁଣୀ ଅଟନ୍ତି। ଏହି କୃତିତ୍ୱର ଶ୍ରେୟ ସେ ତାଙ୍କର ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା'ମାନଙ୍କୁ ପ୍ରଦାନ କରି ଗୁରୁଜନମାନଙ୍କର ଆଶୀର୍ବାଦ କାମନା କରିଛନ୍ତି। ଧ–୬୬୬୧୨

## ନିରୁଦ୍ଦିଷ୍ଟ



ନାମ: ରମାମଣି ବେହେରା, ବୟସ: 70, ଉଚ୍ଚତା: 5 ଫୁଟ, ରଙ୍ଗ: ଶ୍ୟାମଳ, ଚୁଟି ରଙ୍ଗ: କଳା ଓ ଧଳା, ଶାଢ଼ୀ ରଙ୍ଗ: ସବୁଜ ଓ କଳା। ସେ କଥା କହିପାରନ୍ତି ନାହିଁ ଏବଂ ଶୁଣି ପାରନ୍ତି ନାହିଁ। ସେ ଗତ 18.11.2019 (ସୋମବାର) ODM School ପଛ ଶିଶୁ ବିହାରରୁ ନିରୁଦ୍ଦିଷ୍ଟ ଅଛନ୍ତି। ଯଦି କେହି ସହୃଦୟ ବ୍ୟକ୍ତି ଖବର ପାଆନ୍ତି ନିମ୍ନଲିଖିତ ନଂ.ରେ ଯୋଗାଯୋଗ କରିବାକୁ ଅନୁରୋଧ। 7008153233/ 9439622802. ଧ–୧୫୯୧୮

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଜାନୁୟାରୀରେ ରିଲିଜ୍ ହେବ ଓଡ଼ିଆ ଫିଲ୍ମ 'କୁଇନ୍'

ଭୁବନେଶ୍ୱର,୨୬।୧୨(ବ୍ୟୁରୋ)

'ନିମ୍କି' ପରେ ଖୁବ୍‌ଶୀଘ୍ର ପରଦାକୁ ଆସିବାକୁ ଯାଉଛି ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ଲିଖିତ ଦ୍ୱିତୀୟ ଓଡ଼ିଆ ଫିଲ୍ମ 'କୁଇନ୍'। ଏକ ମୌଳିକଧର୍ମୀ କାହାଣୀ ଉପରେ ଆଧାରିତ ଉକ୍ତ ଫିଲ୍ମରେ ପ୍ରେମ କାହାଣୀ, ପାରିବାରିକ ସମ୍ପର୍କ, ରୋମାନ୍ସ ଓ କମେଡ଼ି ଭଳି ବିଭିନ୍ନ ଉପାଦାନ ଦେଖିବାକୁ ମିଳିବ। ମନୋରଞ୍ଜନର ଏକସମ୍ପୂର୍ଣ୍ଣ ପ୍ୟାକେଜ୍ ନେଇ ଆସନ୍ତା ଜାନୁୟାରୀ ଦ୍ୱିତୀୟ ସପ୍ତାହରେ 'କୁଇନ୍' ମୁକ୍ତିଲାଭ କରିବ ବୋଲି ବର୍ଷା କହିଛନ୍ତି। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଫିଲ୍ମର ମ୍ୟୁଜିକ୍ ରିଲିଜ୍ ହୋଇଥିବାବେଳେ କାହାଣୀ ସମ୍ପର୍କରେ ସୂଚନା ଦେଇ ବର୍ଷା କହିଥିଲେ, ବର୍ତ୍ତମାନ ଲୋକଙ୍କ ଜୀବନରେ ଯେଉଁସବୁ ଘଟଣା ଘଟୁଛି, ତାହାର ବାସ୍ତବ ଚିତ୍ର ଏହି ଫିଲ୍ମରେ ପ୍ରତିଫଳିତ ହୋଇଛି। 'ନିମ୍କି' ମାଧ୍ୟମରେ ମୁଁ ଦର୍ଶକଙ୍କୁ ଯେମିତି ଏକ ବାର୍ତ୍ତା ଦେବାକୁ ଚାହିଁଥିଲି, ଏଥିରେ ମଧ ଏକ ବାର୍ତ୍ତା ଦେବାକୁ ଚେଷ୍ଟା କରିଛି।

**ପ୍ରଥମ ପୃଷ୍ଠାରୁ...**

## ମହୀପୁରକୁ ସମ୍ପ୍ରସାରଣ...

ଯୋଡ଼ିହେଲା ବୋଲି କହିଥିଲେ। ରେଳ ହିଁ ବିକାଶର ଚାବିକାଠି ବୋଲି ସେ ପ୍ରକାଶ କରିଥିଲେ। ଖୋର୍ଦ୍ଧା ଡିଭିଜନର ଡିଆରଏମ ଶଶିକାନ୍ତ ସିଂ, ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ ସିଂ, ଜିଲାପାଳ ଡା. ପୋମା ଟୁଡୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅପରାହ୍ନ ୪ଟା ୩୦ରେ ନୟାଗଡ଼ ଟାଉନ ଷ୍ଟେଶନରୁ ଏକ ଟ୍ରେନ୍ ବାହାରି ୪ଟା ୫୦ରେ ମହୀପୁର ଷ୍ଟେଶନଠାରେ ପହଞ୍ଚିଥିଲା। ଶୁକ୍ରବାରଠାରୁ ପ୍ରତିଦିନ ଖୋର୍ଦ୍ଧା ରୋଡ଼ରୁ ବାହାରୁଥିବା ପାସେଞ୍ଜର ଟ୍ରେନ୍ ସକାଳ ୧୦ଟା ୧୫ରେ ମହିପୁର ଷ୍ଟେଶନରେ ପହଞ୍ଚିବ। ଉକ୍ତ ଟ୍ରେନ୍‌ଟି ୧୦ଟା ୪୫ରେ ମହୀପୁର ଷ୍ଟେଶନରୁ ଛାଡ଼ି ନୟାଗଡ଼ ଟାଉନ ଷ୍ଟେଶନ ଦେଇ ଖୋର୍ଦ୍ଧା ରୋଡ଼କୁ ଯିବ। ସେହିଭଳି ସନ୍ଧ୍ୟାରେ ଖୋର୍ଦ୍ଧାରୁ ଛାଡୁଥିବା ଟ୍ରେନ୍‌ଟି ରାତ୍ର ୧୦ଟା ୧୫ରେ ମହୀପୁର ଷ୍ଟେଶନରେ ପହଞ୍ଚିବ। ଏହି ଟ୍ରେନ୍‌ଟି ପରଦିନ ସକାଳ ୪ଟା ୩୦ରେ ମହୀପୁର ଷ୍ଟେଶନରୁ ବାହାରି ଖୋର୍ଦ୍ଧା ରୋଡ଼ ଅଭିମୁଖେ ଯିବ। ସୂଚନାଯୋଗ୍ୟ ୨୫ ଜୁଲାଇରେ ନୟାଗଡ଼ ଟାଉନ ଷ୍ଟେଶନଠାରୁ ମହୀପୁର ପର୍ଯ୍ୟନ୍ତ ପରୀକ୍ଷାମୂଳକ ଭାବେ ଟ୍ରେନ୍ ଗଡ଼ିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୭ ଡିସେମ୍ବର, ୨୦୧୯






# ବଞ୍ଚାଇଦେଲେ ଆର୍‌ପିଏଫ୍ କନ୍‌ଷ୍ଟେବଲ

ଭୁବନେଶ୍ୱର,୨୬।୧୨(ବ୍ୟୁରୋ)


ବିଜନ କୁମାର ପୁରକୀତ୍


ଏନ୍. ବି. ରାଓ

ନିଶ୍ଚିତ ବଡ଼ ବିପଦରୁ ବର୍ତ୍ତିଗଲେ ଜଣେ ରେଳ କର୍ମଚାରୀ ବିଜନ କୁମାର ପୁରକୀତ୍। ତାଙ୍କ ଜୀବନ ବଞ୍ଚାଇଦେଲେ ଭୁବନେଶ୍ୱର ଆର୍‌ପିଏଫ୍ କନ୍‌ଷ୍ଟେବଲ ଏନ୍.ବି. ରାଓ। ଗୁରୁବାର ଭୁବନେଶ୍ୱର ରେଳ ଷ୍ଟେଶନର ପ୍ଲାଟଫର୍ମ-ନଂ.୨ରେ ଘଟିଥିବା ଏହି ଘଟଣା ସମସ୍ତଙ୍କୁ ଚକିତ କରିଦେଇଥିଲା। ଅପରାହ୍ନ ପ୍ରାୟ ୩ଟା ୪୦ରେ ପଣ୍ଡିଚେରୀ-ହାଓଡ଼ା ଏକ୍ସପ୍ରେସ୍ କିଛି ସମୟ ରହଣି ପରେ ଆଗକୁ ଗଡୁଥିଲା। ଏହି ସମୟରେ ବିଜନ କୁମାର ତରବର ହୋଇ ଚଢୁଥିବାବେଳେ ହଠାତ୍ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ ଟ୍ରାକ୍‌କୁ ଖସି ଯାଉଥିବାବେଳେ କନ୍‌ଷ୍ଟେବଲ ରାଓ ଦେବଦୂତ ଭଳି ଦୌଡ଼ି ଆସି ତାଙ୍କୁ ପ୍ଲାଟ୍‌ଫର୍ମ ଉପରକୁ ଟାଣି ଆଣିଥିଲେ। ବିଜନ କୁମାର ଆଖି ଖୋଲିବା ବେଳକୁ ସେ ଟ୍ରାକ୍‌ରେ ନୁହେଁ, ପ୍ଲାଟ୍‌ଫର୍ମରେ ବେଶ୍ ସୁରକ୍ଷିତ ଥିଲେ। ଟ୍ରେନ୍ ଚାଲିଯାଇଥିଲା, ହେଲେ ବଞ୍ଚିଯାଇଥିଲା ଜୀବନ। ବିଜନ କୁମାର ପଶ୍ଚିମବଙ୍ଗର ଜଣେ ରେଳ କର୍ମଚାରୀ ବୋଲି ଜଣାପଡ଼ିଛି। ସେ ନିଜ ଝିଅକୁ ଦେଖା କରିବାକୁ ଭୁବନେଶ୍ୱର ଆସିଥିଲେ। ସୂଚନାଯୋଗ୍ୟ, ତାଙ୍କୁ ଉଦ୍ଧାର କରିଥିବା କନ୍‌ଷ୍ଟେବଲ ରାଓ ପୂର୍ବରୁ ଏମିତି ଅନେକ ସାହସୀ ଓ ମହତ କାର୍ଯ୍ୟ କରି ରେଳ ରାଷ୍ଟ୍ରମନ୍ତ୍ରୀ ସୁରେଶ ଅଙ୍ଗାଡିଙ୍କଠାରୁ ପୁରସ୍କୃତ ହୋଇସାରିଛନ୍ତି।



## ଜିଲା ଚିଠି
## ଦେବଗଡ଼

# ହାତୀ ଆତଙ୍କ

ଦେବଗଡ଼ ଜିଲାର ବିଭିନ୍ନ ଗ୍ରାମରେ ଗତ କିଛିଦିନ ହେବ ହାତୀ ଆତଙ୍କ ଦେଖାଦେଇଛି। ସହର ବି ସେଥିରୁ ବାଦ୍ ପଡ଼ିନି। ବଣ ଜଙ୍ଗଲ ଛାଡ଼ି ଗାଁ ଓ ସହର ମୁହାଁ ହେଉଥିବା ସେହି ହାତୀପଲଙ୍କୁ ରୋକିବା ବନ ବିଭାଗ କର୍ମଚାରୀଙ୍କ ପକ୍ଷେ ବି ସମ୍ଭବ ହୋଇପାରିନାହିଁ। ଏଥିଯୋଗୁ ଚାଷୀଙ୍କ ଫସଲ ଉଜୁଡୁଥିବା ବେଳେ ହାତୀ ଆକ୍ରମଣରେ ଏକାଧିକ ଲୋକଙ୍କ ଜୀବନ ଯାଇଛି। ହାତୀଙ୍କ ଉପଦ୍ରବ ସତେ ଯେମିତି ଦେବଗଡ଼ ଜିଲାରେ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏପରି ପରିସ୍ଥିତିରେ ଚାରିଆଡ଼େ ଆତଙ୍କ ଖେଳିଯାଇଛି। ସନ୍ଧ୍ୟା ନଇଁବା ପରେ ଲୋକେ ପଦାକୁ ବାହାରୁ ନାହାନ୍ତି। କେତେକ କ୍ଷେତ୍ରରେ ହାତୀ ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ବନ ବିଭାଗ କେବଳ କ୍ଷତିପୂରଣ ଦେବ ବୋଲି ପ୍ରତିଶ୍ରୁତି ଦେଇ ନିଜର କର୍ତ୍ତବ୍ୟ ଶେଷ କରୁଥିବା ବେଳେ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ଅଧିକାଂଶ ଗୁରୁତର ରୂପ ନେଇଛି। ବନ ବିଭାଗ ନିକଟରେ ଏହି ଖବର ଥିଲେ ସୁଦ୍ଧା ଏଥିପ୍ରତି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହାତୀପଲ ସହରମୁହାଁ ହେବାଯୋଗୁ ବର୍ତ୍ତମାନ ଜଙ୍ଗଲ ନିକଟରେ ରହୁଥିବା ରଜାମୁଣ୍ଡା, ଚର୍ଚ୍ଚ ସାହି, ରଙ୍ଗିଆଗୁଡ଼ା, ହାତୀଶାଳ, ତଅଁଳା ସାହି, ଜକତିପାଲି ସରକାରୀ ନର୍ସରି ଫାର୍ମ ପାଖ କଲୋନୀ ବାସିନ୍ଦା ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ପ୍ରତିଦିନ କୁରଡ଼କୋଟ୍ ଜଳପ୍ରପାତ ଉପରେ ନିର୍ଭର କରୁଥିବା ଲୋକେ ଆଉ ସେଠାକୁ ଯାଉ ନାହାନ୍ତି। ଫଳରେ ସେମାନଙ୍କ ପାଇଁ ସ୍ନାନ, ଶୌଚ କରିବାରେ ସମସ୍ୟା ସୃଷ୍ଟି ହୋଇଛି। ଅଧିକାଂଶ ସମୟରେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁକୁ ଗାଁ ବୁଲୁଛନ୍ତି। ସେମାନେ କ୍ଷେତରେ ପଶି ଧାନ ଫସଲ ନଷ୍ଟ କରିବା ସହ ବଗିଚାର କଦଳୀ, ଅମୃତଭଣ୍ଡା ଏବଂ ପଣସ ଗଛକୁ ଭାଙ୍ଗି ଛିନ୍‌ଛତର କରୁଛନ୍ତି। ହାତୀପଲ ଘରଦ୍ୱାର ଭାଙ୍ଗି ଦେଉଥିବା ମଧ୍ୟ ନଜିର ରହିଛି। ଏଥିପ୍ରତି ବନ ବିଭାଗ ଓ ଜିଲା ପ୍ରଶାସନ ତରଫରୁ କ୍ଷତିଗ୍ରସ୍ତ ଲୋକଙ୍କୁ ଚିହ୍ନଟ କରିବା ଉପରେ ସାଧାରଣରେ ମତ ପ୍ରକାଶ ପାଇଛି। କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଏବଂ ବଣୁଆ ହାତୀଙ୍କ ଉତ୍ପାତରୁ ଦେବଗଡ଼ ସହରବାସୀଙ୍କୁ କିପରି ସୁରକ୍ଷା ଯୋଗାଇହେବ ସେଥିନିମନ୍ତେ ସ୍ୱତନ୍ତ୍ର ଦୃଷ୍ଟିଦେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

– ଶଶାଙ୍କ ଶେଖର ଝାଙ୍କର

## ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ବଇଣ୍ଡା,୨୬।୧୨(ଡି.ଏନ୍.ଏ.): ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ହଣ୍ଡପା ରେଞ୍ଜ କରଡ଼ାବଣୀ ଜଙ୍ଗଲରେ ବୁଧବାର ହାତୀ ଆକ୍ରମଣରେ ବାତ୍ରାଖୋଳ ଗ୍ରାମର ବିଚିତ୍ରା ବେହେରା (୬୫)ଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ଅପରାହ୍ନରେ ଗ୍ରାମବାସୀ ଜଙ୍ଗଲରୁ ବିଚିତ୍ରାଙ୍କ ମୃତଦେହ ଉଦ୍ଧାର କରିବା ପରେ ଏ ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ବିଚିତ୍ରା କରଡାବଣୀ ଜଙ୍ଗଲକୁ ଗାଈ ଚରାଇବାକୁ ନେଇଥିଲେ। ସନ୍ଧ୍ୟାରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଜଙ୍ଗଲରେ ଖୋଜାଖୋଜି କରିବା ବେଳେ ଏକ ଗଛ ନିକଟରେ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ହାତୀ ପାଦରେ ଦଳି ମାରି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖବରପାଇ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରଙ୍କ ସହ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ତୁରନ୍ତ ବିଚିତ୍ରାଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଉତ୍ତମ ପ୍ରଶାସନ ଯୋଗାଇବାରେ ବିଫଳ ହେଉଛି ରାଜ୍ୟ

# ଗୁଡ୍ ଗଭର୍ନାନ୍ସରେ ଓଡ଼ିଶାର ସ୍ଥାନ ୧୪

ଭୁବନେଶ୍ୱର,୨୬।୧୨(ବ୍ୟୁରୋ)

ଉତ୍ତମ ପ୍ରଶାସନିକ ସୁବିଧା ଯୋଗାଇବା ସହ ସରକାରୀ ଯୋଜନାଗୁଡ଼ିକର ଲାଭ ଲୋକଙ୍କ ନିକଟରେ କିଭଳି ପହଞ୍ଚୁଛି ସେ ନେଇ କେନ୍ଦ୍ର ସରକାର ଉତ୍ତମ ପ୍ରଶାସନ ମାପକାଠି(ଗୁଡ୍ ଗଭର୍ନାନ୍ସ ଇଣ୍ଡେକ୍ସ) ରିପୋର୍ଟ ପ୍ରକାଶ କରିଛନ୍ତି। ବୃହତ୍ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଏ କ୍ଷେତ୍ରରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। କେନ୍ଦ୍ର ସରକାରଙ୍କ ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ପ୍ରକାଶ କରାଯାଇଥିବା ରିପୋର୍ଟ ଅନୁଯାୟୀ ଉତ୍ତମ ପ୍ରଶାସନ ଯୋଗାଇବାରେ ବୃହତ୍ ରାଜ୍ୟ ମଧ୍ୟରେ ତାମିଲନାଡୁ ପ୍ରଥମ ସ୍ଥାନରେ ରହିଥିବାବେଳେ ମହାରାଷ୍ଟ୍ର, କର୍ନାଟକ, ଛତିଶଗଡ଼ ଏବଂ ଆନ୍ଧ୍ର ପ୍ରଦେଶ ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି। ୧୮ଟି ବୃହତ୍ ରାଜ୍ୟ ମଧ୍ୟରୁ ଏକ୍ଷେତ୍ରରେ ଓଡ଼ିଶା ୧୪ ନମ୍ବର ସ୍ଥାନରେ ରହିଛି। ଓଡ଼ିଶା ତଳକୁ ବିହାର, ଗୋଆ, ଉତ୍ତର ପ୍ରଦେଶ ଏବଂ ଝାଡ଼ଖଣ୍ଡ ରହିଛନ୍ତି।

ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ବୃହତ୍ ରାଜ୍ୟ, ଉତ୍ତର ପୂର୍ବ ଓ ପାର୍ବାତ୍ୟାଞ୍ଚଳ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଭାବେ ୩ଟି ଭାଗରେ ବିଭକ୍ତ କରାଯାଇ ଏହି ସର୍ଭେ କରାଯାଇଥିଲା। ଉତ୍ତର ପୂର୍ବ ଏବଂ ପାର୍ବାତ୍ୟାଞ୍ଚଳ ରାଜ୍ୟ ମଧ୍ୟରେ ହିମାଚଳ ପ୍ରଦେଶର ସ୍ଥାନ ଉପରେ ରହିଥିବାବେଳେ ଉତ୍ତରାଖଣ୍ଡ, ତ୍ରିପୁରା, ମିଜୋରାମ ଏବଂ ସିକିମ ସ୍ଥାନ ଏହାର ପଛକୁ ପଛ ରହିଛନ୍ତି। ଜମ୍ମୁକଶ୍ମୀର, ମଣିପୁର, ମେଘାଳୟ ନାଗାଲାଣ୍ଡ ଏବଂ ଅରୁଣାଚଳ ପ୍ରଦେଶ ଖରାପ ପ୍ରଦର୍ଶନ କରିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ପୁଡୁଚେରୀ ଉତ୍ତମ ପ୍ରଦର୍ଶନ କରିଥିବାବେଳେ ଲାକ୍ଷାଦ୍ୱୀପ ଉତ୍ତମ ପ୍ରଶାସନିକ ବ୍ୟବସ୍ଥା ଯୋଗାଇବାରେ ଖରାପ ପ୍ରଦର୍ଶନ କରିଛି। ଲୋକଙ୍କୁ ଉତ୍ତମ ପ୍ରଶାସନିକ ସୁବିଧା ଯୋଗାଇ ଦେବା ପାଇଁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ଏହି ସର୍ଭେ କରାଯାଉଥିବା ବିଭାଗ ପକ୍ଷରୁ କୁହାଯାଇଛି।

ରାଜ୍ୟର ୧୦ଟି କ୍ଷେତ୍ରକୁ ଏହି ସର୍ଭେର ପରିସରଭୁକ୍ତ କରାଯାଇଥାଏ। ସେଗୁଡ଼ିକ ହେଲା କୃଷି ଓ ଆନୁଷଙ୍ଗିକ କ୍ଷେତ୍ର, ବାଣିଜ୍ୟ ଓ ଶିଳ୍ପ, ଭିତ୍ତିଭୂମି, ସ୍ୱାସ୍ଥ୍ୟ, ମାନବ ସମ୍ବଳ ଆର୍ଥିକ ପରିଚାଳନା, ସାମାଜିକ କ୍ଷେତ୍ରର ବିକାଶ, ବିଚାର ବ୍ୟବସ୍ଥା ଓ ସାଧାରଣ ସୁରକ୍ଷା ଏବଂ ନାଗରିକ କୈନ୍ଦ୍ରିକ ପ୍ରଶାସନ।

ରାଜ୍ୟ ସରକାର ପ୍ରଶାସନିକ କଳକୁ ସଜାଡ଼ିବାକୁ ଯଥା ସମ୍ଭବ ଉଦ୍ୟମ କରୁଛନ୍ତି। ତଥାପି କେତେକ ଦୁର୍ନୀତିଗ୍ରସ୍ତ ଓ ଅପାରଗ ଅଧିକାରୀଙ୍କ ପାଇଁ ଲୋକମାନଙ୍କ ନିକଟରେ ପ୍ରଶାସନିକ ସେବା ପହଞ୍ଚିବାରେ ସଫଳ ହେଉ ନାହିଁ। ରାଜ୍ୟର ଅଭିବୃଦ୍ଧି ମଧ୍ୟ ସେହି ହାରରେ ବୃଦ୍ଧି ହେଉ ନ ଥିବାରୁ କେନ୍ଦ୍ର ତାଲିକାରେ ଉତ୍ତମ ପ୍ରଶାସନ ଯୋଗାଇବାରେ ଓଡ଼ିଶା ସ୍ଥାନ ତଳକୁ ଖସି ଯାଇଥିବା କୁହାଯାଉଛି।

## ସେଲ୍‌ଫି ହେଲା କାଳ

## ମହାନଦୀ ବ୍ରିଜ୍‌ରୁ ଖସିପଡ଼ିଲେ ଯୁବକ

ସୋନପୁର,୨୬।୧୨(ନି.ପ୍ର.): ମୋବାଇଲରେ ସେଲ୍‌ଫି ନେବା ଯୁବକଙ୍କୁ ମହଙ୍ଗା ସାବ୍ୟସ୍ତ ହୋଇଛି। ଗୁରୁବାର ସକାଳେ ସୋନପୁର ସହର ପଟାଭାଡି ଅଞ୍ଚଳର ଜିତୁ ନାଏକ(୨୪) ମହାନଦୀ ବ୍ରିଜ୍ ଉପରେ ଛିଡା ହୋଇ ସେଲ୍‌ଫି ନେଉଥିଲେ। ତେବେ ଅସାବଧାନତାରୁ ସେ ବ୍ରିଜ୍ ତଳକୁ ଖସି ପଡିଥିଲେ। ସୌଭାଗ୍ୟବଶତଃ ଜିତୁ ନଦୀବାଲିରେ ପଡିଥିଲେ। ତାଙ୍କ ମେରୁଦଣ୍ଡରେ ଆଘାତ ଲାଗିଛି। ପ୍ରଥମେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ଜିତୁଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

# ସିଏଏ ସପକ୍ଷରେ ସଚେତନତା ସୃଷ୍ଟି କରାଯିବ: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୬।୧୨(ବ୍ୟୁରୋ)


ଖବରଦାତା ସମ୍ମିଳନୀରେ ଦଳୀୟ ଉପସଭାପତି ସମୀର ମହାନ୍ତି, ଏମ୍‌ପି ବସନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀଦଳ ନେତା ପ୍ରଦୀପ୍ତ ନାଏକ ଓ ମୁଖପାତ୍ର ଗୋଲକ ମହାପାତ୍ର।

- ଜାନୁୟାରୀରୁ ମାସେବ୍ୟାପୀ କାର୍ଯ୍ୟକ୍ରମ
- ପଞ୍ଚାୟତରୁ ଆରମ୍ଭ ହୋଇ ରାଜ୍ୟସ୍ତର ଯାଏ ଚାଲିବ
- ଭାଜପା ପକ୍ଷରୁ ରାଜ୍ୟସ୍ତରୀୟ କର୍ମଶାଳା
- ଜୋନ୍‌ୱାରି ବଣ୍ଟାଗଲା ଦାୟିତ୍ୱ
- ହିଂସା ସୃଷ୍ଟି କରୁଛି କଂଗ୍ରେସ

ନିକଟରେ ଶେଷ ହୋଇଥିବା ଲୋକ ସଭା ଏବଂ ରାଜ୍ୟ ସଭାର ଶୀତ ଅଧିବେଶନରେ କେନ୍ଦ୍ର ସରକାର ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି। ୧୯୪୭ରେ ଦେଶ ବିଭାଜନ ହେବା ପରେ ଭାରତର ପଡୋଶୀ ଦେଶରୁ ଆସିଥିବା ଶରଣାର୍ଥୀଙ୍କୁ କେନ୍ଦ୍ର ସରକାର ନାଗରିକତା ସଂଶୋଧନ ଆଇନ(ସିଏଏ) ଦ୍ୱାରା ବଞ୍ଚାଇବାର ରାସ୍ତା ଦେଖାଇଛନ୍ତି। ଏହାଦ୍ୱାରା ପାକିସ୍ତାନ, ଆଫଗାନିସ୍ତାନ ଏବଂ ବାଂଲାଦେଶରୁ ଧାର୍ମିକରୂପେ ନିର୍ଯାତନାର ଶିକାର ହୋଇ ଆସିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ଖ୍ରୀଷ୍ଟିଆନ ଆଦି ସଂଖ୍ୟାଲଘୁ ବର୍ଗର ଶରଣାର୍ଥୀଙ୍କୁ ନାଗରିକତା ଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାହସିକତା ଦେଖାଇଛନ୍ତି। ମାତ୍ର କଂଗ୍ରେସ ଏହାକୁ ନେଇ ଅସହିଷ୍ଣୁ ହୋଇପଡ଼ିଛି। ଏହି ଆଇନ ବିରୋଧରେ କୁପ୍ରଚାର କରି ଦେଶର ଲୋକଙ୍କ ମଧ୍ୟରେ ଅରାଜକତାର ବାତାବରଣ ସୃଷ୍ଟି କରିବା ସହିତ ହିଂସା ସୃଷ୍ଟି କରୁଛି। କିନ୍ତୁ ସିଏଏ ସପକ୍ଷରେ ଲୋକମାନଙ୍କୁ ଭାଜପା ସଚେତନ କରାଇବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରଜାତନ୍ତ୍ରରେ ବାକ୍ ବିତର୍କର ସ୍ଥାନ ଅଛି, ମାତ୍ର ହିଂସାର ନାହିଁ। ପ୍ରଧାନମନ୍ତ୍ରୀଙ୍କୁ ବିରୋଧ କରିବା, ତାଙ୍କ କୁଶପୁତ୍ତଳିକା ଦାହ କରିବାରେ କିଛି ଅସୁବିଧା ନାହିଁ, ହେଲେ ଦେଶର ସମ୍ପତ୍ତି ନଷ୍ଟ କରା ନ ଯାଉ। ନାଗରିକତା ସଂଶୋଧନ ଆଇନ ସମ୍ପର୍କରେ ବ୍ୟାପକ ଜନଜାଗରଣ ସୃଷ୍ଟି କରିବା ପାଇଁ ଭାଜପା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରି ଜନସାଧାରଣଙ୍କୁ ସଚେତନ କରାଯିବ। ଏହି ପରିପ୍ରେକ୍ଷୀରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜନ ହୋଇଛି। କର୍ମଶାଳାରେ ନାଗରିକତା ସଂଶୋଧନ ଆଇନ ସମ୍ପର୍କରେ ବିସ୍ତୃତଭାବେ ଆଲୋଚନା କରାଯାଇଛି। ଆସନ୍ତା ଜାନୁୟାରୀରୁ ମାସେବ୍ୟାପୀ ନାଗରିକତା ସଂଶୋଧନ ଆଇନ ଉପରେ ଭାଜପା ନେତା ଓ କାର୍ଯ୍ୟକର୍ତ୍ତା ତୃଣମୂଳସ୍ତରକୁ ଯାଇ ଲୋକଙ୍କୁ ଏହି ଆଇନ ସମ୍ପର୍କରେ ବୁଝାଇବେ। ଏହାସହ ବ୍ୟାପକ ଜନଜାଗରଣ ସୃଷ୍ଟି କରିବେ। ରାଜ୍ୟର ୧ କୋଟି ଲୋକ ଏବଂ ଦେଶର ୩ କୋଟି ପରିବାର ପାଖରେ ଦଳର ନେତା, କାର୍ଯ୍ୟକର୍ତ୍ତା ଯାଇ ପହଞ୍ଚିବେ। ପ୍ରତ୍ୟେକ ପଞ୍ଚାୟତ ତଥା ୱାର୍ଡରେ କାର୍ଯ୍ୟକ୍ରମ କରାଯିବ, ଜିଲାସ୍ତରରେ ବୁଦ୍ଧିଜୀବୀ ସମ୍ମିଳନୀ ଓ ଶୋଭାଯାତ୍ରା ସହ ରାଜ୍ୟର ପ୍ରମୁଖ ସ୍ଥାନରେ ଜନସଭା କରାଯିବ। ରାଜ୍ୟର ସମସ୍ତ ୩୬ ସାଂଗଠନିକ ଜିଲାରେ ଖବରଦାତା ସମ୍ମିଳନୀ ମଧ୍ୟ କରାଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଅନ୍ୟପକ୍ଷରେ ଭାଜପା ପକ୍ଷରୁ ଆୟୋଜିତ କର୍ମଶାଳାରେ ସିଏଏକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ୫ଟି ବଡ ସହରରେ ଜନସଭା କରାଯିବ, ଏଥିରେ କେତେଜଣ କେନ୍ଦ୍ରୀୟ ନେତା ମଧ୍ୟ ଯୋଗଦେବେ। ଏଥିପାଇଁ ଜୋନ୍‌ୱାରୀ ନେତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ଜିଲାସ୍ତରରେ ମଧ କର୍ମଶାଳା ଆୟୋଜନ କରାଯିବ ବୋଲି ସେ କହିଛନ୍ତି।

## ସୂର୍ଯ୍ୟୋପରାଗ ପାଇଁ ଶ୍ରୀମନ୍ଦିରରେ ନୀତି ବିଳମ୍ବ

# ସନ୍ଧ୍ୟା ୭ରେ ବାହାରିଲା ମହାପ୍ରସାଦ

**ଅପରାହ୍ନ ସାଢେ ୩ଟାରେ ପହିଲି ଭୋଗ**

ପୁରୀ ଅଫିସ,୨୬।୧୨

ସୂର୍ଯ୍ୟୋପରାଗ ପାଇଁ ଗୁରୁବାର ଶ୍ରୀମନ୍ଦିରରେ ନୀତି ବିଳମ୍ବ ହୋଇଛି। ଅପରାହ୍ନ ସାଢେ ୩ଟାରେ ପହିଲି ଭୋଗ ହୋଇଥିବାବେଳେ ସନ୍ଧ୍ୟା ୭ଟାରେ ବାହାରିଛି ମହାପ୍ରସାଦ। ଅନ୍ୟପକ୍ଷରେ ଛୁଟିଦିନ ଥିବାରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ବି ଦେଖିବାକୁ ମିଳିଥିଲା।

ବୁଧବାର ରାତିତମାମ୍ ଖୋଲା ରହିଥିଲା ଶ୍ରୀମନ୍ଦିର। ପହୁଡ଼ ପଡ଼ି ନ ଥିଲା କି ଠାକୁର ଶୋଇ ନ ଥିଲେ। ଫଳରେ ରାତି ପ୍ରାୟ ୧୨ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଗୁରୁବାର ଭୋରୁ ବି ଦର୍ଶନ ଚାଲିଥିଲା। ସକାଳ ୮ ଘଣ୍ଟା ୨୦ ମିନିଟ୍ ୮ ସେକେଣ୍ଡରେ ପରାଗ ସ୍ପର୍ଶ ହେବା ପରେ ମନ୍ଦିରରେ ନୀତିକାନ୍ତି ଆରମ୍ଭ କରାଯାଇଥିଲା। ପ୍ରଥମେ ମହାସ୍ନାନ ପୂଜା ଲାଗି ସକାଳ ୯ଟା ୫୦ରେ ଦ୍ୱାର ବନ୍ଦ ହୋଇଥିଲା। ପୂର୍ବାହ୍ନ ୧୦ଟା ୧୦ରେ ମହାସ୍ନାନ ପୂଜା ଆରମ୍ଭ ହୋଇ ୧୦ଟା ୨୦ରେ ଶେଷ ହୋଇଥିଲା। ଏହାପରେ ପୁନଶ୍ଚ ଭକ୍ତମାନେ ବାହାର କାଠରୁ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପୂର୍ବାହ୍ନ ୧୧ଟା ୨୦ରେ ମଙ୍ଗଳ ଆଳତି ପରେ ଭିତରକାଠ ଦର୍ଶନ ଆରମ୍ଭ ହୋଇଥିଲା। ଅପରାହ୍ନ ୧ଟା ୫୦ରେ ଖଇକୋରା ଭୋଗ କରାଯାଇଥିଲା। ଅପରାହ୍ନ ସାଢେ ୩ଟାରେ ବାହାରିଥିଲା ପହିଲି ଭୋଗ। ଅପରାହ୍ନ ୪ଟା ୧୦ରୁ ୪ଟା ୫୦ରେ ସକାଳ ଧୂପ ସରିଥିବା ବେଳେ ସନ୍ଧ୍ୟା ୭ଟାରେ ଭୋଗମଣ୍ଡପ ବଢିଥିଲା। ଫଳରେ ଭକ୍ତମାନେ ମହାପ୍ରସାଦ ପାଇଥିଲେ। ଅପରାହ୍ନ ପରଠାରୁ ଭକ୍ତମାନେ ଅବଢା ପାଇବା ପାଇଁ ଅପେକ୍ଷା କରିଥିଲେ ମଧ ସମ୍ଭବ ହୋଇପାରି ନ ଥିଲା। ସୂର୍ଯ୍ୟୋପରାଗ ଯୋଗୁ ଏହି ନୀତି ବିଳମ୍ବ ହୋଇଥିଲା।

## ସାମାଜିକ ଉତ୍ସବ ନେଇ ପ୍ରଦୂଷଣ ଚିନ୍ତା

# ଏନ୍‌ଜିଟିଙ୍କ ଉଦ୍‌ବେଗ

ଭୁବନେଶ୍ୱର,୨୬।୧୨(ବ୍ୟୁରୋ)

- ରୋକିବା ଦିଗରେ କି ପଦକ୍ଷେପ ନେଇଛ ଜଣାଇବାକୁ ରାଜ୍ୟକୁ ନିର୍ଦ୍ଦେଶ

ବିବାହ, ବ୍ରତ, ଜନ୍ମ ଦିନ ସମାରୋହ, ମେଳା ମହୋତ୍ସବ ଆଦି ସାମାଜିକ କାର୍ଯ୍ୟକ୍ରମ ବେଳେ ଶବ୍ଦ ପ୍ରଦୂଷଣଠାରୁ ଆରମ୍ଭ କରି ବାୟୁ, ଜଳ, ମାଟି ଆଦି ପ୍ରଦୂଷଣ ହେଉଛି। ଏହା ଉପରେ କାହାର ନଜର ରହୁ ନାହିଁ। ଏଭଳି ପ୍ରଦୂଷଣକୁ ନେଇ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ସାମାଜିକ କାର୍ଯ୍ୟକ୍ରମ ବେଳେ ପ୍ରଦୂଷଣକୁ ରୋକିବାକୁ ସରକାର କି ପଦକ୍ଷେପ ନେଇଛନ୍ତି ସେ ନେଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଜଣାଇବାକୁ ଏନ୍‌ଜିଟି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏ ନେଇ ଏକ ମାମଲାର ଶୁଣାଣି କରି ଜଷ୍ଟିସ ଏକେ ଗୋଏଲଙ୍କ ଅଧ୍ୟକ୍ଷତାରେ ଗଠିତ ଏନ୍‌ଜିଟିର ଏକ ୩ ଜଣିଆ ଖଣ୍ଡପୀଠ ସାମାଜିକ କାର୍ଯ୍ୟକ୍ରମ ବେଳେ ହେଉଥିବା ପ୍ରଦୂଷଣକୁ ଗୁରୁତ୍ୱର ସହ ନେବାକୁ ଏ ଦିଗରେ କାର୍ଯ୍ୟରତ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସାମାଜିକ ମହୋତ୍ସବ ବେଳେ ହେଉଥିବା ପ୍ରଦୂଷଣ ଅତ୍ୟନ୍ତ ଚିନ୍ତାଜନକ। ଡିଜେ ସେଟ୍, ମାଇକ, ଆତସବାଜିଗୁଡ଼ିକୁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଜାରି କରାଯାଇଥିବା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିବାହ ଓ ଅନ୍ୟାନ୍ୟ ଉତ୍ସବ ହେଉଥିବା ସ୍ଥାନଗୁଡ଼ିକରୁ ତଥ୍ୟ ସଂଗ୍ରହ କରିବାକୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଏଥିସହିତ ପୌର ସଂସ୍ଥାଗୁଡ଼ିକ କଠିନ ବର୍ଜ୍ୟବସ୍ତୁ, ଭଗ୍ନାବଶେଷ ସଂଗ୍ରହ,ସ୍ୱିରେଜ ପାଣି ଏବଂ ବର୍ଷା ଜଳ ସଂରକ୍ଷଣ ଆଦିକୁ ଗୁରୁତ୍ୱ ଦେବାକୁ ଏନ୍‌ଜିଟି ପରାମର୍ଶ ଦେଇଛନ୍ତି। ସ୍ଥାନୀୟ ପ୍ରଶାସନ ଯାନବାହନ ପାର୍କିଂ ବ୍ୟବସ୍ଥା କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ହୋଟେଲ, ବାଙ୍କ୍ୱେଟ୍ ହଲ ଏବଂ ବିବାହ ମଣ୍ଡପଗୁଡ଼ିକ ଶବ୍ଦ ପ୍ରଦୂଷଣ ନିୟମ-୨୦୦୦ ଅନୁଯାୟୀ ଅନୁମତି ନେବାକୁ କୁହାଯାଇଛି। ଏଥିସହିତ ଗୁରୁତ୍ୱପୂର୍ଣ୍ଣ ବିଷୟରେ କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ଗାଇଡଲାଇନ ଜାରି କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ପରିବହନ ବ୍ୟବସ୍ଥାକୁ ଅଧିକ ଲୋକପ୍ରିୟ କରିବା ପାଇଁ ପଦକ୍ଷେପ ନେବା ସକାଶେ ପଦକ୍ଷେପ ନେବାକୁ ରାଜ୍ୟ ପରିବହନ ବିଭାଗକୁ ପରାମର୍ଶ ଦିଆଯାଇଛି।

# ଆଶ୍ରମରେ ଅନ୍ତେବାସିନୀଙ୍କୁ ବଳାତ୍କାର ଉଦ୍ୟମ

ପୁରୀ ଅଫିସ, ୨୬।୧୨

**କାକଟପୁରରେ ଲଜ୍ଜା**

- ଅଭିଯୁକ୍ତଙ୍କ ଜିଭ କାମୁଡ଼ି ଛିଣ୍ଡାଇ ଦେଲେ ପୀଡ଼ିତା
- ପୋଲିସର ତଦନ୍ତ ଜାରି

ପୁଣି ପୁରୀ ଜିଲାରେ ଲଜ୍ଜା। କାକଟପୁର ଅଞ୍ଚଳର ଏକ ଆଶ୍ରମ ପରିସରରେ ଜଣେ ଅନ୍ତେବାସିନୀଙ୍କୁ ବଳାତ୍କାର ଉଦ୍ୟମ କରାଯାଇଛି। ତାଙ୍କ ମୁହଁରେ କପଡ଼ା ବାନ୍ଧି ଜଣେ ଯୁବକ ବଳାତ୍କାର ଉଦ୍ୟମ କରିଥିବା ପୀଡ଼ିତା କାକଟପୁର ଥାନାରେ ଅଭିଯୋଗ କରିଛନ୍ତି। ଆତ୍ମରକ୍ଷା ଲାଗି ପୀଡ଼ିତା ସମ୍ପୃକ୍ତ ଯୁବକଙ୍କ ଜିଭକୁ କାମୁଡ଼ି ଛିଣ୍ଡାଇ ଦେବାରୁ ସେ ସେଠାରୁ ଫେରାର ହୋଇଯାଇଥିଲେ। ଗୁରୁବାର ଭୋର ସମୟରେ ଏହି ଘଟଣା ଘଟିଛି। ଏ ନେଇ ପୋଲିସ କେସ୍ ନଂ. ୧୯୩/୧୯ ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲାର ଜଣେ ମହିଳା ଦୀର୍ଘ ବର୍ଷ ଧରି କାକଟପୁର ଅଞ୍ଚଳରେ ଥିବା ଏକ ଆଶ୍ରମ ପରିସରରେ ରହୁଛନ୍ତି। ସେ ଗୁରୁବାର ଭୋର ସମୟରେ ସ୍ନାନଶୌଚ ଲାଗି ଉଠିଥିଲେ। ଏହି ସମୟରେ ଆଶ୍ରମ ପରିସରରେ ଜଣେ ଯୁବକ ଛପି ରହିଥିଲେ। ତାଙ୍କୁ ଦେଖି ମହିଳା ଜଣକ ପାଟି କରିବା ବେଳେ ଯୁବକ ଜଣକ ତାଙ୍କ ହାତକୁ ପଛପଟୁ ଜାବୁଡି ଧରି ମୁହଁରେ କପଡ଼ା ବାନ୍ଧି ବଳାତ୍କାର ଉଦ୍ୟମ କରିଥିଲେ। ପୀଡିତା ଆତ୍ମରକ୍ଷା ଲାଗି ଉଦ୍ୟମ କରିଥିଲେ। ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୀଡ଼ିତା କୌଶଳ କ୍ରମେ ଯୁବକଙ୍କ ଜିଭକୁ କାମୁଡ଼ି ଛିଣ୍ଡାଇ ଦେଇଥିଲେ। ଫଳରେ ସେ ସେଠାରୁ ଦୌଡି ପଳାଇଯାଇଥିଲେ। ଏ ସଂକ୍ରାନ୍ତରେ କାକଟପୁର ଥାନାଧିକାରୀ ଏସ୍.କେ. ଦାସ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

ସୂଚନାଯୋଗ୍ୟ, ଗତ ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିର ନିକଟ ବସଷ୍ଟାଣ୍ଡରେ ଥିବା ଏକ ଘରୋଇ ବସ୍‌ରେ ଜଣେ ନାବାଳିକାଙ୍କୁ ବଳାତ୍କାର, ଡିସେମ୍ବର ୨ତାରିଖରେ ପୁରୀ ପୋଲିସ କ୍ୱାର୍ଟର୍ସରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣା ପାଇଁ ଚର୍ଚ୍ଚାକୁ ଆସିଥିଲା ପୁରୀ ଜିଲା। ଏବେ କାକଟପୁର ଘଟଣା ପୁଣି ଏଥିରେ ଯୋଡ଼ି ହୋଇଯାଇଛି।

# ଓଡ଼ିଆରେ ଅଣସଂରକ୍ଷିତ ଟ୍ରେନ୍ ଟିକେଟ ଶୁଭାରମ୍ଭ

## ରାଜଧାନୀ ଏକ୍ସପ୍ରେସରେ ଓଡ଼ିଶାର କଳା, ସଂସ୍କୃତି ପ୍ରଦର୍ଶିତ

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)




ଟ୍ରେନ୍ ଟିକେଟରେ ସ୍ଥାନ ପାଇଲା ଓଡ଼ିଆ ଭାଷା। ଏଣିକି ଇଂଲିଶ, ହିନ୍ଦୀ ସହ ଓଡ଼ିଆ ଭାଷାରେ ଅଣସଂରକ୍ଷିତ ଟ୍ରେନ୍ ଟିକେଟ ରାଜ୍ୟର ୩୧୭ଟି ଷ୍ଟେଶନରେ ଉପଲବ୍ଧ ହେବ। ଗୁରୁବାର କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱର ରେଳଷ୍ଟେଶନରେ ଏହାର ଶୁଭାରମ୍ଭ କରିଛନ୍ତି। ସେହିଭଳି ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ପାଇଁ ଭାରତୀୟ ରେଳପଥ ଉଦ୍ୟମ ଆରମ୍ଭ କରିଛି। ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍‌ର ବାହାର ପାର୍ଶ୍ୱକୁ ଚିତ୍ରିତ କରାଯାଇ ସେଥିରେ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା, ମନ୍ଦିର, ପର୍ଯ୍ୟଟନସ୍ଥଳୀ, ପ୍ରାକୃତିକ ସମ୍ପଦ ଆଦି ସ୍ଥାନିତ କରାଯାଇଛି। ଏହାକୁ ମଧ୍ୟ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ରାଜଧାନୀ ଏକ୍ସପ୍ରେସର ୩ ରେକ୍‌ରେ ଏହି ଚିତ୍ର ପ୍ରଦର୍ଶନ କରିବା ପାଇଁ ନାଲ୍‌କୋ ପୂର୍ବତଟ ରେଳପଥ ସହ ଚୁକ୍ତି କରିଛି। ଏଥିପାଇଁ ବିଜ୍ଞାପନ ଖର୍ଚ୍ଚ ଆକାରରେ ୩ କୋଟି ଟଙ୍କା ପ୍ରଦାନ କରିବ ନାଲ୍‌କୋ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ରଘୁନାଥ ମହାପାତ୍ର, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣ, ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ ପ୍ରବନ୍ଧକ ଶଶିକାନ୍ତ ସିଂ ପ୍ରମୁଖ ଅତିଥି ଯୋଗଦେଇଥିଲେ।

ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା

# ନିରୁତ୍ସାହଜନକ

ଏୟାରଟେଲ, ଇଣ୍ଡିଆ ପୋଷ୍ଟ, ଫିନୋ, ଜିଓ, ଏନ୍‌ଏସ୍‌ଡିଏଲ୍ ଓ ପେଟିଏମ୍ ପରି ପେମେଣ୍ଟସ୍ ବ୍ୟାଙ୍କଗୁଡ଼ିକର କ୍ଷତି ବଢ଼ିବଢ଼ି ଚାଲିଛି। ୨୦୧୮ରେ ଏମାନେ ମୋଟ ୫୧୫.୬ କୋଟି ଟଙ୍କା କ୍ଷତି ସହିଥିବା ବେଳେ ୨୦୧୯ ମାର୍ଚ୍ଚ ସୁଦ୍ଧା ଏହା ବୃଦ୍ଧି ପାଇ ୬୨୬ କୋଟିରେ ପହଞ୍ଚିଛି। ତେଣୁ ୨୦୧୫ରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଯେଉଁ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ପ୍ରଚଳନ କରିଥିଲା ତାହାକୁ ନେଇ ପ୍ରଶ୍ନ ଉଠିଛି। କ୍ଷୁଦ୍ର ବ୍ୟବସାୟୀ ଓ ନିମ୍ନ ଆୟକାରୀ ବର୍ଗଙ୍କ ଲାଗି ବ୍ୟାପକ ଆର୍ଥିକ ସେବା ପ୍ରଦାନ ନିମନ୍ତେ ନଚିକେତା ମୋର୍‌ଙ୍କ ନେତୃତ୍ୱରେ ଗଠିତ କମିଟିର ସୁପାରିସକୁ ଭିତ୍ତି କରି କେନ୍ଦ୍ରୀୟ ବ୍ୟାଙ୍କ ଏହି ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ପ୍ରବର୍ତ୍ତନ କରିଥିଲା। ବ୍ୟାଙ୍କିଙ୍ଗ୍ ସୁବିଧା ନ ଥିବା ଗ୍ରାମାଞ୍ଚଳର ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ପେମେଣ୍ଟସ୍ ବ୍ୟାଙ୍କ ମଡେଲ୍‌ର ପ୍ରଚଳନ କରାଯାଇଥିଲା। ଏହା ଇଣ୍ଡିଆ ପୋଷ୍ଟର ସେବାକୁ ସମ୍ପ୍ରସାରିତ କରିବ ବୋଲି ମଧ୍ୟ ବିଶ୍ୱାସ କରାଯାଉଥିଲା।

ବର୍ତ୍ତମାନ ଇଣ୍ଡିଆ ପୋଷ୍ଟସ୍ ପେମେଣ୍ଟସ୍ ବ୍ୟାଙ୍କ (ଆଇପିପିବି)ର ବ୍ୟବସାୟ ବଢୁ ନ ଥିବାବେଳେ କର୍ମଚାରୀଙ୍କ ଦରମା ଭାରରେ ଏହା କୁଜା ହେବାକୁ ବସିଲାଣି। ଏପରି ଏକ ବ୍ୟାଙ୍କ ପ୍ରତିଷ୍ଠା ପାଇଁ ପ୍ରାରମ୍ଭିକ ଖର୍ଚ୍ଚ ଅତି ବିଶାଳ ହୋଇଥିବା ବେଳେ ଏହାକୁ ଅପରେଟ୍ କରିବା ପାଇଁ ସୀମିତ ସୁଯୋଗ ରହିଛି। ବ୍ୟବସାୟରେ ଅନୁକୂଳ ପରିବର୍ତ୍ତନ ଦେଖାଯାଇଥିଲେ ବି ବିଶାଳ କ୍ଷତିରୁ ସୁଯୋଗ ଅଭାବର ଆହ୍ୱାନ ସ୍ପଷ୍ଟ ହୋଇଯାଇଛି। 'ଟ୍ରେଣ୍ଡ୍ ଆଣ୍ଡ୍ ପ୍ରୋଗ୍ରେସ୍ ଅଫ୍ ବ୍ୟାଙ୍କିଙ୍ଗ୍ ଇନ୍ ଇଣ୍ଡିଆ' ଅନୁସାରେ ଏହି ବ୍ୟାଙ୍କଗୁଡ଼ିକର ସୁଧ ଆୟରେ ୪୫ ପ୍ରତିଶତ ବୃଦ୍ଧି ଘଟିଛି, ଅର୍ଥାତ୍ ଗତ ବର୍ଷକ ଭିତରେ ଏହି ଆୟର ପରିମାଣ ହେଉଛି ୨୫୫ କୋଟି ଟଙ୍କା। କିନ୍ତୁ ସେମାନଙ୍କର ଅନ୍ୟ ଆୟ (କାରବାର ଉପରେ ନିଆଯାଉଥିବା କମିଶନକୁ ମିଶାଇ) ଦୁଇଗୁଣ ବୃଦ୍ଧି ପାଇ ୨,୦୯୩ କୋଟି ଟଙ୍କା ହୋଇଛି। ପେମେଣ୍ଟସ୍ ବ୍ୟାଙ୍କଗୁଡ଼ିକର ସଂଖ୍ୟା ମଧ୍ୟ ଚଳିତବର୍ଷ ୫ରୁ ୭କୁ ବୃଦ୍ଧି ପାଇଛି। ପୁଣି ଏହି ବ୍ୟାଙ୍କଗୁଡ଼ିକ ଜରିଆରେ ଟଙ୍କା ପଠାଇବା ୮୯,୬୫୩ କୋଟିରୁ ୧.୧୦ ଲକ୍ଷ କୋଟିକୁ ଅର୍ଥାତ୍ ୨୩ ପ୍ରତିଶତ ବୃଦ୍ଧି ପାଇଛି। ଏଥିରେ ୟୁପିଆଇଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି କାରଣ ମୂଲ୍ୟ ଓ ପରିମାଣ ଦୃଷ୍ଟିରୁ ଟଙ୍କା ପଠାଇବା ଓ ପାଇବାରେ ସେଗୁଡ଼ିକ ପ୍ରମୁଖ ମାଧ୍ୟମରେ ପରିଣତ ହୋଇଛନ୍ତି। ବ୍ୟାଙ୍କଗୁଡ଼ିକର ଡିପୋଜିଟ୍ ବେସ୍ (ଜମା ପରିମାଣ) ମଧ୍ୟ ଦୁଇଗୁଣ ହୋଇ ୪୩୮ କୋଟିରୁ ୮୮୩ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯଦିଚ ବ୍ୟକ୍ତିଗତ ଗ୍ରାହକଙ୍କଠାରୁ ଏକ ଲକ୍ଷ ଟଙ୍କାରୁ ଅଧିକ ଜମା ସଂଗ୍ରହ କରିବାକୁ ସେମାନଙ୍କୁ ଅନୁମତି ଦିଆଯାଇ ନାହିଁ।

## ଆଜିର ଅର୍ଥନୀତି

ଏହିସବୁ ସକାରାତ୍ମକ ଦିଗଗୁଡ଼ିକୁ ଯାହା ନଷ୍ଟ କରିଦେଉଛି, ତାହା ହେଉଛି ବ୍ୟାଙ୍କଗୁଡ଼ିକର ଦେଣା ବା ଦାୟବଦ୍ଧତା ମଧ୍ୟ ପ୍ରାୟ ଦୁଇଗୁଣ ହୋଇ ୪,୩୬୩ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ମୋଟ ଦାୟବଦ୍ଧତା ପୂର୍ବବର୍ଷ ତୁଳନାରେ ଦୁଇଗୁଣ ବୃଦ୍ଧି ପାଇ ୭,୧୧୪ କୋଟି ଟଙ୍କାରେ ପହଞ୍ଚିଛି। ଏଥିସହ ପରିଚାଳନା ଖର୍ଚ୍ଚ ୭୪ ପ୍ରତିଶତ ବୃଦ୍ଧି ପାଇ ୨,୯୨୫ କୋଟି ଟଙ୍କାରେ ପହଞ୍ଚିଛି ଏବଂ ୨୦୧୯ରେ ଇକ୍ୱିଟି ଉପରେ ରିଟର୍ନ ଖରାପ ହୋଇ ୨୭.୯ ପ୍ରତିଶତରୁ ୩୪ ପ୍ରତିଶତକୁ ବୃଦ୍ଧି ପାଇଛି।

ଯଦିଚ ରିଜର୍ଭ ବ୍ୟାଙ୍କ ପ୍ରାରମ୍ଭିକ ଭାବେ ୧୧ଟି ପେମେଣ୍ଟସ୍ ବ୍ୟାଙ୍କକୁ ଅନୁମତି ଦେଇଥିଲା, ବର୍ତ୍ତମାନ ସେମାନଙ୍କ ମଧ୍ୟରୁ ୭ଟି ବ୍ୟାଙ୍କ କାରବାର କରୁଛନ୍ତି। ଆଦିତ୍ୟ ବିର୍ଲା ଆଇଡିଆ ପେମେଣ୍ଟସ୍ ବ୍ୟାଙ୍କ ଲିମିଟେଡ୍ ଏକ ପୂର୍ଣ୍ଣ ସେବା ପ୍ରଦାନକାରୀ ଡିଜିଟାଲ ବ୍ୟାଙ୍କ ଥିଲା, ଯାହା କି ୨୦୧୮ ଫେବୃୟାରୀରୁ କାର୍ଯ୍ୟ ଆରମ୍ଭ କରିଥିଲା। କିନ୍ତୁ ବ୍ୟବସାୟ ଭଲ ନ ଚାଲିବାରୁ ତାହା କାର୍ଯ୍ୟକରିବା ବନ୍ଦ କରିଦେଲା। ଭୋଡାଫୋନ ସହ ଆଇଡିଆ ମିଶିଯିବା ପରେ ଏମ୍-ପେସା ପିପିଆଇ ମଧ୍ୟ ବନ୍ଦ ହୋଇଗଲା। ଚୋଳମଣ୍ଡଳମ୍ ଡିଷ୍ଟ୍ରିବ୍ୟୁଶନ ସର୍ଭିସେସ୍ ଲିମିଟେଡ୍‌କୁ ୨୦୧୫ରେ ପେମେଣ୍ଟସ୍ ବ୍ୟାଙ୍କ ଭାବେ ଅନୁମତି ମିଳିଥିଲେ ମଧ୍ୟ ଲାଭ ନ ହେବାରୁ ଏହା ଗୋଟିଏ ବର୍ଷ ଚାଲି ବନ୍ଦ ହୋଇଗଲା। ପେମେଣ୍ଟସ୍ ବ୍ୟାଙ୍କ ପାଇଁ ଲାଇସେନ୍ସ ପାଇଥିବା ଟେକ୍ ମହୀନ୍ଦ୍ରା ମଧ୍ୟ ଲାଭ ନ ହେବାରୁ ବନ୍ଦ ହୋଇଗଲା। କେବଳ ଗୋଟିଏ ଲାଭକାରୀ ସଂସ୍ଥା ହେଉଛି ପେଟିଏମ୍ ଯାହା ଦ୍ୱିତୀୟ ବର୍ଷରେ ଲାଭ କରିଥିଲା ଏବଂ ୨୦୧୮-୧୯ ଆର୍ଥିକ ବର୍ଷରେ ଏହା ୧୯ କୋଟି ଟଙ୍କା ଲାଭ କରିଥିବା ଜଣାପଡ଼ିଛି।

ପେମେଣ୍ଟସ୍ ବ୍ୟାଙ୍କଗୁଡ଼ିକର ଗୋଟିଏ ସମସ୍ୟା ହେଉଛି ସେମାନେ ଋଣ ଦେଇପାରିବେ ନାହିଁ। କେବଳ ଦେଣନେଣ କାରବାର ଉପରେ ସେମାନଙ୍କର ଲାଭ ସୀମିତ। ବ୍ୟାଙ୍କିଙ୍ଗ୍ ସୁବିଧା ନ ଥିବା ଜନସାଧାରଣଙ୍କୁ ଏମାନେ ଯେ ସେବା ଯୋଗାଇଥାନ୍ତି ଏଥିରେ ଦ୍ୱିମତ ହେବାର ନାହିଁ। ତେଣୁ ସରକାର ସେମାନଙ୍କୁ କ୍ଷୁଦ୍ର ଆର୍ଥିକ ବ୍ୟାଙ୍କ ଭାବେ ଲାଇସେନ୍ସ ଦେବା ଉଚିତ, ଯାହାଦ୍ୱାରା ସେମାନେ ଆର୍ଥିକ କାରବାର ମାଧ୍ୟମରେ ଲାଭ କରିପାରିବେ।

ଇତିମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ପ୍ରିପେଡ୍ ପେମେଣ୍ଟସ୍ ଇନ୍‌ଷ୍ଟ୍ରୁମେଣ୍ଟ (ପିପିଆଇ) ଆରମ୍ଭ କରିଛି, ଯାହାଦ୍ୱାରା ମାସକୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଦ୍ରବ୍ୟ ଓ ସେବା କିଣାଯାଇପାରିବ। ଆର୍‌ବିଆଇ ନିଜେ ପିପିଆଇଗୁଡ଼ିକର କାରବାର ପାଇଁ କେୱାଇସିକୁ ବାଧ୍ୟତାମୂଳକ କରିଥିବା ବେଳେ ସେମାନଙ୍କର ଅଭିବୃଦ୍ଧିକୁ ସୀମିତ କରିଦେଇଛି। ଏହି ପୃଷ୍ଠଭୂମିରେ ଆର୍‌ବିଆଇ ପ୍ରତ୍ୟେକ ସେବାର ସମ୍ଭାବ୍ୟତା ଉପରେ ଦୃଷ୍ଟି ଦେବା ଦରକାର। ଅନୁଚିତ ପ୍ରତିଯୋଗିତାକୁ ପ୍ରୋତ୍ସାହନ ଦେବା ପୂର୍ବରୁ ଏକ ମଜଭୁତ ବ୍ୟବସ୍ଥା ଭାବେ ଗଢ଼ିଉଠିବା ଲାଗି ଏହା ସେମାନଙ୍କୁ ଯଥେଷ୍ଟ ସୁଯୋଗ ଦେବା ଆବଶ୍ୟକ।

## ୨୫ ବର୍ଷ ତଳର ଧରିତ୍ରୀ

**୨୭ ଡିସେମ୍ବର ୧୯୯୪**

- କରାଚୀରେ ଭାରତୀୟ ଦୂତାବାସ ବନ୍ଦ ଲାଗି ପାକିସ୍ତାନର ନିର୍ଦ୍ଦେଶ।
- ବିହାର ଗୃହନିର୍ମାଣ ମନ୍ତ୍ରୀ ନଳିନୀ ରଞ୍ଜନ ସିଂ ରାଜ୍ୟ ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ କରିଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | 0 | 4 | | D | | 5 | | 8 | | | | | 3 |
| | | 8 | | 9 | | | | 2 | | | | | | A |
| E | | | | 8 | 1 | | | D | | | 9 | 4 | C | |
| | 3 | | 0 | | | | 6 | 9 | | 1 | B | | | |
| | | 4 | 7 | C | | | | | D | | | E | | |
| | D | 1 | | | | | | | E | B | 3 | C | | |
| B | | | | 3 | 4 | 1 | | | 2 | | | | | |
| | | | 2 | | | | | 0 | | | 4 | | 9 | |
| | 0 | | B | E | | | 2 | | 9 | 7 | | | | |
| A | | E | | 6 | | C | | 5 | | 0 | | | | |
| | | | C | | 8 | | B | | | | | | | |
| | | | | | | | 8 | 3 | | | | | 2 | |
| 4 | | C | 1 | | | | 7 | | | 3 | 2 | | | E |
| | | | 6 | B | E | | | | | | 8 | | | |
| | B | | | | | 2 | | | | D | | 5 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 9 | 8 | 0 | 2 | 7 | A | D | 1 | 4 | C | 5 | E | 6 | B |
| 7 | 1 | 4 | A | 9 | E | C | 5 | B | 6 | 8 | 2 | 3 | 0 | D |
| B | C | 5 | 3 | 1 | 8 | 6 | 4 | 2 | E | 0 | D | A | 7 | 9 |
| 6 | E | A | D | C | 5 | 9 | 0 | 8 | 7 | 3 | B | 4 | 2 | 1 |
| 0 | D | 2 | B | 6 | 4 | 3 | E | 7 | 1 | A | 9 | 5 | C | 8 |
| 2 | A | 0 | 6 | 8 | 3 | 5 | 1 | 4 | 9 | B | 7 | C | D | E |
| E | 4 | C | 1 | B | 0 | D | 8 | 6 | 5 | 2 | A | 7 | 9 | 3 |
| 9 | 7 | B | E | 5 | C | 2 | A | 0 | 8 | D | 3 | 1 | 4 | 6 |
| 8 | 5 | 1 | 9 | 7 | D | E | 3 | C | 0 | 4 | 6 | B | A | 2 |
| D | 6 | 3 | 2 | 4 | A | B | 7 | 9 | C | E | 1 | 0 | 8 | 5 |
| 5 | 0 | E | C | 3 | 6 | 7 | B | A | 2 | 9 | 8 | D | 1 | 4 |
| A | B | 7 | 8 | E | 2 | 0 | 9 | 5 | D | 1 | 4 | 6 | 3 | C |
| 4 | 8 | 9 | 7 | 0 | B | 1 | C | D | 3 | 6 | E | 2 | 5 | A |
| 1 | 3 | 6 | 5 | D | 9 | 4 | 2 | E | A | 7 | C | 8 | B | 0 |
| C | 2 | D | 4 | A | 1 | 8 | 6 | 3 | B | 5 | 0 | 9 | E | 7 |

ଗତକାଲିର ଉତ୍ତର

# ଜଳବାୟୁ ପରିବର୍ତ୍ତନର ପରିଣାମ



ଡ. ରମେଶ ଚନ୍ଦ୍ର ପରିଡ଼ା

ଜାତିସଂଘ ପରିଚାଳିତ ଗ୍ଲୋବାଲ 'ଏନ୍‌ଭାଇରନ୍‌ମେଣ୍ଟ ଆଉଟ୍‌ଲୁକ୍' ଦ୍ୱାରା ଚଳିତ ବର୍ଷ (୨୦୧୯ରେ) ପ୍ରକାଶିତ ବିବରଣୀ ଅନୁସାରେ ଜାଗତିକ ଉଷ୍ମତା ବୃଦ୍ଧି ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନ ପୃଥିବୀରେ ସର୍ବାଧିକ ଅକାଳ ମୃତ୍ୟୁ ପାଇଁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଦାୟୀ। ଆମ ଦେଶରେ ଏହାର ସଂଖ୍ୟା ପ୍ରାୟ ୧.୨୪ ନିୟୁତ। ପୁନଶ୍ଚ ପୂର୍ବ ଏବଂ ଦକ୍ଷିଣ ଏସିଆର ୧୪୫ ନିୟୁତ ପାଖାପାଖି ଲୋକ ଖାଦ୍ୟ ନିରାପତ୍ତା ଏବଂ ଉପଯୁକ୍ତ ପାନୀୟ ଜଳରୁ ବଞ୍ଚିତ ହେବା ତଥା ବିବିଧ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଏହା ହିଁ ମୁଖ୍ୟ କାରଣ। ଏଥିରେ ଆହୁରି ମଧ୍ୟ ସୂଚିତ ଅଛି ଯେ ବିଶ୍ୱର ସର୍ବାଗ୍ରେ ଥିବା ୧୦ ଶତାଂଶ ଧନିକ ଏ ପରିସ୍ଥିତି ଉତ୍ପନ୍ନ କରୁଥିବା ସବୁଜଗୃହ ବାଷ୍ପର ୪୫ ଶତାଂଶ ନିର୍ଗମନ ଘଟାଇଥାନ୍ତି। ଅନ୍ୟ ପକ୍ଷରେ ୫୦ ଶତାଂଶ ସର୍ବନିମ୍ନ ଆୟକାରୀ ବର୍ଗ ଏହାର ମାତ୍ର ୧୦ ଶତାଂଶ ନିର୍ଗମନର କାରଣ ହେଲେ ହେଁ ସେହିମାନେ ଏହାର ସର୍ବାଧିକ କୁପରିଣାମ ଭୋଗ କରିଥାନ୍ତି। କାରଣ ଏମାନେ ଜୀବନ ଧାରଣ ପାଇଁ ଅଧିକ ନିର୍ଭରଶୀଳ ହେଉଥିବା କୃଷି, ସ୍ୱାସ୍ଥ୍ୟ, ପରିବେଶ ଓ ପରିସଂସ୍ଥା ଜାଗତିକ ଉଷ୍ମତା ଓ ଜଳବାୟୁ ପରିବର୍ତ୍ତନ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୁଏ। ବିଭିନ୍ନ କ୍ଷେତ୍ରରେ ଏହି କ୍ଷୟକ୍ଷତିର ଏକ ସଂକ୍ଷିପ୍ତ ସୂଚନା ଏଠାରେ ପ୍ରଦାନ କରାଗଲା।

ବିଶ୍ୱର ପ୍ରାୟ ୮୦ ପ୍ରତିଶତ କୃଷିକ୍ଷେତ୍ର ବୃଷ୍ଟିପୁଷ୍ଟ। ଜାଗତିକ ଉଷ୍ମତା ବୃଦ୍ଧିଜନିତ ଜଳବାୟୁ ପରିବର୍ତ୍ତନ ହେତୁ ବଢି ଚାଲିଥିବା ବୃଷ୍ଟିପାତରେ ଅନିୟମିତତା, ବନ୍ୟା, ମରୁଡ଼ି ଓ ବାତ୍ୟା ଏହାକୁ ପ୍ରଭାବିତ କରିବା ସ୍ୱାଭାବିକ। 'ଇଣ୍ଟର ଗଭର୍ନମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ୍ ଚେଞ୍ଜ୍'ର ଆକଳନ ଅନୁସାରେ ଏହି କାରଣରୁ ବିଶ୍ୱରେ ଆଗାମୀ କିଛିବର୍ଷ ମଧ୍ୟରେ ୧୫ରୁ ୨୫ ଶତାଂଶ କୃଷି ଉତ୍ପାଦନ ହ୍ରାସ ପାଇବାର ସମ୍ଭାବନା ରହିଛି। ସେହିପରି ଏହା ଫଳରେ ଗୋ-ସମ୍ପଦ (୧୦ରୁ ୨୦ ଶତାଂଶ) ଏବଂ ମତ୍ସ୍ୟସମ୍ପଦ (୨୦ରୁ ୩୦ ଶତାଂଶ) କମ୍ ହୋଇପାରେ ବୋଲି ମଧ୍ୟ ଏଥିରେ ଆଶଙ୍କା ପ୍ରକଟ କରାଯାଇଛି। ବିଶେଷକରି କୃଷିପ୍ରଧାନ ଆଫ୍ରିକା ଓ ଏସିଆର ବିକାଶଶୀଳ ଦେଶଗୁଡ଼ିକରେ ଏହା ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ସଂକଟ ସୃଷ୍ଟି କରିବ।

ଅରଣ୍ୟ ସମ୍ପଦକୁ ଜାଗତିକ ଉଷ୍ମତା ଓ ଜଳବାୟୁ ପରିବର୍ତ୍ତନ ଦୁଇଟି ଦିଗରୁ ଅବକ୍ଷୟ ଘଟାଇବ। ପ୍ରଥମତଃ ଉଚ୍ଚତର ତାପମାତ୍ରା ମଧ୍ୟରେ ରୋଗ ସୃଷ୍ଟିକାରୀ ସୂକ୍ଷ୍ମଜୀବମାନେ ଦ୍ରୁତ ବଂଶ ବଢ଼ାଇପାରନ୍ତି ଏବଂ ସେମାନଙ୍କଠାରେ ଜିନୀୟ ଧ୍ରୁବୀକରଣ ହେତୁ ନୂତନ ପ୍ରଜାତିମାନ ଉତ୍ପନ୍ନ ହୁଅନ୍ତି। ତହିଁରୁ ଅନେକ ଅରଣ୍ୟ ବିଧ୍ୱଂସର କାରଣ ହୋଇପାରନ୍ତି, ଯେପରି ଏବେ (୨୦୧୮ରେ) ଘଟିଛି ପଶ୍ଚିମ ଆମେରିକାରେ 'ପାଇନ ବାର୍କ' (କୋଟଲିପୋକ)ଙ୍କ ଯୋଗୁ। ଦ୍ୱିତୀୟତଃ ଏହା ଫଳରେ ବାଡ଼ବାଗ୍ନିର ସମ୍ଭାବନା ବୃଦ୍ଧି ପାଇବ ଏବଂ ତାହା ବହୁ ଉଦ୍ଭିଦ ଓ ପ୍ରାଣୀ ପ୍ରଜାତିର ବିଲୁପ୍ତି ଘଟାଇପାରିବ। ୨୦୦୭ରେ ଏହି କାରଣରୁ ସାରା ଦୁନିଆରେ ପ୍ରାୟ ୪୦୦୦ ହେକ୍ଟର ଅରଣ୍ୟ ଧ୍ୱଂସପ୍ରାପ୍ତ ହୋଇଥିଲା। ପୁନଶ୍ଚ ଚଳିତବର୍ଷ 'ଜାଗତିକ ଫୁସ୍‌ଫୁସ୍' ବୋଲାଉଥିବା ବ୍ରାଜିଲର ଆମାଜନ ଅରଣ୍ୟରେ ଅଗ୍ନିକାଣ୍ଡ କିପରି ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା ତାହା ଆମେ ଜାଣୁ। ପରିବେଶ ଅଧିକ ଉତ୍ତପ୍ତ ହେଲେ ଏ ପ୍ରକ୍ରିୟା ଅଧିକ ହେବ।

ଜଳବାୟୁର ଉଷ୍ମତା ବୃଦ୍ଧି ଶୀତଳୀକରଣ ଯନ୍ତ୍ର (ଫ୍ରିଜ, ଏୟାର କଣ୍ଡିଶନିଂ, କୋଲ୍ଡ ଷ୍ଟୋରେଜ ଇତ୍ୟାଦି)ର ବହୁଳ ବ୍ୟବହାର ଲାଗି ମଧ୍ୟ ଘଟୁଛି। ଉଷ୍ମତା ବଢ଼ି ବଢ଼ି ଚାଲିଲେ ଅଧିକ ଶକ୍ତି ଲୋଡ଼ାହେବ ଶୀତଳୀକରଣ ଲାଗି। ଅନ୍ୟପକ୍ଷରେ ଏହା ଜଳ ଉତ୍ସକୁ ସଂକୁଚିତ କରିବା ଫଳରେ ବିଦ୍ୟୁତ୍ ଉତ୍ପାଦନ ମଧ୍ୟ ହ୍ରାସ ପାଇବ।

ଉଚ୍ଚ ତାପମାତ୍ରାରେ ରୋଗ ସୃଷ୍ଟିକାରୀ ଜୀବାଣୁ, ଭୂତାଣୁ ଆଦି ସୂକ୍ଷ୍ମଜୀବମାନେ ଦ୍ରୁତ ବଂଶ ବିସ୍ତାର କରନ୍ତି। ଏଣୁ ସଂକ୍ରାମକ ରୋଗ ବୃଦ୍ଧିପାଏ। ପୁନଶ୍ଚ ସେମାନଙ୍କଠାରେ ଜୀନୀୟ ଧ୍ରୁବୀକରଣ ହେତୁ ନୂତନ ପ୍ରଜାତିମାନଙ୍କର ମଧ୍ୟ ଉଦ୍ଭବ ଘଟେ, ଯେଉଁମାନେ କି ପ୍ରଚଳିତ ପ୍ରତିଷେଧକ ଓ ଚିକିତ୍ସା ବ୍ୟବସ୍ଥା ଏଡ଼ାଇପାରନ୍ତି। ଏହି କାରଣରୁ ଏବେ ସାରା ଦୁନିଆରେ ବିସ୍ତାରିତ ହେବାରେ ଲାଗିଛି ନୂତନ ନୂତନ ଶ୍ରେଣୀର ଫ୍ଲୁ ଆଦି ରୋଗ। ଏଥିସହିତ ଉଷ୍ମପ୍ରବାହ, ନିରାପଦ ପାନୀୟଜଳର ଅଭାବ ହେତୁ ଜାତ ବିବିଧ ରୋଗରେ ଏବେ ବିଶ୍ୱରେ ମୃତ୍ୟୁବରଣ କରୁଛନ୍ତି ନିୟୁତ ନିୟୁତ ଲୋକ। ଜାଗତିକ ଉଷ୍ମତା ବୃଦ୍ଧି ସହିତ ଏସବୁ ବଢିଚାଲିବ। ସୁପ୍ରସିଦ୍ଧ ବ୍ରିଟିଶ ସ୍ୱାସ୍ଥ୍ୟ ପତ୍ରିକା ଲାନ୍‌ସେଟ୍‌ର ଆକଳନ ଅନୁସାରେ ୨୦୧୭ ମସିହାରେ ଏହା ବିଭିନ୍ନ ଦେଶର ୨ରୁ ୬ ଶତାଂଶ ପର୍ଯ୍ୟନ୍ତ ସମୁଦାୟ ଘରୋଇ ଉତ୍ପାଦ (ଜିଡିପି) ହ୍ରାସ କରିଥିଲା। ପ୍ରତି ୧ ଡିଗ୍ରୀ ତାପମାତ୍ରା ବୃଦ୍ଧି ଏହାକୁ ଦ୍ୱିଗୁଣିତ କରିବାର ସମ୍ଭାବନା ରହିଛି।

ଜାଗତିକ ଉଷ୍ମତା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନର ସର୍ବାଧିକ ଅବକ୍ଷୟକାରୀ ପ୍ରଭାବ ପରିଲକ୍ଷିତ ହେଉଛି ସ୍ଥଳ ଓ ଜଳଭାଗର ପରିସଂସ୍ଥା ଉପରେ। ମେରୁ ଅଞ୍ଚଳର ବରଫ-କିରୀଟ ତଥା ହିମବାହ ତରଳିବାଠାରୁ ଆରମ୍ଭ କରି ବିଷୁବମଣ୍ଡଳୀୟ ଅଞ୍ଚଳରେ ଉଷ୍ମ ପ୍ରବାହ ଅତିବୃଷ୍ଟି, ଅନାବୃଷ୍ଟି ଓ ବାତ୍ୟା ସହିତ ସମୁଦ୍ରର ଜଳସ୍ତର ଏବଂ ଅମ୍ଳତା ବୃଦ୍ଧି ଏବେ ବିବିଧ ପରିବେଶୀୟ ତଥା ପରିସଂସ୍ଥୀୟ ସମସ୍ୟା ଉତ୍ପନ୍ନ କରୁଛି। ଫଳରେ ପ୍ରତିଦିନ ପୃଥିବୀରୁ ବିଲୁପ୍ତ ହୋଇଯାଉଛନ୍ତି ଅନେକ ଉଦ୍ଭିଦ ଓ ପ୍ରାଣୀ ପ୍ରଜାତି ଏବଂ ନିୟୁତ ନିୟୁତ ଅନ୍ୟାନ୍ୟ ପ୍ରଜାତି ବିଲୁପ୍ତପ୍ରାୟ କିମ୍ବା ବିଲୁପ୍ତମୁଖୀ ହୋଇରହିଛନ୍ତି। ଫଳରେ ପ୍ରଭାବିତ ହେଉଛି କୃଷି, ଗୋପାଳନ ଏବଂ ଜନସ୍ୱାସ୍ଥ୍ୟ। ଏକ ଆକଳନ ଅନୁସାରେ ବର୍ତ୍ତମାନ ଅବସ୍ଥାରେ ଏହାର ଅର୍ଥନୈତିକ ମୂଲ୍ୟ ୬ରୁ ୧୦ ଟ୍ରିଲିୟନ ଡଲାର ହେବ। ଜାଗତିକ ଉଷ୍ମତା ବଢି ଚାଲିଲେ ଏ ପ୍ରକ୍ରିୟା ଦ୍ରୁତ ଓ ବ୍ୟାପକ ହୋଇ ମହାବିଲୁପ୍ତିର ଆଗମନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ।

ମେରୁପ୍ରଦେଶର ବରଫ-କିରୀଟ ଓ ହିମବାହ ତରଳିବା ସହିତ ଶୀତଦିନେ ତୁଷାରପାତ କମ୍ ହେବା ଫଳରେ ମଧୁର ଜଳର ଏହି ଶାଶ୍ୱତ ଉତ୍ସଗୁଡିକ ଏବେ ସଂକୁଚିତ ହେବାରେ ଲାଗିଛି। ସେହିପରି ବୃଷ୍ଟିପାତରେ ଅନିୟମିତତା ଉଭୟ ଭୂପୃଷ୍ଠ ଓ ଭୂତଳ ଜଳକୁ ହ୍ରାସ କରିଚାଲିଛି। ଫଳରେ ଆଗାମୀ ଦିନରେ ଏହା ଭୟାବହ ରୂପ ନେବ ବୋଲି ଆଶଙ୍କା କରାଯାଏ। ଏକ ଆକଳନ ଅନୁସାରେ ଜାଗତିକ ଉଷ୍ମତାର ୧ ଡିଗ୍ରୀ ବୃଦ୍ଧି ମୁଣ୍ଡପିଛା ମଧୁର ଜଳର ଲଭ୍ୟତା ୩ରୁ ୭ ଶତାଂଶ ହ୍ରାସ କରିବ।

ମଧୁରଜଳ ଉତ୍ସ ସଂକୋଚନ ଦେଶ-ଦେଶ ମଧ୍ୟରେ, ରାଜ୍ୟ ରାଜ୍ୟ ମଧ୍ୟରେ ପ୍ରବାହିତ ନଦୀଜଳକୁ ନେଇ ବିବାଦ ସୃଷ୍ଟି କଲାଣି। ଭାରତ ଓ ପାକିସ୍ତାନ ମଧ୍ୟରେ ସିନ୍ଧୁ ନଦୀର ଶାଖାଗୁଡିକୁ ନେଇ ଏବଂ ଚାଇନା ଓ ଭାରତ ମଧ୍ୟରେ ବ୍ରହ୍ମପୁତ୍ରକୁ ନେଇ ପ୍ରକାଶ ପାଉଥିବା ଉତ୍ତେଜନାକୁ ଏହାର ଉଦାହରଣ ରୂପେ ଗ୍ରହଣ କରାଯାଇପାରେ। ପୁନଶ୍ଚ କୃଷି ଉତ୍ପାଦନ ହ୍ରାସ ହେତୁ ସୃଷ୍ଟି ହେବ ପ୍ରାକୃତିକ ସଂସାଧନ ଉପରେ ଚାପ। ଏହାକୁ ହାସଲ କରିବାରେ ପ୍ରତିଯୋଗିତା ହିଂସାତ୍ମକ ରୂପ ନେବା ବିଚିତ୍ର ନୁହେଁ। ଅତଏବ ବିଶ୍ୱଶାନ୍ତି ପାଇଁ ମଧ୍ୟ ଏହା ଏକ ବିପଦ ରୂପେ ମୁଣ୍ଡ ଟେକିଲାଣି।

ଜାଗତିକ ଉଷ୍ମତା ବୃଦ୍ଧି ଓ ତଜ୍ଜନିତ ଜଳବାୟୁ ପରିବର୍ତ୍ତନର ଭୟାବହ ପରିଣାମଗୁଡ଼ିକୁ ପ୍ରତିହତ କରିବାର ସର୍ବୋତ୍କୃଷ୍ଟ ପନ୍ଥା ହେଲା ୨୦୧୫ରେ ସମ୍ପାଦିତ ପ୍ୟାରିସ ଜଳବାୟୁ ପରିବର୍ତ୍ତନ ଚୁକ୍ତିକୁ ଅକ୍ଷରେ ଅକ୍ଷରେ ପାଳନ କରିବା। ଏହା ହେଲେ ଏ ଉଷ୍ମତା ପ୍ରାକ୍-ଶିଳ୍ପବିପ୍ଳବ କାଳ ତୁଳନାରେ ୧.୫ ଡିଗ୍ରୀରୁ ୨ ଡିଗ୍ରୀ ମଧ୍ୟରେ ସୀମିତ ରହିପାରିବ। ତାହା ତହିଁରୁ ଅଧିକ ହେଲେ ପରିଣାମ ଅଣଲେଉଟା ହୋଇଯିବ ଏବଂ ବିଲୁପ୍ତି ପ୍ରକ୍ରିୟା କ୍ଷିପ୍ରତର ହୋଇଚାଲିବ। କିନ୍ତୁ ବଡ଼ କ୍ଷୋଭର ବିଷୟ ଯେ ମୁଣ୍ଡପିଛା ସବୁଜଗୃହ ବାଷ୍ପ ନିର୍ଗମନରେ ସର୍ବାଗ୍ରରେ ଥିବା ଦେଶ ଆମେରିକା ସମେତ କେତେକ ଶିଳ୍ପସମୃଦ୍ଧ ଦେଶ ଏହା ପାଳନ କରିବାକୁ ରାଜି ନୁହନ୍ତି। ଏହା ମୂଳରେ ରହିଛି ସେଠାର ସରକାରଙ୍କ ଉପରେ ଅପରିଣାମଦର୍ଶୀ ତଥା ସ୍ୱାର୍ଥସର୍ବସ୍ୱ ଶିଳ୍ପପତିମାନଙ୍କ ପ୍ରଭାବ। ଏଣୁ ଏହି ବିନାଶକାରୀ ବିକାଶକୁ ପ୍ରତିହତ କରି ବିଶ୍ୱକୁ ଏକ ସରସ ସୁନ୍ଦର ଏବଂ ଜୀବନ ସହାୟକ ବାସସ୍ଥଳୀର ରୂପ ଦେବାକୁ ହେଲେ ସାରା ଦୁନିଆର ସବୁଦେଶର ପ୍ରପୀଡିତ ଜନସାଧାରଣ ସମସ୍ୱରରେ ଏହାର ପ୍ରତିବାଦ କରିବା ଉଚିତ। ଏହି ଆଭିମୁଖ୍ୟ ନେଇ ଭାରତୀୟ ଜଳବାୟୁ କଂଗ୍ରେସ ବିଗତ ଏକ ଦଶକ ଧରି କାର୍ଯ୍ୟ କରିଆସୁଛି। ବଡ଼ ସୁଖର କଥା ଯେ, ଏହାର ଏକାଦଶ ଅଧିବେଶନ ଭୁବନେଶ୍ୱରସ୍ଥିତ କୃଷି ବିଶ୍ୱବିଦ୍ୟାଳୟଠାରେ ଡିସେମ୍ବର ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଦେଶର ବିଭିନ୍ନ ରାଜ୍ୟରୁ ଆସୁଥିବା ପରିବେଶ ବିଜ୍ଞାନୀମାନେ ଏଠାରେ ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱଶାନ୍ତି ବିଷୟ ଉପରେ ଆଲୋଚନା କରିବେ।

ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରିବିହାର, ଭୁବନେଶ୍ୱର, ମୋ-୯୯୩୭୯୮୫୭୬୭

# ଗୟାଶ୍ରାଦ୍ଧ ପରେ ବାର୍ଷିକ ଶ୍ରାଦ୍ଧ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ହିନ୍ଦୁ ଧର୍ମରେ ମାତା ଓ ପିତାଙ୍କର ତିରୋଧାନ ଦିବସକୁ ଶ୍ରାଦ୍ଧଦିବସ ବୋଲି କୁହାଯାଏ। ଏହାକୁ କେହି କେହି ପୁଣ୍ୟତିଥି ମଧ୍ୟ କହିଥାନ୍ତି। ଗତ ମହାଳୟା ଓ ଦୀପାବଳି ପୂର୍ବରୁ ଭୁବନେଶ୍ୱରସ୍ଥ ରବୀନ୍ଦ୍ରମଣ୍ଡପକୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଯାଇଥିଲି। ମୋ ଆଗଧାଡ଼ିରେ ଜଣେ ବିଶିଷ୍ଟ ଗ୍ରନ୍ଥକାର ଓ ଏକ ସର୍ବଭାରତୀୟ ସେବାରେ ଯୋଗଦେଇ ଅବସର ଗ୍ରହଣ କରିଥିବା ବ୍ୟକ୍ତି ବସିଥାନ୍ତି। ସେ ମୋତେ ଚିହ୍ନିନାହାନ୍ତି। କିନ୍ତୁ ତାଙ୍କ ସାମାଜିକ ପ୍ରତିଷ୍ଠା ଓ ସ୍ୱୀକୃତି ଯୋଗୁ ମୁଁ ତାଙ୍କୁ ଜାଣିଛି। ମୁଖ୍ୟ ଅତିଥି ଆସି ନ ଥିବା ହେତୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇ ନ ଥାଏ। ଆଗଧାଡ଼ିରେ ବସିଥିବା ଆମ ଚର୍ଚ୍ଚିତ ବ୍ୟକ୍ତି ତାଙ୍କର ଜଣେ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ବ୍ୟସ୍ତ ଥାଆନ୍ତି। ସେ ତାଙ୍କ ବନ୍ଧୁଙ୍କୁ କହୁଥାନ୍ତି, ଏଥର ମୋତେ ମହାଳୟା ଶ୍ରାଦ୍ଧ ଦେବାକୁ ପଡ଼ିବ ନାହିଁ କିମ୍ବା ଦୀପାବଳି ଦିନ ବଡ଼ବଡୁଆଙ୍କୁ ଡାକିବାର କୌଣସି ଆବଶ୍ୟକତା ପଡ଼ିବ ନାହିଁ। ତାଙ୍କ ବନ୍ଧୁ ଏହାର କାରଣ ପଚାରିବାରୁ ସେ କହିଲେ, ମୁଁ ଗୟାରେ ବୋଉ ଓ ବାପାଙ୍କ ଅସ୍ଥି ବିସର୍ଜନ କରି ଶ୍ରାଦ୍ଧ ଦେଇସାରିଛି। ଯାହାହେଉ ମୁଣ୍ଡରୁ ଗୋଟେ ବୋଝ ଗଲା।

ଏହି ଭଦ୍ରବ୍ୟକ୍ତିଙ୍କ କଥା ଶୁଣି ମୋର ମନ ଆନ୍ଦୋଳିତ ହେଲା। ମୁଁ ଭାବିଲି, ମା'ବାପାଙ୍କ ଋଣ ଆମେ ଜନ୍ମଜନ୍ମାନ୍ତରରେ ଶୁଝିପାରିବା ନାହିଁ। ସେମାନେ ଆମକୁ ଏ ସଂସାରର ଆଲୋକ ଦେଖାଇଛନ୍ତି ବୋଲି ଆମେ ଆଜି ଦମ୍ଭରେ ଏତେସବୁ କଥାବାର୍ତ୍ତା କରୁଛୁ। ଅଥଚ ତାଙ୍କ ପାଇଁ ଦିନଟିଏ ସ୍ମରଣ ନିମନ୍ତେ ଆମକୁ ବୋଝ ବୋଲି ମନେହେଉଛି। ମୁଁ ଆଉ ସାଂସ୍କୃତିକ କାର୍ଯ୍ୟକ୍ରମ ନ ଦେଖି ଘରକୁ ପଳେଇ ଆସିଲି। ଘରେ ଖାଇ ପିଇ ଶୋଇବାକୁ ଗଲି। ନିଦ ଜମା ଲାଗିଲା ନାହିଁ। ମନକୁ ଯେତେ ବୁଝାଇଲେ ମଧ୍ୟ କିଛି ପ୍ରଶ୍ନ ଅସମାହିତ ହୋଇ ରହିଗଲା ପରି ମନେହେଲା।

ପ୍ରଥମେ ଆମେ ଶ୍ରାଦ୍ଧ ପ୍ରସଙ୍ଗକୁ ଆସିବା। ଆମେ ଜାଣିଛୁ ଯେ, ଶ୍ରଦ୍ଧାରୁ ଶ୍ରାଦ୍ଧ। ଶ୍ରଦ୍ଧା ବିହୀନ ଶ୍ରାଦ୍ଧ ଶ୍ରାଦ୍ଧ ପଦବାଚ୍ୟ ନୁହେଁ ବୋଲି ଯେକୌଣସି ବ୍ୟକ୍ତି ଆମ ସହ ଏକମତ ହେବେ। କିଛି ଲୋକଙ୍କୁ ମୁଁ ଦେଖିଛି, ମା' କିମ୍ବା ବାପା ବଞ୍ଚିଥିଲା ବେଳେ ତାଙ୍କୁ ଅବହେଳା କରନ୍ତି। ଆଉ ଏପରି କିଛି ଲୋକ ଅଛନ୍ତି, ଯେଉଁମାନେ ମା'ବାପାଙ୍କୁ ବୋଝ ବୋଲି ଭାବି ଘରୁ ତଡ଼ିଦିଅନ୍ତି। ଏସବୁ ଘଟଣା ପ୍ରତ୍ୟହ ଗଣମାଧ୍ୟମରେ ପ୍ରକାଶ ପାଉଛି।

ଏ ସଂସାର ବଡ଼ ବିଚିତ୍ର! ଜୀବନରେ ମା' ଓ ବାପାଙ୍କୁ ପଚାରୁ ନ ଥିବା ବ୍ୟକ୍ତି ମୃତ୍ୟୁ ପରେ ନିଜ ସାମାଜିକ ପ୍ରତିଷ୍ଠା ଓ ସ୍ୱୀକୃତିକୁ ଆଖିଆଗରେ ରଖି ତାଙ୍କ ଶୁଦ୍ଧିକ୍ରିୟା ପାଇଁ ବିରାଟ ଆୟୋଜନ କରିବାର ଦେଖାଯାଏ। ଆମର କହିବାର କଥା ହେଲା, ମା' ଓ ବାପାଙ୍କୁ ଜୀବନ ଥିବାବେଳେ ତ ପଚାରିଲ ନାହିଁ। ମୃତ୍ୟୁ ପରେ ଏପରି ଆୟୋଜନରେ ତାଙ୍କର ଆତ୍ମା କ'ଣ ଶାନ୍ତି ପାଇବ?

ଆଉ ଗୋଟିଏ କଥା କହୁଛି, ଜଣେ ଉଚ୍ଚ ପଦାଧିକାରୀଙ୍କ ବାପା ମରିଗଲେ। ତାଙ୍କ ମୃତଦେହକୁ ଦାହ କରିବା ପାଇଁ ସ୍ୱର୍ଗଦ୍ୱାର ନିଆଗଲା। ସେ ବାବୁ ଯେହେତୁ ସରକାରୀ ଚାକିରିରେ ଥାଆନ୍ତି; ତାଙ୍କ ଅଧୀନ କର୍ମଚାରୀମାନେ ବହୁ ସଂଖ୍ୟାରେ ସ୍ୱର୍ଗଦ୍ୱାରରେ ରୁଣ୍ଡ ହେଲେ। ଥଣ୍ଡାପାନୀୟ ଆସିଲା ଏବଂ ଉପସ୍ଥିତ ଲୋକଙ୍କୁ ଦିଆଗଲା। ସ୍ୱର୍ଗଦ୍ୱାର ହେଉଛି ଏକ ବୈରାଗ୍ୟର ସ୍ଥାନ। ସେଠି ଏପ୍ରକାର ଆୟୋଜନ ଦେଖି ଆମ ମନରେ ଭାବାନ୍ତର ହେଲା।

ଆମେ ସମସ୍ତଙ୍କ କଥା କହୁନାହୁଁ। ଜଣେ ଭଦ୍ରବ୍ୟକ୍ତିଙ୍କ କଥା କହୁଛୁ। ସେ ଆମ ସମୟର ବ୍ୟକ୍ତି। ସେ ଏକଦା ଭାରତୀୟ ପ୍ରଶାସନିକ ସେବାର ଏକ ଉଚ୍ଚ ପଦାଧିକାରୀ ଥିଲେ। ନିଜର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ସେ ପ୍ରତ୍ୟେକ ଦିନ ଅଫିସରୁ ଯାଇ ଯେତେ ଡେରି ହେଲେ ମଧ୍ୟ ମା'ବାପାଙ୍କୁ ଘଷାମୋଡ଼ା କରୁଥିଲେ। ତାଙ୍କ ମା'ବାପାଙ୍କର ସେପରି କିଛି ଆଖିଦୃଶିଆ ସାମାଜିକ ସ୍ଥିତି ବା ପ୍ରତିଷ୍ଠା ନ ଥିଲା। ଏହି ଭଦ୍ରବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆମ ମନରେ ଗଭୀର ରେଖାପାତ କରିଛି ବୋଲି ଆଜି ମଧ୍ୟ ଆମେ ସ୍ୱୀକାର କରୁଛୁ। ଏପରି ପୁଅଙ୍କ ସଂଖ୍ୟା ଦିନକୁ ଦିନ କମିଯାଉଛି।

ବର୍ତ୍ତମାନ ଆମେ ଦ୍ୱିତୀୟ ପ୍ରସଙ୍ଗକୁ ଆସିବା। ଗୟାରେ ମା' ଓ ବାପାଙ୍କର ଅସ୍ଥି ବିସର୍ଜନ ହେଲେ ଯେ ପୁଅ ଆଉ ବାର୍ଷିକ ଶ୍ରାଦ୍ଧ ଦେବନାହିଁ; ଏ ପ୍ରକାର କଥା ଶାସ୍ତ୍ରରେ ନାହିଁ। ଏ ବିଷୟରେ ମୁଁ ବ୍ୟକ୍ତିଗତ ଭାବରେ ପୁରୀ ମୁକ୍ତିମଣ୍ଡପର କିଛି ବ୍ରାହ୍ମଣଙ୍କ ସହ ଆଲୋଚନା କରିଛି ଏବଂ ଅନ୍ୟ ଶାସ୍ତ୍ରଜ୍ଞ ପଣ୍ଡିତଙ୍କ ସହ ମଧ୍ୟ ବିଚାରବିମର୍ଶ କରିଛି। ସମସ୍ତେ ଏ କଥା ସ୍ୱୀକାର କରିଛନ୍ତି ଯେ, ଗୟାରେ ଅସ୍ଥି ବିସର୍ଜନ କରି ଶ୍ରାଦ୍ଧ ଦେଲେ ବାର୍ଷିକ ଶ୍ରାଦ୍ଧ ଦେବାର ଆବଶ୍ୟକତା ନାହିଁ; ଏ କଥା କେଉଁଠି ଉଲ୍ଲେଖ ନାହିଁ। ପୁଣି ଗୟାରେ ଅସ୍ଥି ବିସର୍ଜନ କରି ଶ୍ରାଦ୍ଧ ଦେଲେ ଯେ ପିତୃପୁରୁଷଙ୍କ ଆତ୍ମା ମୋକ୍ଷ ହେବ ଏହାର ମଧ୍ୟ କୌଣସି ଯୁକ୍ତି ନାହିଁ। ଆମ ସମାଜରେ ବହୁ ଗରିବ ଲୋକ ଅଛନ୍ତି, ଯେଉଁମାନେ ସମ୍ବଳ ଅଭାବରୁ ମା' ଓ ବାପାଙ୍କ ଅସ୍ଥି ଗୟାରେ ବିସର୍ଜନ ନ କରି ଗାଁ ପୋଖରୀ, ନଈ କିମ୍ବା ମହୋଦଧିରେ ବିସର୍ଜନ କରନ୍ତି। ଏ କ୍ଷେତ୍ରରେ ସେମାନଙ୍କ ମା' ଓ ବାପାଙ୍କ ଆତ୍ମା ଯେ ମୋକ୍ଷ ପାଇବ ନାହିଁ; ଏ ଯୁକ୍ତିର କିଛି ବାସ୍ତବତା ନାହିଁ।

ସତରେ ଏସବୁ କଥା ଭାବିଲା ବେଳକୁ ମନ ଭାରାକ୍ରାନ୍ତ ହୋଇଯାଉଛି। ବର୍ତ୍ତମାନ ମୁଁ ସିଦ୍ଧାନ୍ତ ନେଇଛି ଯେ, ମୃତ୍ୟୁ ପରେ ମୋ ସ୍ୱଇଚ୍ଛାରେ ଅଙ୍ଗ ଦାନ କରିବା ପାଇଁ ଅଙ୍ଗୀକାରବଦ୍ଧ ହେବି। ଯେଉଁଠି ଜୀବିତ ଅବସ୍ଥାରେ ଲୋକମାନେ ମା' ଓ ବାପାଙ୍କୁ ପଚାରୁନାହାନ୍ତି ଏବଂ ବାର୍ଷିକ ଶ୍ରାଦ୍ଧ ବୋଝରୁ ରକ୍ଷା ପାଇବା ପାଇଁ ଗୟା ବା ଗଙ୍ଗାରେ ଅସ୍ଥି ବିସର୍ଜନ କରି କାମ ସରିଗଲା ବୋଲି ଭାବୁଛନ୍ତି, ସେ କ୍ଷେତ୍ରରେ ଶ୍ରଦ୍ଧା ନ ଥାଇ ଔପଚାରିକତା ଦୃଷ୍ଟିରୁ ଶ୍ରାଦ୍ଧ ଦେବାର ଆବଶ୍ୟକତା କ'ଣ ଅଛି?

ଚୈତନ୍ୟଧାମ, ଶବର ସାହି, ଭୁବନେଶ୍ୱର, ମୋ- ୯୪୩୮୦୭୨୮୫୦

## ଏଇ ଭାରତରେ

ଶିଖ୍ ଓ ମୁସଲମାନ ସଂଗ୍ରାମର ମୂକସାକ୍ଷୀ ପଞ୍ଜାବର ଫତେଗଡ ସାହିବର ପବିତ୍ର ମାଟିରେ ସାମ୍ପ୍ରଦାୟିକ ସଦ୍‌ଭାବନାର ଛବି ଦେଖିବାକୁ ମିଳେ। ଏଠାରେ ଗୋଟିଏ ପରିସରରେ ଗୁରୁଦ୍ୱାର ଓ ମସ୍‌ଜିଦ ରହିଛି। ଏକ ସମୟରେ ଅନେକ ବର୍ଷ ଧରି ସେହି ସ୍ଥାନରେ ମସ୍‌ଜିଦରେ ଗୁରୁଗ୍ରନ୍ଥ ସାହିବ ବି ରହିଥିଲା। ପରେ ଶ୍ରୀମସ୍ତଗଡ ସାହିବ ନିର୍ମାଣ କରାଯାଇଥିଲା, କିନ୍ତୁ ମସ୍‌ଜିଦକୁ ସେଠାରୁ ହଟାଇ ଦିଆଯାଇ ନ ଥିଲା। ଏହି ମସ୍‌ଜିଦ ଶାହାଜାହାନଙ୍କ ସମୟରେ ନିର୍ମାଣ କରାଯାଇଥିଲା। ଏବେ ବି ଶିଖ୍ ସଙ୍ଗତ ମସ୍‌ଜିଦର ଦେଖାରଖା କରୁଛନ୍ତି। ଗତ ଛଅବର୍ଷ ହେବ ଗ୍ରନ୍ଥୀ ଜିତ୍ ସିଂ ପ୍ରତିଦିନ ମସ୍‌ଜିଦକୁ ସଫା କରୁଛନ୍ତି। ମସ୍‌ଜିଦକୁ କମ୍ ଲୋକ ନମାଜ ପଢିବାକୁ ଆସୁଛନ୍ତି, ତଥାପି ଏହାର ପବିତ୍ରତା ବଜାୟ ରଖିବା ଲାଗି ମରାମତି ଓ ସଫେଇ କରାଯାଉଛି। ବାର୍ଷିକ ଉର୍ସ କିମ୍ବା ଜମାତରେ ମସ୍‌ଜିଦକୁ ବହୁ ସଂଖ୍ୟାରେ ମୁସଲମାନ ଆସିଥାନ୍ତି। ଦୁଇ ପୀଠ ପଛରେ ଏକ କାହାଣୀ ରହିଛି। ଶିଖ୍ ଧାର୍ମିକ ନେତା ଅଜରୁନ୍ ସିଂ ସୋଦି ଶ୍ରୀ ଗୁରୁଗ୍ରନ୍ଥ ସାହିବକୁ ମସ୍‌ଜିଦ ଭିତରେ ପ୍ରକାଶ କରି ୧୦୧ଥର ଅଖଣ୍ଡ ପାଠ କରିଥିଲେ। ଏହି ସମାରୋହରେ ଆଖପାଖର ୫୨ ଟି ଗାଁର ସଙ୍ଗତ ସାମିଲ ହୋଇଥିଲେ। ଏହାପରେ ଅନେକ ବର୍ଷ ଧରି ମସ୍‌ଜିଦକୁ ଗୁରୁଦ୍ୱାର ରୂପରେ ଉପଯୋଗ କରାଯିବା ପରେ ପଟିଆଲାର ତତ୍କାଳୀନ ମହାରାଜାଙ୍କ ସମୟରେ ମସ୍‌ଜିଦ ପାଖରେ ଗୁରୁଦ୍ୱାର ନିର୍ମାଣ କରାଇଥିଲା। ସେବେଠାରୁ ଏହି ଦୁଇ ପବିତ୍ର ପୀଠ ଭାଇଚାରାର ବାର୍ତ୍ତା ଦେଇଆସୁଛି।

## ଚିରନ୍ତନୀ

ସୁଦୂର ଗ୍ରାମ କାନନ ବିଲ
ଜୋଛନା ତଳେ ଭଜିଛି ଲୀନ
ଚେତନାହୀନ ପବନ ଆଜି
ପ୍ରଦୋଷ ପଥେ କି ଉଦାସୀନ!
ନୀରବ ପ୍ରୀତି ଲୁଚାଇ ପ୍ରାଣେ
ନଦୀଟି ବହେ କେତେ ସେ ବାଙ୍କେ,
ସଞ୍ଜ ଆଗମେ ନୀରବ ଧରା!
ପକ୍ଷୀଟି ନାହିଁ ଡାକଇ ଶାଖେ।
(ନିଜ ଭୁଲା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜଳ ସଂରକ୍ଷଣ

ମହାଶୟ,

ପୃଥିବୀରେ ୭୧ ଭାଗ ଜଳ ଏବଂ ୨୯ ଭାଗ ସ୍ଥଳ। ସାରା ବିଶ୍ୱରେ ଉପଲବ୍ଧ ଜଳ ମଧ୍ୟରୁ ୯୭.୫ ଶତାଂଶ ହେଉଛି ସମୁଦ୍ରର ଲୁଣି ଜଳ, ୨.୫ ଶତାଂଶ ମଧୁର ଜଳ ଏବଂ ପାନୀୟ ଜଳ। ଏହି ମଧୁର ଜଳର ମାତ୍ର ୧୨ ପ୍ରତିଶତ ହେଉଛି ଭୂତଳ ଜଳ। ଆମର ନିତ୍ୟକର୍ମ ସ୍ନାନ, ଶୌଚ, କପଡାଧୁଆ, ପାନୀୟ ପାଇଁ ଆମେ ଏହି ୧୨ ଶତାଂଶ ମଧୁର ଜଳ ଉପରେ ନିର୍ଭରଶୀଳ। ପୁଣି କୃଷି ରହିଛି। ଏହି ସ୍ୱଳ୍ପ ପରିମାଣର ଉପଲବ୍ଧ ଜଳ ନେଇ ଅବଗତ ହେବା ପରେ ଆମେମାନେ ଜଳ ବ୍ୟବହାରରେ ମିତବ୍ୟୟୀ ହେବା ଠିକ୍ ନୁହେଁ କି? ଏପରି ସୂଚନା ସ୍କୁଲ ଓ କଲେଜ ପାଠ୍ୟକ୍ରମରେ ସାମିଲ କରାଯିବା ଏକ ମହନୀୟ କାର୍ଯ୍ୟ ହେବ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ଚିଠିର ପ୍ରଭାବ କାହିଁ

ଗତ ଜୁଲାଇ ମାସର ପ୍ରଥମାର୍ଦ୍ଧରେ ୧୨ଟି ରାଜ୍ୟର ୧୭ଟି ଅନନ୍ୟ ପର୍ଯ୍ୟଟନ ପୀଠକୁ ବିକଶିତ କରି ବିଶ୍ୱସ୍ତରୀୟ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଲେ। ଏହି ତାଲିକାରେ ଓଡ଼ିଶାର ଗୋଟିଏ ହେଲେ ପର୍ଯ୍ୟଟନ ପୀଠ ନ ଥିଲା। ପୁରୀ ଓ କୋଣାର୍କ ପରି ଦୁଇଟି ବିଶ୍ୱସ୍ତରୀୟ ପର୍ଯ୍ୟଟନ ପୀଠକୁ ଏହି ତାଲିକାରେ ସାମିଲ କରିବାକୁ ଅନୁରୋଧ କରି ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଲେ। ଇତିମଧ୍ୟରେ ୬ ମାସ ହୋଇଗଲାଣି। ଏହି ସବୁ ଚିଠି ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ରାଜ୍ୟର ଏକ ଯଥାର୍ଥ ଦାବି ଉପରେ ଲେଖାଯାଇଥିବା ଚିଠିଗୁଡ଼ିକର କ'ଣ କିଛି ଗୁରୁତ୍ୱ ନାହିଁ? ଏହିସବୁ ଚିଠି କେନ୍ଦ୍ର ଉପରେ କୌଣସି ପ୍ରଭାବ ପକାଇ ନ ପାରିବା ନିଶ୍ଚିତଭାବେ ବିଡ଼ମ୍ବନାର ବିଷୟ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୨ କି.ଗ୍ରା. ହରିଣ ମାଂସ ଜବତ, ଶିକାରୀ ଗିରଫ

ମହାକାଳପଡ଼ା, ୨୬ା୧୨ (ଡି.ଏନ୍.ଏ.) ଜମ୍ବୁ ବନ ବିଭାଗ ଅଧୀନ ବଟିଘର କଂସାରଡିଆ ଲୁଣା ଜଙ୍ଗଲରୁ ହରିଣ ଶିକାର କରିବା ଅଭିଯୋଗରେ ପୋଲିସ ଗୁରୁବାର ଜଣେ ଶିକାରୀଙ୍କୁ ଗିରଫ କରିଛି। ସେ ହେଲେ ବଟିଘର ପଞ୍ଚାୟତ କଜଳପାଡିଆ ଗ୍ରାମର ରତିକାନ୍ତ ମଣ୍ଡଳ। ରତିକାନ୍ତ ଜଙ୍ଗଲରୁ ହରିଣ ଶିକାର କରି ମାଂସ ନେଉଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ବଟିଘର ଫରେଷ୍ଟର ପଦ୍ମନାଭ ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ତାଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ୨ କିଗ୍ରା ହରିଣ ମାଂସ ଜବତ କାଯାଇଥିବା ଜଣାପଡ଼ିଛି। ଏ ନେଇ ୯୮/୧୯ ନଂ.ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଅପରାହ୍ନରେ ରତିକାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ସୂର୍ଯ୍ୟୋପରାଗ ପାଇଁ ମଧ୍ୟାହ୍ନରେ ହେଲା ଶ୍ରୀଜୀଉଙ୍କ ମହାସ୍ନାନ

**କେନ୍ଦ୍ରାପଡା ଅଫିସ, ୨୬ା୧୨:** ଗୁରୁବାର ବକୁଳ ଅମାବାସ୍ୟା ତିଥିରେ ସୂର୍ଯ୍ୟୋପରାଗ ହୋଇଥିଲା। ଏଥିପାଇଁ ଇଚ୍ଛାପୁରସ୍ଥ ଶ୍ରୀ ବଳଦେବଜୀଉଙ୍କ ମହାସ୍ନାନ ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟୋପରାଗ ପାଇଁ ଶ୍ରୀଜୀଉଙ୍କ ପହୁଡ ଲାଗି ବୁଧବାର ସନ୍ଧ୍ୟା ୭ଟାରେ ହୋଇଥିଲା। ଗୁରୁବାର ପୂର୍ବାହ୍ନ ସାଢେ ୧୦ଟାରେ ପରାଗ ସ୍ନାନ ଓ ୧୧ଟାରେ ପରାଗ ଭୋଗ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ମହାସ୍ନାନ ପରେ ଅପରାହ୍ନ ୧ଟାରେ ପକୁଡି ଆଳତୀ ଓ ବଲ୍ଲଭ ଭୋଗ ହୋଇଥିଲା। ୨ଟାରେ ଖେଚୁଡି ଭୋଗ, ୪ଟାରେ ଦ୍ୱିପହର ଧୂପ ଓ ସନ୍ଧ୍ୟା ୭ଟାରେ ଆଳତି ହୋଇଥିଲା। ରାତ୍ରଧୂପ ୮ଟାରେ ଓ ଶ୍ରୀଜୀଉଙ୍କ ବଡ ସିଂହାର ବେଶ ରାତି ୧୦ଟାରେ ହେବ ବୋଲି ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।

### ନମ୍ବର ବିହୀନ ବାଇକ ଛାଡ଼ି ୨ ଫେରାର

ରାଜନଗର, ୨୬ା୧୨(ଡି.ଏନ.ଏ.) ରାଜନଗର ଥାନା ଅନ୍ତର୍ଗତ କଣ୍ଡିରା ପଞ୍ଚାୟତ ଚକମନପୁର ଗାଁକୁ ବୁଧବାର ରାତିରେ ଦୁଇଜଣ ଯୁବକ ଲୁଟ କରିବାକୁ ଆସି ବାଇକ ଛାଡି ଛୁ ମାରିଛନ୍ତି। ମିଳିଥିବା ସୂଚନା ମୁତାବକ ,ଦୁଇଜଣ ଯୁବକ ଏକ ନମ୍ବର ବିହୀନ ଆପାଚି ଗାଡିରେ ରାତି ପ୍ରାୟ ସାଢେ ୧୨ଟା ବେଳେ ଚକମନପୁର ଗାଁରେ ପହଞ୍ଚିଥିଲେ। ସେମାନେ ଗାଁର ନିର ଦାସ, ଦୁର୍ଗା ମହାନ୍ତି, ଅଲେଖ ରାଉଳଙ୍କ ଗୁହାଳ ଘରର ତାଲା ଭାଙ୍ଗିଥିଲେ। ଶରତ ମହାନ୍ତିଙ୍କ ଗୁହାଳ ଘର କବାଟ ଭାଙ୍ଗିବା ସମୟରେ ଗାଁର କୃଷ୍ଣଚନ୍ଦ୍ର ମଣ୍ଡଳ ଶବ୍ଦ ଶୁଣି ଉଠି ପଡିଥିଲେ। ସେ ପାଖ ପଡୋଶୀଙ୍କୁ ଡାକିଥିଲେ। ତେବେ ଦୁଇଜଣ ଯୁବକ ଗାଡି ନେଇ ଦ୍ରୁତ ଗତିରେ ପଳାଇ ଯାଉଥିଲେ। ଗ୍ରାମବାସୀ ସେମାନଙ୍କୁ ଗୋଡାଇବାରୁ ସେମାନେ ବିଲ ଭିତରକୁ ଗାଡି ପୁରାଇ ଦେଇଥିଲେ। ପରେ ବିଲରେ ଗାଡି ଛାଡି ଦୁଇ ଯୁବକ ଦୌଡି ପଳାଇଥିଲେ। ରାଜନଗର ଥାନା ସବ୍ ଇନ୍ସପେକ୍ଟର ବିଭୁ ପ୍ରସାଦ ରାଉତ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିଥିଲେ। ଗାଡିର ନମ୍ବର ନ ଥିଲେ ମଧ ତାର ଇଞ୍ଜିନ ନମ୍ବର ବିଆର୧କେଜେ୨ଏକ୍ସ୨୧୬୨୩ ରହିଛି। ପୋଲିସ ଗାଡି ଜବତ କରି ଲୁଟେରାଙ୍କୁ ଖୋଜିବା ଆରମ୍ଭ କରିଛି। ଛେଳି ଚୋରି କରିବାକୁ ଆସି ଲୁଟେରା ଫେରାର ହୋଇ ଯାଇଥିବା କୁହାଯାଉଛି।

# ଝିପିଝିପି ବର୍ଷା, ଫସଲ ନଷ୍ଟ ଆଶଙ୍କାରେ ଚାଷୀ

**କେନ୍ଦ୍ରାପଡା ଅଫିସ, ୨୬ା୧୨**



ଚାଷୀମାନେ ଧାନ ଅମଳ କରୁଛନ୍ତି।

କେନ୍ଦ୍ରାପଡା ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ଝିପିଝିପି ବର୍ଷା ସହିତ ଆକାଶ ମେଘାଚ୍ଛନ୍ନ ରହିଛି । ପାଗ କୋହଲା ଥିବା ବେଳେ କ୍ଷେତରୁ ଧାନ ଅମଳ ପାଇଁ ଚାଷୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି । ଗତ ଲଘୁଚାପ ବର୍ଷାରେ ବହୁ ଚାଷ ଜମିର ଫସଲ ନଷ୍ଟ ହୋଇଥିଲା। ଏବେ ଲଗାଣ ବର୍ଷା ହେଲେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ରହିଛି । ଜିଲାର ଖରିଫ ଧାନ ଅମଳ ଏବେ ଆରମ୍ଭ ହୋଇଥିବା ବେଳେ ଏହା ଜାନୁୟାରୀ ମାସ ଦ୍ୱିତୀୟ ସପ୍ତାହକୁ ସରିବ। ତେବେ ସ୍ୱଳ୍ପ ସମୟ ମଧ୍ୟରେ ଧାନ ଅମଳ ସମ୍ଭବ ନୁହେଁ ବୋଲି ବହୁ ଚାଷୀ କହିଛନ୍ତି । ସେହିପରି କ୍ଷେତରୁ ପାଚିଲା ଧାନ ଅମଳ ପାଇଁ ଯଥେଷ୍ଟ ଶ୍ରମିକ ନାହାନ୍ତି । ହାର୍ଭେଷ୍ଟର ସଂଖ୍ୟା ଜିଲାରେ ମାତ୍ର ହାତଗଣତି କେତୋଟି ଥିବାରୁ ଧାନ ଅମଳ ସହଜ ନୁହେଁ। ଏହି ସମୟରେ ବହୁ ହାର୍ଭେଷ୍ଟର ମାଲିକ ଅଧିକ ପ୍ରାପ୍ୟ ଆଦାୟ କରୁଥିବା ଅଭିଯୋଗ ହେଉଛି । ନିକିରାଇ ଗ୍ରାମର ରମାକାନ୍ତ ଜେନା କୁହନ୍ତି ଯେ, ରାଜ୍ୟର ୨ଟି ଜିଲାରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହିବା ପରେ କୃଷି ଶ୍ରମିକଙ୍କୁ ଲଗାଇ ପ୍ରାୟ ୪ ଏକର ଜମିର ଧାନ ଫସଲ କଟାଇଥିଲି । ସେଗୁଡିକୁ ଖଳାକୁ ଟ୍ରାକ୍ଟର ମାଧ୍ୟମରେ ଆଣିଛି । ତେବେ ଧାନ ଖଳାର ରକ୍ଷଣାବେକ୍ଷଣ ଠିକ ଭାବେ ହୋଇ ପାରି ନ ଥିବାରୁ ପାଣି ପଶିବା ସମ୍ଭାବନା ଦେଖାଦେଇଛି । ପଲିଥିନ ଜରି ଓ ପାଲ ପାଇଁ ଅର୍ଥର ଅଭାବ ଅଛି। ସେହିପରି କେନ୍ଦ୍ରାପଡା ବ୍ଲକ ଭରତପୁର ଗ୍ରାମର ଭାଗଚାଷୀ ସନତ କୁମାର ଦାସ କୁହନ୍ତି ଯେ, ସାଧାରଣତଃ ଡିସେମ୍ବର ୧୫ ଠାରୁ ଜାନୁୟାରୀ ୧୫ ତାରିଖ ପର୍ଯ୍ୟନ୍ତ ଧାନଫସଲ ଅମଳ ହୋଇଥାଏ । ଦରପାଚିଲା ଧାନ ଫସଲ କାଟି ଆଣିଲେ ପୋକ ଲାଗିବା ଭୟ ରହିଛି। ସେହିପରି ଧାନ ମଧ୍ୟ ଠିକ ଭାବେ ଆଦାୟ ହୋଇ ପାରିବ ନାହିଁ। ତେବେ ବର୍ଷା ଭୟରେ ଘରର ସ୍ତ୍ରୀ, ପିଲାମାନେ ମିଶି ଧାନ କାଟିଛୁ। ଏବେ ସେଗୁଡିକ କ୍ଷେତରେ ପଡିଛି। ସ୍ଥାନୀୟ ଲୋକଙ୍କ ଠାରୁ ଋଣ ଆଣି ଚାଷ କରିଛି । ଫସଲ ଅମଳ ସମୟରେ ବର୍ଷା ଯୋଗୁ ଧାନଫସଲ କ୍ଷତିଗ୍ରସ୍ତ ହେବ। ତେଣୁ ଋଣ ପରିଶୋଧ କିପରି ହେବ ସେନେଇ ଚିନ୍ତା ବଢିଛି। କଂସାର ଗ୍ରାମର ଚାଷୀ ନିରଞ୍ଜନ ପରିଡା କୁହନ୍ତି ଯେ, ସମ୍ଭାବ୍ୟ ବର୍ଷା ଫସଲକୁ କ୍ଷତିଗ୍ରସ୍ତ କରିବ। ଲଗାତର ୨ ଦିନ ବର୍ଷା ହେଲେ ପାଚିଲା ଧାନ ଗଜା ହେବାର ଆଶଙ୍କା ରହିଛି । ସେହିପରି ସ୍ଥାନୀୟ ଅଞ୍ଚଳର ପନିପରିବା ଚାଷୀମାନେ ବର୍ଷା ପାଇଁ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସଂରକ୍ଷଣ ପାଇଁ କୌଣସି ବିକଳ୍ପ ନ ଥିବାରୁ ଚାଷୀମାନେ ହତାଶ ହୋଇ ପଡିଛନ୍ତି । ଏହାର ସୁଯୋଗ ନେଇ କେତେକ ବେପାରୀ କମ୍ ଦାମରେ ଚାଷୀଙ୍କ ଠାରୁ ପନିପରିବା କିଣିଛନ୍ତି। ଜିଲା ମୁଖ୍ୟ କୃଷି ଅଧିକାରୀ ମୋହନ ଶର୍ମା କୁହନ୍ତି ଯେ, କେନ୍ଦ୍ରାପଡା ଜିଲାରେ ବର୍ଷାର ସେତେଟା ପ୍ରଭାବ ରହିବ ନାହିଁ। ଏଥିପାଇଁ ଭୟଭୀତ ନ ହେବାକୁ ସେ କହିଛନ୍ତି।

# ଲୋକଙ୍କ ନିକଟରେ ବିଭିନ୍ନ ଯୋଜନା ପହଞ୍ଚାଇବା ଉପରେ ଗୁରୁତ୍ୱ



ପ୍ରତିଷ୍ଠା ଦିବସ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**କେନ୍ଦ୍ରାପଡା ଅଫିସ, ୨୬ା୧୨**

ଗୁରୁବାର ସହରର ଟାଉନ ହଲ ଠାରେ କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଜିଲା କାର୍ଯ୍ୟକାରୀ ସଭାପତି ଦୁର୍ଗାଶିଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଗଠନ ସୁଦୃଢ଼ୀକରଣ, ଲୋକଙ୍କ ନିକଟରେ ବିଭିନ୍ନ ଯୋଜନା ପହଞ୍ଚାଇବାକୁ ଗୁରୁତ୍ୱ ଦିଆଯିବା ସହ ବିରୋଧୀଙ୍କୁ ସମାଲୋଚନା କରାଯାଇଥିଲା । ଏଥିରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ଜିଲା ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା, ଜିଲା ମହିଳା ବିଜେଡି ସଭାନେତ୍ରୀ ସ୍ନେହପ୍ରଭା ତ୍ରିପାଠୀ, ଆଲୋକ ସାହୁ, ଜିଲା ସଂଖ୍ୟାଲଘୁ ସେଲ ସଭାପତି ସେକ୍ ଇନାୟତ, ଛାତ୍ର ସଭାପତି ପ୍ରଦୀପ ସାହୁ, ନଗର ସଭାପତି ଶ୍ରୀକାନ୍ତ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କେନ୍ଦ୍ରାପଡା ଜିଲା ସହ ବିଜୁ ବାବୁଙ୍କ ସମ୍ପର୍କ ନେଇ ଅତିଥିମାନେ କହିବା ସହ ସଂଗଠନକୁ ମଜଭୁତ ପାଇଁ ଆହ୍ୱାନ ଦେଇଥିଲେ । ଏଥିସହିତ କେନ୍ଦ୍ର ସରକାର ଓଡିଶାକୁ ଅବହେଳା କରିଥିବା ବେଳେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ସହିତ ରାଜ୍ୟକୁ ବିକାଶ ପଥରେ ଆଗେଇ ନେଇଛନ୍ତି ଅତିଥିମାନେ ପ୍ରକାଶ କରିଥିଲେ। ସଭାରେ ଧୀରେନ ସାହୁ, ହିରଣ୍ୟ କୁମାର ପଣ୍ଡା, ଦେବଦାସ ମହାନ୍ତି, ସଞ୍ଜୟ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ।

# ପଟ୍ଟାମୁଣ୍ଡାଇ କଲେଜ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ବୈଠକ

**ପଟ୍ଟାମୁଣ୍ଡାଇ, ୨୬ା୧୨(ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ କଲେଜ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଆଲୁମିନି ଆସୋସିଏଶନର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଆସୋସିଏଶନ ସଭାପତି ପ୍ରଫେସର ଭରତ ଚନ୍ଦ୍ର ପାତ୍ର ବୈଠକରେ ସଭାପତିତ୍ୱ କରିଥିଲେ । ଏଥିରେ ସମ୍ପାଦକ ଗୋପୀନାଥ ତ୍ରିପାଠୀ ପୂର୍ବ ଅଧିବେଶନର ବିବରଣୀ ପାଠ କରିବା ସହିତ ଆଗାମୀ ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ସଫଳତା ପାଇଁ ସହଯୋଗ ଲୋଡିଥିଲେ । ଜୟନ୍ତୀ ଉତ୍ସବ ପାଇଁ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରିବା ଲାଗି ସ୍ଥିର ହୋଇଥିଲା । ପଟ୍ଟାମୁଣ୍ଡାଇ କଲେଜକୁ ନାକ୍ କମିଟି ଆସିବା ସମ୍ପର୍କରେ ଆଲୋଚନା ହେବା ସହିତ ସମସ୍ତ ପ୍ରସ୍ତୁତି ଶେଷ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ଏ ସମ୍ପର୍କରେ କଲେଜ ଅଧକ୍ଷଙ୍କ ସହିତ ଆଲୋଚନା କରାଯାଇ ଆଲୁମିନି ତରଫରୁ ସହଯୋଗ କରିବା ଲାଗି ମତପ୍ରକାଶ ପାଇଥିଲା । ଏଥିସହିତ ଜାନୁୟାରୀ ୨୩ ତାରିଖ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା କରାଯିବା ପାଇଁ ସ୍ଥିର ହୋଇଥିଲା । ଏହି ବୈଠକରେ ଆସୋସିଏଶନ ସଦସ୍ୟ କସ୍ତୁରୀ ଚରଣ ସ୍ୱାଇଁ, ରାଜେନ୍ଦ୍ର ଦାସ, ପତିତପାବନ ଭଦ୍ର, ମୃତ୍ୟୁଞ୍ଜୟ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଗୁରୁପ୍ରସନ୍ନ ସାହୁ ଧନ୍ୟବାଦ ଦେଇଥିଲେ ।

# ବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କେନ୍ଦ୍ରାପଡା ଅଫିସ, ୨୬ା୧୨**

ଟାଉନ ଥାନା ଅନ୍ତର୍ଗତ ମାଧପୁର ଗ୍ରାମର ଚକ୍ରଧର ବିଶ୍ୱାଳଙ୍କ ୧୪ ବର୍ଷୀୟ ପୁଅ ମନୋଜଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଗୁରୁବାର ଉଦ୍ଧାର ହୋଇଛି । ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହିତ ମୃତ୍ୟୁର କାରଣ ସମ୍ପର୍କରେ ତଦନ୍ତ ଜାରି ରହିଛି । ପ୍ରକାଶ ଯେ, ଅପରାହ୍ନରେ ମନୋଜ ନିଜ ଘର ମଧ୍ୟରେ ଏକ ରଶିରେ ଝୁଲୁଥିବାର ପରିବାର ଲୋକ ଦେଖିଥିଲେ । ପରିବାର ସଦସ୍ୟ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ମନୋଜଙ୍କୁ ମୃତ ଘୋଷଣା କରିଥିଲେ ।

### ଆଇନ ସେବା ଓ ସଚେତନତା ଶିବିର

# ସମାଜର ତୃଣମୂଳ ସ୍ତରରେ ଆଇନର ଉପଯୋଗ ହେଉ



ସଚେତନତା ଶିବିରରେ ଅତିଥି ଓ ଅନ୍ୟମାନେ।

**କେନ୍ଦ୍ରାପଡା ଅଫିସ, ୨୬ା୧୨**

ଗୁରୁବାର ସହରର କେନ୍ଦ୍ରାପଡା ହାଇସ୍କୁଲ ଖେଳ ପଡିଆରେ ରାଜ୍ୟ ଓ ଜିଲା ଆଇନ ସେବା ପ୍ରାଧିକରଣ ସହ ଜିଲା ପ୍ରଶାସନ ପକ୍ଷରୁ ଆଇନ ସେବା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜେଏମଏଫସି ଜରିନ ଖାନ୍ଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ରାଜ୍ୟ ଆଇନ ସେବା ପ୍ରାଧିକରଣର ସଚିବ ଦେବାଶିଷ ନାୟକ ଯୋଗ ଦେଇଥିଲେ । ଏଥିସହିତ ଜିଲା ଦୌରାଜଜ୍ ବାସୁଦେବ ପଣ୍ଡା, ଜିଲାପାଳ ସମର୍ଥ ବର୍ମା, ଏଡିଏମ ବସନ୍ତ କୁମାର ରାଉତ, ଏଏସପି ବ୍ରହ୍ମାନନ୍ଦ ଗାଗାରିନ ମହାନ୍ତି, ପିଡି ଦିଲିପ କୁମାର ପରିଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ତୃଣମୂଳ ସ୍ତରରେ ଆଇନର ସଦୁପଯୋଗକୁ ଗୁରୁତ୍ୱ ଦେଇଥିଲେ । ଏଠାରେ ସେମାନେ ୨୦୧୫ ମସିହାର ଜାତୀୟ ଆଇନସେବା ପ୍ରାଧିକରଣ ଦ୍ୱାରା ଦାରିଦ୍ର୍ୟ ଦୂରୀକରଣ ଯୋଜନା, ଅଣ ସଂଗଠିତ ଶ୍ରମିକ ଥଇଥାନ ଯୋଜନା, ଦିବ୍ୟାଙ୍ଗ ଓ ଭିନ୍ନକ୍ଷମମାନଙ୍କ ପାଇଁ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଆଇନ ସେବା ପ୍ରାଧିକରଣ ସମସ୍ତ କ୍ଷେତ୍ରରେ ସହଯୋଗ ଦେଇଥାଏ ବୋଲି ସେମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ୧୭୧ଟି ସ୍ୱୟଂ ସହାୟିକା ଗୋଷ୍ଠୀ, ୧୩ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ସେହିପରି ଉଦ୍ୟାନ କୃଷି ବିଭାଗ ପକ୍ଷରୁ ବିଭିନ୍ନ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ, ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା,ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ମହାକାଳପଡା ଡଙ୍ଗାବୁଡି ଘଟଣାରେ ସାହସିକତା ପ୍ରଦର୍ଶନ କରିଥିବା ପୂର୍ଣ୍ଣମା ଗିରି ଓ ସବିତା ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଶିବିରରେ ସମସ୍ତ ବିଚାର ବିଭାଗୀୟ ପଦାଧିକାରୀ ଯୋଗ ଦେଇଥିଲେ । ଏହାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ମଳୟ କୁମାର ପ୍ରଧାନଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ପରିଚାଳନା କରିଥିଲେ ।

# ୮୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ବିକ୍ରି

**କେନ୍ଦ୍ରାପଡା ଅଫିସ, ୨୬ା୧୨**



ପଲ୍ଲିଶ୍ରୀ ମେଳାର ଉଦ୍ଯାପନୀ ସଭାରେ ଉପସ୍ଥିତ ଅତିଥିମାନେ।

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆରେ ଗତ ୨୦ ତାରିଖରୁ ଚାଲିଥିବା ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଓ ଜିଲା ସାଂସ୍କୃତିକ ମହୋତ୍ସବ ଗୁରୁବାର ଉଦ୍ଯାପିତ ହୋଇଯାଇଛି । ଏଥିରେ ବୁଧବାର ସନ୍ଧ୍ୟା ସୁଦ୍ଧା ୮୭,୫୯, ୭୩୫ ଟଙ୍କାର ସାମଗ୍ରୀ ବିକ୍ରି ହୋଇଥିବା ଓରମାସ ପକ୍ଷରୁ ସୂଚନା ଦିଆଯାଇଛି । ଓରମାସ, ଜିଲା ସଂସ୍କୃତି ବିଭାଗ, ଜିଲା ଶିଳ୍ପ କେନ୍ଦ୍ର, ନାବାର୍ଡ ଓ ଅନ୍ୟ ଲାଇନ ଡିପାର୍ଟମେଣ୍ଟର ସହଯୋଗରେ ଅନୁଷ୍ଠିତ ଏହି ପଲ୍ଲିଶ୍ରୀ ମେଳାର ଉଦ୍ଯାପନୀ ସଭାରେ ଏଡିଏମ ବସନ୍ତ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ । ଏଥିରେ ପିଡି ଦିଲିପ କୁମାର ପରିଡା, ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଗ୍ରାମୀଣ ଉତ୍ପାଦ ବିକ୍ରି ଓ ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ ପାଇଁ ପଲ୍ଲିଶ୍ରୀ ମେଳା ଆୟୋଜନ ରାଜ୍ୟ ସରକାରଙ୍କର ଏକ ଉତ୍ତମ ପଦକ୍ଷେପ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମହିଳାଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା । ଏହାକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ଓରମାସ ପକ୍ଷରୁ ମୋଟ ୨୦୦ଟି ଷ୍ଟଲ ନିର୍ମାଣ କରାଯାଇ ରାଜ୍ୟର ୩୦ ଜିଲା ଓ ବାହାର ୫ଟି ରାଜ୍ୟର ବିକ୍ରେତାଙ୍କୁ ସାମିଲ କରା ଯାଇଥିଲା । ସେହିପରି ଜିଲା ସଂସ୍କୃତି ବିଭାଗ ପକ୍ଷରୁ ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବିକାଶମୂଳକ କାର୍ଯ୍ୟ ଆଗେଇନେବାକୁ ଆହ୍ୱାନ

**ମାର୍ଶାଘାଇ, ୨୬ା୧୨ (ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ ଗିରଙ୍ଗ ମୋହନ ମୁରଲୀ ମଠ ପରିସରରେ ବିଜେଡି ପ୍ରତିଷ୍ଠା ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଆୟୋଜିତ ସଭାରେ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା ସଭାରେ ଅଧକ୍ଷତା କରିଥିଲେ। ଏଥିରେ ଅତିଥିମାନେ କହିଥିଲେ ଯେ, ଦୀର୍ଘବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ଆସ୍ଥାଭାଜନ କରିପାରିଛନ୍ତି। ଏଥିପାଇଁ ନବୀନ ଏକାଧିକ ଥର ନଂ.୧ ମୁଖ୍ୟମନ୍ତ୍ରୀ ଭାବେ ପୁରସ୍କୃତ ହୋଇଛନ୍ତି। ଏଣୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକାଶମୂଳକ କାର୍ଯ୍ୟ ଆଗେଇ ନେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧରେ ମାର୍ଶାଘାଇ ପଞ୍ଚାୟତ ସମିତି ଅଧକ୍ଷା ସୀତାଲତା ପରିଡ଼ା, ବରିଷ୍ଠ ନେତା ପ୍ରଫୁଲ୍ଲ ଦାସ, ମହାକାଳପଡା ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ବରାଳ, ମାନା ନାୟକ, ସୁରଭି ଜେନା, ପୂର୍ବତନ ବ୍ଲକ ଅଧକ୍ଷ ଚିତ୍ରସେନ ସେଠୀ, ଉପାଧକ୍ଷ ଚୁନୁ ସାମଲ, ସରପଞ୍ଚ ବିପୁଲ ନାୟକ, ମଙ୍ଗରାଜପୁର ସରପଞ୍ଚ ପ୍ରଦୀପ୍ତ ନାୟକ, ବିଜେଡି ଜିଲା ଉପସଭାପତି ଗଙ୍ଗାଧର ପରିଡ଼ା, ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ ଗାହାଣ, ପଞ୍ଚାୟତ ସମିତି ଉପାଧକ୍ଷା ମମତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଆଳି ଓ ରାଜକନିକା ଅଞ୍ଚଳରେ ୫୦୦ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହେବ ବୃହତ୍ ଜଳସେଚନ ପ୍ରକଳ୍ପ – ପ୍ରତାପ ଦେବ



ବିଧାୟକ ପ୍ରତାପ ଦେବ ଉଦ୍‌ବୋଧନ ଦେଉଛନ୍ତି।

**ରାଜକନିକା, ୨୬ା୧୨(ଡି.ଏନ.ଏ.)**

ଆଳି ଓ ରାଜକନିକା ବ୍ଲକ ବିଜୁ ଜନତା ଦଳର ମିଳିତ ସହଯୋଗରେ ଗୁରୁବାର ଅପରାହ୍ନରେ ରାଜବାଟୀ ମେଳଣ ପଡିଆରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ରାଜକନିକା ବ୍ଲକ ବିଜେଡି ସଭାପତି ଜୟଦେବ ଦାସ ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଆଳି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରତାପ କେଶରୀ ଦେବ ଯୋଗଦେଇ କହିଲେ ଯେ, ୨୩ ବର୍ଷ ତଳେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମରେ ଏହି ଦଳ ଗଢା ଯାଇଥିଲା । ବିଜୁ ବାବୁ ପାରାଦୀପ ବନ୍ଦର ଓ ରାଉରକେଲା ଇସ୍ପାତ କାରଖାନା ପ୍ରତିଷ୍ଠା କରି ଏକ ଅଭୁଲା ସ୍ୱାକ୍ଷର ରଖି ଦେଇଯାଇଛନ୍ତି । ଏହି ପରିପ୍ରେକ୍ଷୀରେ ସେ ଖରସ୍ରୋତା ନଦୀରେ ଆଳି ଓ ରାଜକନିକା ଅଞ୍ଚଳରେ ୫୦୦ କୋଟି ଟଙ୍କା ବ୍ୟୟରେ ଦୁଇଟି ମେଗା ଜଳସେଚନ ପ୍ରକଳ୍ପ କରାଯାଇ ପ୍ରତି ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି କହିଥିଲେ । ଇତିମଧ୍ୟରେ ଏହି କାର୍ଯ୍ୟର ସର୍ଭେ ଚାଲିଛି । ଆସନ୍ତା ଜାନୁୟାରୀ ମାସରେ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହେବ । ଏହାଛଡା ଓଭରହେଡ ଟାଙ୍କିରୁ ପାଇପ ସଂଯୋଗ କରାଯାଇ ପ୍ରତି ଘରକୁ ବିଛାଯିବ । ସେହିପରି କେନ୍ଦ୍ର ସରକାର କେନ୍ଦ୍ରାପଡା ଜିଲାରେ ଆରମ୍ଭ କରିଥିବା ଛାୟା ପ୍ରକଳ୍ପ ଆସନ୍ତା ବର୍ଷ କାର୍ଯ୍ୟକାରୀ କରାଯିବ । ଆଳି କନିକା ଅଞ୍ଚଳରେ ଥିବା ପ୍ରାକୃତିକ ନାଳଗୁଡିକୁ ଖନନ କରାଯାଇ ଚେକ୍‌ଡ୍ୟାମ ନିର୍ମାଣ କରାଯିବ । ବର୍ଷା ଦିନରେ ଜଳ ସଂରକ୍ଷଣ କରାଯାଇ ଖରାଦିନରେ ଏହି ଜଳରେ କୃଷି କ୍ଷେତ୍ର ଜଳସେଚିତ କରାଯାଇ ପାରିବ ବୋଲି କହିଥିଲେ। ଏହି ଉତ୍ସବରେ ରାଜକନିକା ପଞ୍ଚାୟତ ସମିତ ଅଧକ୍ଷା ସାବିତ୍ରୀ ଦାସ , ଆଳି ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାସ, ଧନ ରଞ୍ଜନ ବୋଷ , ଜଗନ୍ନାଥ ରାଉତରାୟ, କଳ୍ପନା ମହାପାତ୍ର, ରାଜକନିକା ପଞ୍ଚାୟତ ସମିତିର ପ୍ରାକ୍ତନ ଅଧକ୍ଷ କପିଳେନ୍ଦ୍ର ମଲ୍ଲିକ, ଆଳି ବ୍ଲକ ବିଜେଡି ସଭାପତି ଜଗଦାନନ୍ଦ ବଳ, ଦିବାକର ନାୟକ, ସନାତନ ମିଶ୍ର, ପଦ୍ମ ଲୋଚନ ପରିଡା, କୈଳାଶ ଚନ୍ଦ୍ର ବେହୁରା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିଜେଡିର ବରିଷ୍ଠ ନେତା ବିକାଶ ଚନ୍ଦ୍ର ଦାସ, ହରିଶ ମହାପାତ୍ର , ଭରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ଡେରାବିଶ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି ମହୋତ୍ସବ

### ଡେରାବିଶ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ମହୋତ୍ସବରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।



ମହୋତ୍ସବ ଅବସରରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ଡେରାବିଶ, ୨୬ା୧୨(ସ୍ୱ.ପ୍ର.)**

ଡେରାବିଶର ପ୍ରାଚୀନ ସଂସ୍କୃତି , ଐତିହ୍ୟ ଓ ବୈଭବକୁ ଡେରାବିଶ ମହୋତ୍ସବ ଋଦ୍ଧିମନ୍ତ କରିଛି ବୋଲି ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ମତବ୍ୟକ୍ତ କରିଛନ୍ତି। ଅଷ୍ଟମ ବାର୍ଷିକ ଡେରାବିଶ ମହୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଜେନା ଆହୁରି କହିଥିଲେ ଯେ, ଏ ମାଟିର ମହାମନିଷୀ ସଦାଶିବ ରାମାୟଣର ରଚୟିତା ବୈଶ୍ୟ ସଦାଶିବ ଓ ମାହାଙ୍ଗା ମାଟିକୁ ଧନ୍ୟ କରିଥିବା ଗଣକବି ବୈଷ୍ଣବ ପାଣିଙ୍କର ସମ୍ପର୍କ ଉଭୟ ଅଞ୍ଚଳର ସାଂସ୍କୃତିକ ଭାବଧାରାକୁ ନିବିଡ କରିଥିଲା। ଉତ୍ସବରେ ପୂର୍ବତନ ସରପଞ୍ଚ ମହେନ୍ଦ୍ର କୁମାର ସିଂ ଅଧକ୍ଷତା କରି ଏହି ମହୋତ୍ସବ ଅଞ୍ଚଳର ଯୁବପୀଢିଙ୍କୁ ନୂତନ ଦିଗଦର୍ଶନ ଦେଇଛି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଯୁବନେତା ସଞ୍ଜୟ ଅଗ୍ରୱାଲ ଯୋଗଦେଇ ଡେରାବିଶ ମହୋତ୍ସବ ସମସ୍ତଙ୍କ ମଧରେ ଭାଇଚାରା ସମ୍ପର୍କକୁ ସୁଦୃଢ଼ କରିପାରିଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷ ସରୋଜକାନ୍ତ ସାହୁ ଯୋଗଦେଇ ଏହି ମହୋତ୍ସବ ସମଗ୍ର ଜିଲାକୁ ରାଜ୍ୟରେ ଗୌରବାନ୍ୱିତ କରିଛି ବୋଲି କହିଥିଲେ । ଏହି ଅବସରରେ ମାଲକାନଗିରିରେ ଶିକ୍ଷକତା କରୁଥିବା ଏହି ମାଟିର ପୁଅ ନବକିଶୋର ମଲ୍ଲିକଙ୍କୁ ମନ୍ତ୍ରୀ ଜେନା ସମ୍ମାନିତ କରିଥିଲେ । ମଲ୍ଲିକ ନିଜର ଉଚ୍ଚକୋଟୀର ଶିକ୍ଷାଦାନ ଓ ଆଦିବାସୀ ବହୁଳ ଅଞ୍ଚଳରେ ସେବା କାର୍ଯ୍ୟ ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଉତ୍ସବରେ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଇନଜୀବୀ ଶାନ୍ତି ସ୍ୱରୂପ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ମହୋତ୍ସବ କମିଟିର ଉପଦେଷ୍ଟା ହଳଧର ଦାଶ, ଅଧାପକ ଅଜୟ କୁମାର ରାଉତ, ଖୁର୍ସିଦ୍ ଆଲମ ଖାଁ, କରୁଣାକର କର, ମରୁତ ସ୍ୱାଇଁ, ଗୌରାଙ୍ଗ ଚରଣ ସାହୁ, ନୀଳମଣି ବେହେରା, ଭବାନୀ ପ୍ରସାଦ ଓଝା, ଅଧାପକ ଗୋଲକ ଚନ୍ଦ୍ର ମହାଭୋଇ ପରିଚାଳନାରେ ସହଯୋଗ କରିଥିଲେ । ପୁରୀର ସାଂସ୍କୃତିକ ଅନୁଷ୍ଠାନ ରଙ୍ଗଶାଳା ପକ୍ଷରୁ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା । ଆସନ୍ତା ୩୧ ତାରିଖରେ ଶେଷ ହେବାକୁ ଥିବା ଏହି ମହୋତ୍ସବରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ଡେରାବିଶ ଥାନା ଅଧିକାରୀ ଉମାକାନ୍ତ ନାୟକ ଓ ଏଏସ୍ଆଇ ଭାଗବତ ମାହାଳିଙ୍କ ନେତୃତ୍ୱରେ ଏକପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି।



"ଆଗରୁ ବଲିଉଡ୍‌ରେ ଅଭିନେତ୍ରୀମାନେ ୨୮ ବର୍ଷର ହେବା ପରେ ତାଙ୍କୁ ଆଉ ଗ୍ରହଣ କରାଯାଉ ନ ଥିଲା। ଏବେ ସ୍ଥିତି ବଦଳିଛି। ନିଜର ଅଭିନୟ ଓ କଠିନ ପରିଶ୍ରମ ଦ୍ୱାରା ଜଣେ ଆଗକୁ ଯାଇପାରେ ତାହା ପ୍ରମାଣିତ ହୋଇଛି। ବିଶେଷକରି ମୋ ଭାଗ୍ୟ ଆଉ କେହି ସ୍ଥିର କରୁ ମୁଁ ଚାହେଁନି।

-କଙ୍ଗନା ରାଣାୱତ୍, ବଲିଉଡ୍ ଅଭିନେତ୍ରୀ



# ଜାହ୍ନବୀଙ୍କ ସ୍ୱପ୍ନ 'କବୀର ସିଂହ' ହେବେ




**ମୁମ୍ବାଇ:** ଫିଲ୍ମ 'ଧଡକ୍'ରୁ ବଲିଉଡ୍‌ରେ ଡେବ୍ୟୁ କରିଥିବା ଅଭିନେତ୍ରୀ ଜାହ୍ନବୀ କପୁରଙ୍କ ହାତରେ ଏବେ ଫିଲ୍ମ ଅଫର୍‌ର ଅଭାବ ନାହିଁ। ଯେହେତୁ ଜାହ୍ନବୀ ବୋନି କପୁର ଏବଂ ବଲିଉଡ୍ ମହାନାୟିକା ଦିବଂଗତ ଶ୍ରୀଦେବୀଙ୍କ ତନୟା, ଏଣୁ ଆଗାମୀ ଫିଲ୍ମଗୁଡ଼ିକରେ ଦର୍ଶକ ତାଙ୍କର ଅଭିନୟ ଦକ୍ଷତା ଉପରେ ନିଶ୍ଚୟ ନଜର ରଖିବେ। ତେବେ ଅପ୍‌କମିଂ ଫିଲ୍ମଗୁଡ଼ିକରେ ତାଙ୍କୁ ଭିନ୍ନ ଭିନ୍ନ ଅବତାରରେ ତଥା ନୂଆ ଆକ୍ଟିଂ ଭେରାଇଟିରେ ଦର୍ଶକ ଦେଖିବାର ସୁଯୋଗ ପାଇବେ। ଏହି ପରିପ୍ରେକ୍ଷୀରେ ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେବା ସମୟରେ ଜାହ୍ନବୀ ନିଜ ଡ୍ରିମ୍ ରୋଲ୍ ବିଷୟରେ ଖୁଲାସା କରିଥିଲେ।

ସାକ୍ଷାତ୍‌କାର ସମୟରେ ଜାହ୍ନବୀ କହିଛନ୍ତି, 'କବୀର ସିଂହ' ଏବଂ 'ଜୋକର୍' ଭଳି ଫିଲ୍ମରେ ସେ କାମ କରିବାକୁ ଚାହାନ୍ତି। ଏଭଳି ଫିଲ୍ମରେ କାମ କରିବା ତାଙ୍କର ସ୍ୱପ୍ନ ରହିଛି। ସେ ଉଭୟ ଫିଲ୍ମର ଫିମେଲ୍ ଭର୍ସନରେ ଅଭିନୟ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଏହା ମହିଳାଙ୍କୁ ନେଇ ଥିବା ତଥାକଥିତ ଚିନ୍ତାଧାରାକୁ ବାଦ୍‌ଦେଇ ପରଦାରେ ପ୍ରଦର୍ଶିତ ହେବ ବୋଲି ଜାହ୍ନବୀ କହିଛନ୍ତି।

ତେବେ 'କବୀର ସିଂହ' ଫିଲ୍ମକୁ ନେଇ ଉପୁଜିଥିବା ବିବାଦ ଉପରେ ମଧ୍ୟ ଜାହ୍ନବୀ ନିଜ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, "ମୁଁ ଫିଲ୍ମ ଦେଖିଛି ଏବଂ ଜାଣିପାରୁଛି ଲୋକ କାହିଁକି କବୀର ସିଂହ ଚରିତ୍ର ଉପରେ ରାଗୁଛନ୍ତି।" ସେ ପୁଣି କହିଛନ୍ତି, ଭାରତୀୟଙ୍କ ଉପରେ ଫିଲ୍ମ ଅଧିକ ପ୍ରଭାବ ପକାଇଥାଏ। ହେଲେ କଳାକୁ କୌଣସି ମାନଦଣ୍ଡରେ ବାନ୍ଧିଦେବା ଉଚିତ ନୁହେଁ। ଲୋକଙ୍କୁ ଅସହଜ କରିବା ହିଁ କଳାର ଧର୍ମ, କାରଣ ଆଲୋଚନା ଆରମ୍ଭ ହେବା ଆବଶ୍ୟକ। ତେବେ 'କବୀର ସିଂହ' ଏପରି ବାତାବରଣ ସୃଷ୍ଟି କରିବାରେ ସଫଳ ହୋଇଛି। ଅନ୍ୟପକ୍ଷରେ ଜାହ୍ନବୀ 'ଗୁଞ୍ଜନ ସକ୍ସେନା: ଦି କାର୍‌ଗିଲ ଗର୍ଲ', 'ରୁହି ଅଫ୍‌ଜା', 'ବମ୍ବେ ଗର୍ଲ', 'ତଖ୍‌ତ', 'ଦୋସ୍ତାନା-୨' ଏବଂ 'ରଣଭୂମି' ଭଳି ଫିଲ୍ମରେ ନଜରକୁ ଆସିବେ।

# ପୁରୁଷମାନେ ମିଛ କହିବାରେ ମାହିର



**ବ୍ରିଟେନ୍:** ମିଛ କହିବାକୁ ନେଇ ଅନେକ କଥା ଶୁଣିବାକୁ ମିଳେ। ଯେପରିକି ମିଛ କହିବା ମହାପାପ। ମିଛ କହିବା ଭଲ ଅଭ୍ୟାସ ନୁହେଁ, କିନ୍ତୁ ନିଜକୁ ବଞ୍ଚାଇବା ପାଇଁ ହେଉ କି କାହାର ଭଲ ଉଦ୍ଦେଶ୍ୟରେ ହେଉ, ଲୋକମାନେ ମିଛ କୁହନ୍ତି। ତେବେ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ମହିଳାଙ୍କ ତୁଳନାରେ ପୁରୁଷମାନେ ଅଧିକ ମିଛ କୁହନ୍ତି। ବ୍ରିଟେନ୍‌ର ପୋର୍ଟସ୍‌ମାଉଥ୍ ୟୁନିଭରସିଟି ପକ୍ଷରୁ କରାଯାଇଥିବା ଏହି ଅଧ୍ୟୟନ ଅନୁସାରେ ପୁରୁଷମାନେ ଅତି ସହଜରେ ମିଛ କହିପାରିବା ସହ ଏହାକୁ ପ୍ରମାଣ କରିବାରେ ମାହିର ହୋଇଥାନ୍ତି। ସେମାନେ ପରିବାର, ବନ୍ଧୁବାନ୍ଧବ, ପାର୍ଟନର ଓ ସହକର୍ମୀଙ୍କୁ ଅଧିକାଂଶ ସମୟରେ ମିଛ କହିଥାନ୍ତି। ଏତଦ୍‌ବ୍ୟତୀତ ମିଛ କହିବାରେ ମାହିର ବ୍ୟକ୍ତି ମେସେଜ ଅପେକ୍ଷା ସାମ୍ନାରେ କଥା ହେବା ବେଳେ ଅଧିକ ମିଛ କୁହନ୍ତି। କିନ୍ତୁ ଏମାନେ ସୋସିଆଲ ମିଡିଆରେ ମିଛ କହିବାକୁ ପସନ୍ଦ କରନ୍ତି ନାହିଁ। 'ପିଏଲ୍‌ଓଏସ୍ ୱାନ୍' ପତ୍ରିକାରେ ପ୍ରକାଶିତ ଏକ ରିପୋର୍ଟ ମୁତାବକ କମ୍ ସଂଖ୍ୟକ ପୁରୁଷ ଥାଆନ୍ତି, ଯେଉଁମାନେ ନିଜ ଲୋକଙ୍କଠାରୁ ପିଛା ଛଡ଼ାଇବା ପାଇଁ ମିଛ କହିଥାନ୍ତି। ଏ ନେଇ ହୋଇଥିବା ଅନ୍ୟ ଏକ ରିସର୍ଚ୍ଚରୁ ଜଣାପଡ଼ିଛି ଯେ, ଜଣେ ବ୍ୟକ୍ତି ସାଧାରଣତଃ ଗୋଟିଏ ଦିନରେ ୩ଟି ଏବଂ ବର୍ଷକରେ ପାଖାପାଖି ୧୦୯୨ ଥର ମିଛ କହିଥାନ୍ତି। ସେହିପରି ମହିଳାମାନେ ବର୍ଷକରେ ପ୍ରାୟ ୭୨୮ ଥର ମିଛ କହିଥାନ୍ତି। ତେବେ ଶପିଂ କରିବା ବେଳେ ମହିଳାମାନେ ଅଧିକ ମିଛ କହୁଥିବା ଏହି ଅଧ୍ୟୟନରୁ ଜଣାପଡ଼ିଛି।

# ଭ୍ରମଣକାରୀ ପକ୍ଷୀଙ୍କ ସୁରକ୍ଷାରେ ଗ୍ରାମବାସୀ



**ବେଙ୍ଗାଲୁର:** ଶୀତଦିନେ ସାଇବେରିଆ ଅଞ୍ଚଳରୁ ପ୍ରବଳ ଥଣ୍ଡା ଏବଂ ଖାଦ୍ୟ ଅଭାବରୁ ରକ୍ଷା ପାଇବା ପାଇଁ ବହୁ ପକ୍ଷୀ ଭାରତର ବିଭିନ୍ନ ଅଞ୍ଚଳକୁ ଭ୍ରମଣରେ ଆସିଥାନ୍ତି। ଶୀତଦିନ ବିତାଇ ପୁଣି ସେମାନେ ନିଜ ନିଜ ଦେଶକୁ ବାହୁଡ଼ି ଯାଇଥାନ୍ତି। ବେଙ୍ଗାଲୁରୁର ମାଣ୍ଡ୍ୟା ଜିଲାର କୋକ୍କେରବେଲ୍ଲୁର ଗାଁ ନିକଟରେ ଥିବା ପକ୍ଷୀ ଅଭୟାରଣ୍ୟକୁ ପ୍ରତିବର୍ଷ ଭ୍ରମଣକାରୀ ପକ୍ଷୀ ବହୁ ଦୂରଦୂରାନ୍ତରୁ ଆସିଥାନ୍ତି। ଗତ ୨ ଶହ ବର୍ଷ ଧରି ଗାଁ ଲୋକେ ଏହି ପକ୍ଷୀଙ୍କ ସୁରକ୍ଷା କରିଆସୁଛନ୍ତି। ପକ୍ଷୀମାନେ ଘାସ ଲଟାରେ ବସା ତିଆରି କରି ଅଣ୍ଡା ଦେଇଥାନ୍ତି। ତେଣୁ ଏହି ଗାଁ ଲୋକେ ବର୍ଷାଦିନ ପରେ ପରେ ନିଜ ନିଜ ଘର ଛାତ ଉପରେ ଘାସ ଲଟା ବିଛାଇବା ଆରମ୍ଭ କରିଥାନ୍ତି। ସେମାନଙ୍କ ଘର ଛାତରେ ଭ୍ରମଣକାରୀ ପକ୍ଷୀ ବସା ତିଆରି କରି ଅଣ୍ଡା ଦେଇଥାନ୍ତି। ଏହାକୁ ଶୁଭ ସଙ୍କେତ ବୋଲି ଗାଁ ଲୋକେ ବିଶ୍ୱାସ କରନ୍ତି। ସେହିପରି ଗଛରେ ବସା ତିଆରି କରି ଅଣ୍ଡା ଦେଉଥିବା ପକ୍ଷୀଙ୍କ ସୁରକ୍ଷା ପାଇଁ ଗାଁ ଲୋକେ ବ୍ୟବସ୍ଥା କରିଥାନ୍ତି। ଗଛମୂଳେ ସେମାନେ ଗୃହପାଳିତ ପ୍ରାଣୀଙ୍କୁ ବାନ୍ଧନ୍ତି। ଏହାଦ୍ୱାରା କୌଣସି ସରିସୃପ ଗଛରେ ଚଢ଼ି ଅଣ୍ଡା ନଷ୍ଟ କରି ପାରନ୍ତି ନାହିଁ। ଏଠାକୁ ଶ୍ରୀଲଙ୍କା, ଥାଇଲାଣ୍ଡ, କାମ୍ବୋଡ଼ିଆରୁ ମଧ୍ୟ ଭ୍ରମଣକାରୀ ପକ୍ଷୀ ଆସିଥାନ୍ତି। କର୍ନାଟକ ସରକାର ଭ୍ରମଣକାରୀ ପକ୍ଷୀଙ୍କ ସୁରକ୍ଷା ପାଇଁ ବହୁ ପଦକ୍ଷେପ ଗ୍ରହଣ କରିଥାନ୍ତି।

# ଦେଶର ପ୍ରଥମ କିନ୍ନର ବିଶ୍ୱବିଦ୍ୟାଳୟ

**ଲକ୍ଷ୍ନୌ:** ଦେଶର ପ୍ରଥମ କିନ୍ନର ବିଶ୍ୱବିଦ୍ୟାଳୟ ଉତ୍ତରପ୍ରଦେଶର କୁଶୀନଗରଠାରେ ସ୍ଥାପିତ ହୋଇଛି। ଏହାକୁ ଅଖିଳ ଭାରତୀୟ କିନ୍ନର ଶିକ୍ଷା ସେବା ଟ୍ରଷ୍ଟ ପକ୍ଷରୁ ସ୍ଥାପନା କରାଯାଇଛି। କୁଶୀନଗର ଜିଲାର ଫଜିଲ୍‌ନଗର ବ୍ଲକ୍‌ରେ ଥିବା ଏହି ବିଶ୍ୱବିଦ୍ୟାଳୟରେ ଜାନୁୟାରୀ ୧୫ଠାରୁ ନାମଲେଖା ହେବ। ଏଠାରେ ପୋଷ୍ଟଗ୍ରାଜୁଏଶନ୍ ଏବଂ ପିଏଚ୍‌ଡି ଡିଗ୍ରୀ ପାଠ୍ୟକ୍ରମ ଉପରେ ଶିକ୍ଷାଦାନ କରାଯିବ ବୋଲି ଟ୍ରଷ୍ଟର ଅଧ୍ୟକ୍ଷ ଡ. କୃଷ୍ଣମୋହନ ମିଶ୍ରା ସୂଚନା ଦେଇଛନ୍ତି। ଏହାଦ୍ୱାରା କିନ୍ନରମାନେ ଉପକୃତ ହୋଇପାରିବେ ବୋଲି କୁହାଯାଉଛି।



# କୃଷକ ନିର୍ମାଣ କଲେ ମୋଦି ମନ୍ଦିର



ତିରୁଚିରାପଲ୍ଲୀ : ତାମିଲନାଡୁ ତିରୁଚିରାପଲ୍ଲୀର ଜଣେ କୃଷକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ମନ୍ଦିର ନିର୍ମାଣ କରିଛନ୍ତି। ପି. ଶଙ୍କର(୫୦ ବର୍ଷ) ନାମକ ଉକ୍ତ କୃଷକ ଜଣଙ୍କ କୁହନ୍ତି ସେ ମୋଦିଙ୍କ 'କିଷାନ ସମ୍ମାନନିଧି' ସମେତ କୃଷକଙ୍କ ହିତ ଉଦ୍ଦେଶ୍ୟରେ ଯେତେ ଯୋଜନା ରହିଛି ସେସବୁ ଦ୍ୱାରା ସେ ବେଶ୍ ପ୍ରଭାବିତ। ତେଣୁ ସେ ମୋଦିଙ୍କର ଏହି ମନ୍ଦିର ନିର୍ମାଣ କରି ତାଙ୍କୁ ପୂଜା କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ତିରୁଚିରାପଲ୍ଲୀରୁ ପ୍ରାୟ ୬୩ କିଲୋମିଟର ଦୂର ଇରାକୁଡି ଗାଁରେ ଏହା ନିର୍ମାଣ କରାଯାଇଛି। ପି. ଶଙ୍କର ଏହି ମନ୍ଦିରକୁ ଗତ ସପ୍ତାହରେ ଉଦ୍‌ଘାଟନ କରିଛନ୍ତି। ଏହାପରଠାରୁ ସେ ପ୍ରତିଦିନ ଏଠାରେ ଆଳତି କରୁଛନ୍ତି। ୮ ବର୍ଗଫୁଟର ଏହି ମନ୍ଦିରରେ ଟାଇଲ ଲଗାଯାଇଥିବା ବେଳେ ଏଠାକୁ ଆସୁଥିବା ଲୋକମାନଙ୍କୁ ରଙ୍ଗୋଲି ମାଧ୍ୟମରେ ସ୍ୱାଗତ କରାଯାଉଛି। ଏହି ମନ୍ଦିର ନିର୍ମାଣ ପାଇଁ ପ୍ରାୟ ୧.୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଶଙ୍କର ପ୍ରାୟ ୮ ମାସ ତଳୁ ମନ୍ଦିରର ନିର୍ମାଣ କାର୍ଯ୍ୟ ସାରିବାକୁ ଚାହୁଁଥିବା ବେଳେ ଅର୍ଥାଭାବରୁ ଏହା ବିଳମ୍ବ ହୋଇଥିଲା। ମୋଦିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା କିଷାନ ସମ୍ମାନନିଧି ଯୋଜନାରେ ତାଙ୍କୁ ୨ ହଜାର ଟଙ୍କା ମିଳିବା, ଉଜ୍ଜ୍ୱଳା ଯୋଜନାରେ ରୋଷେଇ ଗ୍ୟାସ, ଘରେ ଶୌଚାଳୟ କେବଳ ମୋଦିଙ୍କ ଯୋଗୁ ମିଳିଛି ବୋଲି ସେ କହିଛନ୍ତି। ତେବେ ତିରୁଚିରାପଲ୍ଲୀର ଭାରତୀୟ ଜନତା ପାର୍ଟି(ଭାଜପା) ପ୍ରଭାରୀଙ୍କୁ ଶଙ୍କରଙ୍କ ବି ଷ ୟ ରେ ପ ଚ ର । ଯିବାରୁ ସେ କହିଛନ୍ତି ଶଙ୍କର ପୂର୍ବରୁ ଭାଜପାର ସଦସ୍ୟ ନ ଥିଲେ। କିଛି ବର୍ଷ ଗଲ୍ଫ କଣ୍ଟ୍ରିରେ କାମ କରିବା ପରେ ସେ ଗାଁକୁ ଆସଥିଲେ। ନିକଟରେ ମୋଦି ସି ଜିନପିଙ୍ଗଙ୍କ ସହ ସାକ୍ଷାତ୍ କରିବାକୁ ମାମଲ୍ଲାପୁରମ ଯାଇଥିବା ବେଳେ ଶଙ୍କର ସେଠାକୁ ଯାଇଥିଲେ ହେଲେ ମୋଦିଙ୍କ ସହ ଦେଖା ହୋଇପାରି ନ ଥିଲା। ହେଲେ ଏପର୍ଯ୍ୟନ୍ତ ସେ ତାଙ୍କର ଫଟୋଦେଖି ଖୁସି ଅଛନ୍ତି ବୋଲି କୁହନ୍ତି।

# କ୍ରିକେଟ ସୁନ୍ଦରୀ

**ୱାଶିଂଟନ:** ବିଭିନ୍ନ ଦେଶର ମହିଳା କ୍ରିକେଟ ଦଳରେ ଥିବା କେତେକ ସୁନ୍ଦରୀ କ୍ରିକେଟର ଦେଖିବାକୁ ଯେମିତି, ଖେଳ ପଡ଼ିଆରେ ତାଙ୍କର ଯାଦୁ ମଧ୍ୟ ସେମିତି। ସେମାନେ ପଡ଼ିଆକୁ ହାତରେ ବ୍ୟାଟ୍ ଧରି ଓହ୍ଲାଇଲେ ଦର୍ଶକମାନେ ତାଳି ମାରି ସ୍ୱାଗତ କରିଥାନ୍ତି। ବୋଲରଙ୍କ ବଲ୍‌କୁ ଅନାୟସରେ ଚଉକା, ଛକାରେ ପରିଣତ କରିବା ତାଙ୍କ ପାଇଁ ଅତି ସହଜ ମନେ ହୋଇଥାଏ। ସେମାନଙ୍କ ମଧ୍ୟରେ ରହିଛନ୍ତି ଏଲିସ୍ ପେରି। ଏହି ଅଷ୍ଟ୍ରେଲିଆନ୍ ଖେଳାଳି ଉଭୟ ମହିଳା କ୍ରିକେଟ୍ ଏବଂ ଫୁଟବଲରେ ଦେଶର ପ୍ରତିନିଧିତ୍ୱ କରିଥାନ୍ତି। ତାଙ୍କର ବ୍ୟାଟିଂ, ବୋଲିଂ ଏବଂ ଫିଲ୍ଡିଂରେ ବେଶ୍ ଖ୍ୟାତି ରହିଛି। ସେ ଇତିମଧ୍ୟରେ ୮ ଟେଷ୍ଟ, ୧୦୯ ଏକ ଦିବସୀୟ ଏବଂ ୧୧୦ ଟି-୨୦ ମ୍ୟାଚ ଖେଳିସାରିଛନ୍ତି। ସେ ୪ ହଜାର ରନ୍ ସଂଗ୍ରହ କରିଥିବାବେଳେ ୨୫୦ରୁ ଅଧିକ ୱିକେଟ୍ ନେଇଛନ୍ତି। ସେହିଭଳି ଅନ୍ୟ ଜଣେ ଖେଳାଳି ଇଂଲଣ୍ଡର ସାରା ଟେଲରଙ୍କର ମଧ୍ୟ କ୍ରିକେଟରେ ଖ୍ୟାତି ରହିଛି। ଏବେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ସମ୍ପର୍କରେ ଘୋଷଣା କରିଛନ୍ତି। ସେ ୨୦୦୬ରୁ ନିଜର କ୍ୟାରିୟର ଆରମ୍ଭ କରି


ସାରା ଟେଲର | ସ୍ମୃତି ମନ୍ଧାନା | ଏଲିସ୍ ପେରି

୧୦ ଟେଷ୍ଟ, ୧୨୬ ଏକଦିବସୀୟ ଏବଂ ୯୦ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଅନ୍ୟତମ ସୁନ୍ଦରୀ କ୍ରିକେଟରଙ୍କ ମଧ୍ୟରେ ଭାରତ ସ୍ମୃତି ମନ୍ଧାନାଙ୍କ ବେଶ୍ ଖ୍ୟାତି ରହିଛି। ସେ ଇତିମଧ୍ୟରେ ୨ଟି ଟେଷ୍ଟରେ ୮୧ ରନ୍, ୫୧ ଏକଦିବସୀୟ ମ୍ୟାଚ୍‌ରେ ୨୦୨୫ ରନ୍ ଏବଂ ୬୬ ଟି-୨୦ ମ୍ୟାଚ୍ ଖେଳି ୧୪୫୧ ରନ୍ ସଂଗ୍ରହ କରିଛନ୍ତି।

# ୫୪ରେ ପାଦ ଥାପିଲେ ସଲ୍‌ମାନ



ମୁମ୍ବାଇ: ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍ ଶୁକ୍ରବାର ୫୪ ବର୍ଷରେ ପଦାର୍ପଣ କରୁଛନ୍ତି। ଦୀର୍ଘଦିନର ବଲିଉଡ୍ ଧମାକା ସହ ଅନେକ ରୋମାଣ୍ଟିକ୍ ଫିଲ୍ମରେ ସେ ଅଭିନୟ କରିଛନ୍ତି। ମାତ୍ର କୌଣସି ଫିଲ୍ମରେ ଅଭିନେତ୍ରୀଙ୍କୁ ଆଜିପର୍ଯ୍ୟନ୍ତ କିସ୍ କରିନାହାନ୍ତିସେ। ବିନା ରୋମାଣ୍ଟିକ୍ ସିନ୍‌ରେ ମଧ୍ୟ ତାଙ୍କ ଫିଲ୍ମ ସୁପର୍‌ହିଟ୍ ହୋଇ ଭଲ ବ୍ୟବସାୟ କରିଥିବା ନଜର ରହିଛି। ସଲମାନ୍ ବଲିଉଡ୍‌ରେ ଜଣେ ରୋମାଣ୍ଟିକ୍ ହିରୋ ଭାବେ ଜଣାଶୁଣା। କିନ୍ତୁ ଆଦୌ କିସ୍ ସିନ୍‌କୁ ପସନ୍ଦ କରନ୍ତିନି ସେ। ଏହି ନିୟମ ସେ ଦୀର୍ଘଦିନ ହେଲା ମାନିଆସୁଛନ୍ତି। ସଲମାନ୍‌ଙ୍କ ଯେ କୌଣସି ଫିଲ୍ମ ଦେଖନ୍ତୁ ନା କାହିଁକି କିସ୍ ସିନ୍‌କୁ ସେ ନିଜେ ମନା କରିଦେଇଥା'ନ୍ତି। କେବଳ

## ବିନା କିସ୍‌ରେ ବି ଫିଲ୍ମ ସୁପରହିଟ୍

ସୁରଜ୍ ବଡ଼ଜାତ୍ୟାଙ୍କ ଫିଲ୍ମ 'ମୈନେ ପ୍ୟାର୍ କିୟା'ରେ ଲିପ୍ ଲକ୍ ସିନ୍ ଥିଲା। ମାତ୍ର ସଲମାନ୍ ଭାଗ୍ୟଶ୍ରୀଙ୍କୁ ଛୁଇଁ ବି ନ ଥିଲେ। ଏହା ପଛରେ ଏକ କାରଣ ରହିଛି। ଭାଗ୍ୟଶ୍ରୀ ଏବଂ ସଲମାନ୍‌ଙ୍କୁ କିସ୍ ସିନ୍ କରିବା ପାଇଁ ସୁରଜ ଖୁବ୍ ମନାଇଥିଲେ। କିନ୍ତୁ ଏହି ସିନ୍ କରିବାକୁ ଦୁଇଜଣ ଯାକ କେହି ପ୍ରସ୍ତୁତ ନ ଥିଲେ। ଶେଷରେ ସୁରଜ୍ ଏକ କାଚ ଗ୍ଲାସ ମଝିରେ ରଖି ଶଟ୍‌ଟିକୁ ଓକେ କରିଥିଲେ। ସେବେଠାରୁ ଆଜି ପର୍ଯ୍ୟନ୍ତ ସଲମାନ୍ କୌଣସି ଫିଲ୍ମରେ ହିରୋଇନ୍‌ଙ୍କୁ କିସ୍ କରିନାହାନ୍ତି। ଫିଲ୍ମକୁ ଆସିବା ପୂର୍ବରୁ ସେ ଏପେଇ ଚୁକ୍ତି କରିଥା'ନ୍ତି । ତାଙ୍କର ଏହି ନିୟମକୁ ଆଜି ପର୍ଯ୍ୟନ୍ତ କେହି ଭାଙ୍ଗି ପାରିନାହାନ୍ତି। ଫିଲ୍ମର ସ୍କ୍ରିପ୍ଟ ପଢ଼ି ସେ କିସ୍ ସିନ୍ ନ କରିବାକୁ ନିଷ୍ପତ୍ତି ନେଇଥା'ନ୍ତି। ତାଙ୍କ ମତରେ ପରିବାର ସହ ବସି ଫିଲ୍ମ ଦେଖିବାକୁ ପଡ଼େ। ତେଣୁ ଏମିତି ସିନ୍ ଠିକ୍ ନୁହେଁ।

# ଦୁନିଆର ସବୁଠାରୁ ଭୟଙ୍କର ଗୁମ୍ଫା

## ବୁଲିବା ଲାଗି ଟିକେଟ ଦର ୨ ଲକ୍ଷ ଟଙ୍କା

ହନୋଇ: ଦୁନିଆର ସବୁଠାରୁ ଭୟଙ୍କର ଗୁମ୍ଫା ବୁଲିବା ପାଇଁ ପର୍ଯ୍ୟଟକଙ୍କୁ ୨ ଲକ୍ଷ ଟଙ୍କାର ଟିକଟ କିଣିବାକୁ ପଡ଼େ। ଏହା ଶୁଣିଲେ ହୁଏତ ଯେ କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ତେବେ ଏହା ସତ। ଭିଏତ୍‌ନାମ୍‌ରେ ରହିଛି ଏପରି ଏକ ଗୁମ୍ଫା। ଏହାର ଲମ୍ବ ୯ କିମି, ଚୌଡ଼ା ୨ ଶହ ମିଟର ଏବଂ ଉଚ୍ଚତା ୧୫୦ ମିଟର। ଏହା ମଧ୍ୟରେ ଜଙ୍ଗଲଠାରୁ ଆରମ୍ଭ କରି ନଦୀ ପର୍ଯ୍ୟନ୍ତ ସବୁ ରହିଛି। ଏଠାରେ ଥିବା ଜଳ ପ୍ରପାତର ଶବ୍ଦ ଗୁମ୍ଫାର କାନ୍ଥରେ ପ୍ରତିଫଳିତ ହୋଇ ଭୟଙ୍କର ପ୍ରତିଧ୍ୱନୀ ସୃଷ୍ଟି କରିଥାଏ। ୧୯୯୧ରେ ଜଣେ ସ୍ଥାନୀୟ ବାସିନ୍ଦା ହୋ ଖାନମ୍‌ଙ୍କ ଏହି ଗୁମ୍ଫା ସମ୍ପର୍କରେ ପ୍ରଥମେ ସୂଚନା ଦେଇଥିଲେ। ପରବର୍ତ୍ତୀ ସମୟରେ ଗୁମ୍ଫାର ନାମକରଣ ହେଙ୍ଗ୍ ସୋନ୍ ଡୁଙ୍ଗ୍ ରଖାଯାଇଥିଲା। ୨୦୧୩ରେ ଗୁମ୍ଫାକୁ ପର୍ଯ୍ୟଟକଙ୍କ ପାଇଁ ଖୋଲା ଯାଇଥିଲା। ପ୍ରତିବର୍ଷ ୨ରୁ ୩ ଶହ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଏହା ପୂର୍ବରୁ ପର୍ଯ୍ୟଟକଙ୍କୁ ୧୦ କିମି ପାଦରେ ଚାଲିବା, ପାହାଡ଼ରେ ଚଢ଼ିବା ଆଦି ସମ୍ପର୍କରେ ତାଲିମ ଦିଆଯାଇଥାଏ। ଅଗଷ୍ଟ ମାସ ପୂର୍ବରୁ ଏଠାକୁ ପର୍ଯ୍ୟଟକଙ୍କୁ ଆସିବାକୁ ଅନୁମତି ମିଳିଥାଏ। ଏହାପରେ ଗୁମ୍ଫାରେ ପ୍ରବାହିତ ନଦୀର ଜଳସ୍ତର ବୃଦ୍ଧି ପାଇବାକୁ ଥିବାରୁ ଏହା ମଧ୍ୟରେ ପ୍ରବେଶ କରିବା ଅସମ୍ଭବ ହୋଇଥାଏ।



## ଓଡ଼ିଶା କ୍ରୀଡ଼ା ୨୦୧୯

# ବର୍ଷସାରା ଦୂତୀ, ପ୍ରମୋଦ



**ଶେଷ ପାହାଚରେ ୨୦୧୯ କ୍ରୀଡ଼ାବର୍ଷ। ଏହି ବର୍ଷ ପଡ଼ିଆ ବାହାର ଘଟଣା ଓ ବ୍ୟକ୍ତିଗତ ପ୍ରଦର୍ଶନ ପାଇଁ ଚର୍ଚ୍ଚାରେ ରହିଥିଲେ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଓ ପାରା ଆଥଲେଟ୍ ପ୍ରମୋଦ ଭଗତ। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ମହିଳା ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତିଥିବା ଦୂତୀ ପ୍ରଥମ ଭାରତୀୟ ଆଥଲେଟଭାବେ ସମଲିଙ୍ଗୀ ସମ୍ପର୍କରେ ଥିବା ପ୍ରକାଶ କରି ହଇଚଇ ସୃଷ୍ଟି କରିଥିଲେ। ବିଶ୍ୱ ବ୍ୟାଡ୍‌ମିଣ୍ଟନରେ ଡବଲ ସ୍ୱର୍ଣ୍ଣ ଜିତିବା ସହ ପ୍ରମୋଦ ପାଇଥିଲେ ସମ୍ମାନଜନକ ଅର୍ଜୁନ ଓ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର...**

## ଚର୍ଚ୍ଚିତ ଚେହେରା

ପଡ଼ିଆ ଭିତର ଓ ବାହାର ଘଟଣାକୁ ନେଇ ବର୍ଷସାରା ଚର୍ଚ୍ଚାରେ ରହିଥିଲେ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ। ଭାରତର ପ୍ରଥମ ଆଥଲେଟ୍‌ଭାବେ ସମଲିଙ୍ଗୀ ସମ୍ପର୍କରେଥିବା ପ୍ରକାଶ କରି କ୍ରୀଡ଼ା ଜଗତରେ ହଇଚଇ ସୃଷ୍ଟି କରିଥିଲେ ଏହି ତାରକା ଆଥଲେଟ୍। କେବଳ ସେତିକି ନୁହେଁ ଗୋଟିଏ ବର୍ଷରେ ଅତିକମ୍‌ରେ ତିନିଥର ନିଜ ଜାତୀୟ ରେକର୍ଡକୁ ଭାଙ୍ଗି ସେ ମହିଳା ୧୦୦ ମିଟରରେ ଭାରତର ଅଦ୍ୱିତୀୟ ବୋଲି ପ୍ରମାଣ କରିଥିଲେ। ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ୧୦୦ ମିଟର ସ୍ୱର୍ଣ୍ଣ ଜିତି ଅଭିଯାନ ଆରମ୍ଭ କରିଥିଲେ ଦୂତୀ। ପରେ ସେ ଇଣ୍ଡିଆନ ଗ୍ରାଁ ପ୍ରି-୨ର ୨୦୦ ମିଟର ସ୍ୱର୍ଣ୍ଣ, ଫେଡେରେଶନ କପ୍ ଆଥଲେଟିକ୍ ଚାମ୍ପିୟନଶିପ୍‌ର ଉଭୟ ୧୦୦ ଓ ୨୦୦ ମିଟରରେ ସ୍ୱର୍ଣ୍ଣ, ଇଣ୍ଡିଆନ ଗ୍ରାଁ ପ୍ରି-୫ରେ ୧୦୦ ମିଟର ସ୍ୱର୍ଣ୍ଣ, ଆନ୍ତଃରାଜ୍ୟ ଆଥଲେଟିକ୍ ମିଟ୍‌ର ୧୦୦ ମିଟରରେ ସ୍ୱର୍ଣ୍ଣ ଜିତିଥିବା ଏହି ଦୌଡ଼ରାଣୀ ଇଟାଲୀର ନାପୋଲିଠାରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ହାସଲ କରି କ୍ୟାରିୟରକୁ ଋଦ୍ଧିମନ୍ତ କରିଥିଲେ। ଏହି ବର୍ଷ ସେ ପ୍ରଥମେ ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍‌ର ୧୦୦ ମିଟର ହିଟ୍‌ରେ ୧୧.୨୮, ସେମିଫାଇନାଲରେ ୧୧.୨୬ ସେକେଣ୍ଡ ଏବଂ ରାଞ୍ଚିରେ ଅନୁଷ୍ଠିତ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୧୦୦ ମିଟର ସେମିଫାଇନାଲରେ ୧୧.୨୨ ସେକେଣ୍ଡ ସମୟ ନେଇ ନିଜ ଜାତୀୟ ରେକର୍ଡକୁ ୩ ଥର ଭାଙ୍ଗିଥିଲେ। କସମୋପଲିଟାନ ମାଗାଜିନର ପ୍ରଚ୍ଛଦପଟ ମଣ୍ଡନ କରିଥିବା ଏହି ମହିଳା କ୍ରୀଡ଼ାବିତ୍ ଭୋଗ୍ ଇଣ୍ଡିଆ ମାଗାଜିନର ସ୍ପୋର୍ଟ୍ସ ପର୍ଶନ ଅଫ୍ ଦି ଇୟର ବିବେଚିତ ହୋଇଥିଲେ। ଏହା ବ୍ୟତୀତ ସେ ଟାଇମ୍ ମାଗାଜିନ୍‌ର ୧୦୦ ନେକ୍ସଟ୍ ପ୍ରଭାବଶାଳୀ ବ୍ୟକ୍ତି ତାଲିକାରେ ମଧ୍ୟ ସ୍ଥାନ ପାଇଥିଲେ। ଗ୍ଲୋବାଲ ସ୍ପୋର୍ଟ୍ସ କମ୍ପାନୀ ପୁମା ସହ ଚୁକ୍ତି କରି ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନକୁ ନେଇ ଯାଇଥିବା ଦୂତୀ କୌନ୍ ବନେଗା କରୋଡ଼ପତି 'ଶୋ'ରେ ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ ସହ ସାକ୍ଷାତ କରି ଅନନ୍ୟ ଅନୁଭୂତି ଲାଭ କରିଥିଲେ।

## ପ୍ରମୋଦଙ୍କୁ ଅର୍ଜୁନ




ପାରା ଆଥଲେଟ୍ ପ୍ରମୋଦ ଭଗତ ବର୍ଷ ସାରା ଚମତ୍କାର ପ୍ରଦର୍ଶନ କରି ଚର୍ଚ୍ଚାରେ ରହିଥିବାବେଳେ ପାଇଥିଲେ ସମ୍ମାନଜନକ ଅର୍ଜୁନ ପୁରସ୍କାର। ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ ପୁରସ୍କାର ମଧ୍ୟ ତାଙ୍କୁ ଏହି ବର୍ଷ ମିଳିଥିଲା। ବାସେଲଠାରେ ଅନୁଷ୍ଠିତ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରି ସଫଳତାର ଶିଖରରେ ପହଞ୍ଚିଥିଲେ ଏହି ପାରା ସ୍ପୋର୍ଟ୍ସ ତାରକା। ଏହା ବ୍ୟତୀତ ଏହି ବର୍ଷ ସେ ଆଇଡବ୍ଲ୍ୟୁଏଏସ୍(ଇଣ୍ଟରନ୍ୟାଶନାଲ ହୁଇଲଚେୟାର ଆଣ୍ଡ ଆମ୍ପୁଟି ଗେମ୍ସ)ର ସିଙ୍ଗଲ୍ସ ସେ ସ୍ୱର୍ଣ୍ଣ ଓ ଡବଲ୍ସରେ ରୌପ୍ୟ ପଦକ, ସେହିପରି ତୁର୍କୀରେ ସିଙ୍ଗଲସ୍ରେ ସ୍ୱର୍ଣ୍ଣ, ଡବଲ୍ସରେ ବ୍ରୋଞ୍ଜ, ଦୁବାଇରେ ସିଙ୍ଗଲ୍ସରେ ସ୍ୱର୍ଣ୍ଣ, ଉଗାଣ୍ଡାରେ ସିଙ୍ଗଲ୍ସ ଓ ଡବଲ୍ସରେ ସ୍ୱର୍ଣ୍ଣ, କାନାଡ଼ାରେ ସିଙ୍ଗଲ୍ସରେ ବ୍ରୋଞ୍ଜ, ଡବଲ୍ସରେ ରୌପ୍ୟ, ଆୟର୍ଲାଣ୍ଡରେ ସିଙ୍ଗଲ୍ସ ଓ ଡବଲ୍ସରେ ସ୍ୱର୍ଣ୍ଣ, ଥାଇଲାଣ୍ଡରେ ସିଙ୍ଗଲ୍ସ ଓ ଡବଲ୍ସରେ ରୌପ୍ୟ, ଚାଇନାରେ ସିଙ୍ଗଲ୍ସ ଓ ଡବଲ୍ସରେ ସ୍ୱର୍ଣ୍ଣ, ଡେନ୍‌ମାର୍କରେ ସିଙ୍ଗଲ୍ସ ଓ ଡବଲ୍ସରେ ବ୍ରୋଞ୍ଜ ଏବଂ ଜାପାନରେ ରୌପ୍ୟ ପଦକ ସହ ବର୍ଷ ଶେଷ କରିଥିଲେ ଏହି ତାରକା ଖେଳାଳି। ଆଗାମୀ ପାରା ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ପ୍ରମୋଦଙ୍କୁ ଭାରତ ସରକାରଙ୍କ ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ସ୍କିମ୍(ଟପ୍ସ)ରେ ମଧ୍ୟ ସାମିଲ କରାଯାଇଛି।



ଝିଲ୍ଲୀ ଦଳବେହେରା

## ପୁରସ୍କାର

ଏହି ବର୍ଷ ପାରା ଆଥଲେଟ୍ ପ୍ରମୋଦ ଭଗତ ଭାରତ ସରକାରଙ୍କ ପ୍ରଦତ୍ତ ସମ୍ମାନଜନକ ଅର୍ଜୁନ ଓ ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଥିବାବେଳେ ପ୍ରତିଭା ସମ୍ପନ୍ନ ଭାରୋତ୍ତୋଳିକା ଝିଲ୍ଲୀ ଦଳବେହେରା ଏକଲବ୍ୟ ପୁରସ୍କାର ପାଇ କ୍ୟାରିୟରକୁ ଋଦ୍ଧିମନ୍ତ କରିଛନ୍ତି। ମହିଳା କ୍ରିକେଟ କୋଚ୍ ରଶ୍ମିତା ମହାନ୍ତି ଓ ରଣଜୀ ଟ୍ରଫି କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଅଶୋକାନନ୍ଦ ଜେନା ପାଇଥିଲେ କମଲ ଗାଙ୍ଗୁଲି କ୍ରୀଡ଼ା ପୁରସ୍କାର। ରାଜେଶ ମହାନ୍ତି ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ସହିଦ ସ୍ପୋର୍ଟିଂ-ମାରୁତି ଇଷ୍ଟେଟ କ୍ରିକେଟର ଅଫ ଦି ଇୟର ବିବେଚିତ ହୋଇଥିବାବେଳେ ହକି ତାରକା ଅମିତ ରୋହିଦାସ ଓ କୋଚ୍ ବ୍ରଜ ଭୂଷଣ ମହାନ୍ତିଙ୍କୁ ମିଳିଥିଲା ଓସ୍‌ଜା ପୁରସ୍କାର। ସ୍ୱସ୍ତିକ ସାମଲ, ସତ୍ୟେନ୍ଦ୍ର ମୋହନ ମହାନ୍ତି ଓ ଅନନ୍ତ ବାସୁଦେବ ମିଶ୍ରଙ୍କୁ ସରୋଜ ମହାସୁଆର ସମ୍ମାନ ମିଳିଥିଲା।

## ପରଲୋକ


କଳ୍ପନା ଦାଶ

ଗତ ମାର୍ଚ୍ଚରେ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଏମ୍. ଏମ୍. ଆଲାମଙ୍କ ପରଲୋକ କ୍ରୀଡ଼ା ଜଗତକୁ ସ୍ତବ୍ଧ କରିଥିବାବେଳେ ଏପ୍ରିଲରେ ରାଜ୍ୟ ଚେସ୍‌ର ଭିଷ୍ମ ପିତାମହ କୁହା ଯାଉଥିବା ଅରାତି ବିଜୟ ମହାନ୍ତିଙ୍କ ପରଲୋକ ଚେସ୍ ଜଗତକୁ ଶୋକାଭିଭୂତ କରିଥିଲା। ଓଡ଼ିଶାର ପ୍ରଥମ ଏଭରେଷ୍ଟ ଆରୋହୀ କଳ୍ପନା ଦାଶ ସେହି ପର୍ବତାରୋହଣ ସମୟରେ ହିଁ ଇହଲୀଳା ସମ୍ବରଣ କରିଥିଲେ। ସେହିପରି ଓଡ଼ିଶା ପାରା ସ୍ପୋର୍ଟ୍ସର ପ୍ରତିଷ୍ଠାତା ବିଷ୍ଣୁ ଚରଣ ସାହୁଙ୍କ ପରଲୋକ ଏହି କ୍ରୀଡ଼ାକୁ କ୍ୟାରିୟର କରୁଥିବା ଖେଳାଳିଙ୍କ ପାଇଁ ଅଭୁଲା ଥିଲା। ଏମାନଙ୍କ ବ୍ୟତୀତ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସମ୍ପାଦକ ପ୍ରଦୀପ ମହାନ୍ତି, ରାଜ୍ୟର ପୂର୍ବତନ ଫୁଟବଲ ଖେଳାଳି ଜୟଦୀପ ବୋଷ, ଜୟଦୀପ ଲାକ୍ରା ମଧ୍ୟ ଏହି ବର୍ଷ ମୃତ୍ୟୁବରଣ କରିଥିଲେ।

## ଆୟୋଜନ

ବର୍ଷ ୨୦୧୯ରେ ଟ୍ୱିନସିଟି ଭୁବନେଶ୍ୱର ଓ କଟକରେ ଡଜନେରୁ ଊର୍ଦ୍ଧ୍ୱ ଜାତୀୟ/ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ ହୋଇଛି। କଟକରେ ଆୟୋଜିତ ଟୁର୍ନାମେଣ୍ଟ ମଧ୍ୟରେ ରହିଛି ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପ୍, ଜାତୀୟ ସବ୍‌ଜୁନିୟର କୁସ୍ତି, ବାରବାଟୀ ଷ୍ଟାଡିୟମ ଓ ଡ୍ରିମ୍ସ ଗ୍ରାଉଣ୍ଡରେ ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟର ଗ୍ରୁପ 'ଡି' ମ୍ୟାଚ, ବାରବାଟୀରେ ଜାତୀୟ ସିନିୟର ତୀରନ୍ଦାଜୀ(୨୬ ବର୍ଷ ପରେ), ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଓ ଜାତୀୟ ସବ୍‌ଜୁନିୟର ବାସ୍କେଟବଲ ପ୍ରତିଯୋଗିତା। ବର୍ଷ ଶେଷରେ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଏକଦିବସୀୟ କ୍ରିକେଟର ରୋମାଞ୍ଚକ ମୁକାବିଲା ଦର୍ଶକଙ୍କୁ ଉଲ୍ଲସିତ କରିଥିଲା। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ, ଆଇ-ଲିଗ, ସୁପର କପ୍ ଫୁଟବଲ ଏବଂ ମିନର୍ଭା ପଞ୍ଜାବ ଓ ମନଙ୍ଗ ମର୍ଶିଆଙ୍ଗଡ଼ି ମଧ୍ୟରେ ଏଏଫସି ମ୍ୟାଚ ଖେଳାଯାଇଥିଲା। ହକି କମ୍ପେକ୍ସରେ ଏଫଆଇଏଚ୍ ସିରିଜ ଫାଇନାଲ୍ସ ଓ ଅଲିମ୍ପିକ୍ କ୍ୱାଲିଫାୟର୍ସ ଭାରତୀୟ ଦଳ ପାଇଁ ଶୁଭ ସାବ୍ୟସ୍ତ ହୋଇଥିଲା। କିଟ୍‌ରେ ଫେବୃୟାରୀରେ ଜାତୀୟ ସବ୍‌ଜୁନିୟର ଏବଂ ଡିସେମ୍ବରରେ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍ ଅନେକ ଖେଳାଳି ଓ ଅଫିସିଆଲଙ୍କୁ ଏକାଠି କରିଥିଲା। ଏଠାରେ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ ମଧ୍ୟ ଆୟୋଜିତ ହୋଇଥିଲା।

## ବିବାହ ବନ୍ଧନରେ ତାରକା ଖେଳାଳି

କେତେକ ତାରକା ଖେଳାଳି ଏହି ବର୍ଷ ବିବାହ ବନ୍ଧନରେ ଆବଦ୍ଧ ହୋଇ ନୂଆ ଇନିଂସ ଆରମ୍ଭ କରିଛନ୍ତି। ନଭେମ୍ବର ୧୭ରେ ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର ବେଙ୍ଗଲର ଚନ୍ଦ୍ରିମା ଘୋଷଙ୍କ ହାତ ଧରିଥିବାବେଳେ ଓଡ଼ିଶାର ଅନ୍ତର୍ଜାତୀୟ ହେପ୍‌ଟାଥଲେଟ ପୂର୍ଣ୍ଣିମା ହେମ୍ବ୍ରମ ଡିସେମ୍ବର ୧୪ରେ ଝାଡ଼ଖଣ୍ଡର ଜାମସେଦପୁରର ଅର୍ଜୁନ ଟୁଡୁଙ୍କୁ ବିବାହ କରିଛନ୍ତି। ସେହିପରି ଅର୍ଜୁନ ପୁରସ୍କାର ବିଜେତା ତଥା ଅଲିମ୍ପିଆନ ଭାରୋତ୍ତୋଳକ କାଟୁଲୁ ରବି କୁମାର ବ୍ରହ୍ମପୁର ବିଜୟ ବିହାରସ୍ଥିତ ସୌମ୍ୟା ସୌଜନିକାଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।


ଚନ୍ଦ୍ରିମା -ସ୍ୱୟମ୍ଭ

## ଶିଖରରେ ଲିପିକା

ବରଗଡ଼ ଝିଅ ଲିପିକା ସେଠ ଗୋଟିଏ ବର୍ଷରେ ୨ଟି ପର୍ବତାରୋହଣ କରି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। ବର୍ଷ ପ୍ରାରମ୍ଭରେ ଲିପିକା ଓ କୁଶ ଆର୍ଲବ ଆଫ୍ରିକା ମହାଦେଶର ଉଚ୍ଚତମ ଶୃଙ୍ଗ କିଲିମାଞ୍ଜାରୋ ଆରୋହଣ କରିଥିଲେ। ପରେ ୟୁରୋପ ମହାଦେଶର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବ୍ରୁସ ଆରୋହଣ କରି ନିଜ କ୍ୟାରିୟରକୁ ଆଗକୁ ବଢ଼ାଇଛନ୍ତି ଏହି ସାହସୀ ଯୁବତୀ।

## ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ

ଓଡ଼ିଶା ଚେସ୍ ପାଇଁ ଏହି ବର୍ଷ ଶୁଭଖବର ଆଣିଥିଲେ ସ୍ୱୟମ୍ଭ ମିଶ୍ର। ସେ ରାଜ୍ୟର ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ହେବାର ସୌଭାଗ୍ୟଲାଭ କରିଥିଲେ। ଦେବାଶିଷ ଦାସ ଗ୍ରାଣ୍ଡମାଷ୍ଟର ହେବାର ୬ ବର୍ଷ ପରେ ରାଜ୍ୟକୁ ଏହି ସଫଳତା ମିଳିଥିଲା।

## ହାଇ ପ୍ରୋଫାଇଲ ଓସିଏ ନିର୍ବାଚନ

ଓଡ଼ିଶା କ୍ରିକେଟ ଆସୋସିଏଶନର ହାଇ ପ୍ରୋଫାଇଲ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନୀ ଉଷ୍ମତା ରାଜ୍ୟ କ୍ରୀଡ଼ାକୁ ବେଶ୍ ସରଗରମ କରିଥିବାବେଳେ ଆଶୀର୍ବାଦ ବେହେରାଙ୍କ ଗୋଷ୍ଠୀର ୬ ଜଣଯାକ ପ୍ରାର୍ଥୀ କ୍ଲିନ୍ ସୁଇପ୍ କରିଥିଲେ। ଓସିଏର ୧୦ମ ସଭାପତିଭାବେ ପଙ୍କଜ ଲୋଚନ ମହାନ୍ତି ଓ ୬ଷ୍ଠ ସମ୍ପାଦକ ଭାବେ ସଞ୍ଜୟ ବେହେରା ନିର୍ବାଚିତ ହୋଇଥିଲେ। ଏହା ବ୍ୟତୀତ ଅକ୍ଷୟ କୁମାର ସାମନ୍ତ ଉପସଭାପତି, ମେହତାବ ଖାନ୍ ଯୁଗ୍ମ ସମ୍ପାଦକ, ବିକାଶ ପ୍ରଧାନ କୋଷାଧ୍ୟକ୍ଷ ଓ ଶୁଭାଶିଷ ସେନାପତି ଆପେକ୍ସ କାଉନ୍ସିଲ ପଦବୀ ମଣ୍ଡନ କରିଥିଲେ।


ନିର୍ବାଚିତ ଓସିଏ କର୍ମକର୍ତ୍ତା।



## ସଂକ୍ଷେପରେ

### ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୨ତମ ଆବିର୍ଭାବ ମହୋତ୍ସବ

**ରାହାମା,୨୬।୧୨(ଡି.ଏନ୍.ଏ.):** କୁଜଙ୍ଗ ବ୍ଲକ ଅଧିନସ୍ଥ ରାହାମା ସତ୍ସଙ୍ଗ ବିହାରଠାରେ ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନକୁଳଚନ୍ଦ୍ରଙ୍କ ୧୩୨ତମ ଆବିର୍ଭାବ ଉତ୍ସବ ଓ ସତ୍ସଙ୍ଗବିହାରର ବାର୍ଷୀକ ଉତ୍ସବ ବୁଧବାର ପାଳିତ ହୋଇଛି। ପ୍ରତ୍ୟୁଷରୁ ବେଦ ମାଙ୍ଗଳିକ, ପ୍ରାର୍ଥନା, ସଦ୍ଗ୍ରନ୍ଥ ପାଠ, ପରେପରେ ତିର୍ତ୍ତୋଲ ଆଦିକବି ଶାରଳାଦାସ ମହାବିଦ୍ୟାଳୟ ଅଧକ୍ଷଙ୍କ ଦ୍ୱାରା ସ୍ୱସ୍ତିପତକା ଉତ୍ତୋଳନ କରାଯାଇଥିଲା। ରଥାରୁଢ ଶ୍ରୀ ବିଗ୍ରହଙ୍କୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନଗରପରିକ୍ରମା କରାଯାଇଥିଲା। ସଙ୍ଗୀତାଞ୍ଜଳୀ, କିଶୋର ସତସଙ୍ଗ, ମାତୃସମ୍ମିଳନୀ, ସନ୍ଧ୍ୟା ପ୍ରାର୍ଥନା ସହିତ ସତ୍ସଙ୍ଗ ସଦାଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ସତ୍ସଙ୍ଗରେ ଉତ୍ସବ କମିଟିର ସଭାପତି ଉମ୍ବରୁଧର ଦାସ ସଭାପତିତ୍ୱ କରିଥିବାବେଳେ ହୃଷୀକେଷ ଆଚାର୍ଯ୍ୟ, ବିନାୟକ ମହାପାତ୍ର, ସତ୍ୟବାନ ତ୍ରିପାଠୀ, ନିରୋଦ ଆଚାର୍ଯ୍ୟ, ଦୀପକ ରଞ୍ଜନ ରାଜଗୁରୁ, ପ୍ରଶାନ୍ତ ମହାପାତ୍ର, ସୁରେନ୍ଦ୍ର ଷଡ଼ଙ୍ଗୀ, ରତ୍ନାକର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଆଲୋଚକଭାବେ କୁମୁଦ ଚନ୍ଦ୍ର ପ୍ରଧାନ ଯୋଗଦେଇ ସାଧୁସଙ୍ଗ, ସତ୍ସଙ୍ଗ ସମାଜର ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଦିବ୍ୟବାଣୀ, ଭାବଧାରା ଆଜିର ସମାଜକୁ ଶୃଙ୍ଖଳିତ କରି ଏକ ଆଧାତ୍ମିକ ପରିବେଶର ଉଦ୍ରେକ କରିପାରିବ ବୋଲି କହିଥିଲେ। ୫୭ଜଣ ସଦ୍ମନ୍ତ୍ର ଗ୍ରହଣ କରିଥିଲେ।

### ୧୯୮୯ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ

**ବାଲିକୁଦା,୨୬।୧୨(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ଅନ୍ତର୍ଗତ କୃଷ୍ଣଦାସପୁର ପଞ୍ଚାୟତର ବାଲୁଙ୍କେଶ୍ୱର ବିଦ୍ୟାପୀଠରେ ୧୯୮୯ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା । ଉତ୍ସବରେ ଦୀପକ ପଟ୍ଟନାୟକ, ବୃନ୍ଦାବନ ମିଶ୍ର, କବ୍ୟ ରାଉତରାୟ, ପ୍ରଦୀପ୍ତ ଦାସ, ପ୍ରଭୁ ଦାସ, ବିଚିତ୍ରାନନ୍ଦ ପୋଥାଳ, ପ୍ରଭାସ ପଣ୍ଡା, ପ୍ରତିମା ଦାସ, ମେନକା ଦଳାଇ, କାମିନି ରଥ, ମିନାକ୍ଷୀ ମଲ୍ଲିକ ଓ ଶ୍ରୀକାନ୍ତ ବାରିକ ପ୍ରମୁଖ ଯୋଗଦେଇ 'ମୋ ସ୍କୁଲ' ଅଭିଯାନରେ ଉକ୍ତ ବ୍ୟାଚର ସବୁ ଛାତ୍ରୀଛାତ୍ରଙ୍କୁ ସାମିଲ କରିବା ପାଇଁ ଆଲୋଚନା କରିଥିଲେ।

### ତିର୍ତ୍ତୋଲରେ ବିଜେଡି ପ୍ରତିଷ୍ଠା ଦିବସ
### ରାଜ୍ୟବାସୀଙ୍କ ପାଇଁ ଦୁଇ ଦଶନ୍ଧିର ଯାତ୍ରା ସଫଳ

**ରଘୁନାଥପୁର ,୨୬। ୧୨ (ଡି.ଏନ.ଏ.):** ରାଜ୍ୟ ପ୍ରଗତିର ସାରଥି ହେଉଛନ୍ତି ସାଧାରଣଜନତା। ଏହାକୁ ନେଇଆଣି ଥୋଇବାର ବିନ୍ଧାଣି ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଜୁବାବୁଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବାକୁ ସର୍ବଦା ଚେଷ୍ଟା ଜାରି ରଖିଥିବା ନବୀନବାବୁଙ୍କ ଉଦ୍ୟମ ତଥା ରାଜ୍ୟବାସୀଙ୍କ ଆକୁଣ୍ଠ ଭଲ ପାଇବା ଯୋଗୁ ଦୁଇ ଦଶନ୍ଧିର ଯାତ୍ରା ସଫଳ ହୋଇପାରିଛି। ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗ ସ୍ୱାମୀ ଅରୂପାନନ୍ଦ କଲେଜ ପଡିଆରେ ଅନୁଷ୍ଠିତ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀସ୍ତରୀୟ ୨୩ତମ ବିଜେଡି ପ୍ରତିଷ୍ଠା ଦିବସ ପାଳନରେ ବିଧାୟକ ବିଷ୍ଣୁ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉପରୋକ୍ତ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ରାଜ୍ୟରେ ନାରୀ ସଶକ୍ତୀକରଣ, ବିଭିନ୍ନ ମାଧମରେ ବେକାରଙ୍କୁ ନିଯୁକ୍ତି, ବରିଷ୍ଠ ନାଗରିକଙ୍କୁ ସହାୟତା, କୃଷି ଓ ଜଳସେଚନର ବ୍ୟବସ୍ଥା, ଶିକ୍ଷା ଓ ସ୍ୱାସ୍ଥ୍ୟରେ ସୁଧାର ଏବଂ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ରାଜ୍ୟ ସରକାର ବିଭିନ୍ନ ଯୋଜନା କରି ସାଧାରଣଜନତାଙ୍କୁ ସୁବିଧା ଯୋଗାଇ ଦେଇଥିବା ମୁଖ୍ୟମନ୍ତ୍ରୀ ନବୀନବାବୁଙ୍କ ସମ୍ପର୍କରେ ବିଧାୟକ ଦାସ କହିଥିଲେ। ସଭାରେ ବ୍ଲକ ଅଧକ୍ଷା ସ୍ୱପ୍ନାସରିତା ବଳ, ତିର୍ତ୍ତୋଲ ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ପୂର୍ବତନ ବିରିଡି ବ୍ଲକ ସଭାପତି ରବିନାରାୟଣ ଜେନା, ତିର୍ତ୍ତୋଲ ବ୍ଲକ ବିଜେଡି ସଭାପତି ବସନ୍ତ ମହାପାତ୍ର, ଜିଲା ଉପସଭାପତି ସରୋଜକାନ୍ତ ସ୍ୱାଇଁ, ପୂର୍ବତନ ରଘୁନାଥପୁର ବ୍ଲକ ଅଧକ୍ଷ ରଜତ କୁମାର ପାତ୍ର, ରାଜ୍ୟ ବିଜୁ କୃଷକ ମୋର୍ଚ୍ଚାର ସମ୍ପାଦକ ଅନ୍ତର୍ଯ୍ୟାମୀ ରାଉତ, ଜିଲା ପରିଷଦ ସଭ୍ୟ ସନାତନ ଦଳାଇ, ଲତା ଦାସ, ଜିଲା ସଂଖ୍ୟାଲଘୁ ସେଲର ଅଧକ୍ଷ ମିର ଆଜମେର, ଛାତ୍ରନେତା ଜୋସେଫ ସ୍ୱାଇଁ, ସରପଞ୍ଚ, ସମିତିସଭ୍ୟାସଭ୍ୟଙ୍କ ସମେତ ବହୁ କର୍ମକର୍ତ୍ତା ନିଜର ବକ୍ତବ୍ୟ ରଖିଥିଲେ।

## ମା'ଶାରଳା ମନ୍ଦିରରେ ଏଜି ଅଡିଟ୍
# ମିଳୁନି ୫୧୬ ଏକର ଜମିର କାଗଜପତ୍ର

**ଜଗତ୍ସିଂହପୁର ଅଫିସ, ୨୬।୧୨**



- ପ୍ରଭାବଶାଳୀ ବ୍ୟକ୍ତିଙ୍କ ଜବରଦଖଲରେ ଜମି ରହିଥିବା ଅଭିଯୋଗ
- ଜମି ସମ୍ପର୍କିତ ତଥ୍ୟ ପାଇଁ କଟକ, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା ଓ ଜଗତ୍ସିଂହପୁର ଏଡିଏମ୍‌ଙ୍କୁ ଚିଠି
- କନକପୁର ମୌଜାରେ ଶାଗମୁଗ ଦରରେ ଭଡ଼ାରେ ଲାଗିଛି ମନ୍ଦିରର ୧୨୫ ବଖରା

ଜଗତ୍ସିଂହପୁର ଜିଲାର ପ୍ରମୁଖ ତୀର୍ଥସ୍ଥଳ ଝଙ୍କଡ଼ ସ୍ଥିତ ମା'ଶାରଳା ମନ୍ଦିରରେ ହୋଇଥିବା ଅଡିଟରେ ଜେନେରାଲ(ଏଜି)ଙ୍କ ଅଡିଟ ରିପୋର୍ଟରେ ବହୁ ଗୁମର ତଥ୍ୟ ଆସିବାରେ ଲାଗିଛି। ଶାରଳା ମନ୍ଦିରରେ ନିୟୋଜିତ ୨୮କର୍ମଚାରୀଙ୍କ ନିଯୁକ୍ତି ସମ୍ବନ୍ଧୀୟ ତଥ୍ୟ ମିଳୁ ନ ଥିବାବେଳେ ଏବେ ଜମିବାଡ଼ିକୁ ନେଇ ବିବାଦ ଥିବା ଜଣାପଡ଼ିଛି। ମନ୍ଦିରର ଶତାଧିକ ଏକର ଜମି ରହିଥିଲେ ବି ସେଗୁଡ଼ିକର କାଗଜପତ୍ର ମିଳୁ ନାହିଁ। ଆଉ ସେହି ସବୁ ଜମି ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦଖଲରେ ରହିଥିବା ଅଡିଟ ସମୟରେ ଜଣାପଡ଼ିଛି।

୧୯୪୭ରେ ମନ୍ଦିରର ପୂର୍ବତନ ପରିଚାଳନା ସମିତି ସଭ୍ୟ ଚିନ୍ତାମଣୀ ଆଚାର୍ଯ୍ୟଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକରେ ମନ୍ଦିରର ୫୧୬.୨୪ ଏକର ଜମି ରହିଥିବା ଉଲ୍ଲେଖ ରହିଛି। ହେଲେ ସେସବୁ ଜମିର କାଗଜପତ୍ର ଏବେ ମିଳୁନାହିଁ। ଏଜିଙ୍କ ପକ୍ଷରୁ କରାଯାଇଥିବା ଅଡିଟ ସମୟରେ ମନ୍ଦିର ପ୍ରଶାସନ, ସେବାୟତ, ପଣ୍ଡା କିମ୍ବା ଅନ୍ୟକେହି ଏହି ଜମି ସମ୍ପର୍କିତ କାଗଜପତ୍ର ଦାଖଲ କରିପାରି ନାହାନ୍ତି। ଫଳରେ ଉକ୍ତ ଜମିଗୁଡ଼ିକର ବାସ୍ତବତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଜମିସବୁ କଟକ, ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଓ ଜଗତ୍ସିଂହପୁର ଜିଲାରେ ଥିବାରୁ ସମ୍ପୃକ୍ତ ଜିଲାର ଅତିରିକ୍ତ ଜିଲାପାଳଙ୍କୁ ଏନେଇ ପୂର୍ଣ୍ଣ ତଥ୍ୟ ଦେବାକୁ ଏଜିଙ୍କ ପକ୍ଷରୁ ଚିଠି କରାଯାଇଛି। ଅନ୍ୟପଟେ ମା'ଙ୍କ ଜମି ସବୁ ଅନେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଜବରଦଖଲରେ ରହିଥିବାରୁ ଅଡିଟ୍ ସମୟରେ ସ୍ଥାନୀୟ ତହସିଲଦାର ସହଯୋଗ କରି ନ ଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ଓ ଉଚ୍ଚ ନ୍ୟାୟାଳୟ ଏଥିପ୍ରତି ଗୁରୁତ୍ୱର ସହ ଚିନ୍ତା କରିବାକୁ ସାଧାରଣରେ ଦାବି ହେଉଛି।

ମା'ଶାରଳାଙ୍କ ସମୁଦାୟ ୫୧୬.୨୪ ଏକର ଜମି ମଧ୍ୟରୁ ବାହେଲ ୩୬୦.୮୧ ଏକର, ବାର୍ଯ୍ୟାପ୍ତି ୧୨୮.୬୨, ଇସ୍ତମୁରାରି ପଟ୍ଟା ୧୨, ସ୍ଥିତିବାନ ସତ୍ୱ ୧୪.୧୮ ଏକର ରହିଛି। ତତ୍କାଳୀନ ସମୟରେ ୬୧.୨୮ ଏକର ଭାଗଚାଷ ହେଉଥିଲା। ନଗଦ ଖଜଣାରେ ୯୩.୨୩, ଭାଗଚାଷ ୨୨.୭୦, ଜାଗିର ୩୦.୯୩ ଏକର। ମନ୍ଦିରକୁ କାଠ ଯୋଗାଇବା ପାଇଁ ଧୋବା ଜାଗିରି, କୁମ୍ଭାର, ଗୁଡ଼ିଆ ଓ ଦେବଦାସୀ ଆଦିଙ୍କୁ ଦିଆଯାଇଥିଲା। ସେହିପରି ନଡ଼ିଆ ଗଛ, ମାଛ ପୋଖରୀ, ହାଟ ଆଦି ନିଲାମ ହେଉଥିଲା। ଏହାବାଦ୍ ଯଜମାନଙ୍କଠାରୁ ଦାନ, ଭୋଗ ବିକ୍ରି, ଧନ କରଜ ଆଦି ମାଧ୍ୟମରେ ମନ୍ଦିରର ରାଜସ୍ୱ ବୃଦ୍ଧି କରାଯାଉଥିବାନେଇ ଚିନ୍ତାମଣୀ ଆଚାର୍ଯ୍ୟଙ୍କ ପୁସ୍ତକରେ ଉଲ୍ଲେଖ ରହିଛି। କିନ୍ତୁ ଏସବୁ ମଧ୍ୟରୁ ଅଧିକାଂଶ ଜମି ଜବରଦଖଲରେ ରହିଥିବା କୁହାଯାଉଛି। ଜବରଦଖଲକାରୀମାନେ ମନ୍ଦିର ପ୍ରଶାସନ କର୍ମଚାରୀଙ୍କୁ ମୋଟା ଅଙ୍କର ଟଙ୍କା ଦେଇ ଉକ୍ତ ଜମିର କାଗଜପତ୍ର ଲୁଚାଇ ଦେଇଥିବା ସନ୍ଦେହ କରାଯାଉଛି। ଅନ୍ୟପଟେ କନକପୁର ମୌଜାରେ ମା'ଙ୍କ ଜମିରେ ଥିବା ୧୨୫ବଖରା ଘର ଶାଗମୁଗ ଦରରେ ଭଡ଼ାରେ ଲାଗିଛି। କିନ୍ତୁ ଭଡ଼ା ସଂକ୍ରାନ୍ତରେ କୌଣସି ତଥ୍ୟ ନାହିଁ। ସେହିପରି ୫ ଏକର ବିଶିଷ୍ଟ ଠାକୁରାଣୀ ହାଟରୁ ମଧ ସେଭଳି କିଛି ଆଦାୟ ହୋଇପାରୁ ନାହିଁ। ନିୟମ ଦୃଷ୍ଟିରୁ ଠାକୁରାଣୀ ହାଟରୁ କନକପୁର ବଜାର ପର୍ଯ୍ୟନ୍ତ ବେଞ୍ଚ ମାର୍କ ମୂଲ୍ୟ ତିର୍ତ୍ତୋଲ ତହସିଲଦାର ନିର୍ଦ୍ଧାରଣ କରିବା କଥା। ଯେଉଁ ଆଧାରରେ ଘର ଭଡ଼ା ଆଦି ଧାର୍ଯ୍ୟ କରାଯାଇଥାନ୍ତା। କିନ୍ତୁ ତାହା କରାଯାଉନାହିଁ। ଏ ସମ୍ପର୍କରେ ମନ୍ଦିର ନିର୍ବାହୀ ଅଧିକାରୀ ସଂଗ୍ରାମ କେଶରୀ ଧଳଙ୍କୁ ପଚାରିବାରୁ ସେ କମ୍ ଦିନ ହେବ ଏହି ଦାୟିତ୍ୱରେ ଅଛନ୍ତି। ମାତ୍ର ସେ ଯୋଗଦେବା ବେଳକୁ ମନ୍ଦିର କାଗଜପତ୍ର ନ ଥିଲା ବୋଲି କହିଛନ୍ତି। ଏନେଇ ତହସିଲ୍‌ଦାର ସୁଜାତା ପାତ୍ରଙ୍କୁ ପଚାରିବାରେ ଆର୍‌ଆଇମାନଙ୍କ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବାରେ ବିଳମ୍ବ ହୋଇଥିଲା। ଏବେ ସମସ୍ତ ତଥ୍ୟ ତହସିଲ୍ କାର୍ଯ୍ୟାଳୟରେ ଆର୍‌ଆଇମାନେ ଦାଖଲ କରିଛନ୍ତି। ଆମେ ତାକୁ ଖୁବ୍‌ଶୀଘ୍ର ସହକାରୀ ଦେବୋତ୍ତର କମିଶନଙ୍କ ନିକଟରେ ଦାଖଲ କରିବୁ ବୋଲି କହିଛନ୍ତି।

### ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



**ବାଲିଆ, ୨୬।୧୨ (ଡି.ଏନ୍.ଏ.)** ବିଜୁ ଜନତା ଦଳ (ବିଜେଡି)ର ପ୍ରତିଷ୍ଠା ଦିବସ ଉପଲକ୍ଷେ ବିରିଡି ବ୍ଲକ ବିଜେଡି ପକ୍ଷରୁ ବିରିଡି ରୋଡ୍‌ସ୍ଥିତ ବିଜୁ ଭବନ ପରିସରରେ ଥିବା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଜିଲା ବିଜେଡି ଉପସଭାପତି ରବି ନାରାୟଣ ଜେନା ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଜିଲା ବିଜେଡି ସଭାପତି ପ୍ରଦୀପ୍ତ କୁମାର ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ପରିଷଦ ସଭ୍ୟ ନୃସିଂହ କୁମାର ଦାଶ, ପୂର୍ବତନ ଜିଲା ପରିଷଦ ସଭ୍ୟ ନେତ୍ରାନନ୍ଦ ପାତ୍ର, ପୂର୍ବତନ ସରପଞ୍ଚ କାଳନ୍ଦୀ ବସ୍ତିଆ, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ଲତା ଦାସ, ଜିଲା ସମ୍ପାଦକ ପବିତ୍ର ପଶାୟତ, ଜିଲା ସଂଖ୍ୟା ଲଘୁ ସେଲ୍ ଅଧକ୍ଷ ମୀର ଆଜମିର ଅଲ୍ଲୀ, ସୁରେଶ ଜେନା, ଆୟୁବ ସାହା, ତୃପ୍ତି ରାୟ, ଜ୍ୟୋତି ରଞ୍ଜନ ଜେନା, ରାଜୁ ଭୋଇ ଓ ଅନ୍ୟମାନେ ଯୋଗଦେଇଥିଲେ।

## ଜିଲାସ୍ତରୀୟ ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ
# ଲୋକଙ୍କ ଆସ୍ଥା ବୃଦ୍ଧି ପାଇଁ ପ୍ରୟାସ ଜାରି ରହିବ

**ଜଗତ୍ସିଂହପୁର ଅଫିସ, ୨୬।୧୨**



ବିଜେଡି ପ୍ରତିଷ୍ଠା ଦିବସରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

- ସଭ୍ୟ ସଂଗ୍ରହରେ ଜଗତ୍ସିଂହପୁର ରାଜ୍ୟରେ ୧୦ମ
- ସଭ୍ୟ ସଂଗ୍ରହ ତଥ୍ୟ ୯୯% ଠିକ୍

ମୁଖ୍ୟମନ୍ତ୍ରୀ ତଥା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ପାଇଁ ବିଜେଡି ସାରା ରାଜ୍ୟ ତଥା ଦେଶରେ ଲୋକପ୍ରିୟତା ହାସଲ କରିଛି। ନବୀନଙ୍କ ଲୋକାଭିମୁଖୀ ଯୋଜନା ଦଳକୁ ସଶକ୍ତ କରିପାରିଛି। ଗୁରୁବାର ଜିଲାସ୍ତରୀୟ ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ଉତ୍ସବରେ ସଭାପତିତ୍ୱ କରି ଜଗତ୍ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଏକ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଥିଲେ ଯେ, ଜଗତ୍ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ନିଜର ଶକ୍ତି ବୃଦ୍ଧି କରି ଚାଲିଛି। ଅନ୍ୟ ଦଳରୁ ନେତା ଓ କର୍ମୀମାନେ ବିଜେଡି ଆଡକୁ ମୁହାଁଉଛନ୍ତି। ତଥାପି ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବାକୁ ପଡିବ। ଲୋକଙ୍କ ଆସ୍ଥା ବୃଦ୍ଧି ପାଇଁ ପ୍ରୟାସ ଜାରି ରହିବ। ଶୁକ୍ରବାରଠାରୁ ପଞ୍ଚାୟତ, ବ୍ଲକ, ଜିଲା ଓ ରାଜ୍ୟସ୍ତରୀୟ ସାଙ୍ଗଠନିକ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେଉଛି। ଏହା ୨ ମାସ ପର୍ଯ୍ୟନ୍ତ ଚାଲିବ। ମାସକ ଭିତରେ ପଞ୍ଚାୟତ, ବ୍ଲକ ଓ ଜିଲାସ୍ତରୀୟ କର୍ମକର୍ତ୍ତା ବଛାଯିବେ। ଏହାକୁ ସ୍ୱଚ୍ଛତାର ସହ କରିବା ପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଥିବା ବିଧାୟକ ମୁଦୁଲି ସୂଚନା ଦେଇଥିଲେ। ଅନ୍ୟ ନେତାମାନେ କହିଥିଲେ, ସଭ୍ୟ ସଂଗ୍ରହରେ ଜଗତ୍ସିଂହପୁର ରାଜ୍ୟରେ ୧୦ମ ସ୍ଥାନରେ ରହିଛି। ସେହିପରି ଆଧାର, ଭୋଟ ପରିଚୟ ପତ୍ର ଆଦି ମାଧ୍ୟମରେ ଯେଉଁ ସଭ୍ୟ ସଂଗ୍ରହ ଅଭିଯାନ ଚାଲିଥିଲା, ତାହା ୯୯% ଠିକ୍ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ଦୋଳଗୋବିନ୍ଦ ଦାଶ, ମନୋଜ ଭୋଇ, ମଧୁସୂଦନ ସାହୁ, ବିବେକାନନ୍ଦ ବେହେରା, ସମ୍ବିତ ମହାନ୍ତି, ପ୍ରଦୀପ୍ତ ସ୍ୱାଇଁ, ମିନତୀ ଦାଶ, ଜ୍ୟୋତିଷ ଦାଶ, ଦୀପ୍ତି ଦାଶ, ବିଜୟଲକ୍ଷ୍ମୀ ବେହେରା, ସୁଜିତ କୁମାର ମଲ୍ଲିକ, ପ୍ରକାଶ ବସ୍ତିଆ, ପ୍ରିୟବ୍ରତ ମହାପାତ୍ର, ଏଲିନା ଦାଶ, ସୁବଳ ବେହେରା, କିରଣବାଳା ସାସମଲ, ଜଗନ୍ନାଥ ମୁଦୁଲି, ବିଳାସିନୀ ଦେବୀ, ଦେବୀଦତ୍ତ ମହାନ୍ତି, ପ୍ରସନ୍ନ ସ୍ୱାଇଁ, ସମ୍ବିତ ଲେଙ୍କା, ସରୋଜ ବିଶ୍ୱାଳ, ପ୍ରସନ୍ନ ମହାନ୍ତି, ରତି ରଞ୍ଜନ ବେହେରା, ଜ୍ଞାନ ରଞ୍ଜନ ମହାନ୍ତି, ନରେଶ ଦାଶ ଓ ବ୍ରଜେନ୍ଦ୍ର ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ନିର୍ବାଚନମଣ୍ଡଳୀର ସହସ୍ରାଧିକ ଦଳୀୟ ନେତା ଓ କର୍ମୀଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ବିଧାୟକ ସାନବଜାରସ୍ଥିତ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ୧୧ତମ ବାର୍ଷିକୋତ୍ସବ
# ବାସ୍ତବଧର୍ମୀ ସାହିତ୍ୟ ରଚନା ଉପରେ ଗୁରୁତ୍ୱ

**ତିର୍ତ୍ତୋଲ,୨୬।୧୨ (ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ସାଗବାରିଆସ୍ଥିତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସମିତି ଗୃହ ପରିସରରେ ଗୁରୁବାର ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ଏକାଦଶତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ଏରସମା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମାଝି ଏହାକୁ ଉଦ୍‌ଘାଟନ କରିଥିଲେ। ଉପସଭାପତି ହେମନ୍ତ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ମୁଖ୍ୟଅତିଥିଭାବେ ପ୍ରାଧ୍ୟାପକ ଡ.ବିଦ୍ୟାଧର ବେହେରା, ମୁଖ୍ୟବକ୍ତା ସନ୍ତୋଷ କୁମାର ସାମଲ ଓ ସମ୍ମାନିତବକ୍ତା କବି ଡା.ଶୁଭ କୁମାର ଦାଶ ଯୋଗଦେଇଥିଲେ। ସମ୍ମାନିତଅତିଥିଭାବେ ଦିଲ୍ଲୀ ଦୂରଦର୍ଶନର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ନିତ୍ୟାନନ୍ଦ ଜେନା, ପ୍ରଶାନ୍ତ କୁମାର ଦଲେଇ, କୈଳାସ ଚନ୍ଦ୍ର ସ୍ୱାଇଁ ଓ ଗୋଲୋକ ବିହାରୀ ପଲାଇ ପ୍ରମୁଖ ଯୋଗଦେଇଥିଲେ ଏହି ଅବସରରେ ସବିତା ନାୟକ, ମହେସ୍ମିତା ଓଝା ଓ ତୁଳସୀ ବରାଳଙ୍କ ସଂଯୋଜନାରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା। ସଂସଦର ସଭାପତି ପ୍ରେମଚରଣ ରାଉତ ବାର୍ଷିକୋତ୍ସବକୁ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସାରସ୍ୱତ ଆସରରେ କାର୍ଯ୍ୟକାରୀ ସଭାପତି ପଣ୍ଡିତ ନାଗୁଚରଣ ଦେବତା ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଅବସରପ୍ରାପ୍ତ ପାରାଦ୍ୱୀପ ବନ୍ଦର ସଚିବ ପ୍ରଭାତ କୁମାର ନନ୍ଦ ଯୋଗଦେଇ ବାସ୍ତବଧର୍ମୀ ସାହିତ୍ୟ ରଚନା ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟବକ୍ତା ଗାଳ୍ପିକ ରବି ସ୍ୱାଇଁ ପରିବେଶ ପ୍ରଦୂଷଣ ମାନବ ସଭ୍ୟତା ପାଇଁ ବିପଦ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ପିତାମ୍ବର ତରାଇ, ଅକ୍ଷୟ କୁମାର ରାଉତ ଓ ଅଞ୍ଜନା ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ 'ସୁଶ୍ରୀ ଶୁଭଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ସଂସଦର ମୁଖପତ୍ର 'ସୁଶ୍ରୀ ଶୁଭଶ୍ରୀ'କୁ ଅତିଥି ମାନେ ଉନ୍ମୋଚନ କରିଥିଲେ । କାର୍ଯ୍ୟକାରି ସମ୍ପାଦକ ନଗେନ୍ଦ୍ରନାଥ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ହୃଷିକେଶ ଜେନା ଧନ୍ୟବାଦ ଦେଇଥିଲେ।


କୃତୀ ପ୍ରତିଭାଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଆଧ୍ୟାତ୍ମିକ ମାର୍ଗ ଅନୁସରଣ କରିବାକୁ ପରାମର୍ଶ

**ନାଉଗାଁ, ୨୬।୧୨ (ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅଧୀନ ଶାଳିଜଙ୍ଗା ସରସ୍ୱତୀ ଶିଶୁମନ୍ଦିରର ରଜତ ଜୟନ୍ତୀ ସମାରୋହ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଅଧକ୍ଷ ହଇକିଶୋର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରଷିକେଶସ୍ଥିତ ଦିବ୍ୟଜୀବନ ସଂଘର ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଅନ୍ୟ ବିଦ୍ୟା ପ୍ରତି ଆକୃଷ୍ଟ ହେବା ସହିତ ଆଧ୍ୟାତ୍ମିକ ମାର୍ଗକୁ ଅନୁସରଣ କଲେ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିପାରିବେ ବୋଲି ପରାମର୍ଶ ଦେଇଥିଲେ। ଓଡ଼ିଶାର ପୂର୍ବ ସଂଭାଗ ଶିକ୍ଷା ବିକାଶ ସମିତି ସମ୍ପାଦକ ରମେଶ ଚନ୍ଦ୍ର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମାଜିକ ବ୍ୟାଧିର ମହୌଷଧି ହେଉଛି ଶିକ୍ଷା ବୋଲି ମତବ୍ୟକ୍ତ କରିଥିଲେ। ଇସ୍ରୋର ବୈଜ୍ଞାନିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗାଁରେ ଶିକ୍ଷାର ବିକାଶ ଦିଗରେ ଆଲୋକପାତ କରିଥିଲେ। ଶାରଳା ସାହିତ୍ୟ ସଂସଦ ପ୍ରତିଷ୍ଠାତା ଇଂ. ପ୍ରଭାକର ସ୍ୱାଇଁ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବାବୁରାମ ବାରିକ ଯୋଗଦେଇଥିଲେ। ସମିତି ଉପସଭାପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିଶୁ ମନ୍ଦିରର ପୂର୍ବତନ ଛାତ୍ର ମାନସ ରଞ୍ଜନ ଜେନା ମଞ୍ଚ ପରିଚାଳନା କରିଥିଲେ।

# ବିକାଶମୂଳକ ଯୋଜନା ଲୋକପ୍ରିୟ କରାଇଛି




**କୁଜଙ୍ଗ,୨୬।୧୨(ଡି.ଏନ୍.ଏ)** ପାରାଦୀପ ନିର୍ବାଚନମଣ୍ଡଳୀ ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ସମାବେଶ କୁଜଙ୍ଗ ବ୍ଲକ ପଡ଼ିଆଠାରେ ଗୁରୁବାର ସନ୍ଧ୍ୟାରେ ପାଳିତ ହୋଇଛି। କୁଜଙ୍ଗ ବ୍ଲକ ବିଜେଡି ସଭାପତି ନରେନ୍ଦ୍ର କୁମାର ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଯୋଗ ଦେଇ ବିଜେଡି ସରକାର ଓ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ୫ – ଟିର ଉପକାରିତା, କାଳିଆ ଯୋଜନା, ଆହାର, ମମତା ଓ ହରିଶ୍ଚନ୍ଦ୍ରଭଳି ପ୍ରଗତିମୂଳକ ଯୋଜନାକୁ ଅଧିକ ଲୋକପ୍ରିୟ କରିବାକୁ ସେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଆସନ୍ତା ଫେବୃୟାରୀ ମାସରେ ଆନ୍ଧ୍ର ଢାଞ୍ଚାରେ ଶିଳ୍ପାନୁଷ୍ଠାନରେ କିପରି ୭୦ଭାଗ ସ୍ଥାନୀୟ ବେକାର ନିଯୁକ୍ତି ପାଇବେ ସେଥିପାଇଁ ବିଧାନସଭାରେ ବିଲ୍ ପାରିତ ହେବାର ଅଛି। ଯାହାକି ପାରାଦୀପ ନିର୍ବାଚନମଣ୍ଡଳୀର ବେକାରଙ୍କ ମୁହଁରେ ହସ ଫୁଟାଇବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି କୁଳମଣି ସାମଲ, ପାରାଦୀପ ମ୍ୟୁନିସିପାଲିଟିର ଅଧକ୍ଷ ବସନ୍ତ କୁମାର ବିଶ୍ୱାଳ, କୁଜଙ୍ଗ ପଞ୍ଚାୟତ ସମିତି ଅଧକ୍ଷ ସ୍ମୃତିରଞ୍ଜନ ବେହେରା, ଉପାଧକ୍ଷା ପୁଷ୍ପଲତା ବେହେରା, ସ୍ଥାନୀୟ ସରପଞ୍ଚ ଭାରତ ଭୂଷଣ ନାୟକ, ବିଜେଡି ରାଜ୍ୟ ସମ୍ପାଦକ ପ୍ରମୋଦ କୁମାର ଜେନା, ରଞ୍ଜନ କୁମାର ଦାସ ଓ ସବିତା ମହାପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଭାରତ ଭୂଷଣ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତ ସରପଞ୍ଚ ବିଜୟ କୁମାର ଖଟାଇ, ପୂର୍ବତନ ଉପାଧକ୍ଷ ପ୍ରକାଶ ଚନ୍ଦ୍ର ପରିଡା, ବିଚିତ୍ରାନନ୍ଦ ପ୍ରଧାନ, ସରପଞ୍ଚ ନନ୍ଦିନୀ ପଣ୍ଡା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ଆୟୁଷ ଡାକ୍ତରଙ୍କ ହାତରେ ରୋଗୀଙ୍କ ଭାଗ୍ୟ

**କୁଜଙ୍ଗ,୨୬।୧୨(ଡି.ଏନ୍.ଏ)**

**କୁଜଙ୍ଗ ଉନ୍ନୀତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**
- ଅଧୀକ୍ଷକଙ୍କୁ ଛାଡ଼ିଲେ ନାହାନ୍ତି ଏଲୋପାଥିକ ଡାକ୍ତର
- ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ଅଞ୍ଚଳବାସୀ
- ଦୀର୍ଘ ଦିନ ହେବ ଚାଲୁନି ଏକ୍ସ-ରେ ମେଶିନ

୧୮୯୩ରେ କୁଜଙ୍ଗଠାରେ ତତ୍କାଳୀନ ଜମିଦାର ଉଦୟଚାନ୍ଦ ମହତାବଙ୍କ ଦ୍ୱାରା ପ୍ରତିଷ୍ଠିତ ଡାକ୍ତରଖାନା ସ୍ୱାଧୀନତାର ପରବର୍ତ୍ତୀ ସମୟରେ ସରକାରଙ୍କ ଦ୍ୱାରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ଓ ପରେ ଉନ୍ନୀତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ପାଇଛି। ମାତ୍ର ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକ୍ଷକଙ୍କ ସମେତ ଜଣେ ଶିଶୁରୋଗ ବିଶେଷଜ୍ଞ, ଜଣେ ସର୍ଜରୀ, ଜଣେ ମେଡିସିନ, ଜଣେ ସ୍ତ୍ରୀ ଓ ପ୍ରସୁତି ରୋଗ ବିଶେଷଜ୍ଞ ସମେତ ୫ଜଣ ଏଲୋପାଥିକ ଡାକ୍ତର ନିଯୁକ୍ତି ପାଇବାର ନିୟମ ଅଛି। ପରିତାପର ବିଷୟ ଯେ, ଅଧୀକ୍ଷକଙ୍କୁ ଛାଡ଼ିବାପରେ ଏଠାରେ କୌଣସି ଏଲୋପାଥିକ ଡାକ୍ତର ନାହାନ୍ତି। ଉକ୍ତ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ୩ଜଣ ଆୟୁର୍ବେଦିକ (ଆୟୁଷ) ଡାକ୍ତର ରୋଗୀ ଚିକିତ୍ସା କରୁଛନ୍ତି। ତାହା ପୁଣି ଏଲୋପାଥିକ ଚିକିତ୍ସା । ସାଧାରଣ ଜନତା ଏଭଳି ବିରଳ ଚିକିତ୍ସା ବ୍ୟବସ୍ଥାକୁ ଦେଖି ଭୟରେ ଡାକ୍ତରଖାନା ଦୁଆର ମାଡୁ ନାହାନ୍ତି। କୁଜଙ୍ଗ ଉନ୍ନୀତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଜଗତ୍ସିଂହପୁର ଜିଲାର ସର୍ବପୁରାତନ ଓ ଗୁରୁତ୍ୱପୂର୍ଣ୍ଣ ଡାକ୍ତରଖାନା। ଏହି ଡାକ୍ତରଖାନା ଉପରେ କୁଜଙ୍ଗ ବ୍ଲକର ୨୮ପଞ୍ଚାୟତ ସମେତ ଏରସମା ବ୍ଲକର ୯ଟି ପଞ୍ଚାୟତ, କେନ୍ଦ୍ରାପଡ଼ା ଜିଲାର ୬ଟି ପଞ୍ଚାୟତର ଜନ ସାଧାରଣଙ୍କ ସମେତ ପାରାଦୀପ ପୌରାଞ୍ଚଳ ଓ ଶିଳ୍ପାଞ୍ଚଳର ଲୋକ ନିର୍ଭରଶୀଳ। ଖାଲି ସେତିକି ନୁହେଁ ପାରାଦୀପ ଶିଳ୍ପାଞ୍ଚଳ ଓ ଜାତୀୟ ରାଜପଥ ୫ ନମ୍ବର (କ)ରେ ଦୁର୍ଘଟଣାଗ୍ରସ୍ତ ରୋଗୀମାନେ ମଧ ଉକ୍ତ ଡାକ୍ତରଖାନା ଉପରେ ନିର୍ଭରଶୀଳ। ଏଠାକୁ ପ୍ରତିଦିନ ପ୍ରାୟ ୫ରୁ ଉର୍ଦ୍ଧ୍ୱ ସଡ଼କ ଦୁର୍ଘଟଣାଗ୍ରସ୍ତ ରୋଗୀ ଚିକିତ୍ସାପାଇଁ ଭର୍ତ୍ତି ହେଉଛନ୍ତି। ହେଲେ ଡାକ୍ତର ଅଭାବରୁ ତୁରନ୍ତ ଚିକିତ୍ସା ନ ପାଇଁ ଅନେକଙ୍କୁ ଖର୍ଚ୍ଚାନ୍ତ ହୋଇ କଟକ, ଭୁବନେଶ୍ୱର ନେବାକୁ ପଡୁଛି । ଏଠାରେ ଏକ ଶବ ବ୍ୟବଚ୍ଛେଦ କେନ୍ଦ୍ର ଥିବାରୁ ମାସକୁ ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ବ୍ୟବଛେଦ କରିବାକୁ ପଡୁଛି। ଡାକ୍ତରଖାନାର ଅଧିକ୍ଷକ ଶବ ବ୍ୟବଚ୍ଛେଦ ସମେତ ପ୍ରଶାସନିକ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ଯୋଗୁ ରୋଗୀ ଦେଖିବା ସମ୍ଭବ ହେଉନି। ତଥାପି ସପ୍ତାହକୁ ଦୁଇ ତିନି ଦିନ ଡାକ୍ତରଖାନା ବର୍ହିବିଭାଗରେ କିଛି କିଛି ସମୟ ରୋଗି ଦେଖୁଛନ୍ତି। ଅଧିକାଂଶ ସମୟରେ ଆୟୁର୍ବେଦିକ ଡାକ୍ତରମାନେ ରୋଗୀ ଚିକିତ୍ସା କରୁଛନ୍ତି। ସାଧାରଣରେ ଉକ୍ତ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୁଣୁଗା ଚିକିତ୍ସା କେନ୍ଦ୍ର କହିବାକୁ ଆରମ୍ଭ କଲେଣି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ପୋତାନଇ, ଗୋରଡ, ହଂସୁରା, ରାହାମା, ପଙ୍କପାଳ ଓ ମାଳହୁଙ୍କାଠାରେ ୬ଟି ପ୍ରାଥମିକ କେନ୍ଦ୍ର ଚାଲିଥିଲେ ବି, ପୋତାନଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଆୟୁଷ ଡାକ୍ତର କାର୍ଯ୍ୟରତ ଥିବାବେଳେ ଅନ୍ୟ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଦୌ ଡାକ୍ତର ନାହାନ୍ତି। ଅନ୍ୟପକ୍ଷରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନିଦାନ କେନ୍ଦ୍ରରେ ଅତ୍ୟାଧୁନିକ ଏକ୍ସେ-ରେ ମେଶିନ ଥିଲେ ବି ତାହା ଲୋକଙ୍କ କାମରେ ଆସୁନାହିଁ। ଏହି ଅବ୍ୟବସ୍ଥା ଦୀର୍ଘ ବର୍ଷଧରି ଚାଲିଥିଲେ ବି ଜନପ୍ରତିନିଧି ଓ ଜିଲ୍ଲା ପ୍ରଶାସନର ଏଥିପ୍ରତି ନଜର ଅନ୍ଦାଜ ଜନସାଧାରଣଙ୍କ ଦେହ ସୁହାରେ ପଡ଼ିଗଲାଣି। ଏନେଇ କୁଜଙ୍ଗ ଉନ୍ନୀତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ପ୍ରସନ୍ନ କୁମାର ପଣ୍ଡାଙ୍କୁ ପଚାରିବାରେ ଏଠାରେ ଏଲୋପାଥିକ ଡାକ୍ତର ନିଯୁକ୍ତ ହେଉ ନାହାନ୍ତି। ତେଣୁ ଆୟୁଷ ଡାକ୍ତରଙ୍କ ମାଧ୍ୟମରେ ରୋଗୀ ଚିକିତ୍ସା କରିବାକୁ ପଡୁଛି। ଡାକ୍ତ ନିଯୁକ୍ତି ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ପଣ୍ଡା କହିଛନ୍ତି। ଅପରପକ୍ଷରେ ସରକାର ତୁରନ୍ତ କୁଜଙ୍ଗଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଡାକ୍ତର ନିଯୁକ୍ତିଦେବାକୁ ସାଧାରଣରେ ଦାବି ହେଉଛି।

## ଦୁର୍ଘଟଣାରେ ଯୁବ ବାହିନୀର ୬ ଗୁରୁତର


ଖାଲକୁ ଓଲଟି ପଡ଼ିଥିବା କାର।

**ବନ୍ତଲା,୨୬।୧୨(ଡି.ଏନ.ଏ.):** ଅନୁଗୋଳ ଜିଲା ପୁରୁଣାକୋଟ ଥାନା ପମ୍ପାସର ନିକଟ ପାିୟୁସ ପ୍ଲାଣ୍ଟେଶନ ଦୁର୍ଗା ମନ୍ଦିରଠାରେ ଏକ କାର୍ ଭାରସାମ୍ୟ ହରାଇ ୩୦ ଫୁଟ ଖାଲକୁ ଖସିପଡ଼ିଛି। ଏଥିରେ ଚାଳକ ସମେତ ୬ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବଅଁରପାଳ ଥାନା ବଳରାମ ପ୍ରସାଦ ଗ୍ରାମର ବିଭୂତି ସାହୁ (୩୭), କ୍ଷୀତିଶ ନାହାକ (୨୨), ନାରଣ ଦାସ (୩୨), ସୁବ୍ରତ ସାହୁ(୧୯), ଛବୀନ୍ଦ୍ର ସାହୁ (୩୭) ଓ ଚାଳକ ବନ୍ତଲା ବଜାରର ଟୁକୁ ସାହୁ ଏମାନେ ବିଜୁ ଯୁବ ବାହିନୀର ସଦସ୍ୟ ବୋଲି ଜଣାପଡ଼ିଛି। ପମ୍ପାସର ପିୟୁସ ପ୍ଲାଣ୍ଟେଶନରେ ଅନୁଗୋଳ ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ ଯୋଗଦେବା ପାଇଁ ସମସ୍ତେ କାରରେ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟବାସିନ୍ଦା ସେମାନଙ୍କୁ ଉଦ୍ଧାର କରି ଜିଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ବନ୍ତଲା ଆଇଆଇସି ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ■ ତେଜିଲା ମଦ ବିରୋଧୀ ଆନ୍ଦୋଳନ

# ମହିଳା ଜାଳିଲେ ମଦ ଦୋକାନ

**କବିସୂର୍ଯ୍ୟନଗର,୨୬।୧୨**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ମଦ ବିରୋଧୀ ଆନ୍ଦୋଳନ ତେଜିବାରେ ଲାଗିଛି। ବୁଧବାର ଓ ଗୁରୁବାର ଉତ୍ୟକ୍ତ ଲୋକେ ଏ.ବରିଡ଼ା, କୁଶପଲ୍ଲୀରେ ମଦଭାଟି ଓ ମଦ ବ୍ୟବସାୟୀଙ୍କ ୪ ଘର ଜାଳି ଦେଇଛନ୍ତି। ଗୁରୁବାର ଉତ୍ୟକ୍ତ ଲୋକେ ଫାଣ୍ଡି ଅଧିକାରୀଙ୍କୁ ମାଡ଼ ମାରି ଦୀର୍ଘ ସମୟ ଧରି ଗାଁରେ ଅଟକ ରଖି ପରେ ଛାଡ଼ିଦେଇଥିଲେ।

ସୂଚନାଯୋଗ୍ୟ, ବୁଧବାର ଏ. ବରିଡ଼ା ଗ୍ରାମରେ ସାମାଜିକକର୍ମୀ ଏ. ବ୍ରହ୍ମାନନ୍ଦ ଆଚାରୀ ଗ୍ରାମବାସୀଙ୍କ ସହଯୋଗରେ ମଦ ବିରୋଧୀ ସଚେତନତା କରୁଥିଲେ। ଏନେଇ ଅପରାହ୍ନରେ ତାଙ୍କୁ ମଦ ଦୋକାନୀ ମାଡ଼ ମାରିଥିବା ସେ ଅଭିଯୋଗ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ଶତାଧିକ ମହିଳା ଗ୍ରାମରେ ଥିବା ବିଦେଶୀ ମଦ ଦୋକାନକୁ ରାତିରେ ଜାଳି ଦେଇଥିଲେ। କବିସୂର୍ଯ୍ୟନଗର ଥାନା ଅଧିକାରୀ ପ୍ରଭାତ କୁମାର ସାହୁ, ଅଗ୍ନିଶମ ବାହିନୀ ଓ ବାଲିଛାଇ ଫାଣ୍ଡି ଅଧିକାରୀ ଉମାଚରଣ ପ୍ରହରାଜ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ବୁଝି ନ ଥିଲେ। ଗୁରୁବାର ଘଟଣା ପ୍ରଚାରିତ ହେବାପରେ ଭାଟପଡ଼ା ଗ୍ରାମବାସୀ ମଧ୍ୟ ମଦ ବିରୋଧୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ଗ୍ରାମର ଶତାଧିକ ମହିଳା ଓ ଯୁବକ ଏ.ବରିଡ଼ା ଗ୍ରାମ ରାସ୍ତାରେ ଥିବା ମହୁଲି ଦେଶୀମଦ ଦୋକାନ ତାଲାଭାଙ୍ଗି ବିଭିନ୍ନ ସରଞ୍ଜାମ ଜାଳି ଦେଇଥିଲେ। ବାଲିଛାଇ ଫାଣ୍ଡି ଅଧିକାରୀ ଓ ୨ ପୋଲିସ କର୍ମଚାରୀ ପହଞ୍ଚିଥିଲେ ମଧ୍ୟ ଉତ୍ୟକ୍ତ ଲୋକଙ୍କୁ ବୁଝାଇ ପାରି ନ ଥିଲେ। ଫଳରେ ଉତ୍ତେଜନା ଲାଗି ରହିଥିଲା। ପରେ ଉତ୍ତେଜିତ ଲୋକେ କୁଶପଲ୍ଲୀ ନିକଟରେ ଥିବା ବେଆଇନ ଦେଶୀ ମଦ ଦୋକାନ ହୋଇଥିବା ମରାଠି ବସାକୁ ଯାଇଥିଲେ। ସେଠାରେ ଏ.ବରିଡ଼ା, କୁଶପଲ୍ଲୀ ଓ ଭାଟପଡ଼ାର ବହୁ ସଂଖ୍ୟକ ମହିଳା, ଯୁବକ ଏକାଠି ହୋଇ ମଦ ବିରୋଧୀ ନାରା ଦେଇଥିଲେ।


ନିଆଁ ଲାଗିଥିବା ମଦ ବ୍ୟବସାୟୀଙ୍କ ଘର।

**ବେସାହାରା ହେଲେ ୩ ପରିବାର, ପୋଲିସଙ୍କୁ ଘେରାଉ**

ପରେ ଦୋକାନ ସହ ୪ ବାସଗୃହରେ ନିଆଁ ଲଗାଇ ଦେଇଥିଲେ।

କବିସୂର୍ଯ୍ୟନଗର ଏସ୍ଆଇ ଅର୍ଜୁନ କଅଁର, ବାଲିଛାଇ ଫାଣ୍ଡି ଅଧିକାରୀ ଉମା ଚରଣ ପ୍ରହରାଜ ପହଞ୍ଚିଥିଲେ ସୁଦ୍ଧା ଲୋକଙ୍କୁ ଶାନ୍ତ କରିପାରି ନ ଥିଲେ। କବିସୂର୍ଯ୍ୟନଗର ଅଞ୍ଚଳରେ ମଦ ବିକ୍ରିକୁ ନେଇ ଗାଁକୁ ଗାଁ ଅସନ୍ତୋଷର ନିଆଁ ବ୍ୟାପୁଛି। ପୁଣି ମଦ ବିକ୍ରିକଲେ ଆନ୍ଦୋଳନକୁ ତୀବ୍ର କରାଯିବ ଓ ଜେସିବି ଲଗାଇ ସମସ୍ତ ମଦ ଦୋକାନ ଭାଙ୍ଗିଦେବୁ ବୋଲି ଉତ୍ୟକ୍ତ ଲୋକେ ଚେତାବନୀ ଦେଇଛନ୍ତି। ଘଟଣାସ୍ଥଳରେ କୋଦଳା, ଆସିକା, ପୋଲସରା ଓ ବୁଗୁଡ଼ା ଥାନା କର୍ମଚାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିବା ଜଣାପଡ଼ିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖୋଦା ଯିସ୍‌କୋ ଦେତା**
**ଛପର ଫାଡ଼୍‌କେ ଦେତା ।**

ଈଶ୍ୱର ଦୟାକଲେ ମଣିଷର କିଛି ଅଭାବ ରହି ନ ଥାଏ। ପ୍ରଭୁଙ୍କ କୃପା ବଳରେ ସକଳ ଆଶା ପୂରଣ ହୋଇଥାଏ, ଘରେ ଧନଧାନ୍ୟ ପରିପୂର୍ଣ୍ଣ ହୁଏ। ଭାଗ୍ୟ ହିଁ ମଣିଷକୁ ବିତ୍ତଶାଳୀ କରାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଉନ୍ଦ ପଣକୁ ଯୋଗ୍ୟ ନୁହେଁ**
**ଓଳଗି ନ ହେଲେ ରୁଷେ ।**

ଆଜିର ସମୟରେ ଯୋଗ୍ୟ ଅଯୋଗ୍ୟ ନିର୍ବିଶେଷରେ ସମସ୍ତେ ଅନ୍ୟଠାରୁ ଜୁହାର ଖୋଜିବାକୁ ଉଚିତ ମଣିଥାନ୍ତି। ସେଥିରୁ କାଣିଚାଏ ଊଣା ହୋଇଗଲେ ମନ ଊଣା କରିଥାନ୍ତି। ସାଧାରଣତଃ ଯାହା ପାଖରେ ଯୋଗ୍ୟତା ଥାଏ ବା ଯିଏ ଗୁଣୀ ପ୍ରତିଭାବନ୍ତ ହୋଇଥାଏ ସେଭଳି ବ୍ୟକ୍ତିଙ୍କୁ ସ୍ୱତଃ ସମ୍ମାନ ମିଳିଥାଏ, ତାଙ୍କୁ ସମ୍ମାନ ମାଗିବାକୁ ପଡ଼ି ନ ଥାଏ। ପରନ୍ତୁ ଯିଏ ଯୋଗ୍ୟ ନୁହେଁ, ସେ ଏସବୁ ଆଶା କରିବା ହାସ୍ୟାସ୍ପଦ କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ହୌସଲା କାର୍ଯ୍ୟକ୍ରମରେ ସ୍ୱର୍ଣ୍ଣ ଜିତିଥିବା ଦୁଇ ଓଡ଼ିଆ ଝିଅଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର,୨୬।୧୨(ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀଠାରେ ଆୟୋଜିତ ହୌସଲା କାର୍ଯ୍ୟକ୍ରମର ୪୦୦ମିଟର ଦୌଡ ପ୍ରତିଯୋଗିତାରେ ଭାଗ ନେଇ ଦୁଇଜଣ ଆଦିବାସୀ ଝିଅ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ସ୍ୱର୍ଣ୍ଣ ବିଜେତା ନୀଳଗିରିର ଦୁଇ ଆଦିବାସୀ ଝିଅ ଲକ୍ଷ୍ମୀ ସିଂ ଏବଂ ଘୁଙ୍ଗୁର ସିଂଙ୍କୁ ଭେଟି ସ୍ଥାନୀୟ ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ସମ୍ମାନିତ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଷଡଙ୍ଗୀ କହିଛନ୍ତି ଯେ, ଦୁଇ ଝିଅ ଜାତୀୟସ୍ତରରେ କେବଳ ନୀଳଗିରି ନୁହେଁ ସାରା ଓଡିଶାକୁ ଗୌରବାନ୍ୱିତ କରିଥିବାରୁ ରାଜ୍ୟବାସୀଙ୍କ ତରଫରୁ ଧନ୍ୟବାଦ ଜଣାଇଛନ୍ତି। ଭବିଷ୍ୟତରେ ଉଭୟ ଜାତୀୟ ସ୍ତରରେ ନୁହେଁ ବରଂ ଅନ୍ତର୍ଜାତୀୟ ସ୍ତରରେ ଓଡିଶା ପାଇଁ କିପରି ଗୌରବ ଅର୍ଜନ କରିବେ। ଅଧିକ ପ୍ରଶିକ୍ଷଣ ପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ ଭବିଷ୍ୟତରେ ଅର୍ଥାଭାବ ପାଇଁ ଯେପରି ସେମାନଙ୍କ ପ୍ରତିଭା ଲୁଚି ନ ଯିବ ସେଥିଲାଗି ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିବେ ବୋଲି ଷଡଙ୍ଗୀ କହିଛନ୍ତି।

# ଅପମିଶ୍ରିତ ଦୁଗ୍ଧ ମଣିଷ ପାଇଁ ବିପଦ

**ରଘୁନାଥପୁର ,୨୬। ୧୨ (ଡି.ଏନ.ଏ.)**

- ■ ଓମ୍‌ଫେଡ ଫେରାଉଥିବା ଦୁଗ୍ଧ ଉପରେ ଦଲାଲଙ୍କ ଆଖି
- ■ ପ୍ରାଇଭେଟ୍ ଡାଏରୀକୁ ଦେବା ପାଇଁ ପ୍ରବର୍ତ୍ତାଉଛନ୍ତି
- ■ ଓମ୍‌ଫେଡ୍‌କୁ ବନ୍ଦ କରିବାକୁ ଚାଲିଛି ଅପଚେଷ୍ଟା

ରୋଗୀଠାରୁ ଆରମ୍ଭ କରି ଶିଶୁ, ବୃଦ୍ଧାବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଦୁଗ୍ଧ ବ୍ୟବହାର କରୁଛନ୍ତି। ହେଲେ ଏହାକୁ ଅପମିଶ୍ରିତ କରାଯାଉଥିବାରୁ ମଣିଷ ପାଇଁ ବିପଦ ସାଜିଛି। କେତେବେଳେ ଅପମିଶ୍ରିତ ଦୁଗ୍ଧ ମଣିଷ ଜୀବନ ନେଇ ଯିବାର ଆଶଙ୍କା ସୃଷ୍ଟି ହୋଇଛି। ଜଗତ୍‌ସିଂହପୁର ଜିଲାରୁ ଉତ୍ପାଦିତ ହେଉଥିବା ଦୁଗ୍ଧ ପରିମାଣ ଅବିଭକ୍ତ କଟକ ଜିଲାରେ ସର୍ବାଧିକ। ଓମ୍‌ଫେଡ ଜରିଆରେ ଗୋ ଚାଷୀମାନେ ଦୁଗ୍ଧ ବିକ୍ରି କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ତେବେ ଓମ୍‌ଫେଡ ଭଳି ସରକାରୀ ସଂସ୍ଥାକୁ ବୁଡାଇବା ପାଇଁ ଷଡ଼ଯନ୍ତ୍ର ଚାଲିଛି। ପ୍ରାଇଭେଟ୍ ଡାଏରୀଗୁଡିକ ସହ ଭିତିରି ସମ୍ପର୍କ ରଖି ଦଲାଲମାନେ ସାରା ଜିଲାରେ ନିଜର କାୟା ବିସ୍ତାର କରିଛନ୍ତି। କେତୋଟି ଦୁଗ୍ଧ ସୋସାଇଟିର କର୍ମକର୍ତ୍ତାଙ୍କୁ ହାତ କରି ଚାଷୀଙ୍କଠାରୁ ସଂଗୃହୀତ କରାଯାଉଥିବା ସିଂହ ଭାଗ ଦୁଗ୍ଧକୁ ପ୍ରାଇଭେଟ ଡାଏରୀକୁ ଦେବା ପାଇଁ ପ୍ରବର୍ତ୍ତାଉଛନ୍ତି। ଏଥିପାଇଁ ଦଲାଲମାନେ ଅଧିକ ଅର୍ଥ ଦେବା ସହ କିପରି ଓମ୍‌ଫେଡକୁ ଯାଉଥିବା ଦୁଗ୍ଧ ଗ୍ରହଣଯୋଗ୍ୟ ହେବ ନାହିଁ ସେ ସମ୍ପର୍କରେ ବତାଉଛନ୍ତି ଫନ୍ଦି ଫିକର। ଯାହାକି ଓମ୍‌ଫେଡ ଭଳି ସଂସ୍ଥା ପାଇଁ ଚିନ୍ତାର କାରଣ ପାଲଟିଛି। ସାରା ଜିଲାରେ ୧୦ହଜାର ଲିଟର ଦୁଗ୍ଧ ଉତ୍ପାଦନରେ ହ୍ରାସ ଘଟିଥିବା ରଘୁନାଥପୁର ବ୍ଲକ ନୂଆପଡାସ୍ଥିତ ଓମ୍‌ଫେଡ ପ୍ଲାଣ୍ଟ ମ୍ୟାନେଜର ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ କହିଛନ୍ତି।

ଏ ସମ୍ପର୍କରେ ପଣ୍ଡିମେଶ୍ୱର ବଏଲ କୁଲର ଇନ୍‌ଚାର୍ଜ ମନୋରଞ୍ଜନ ପଣ୍ଡା, ଯଶୋବନ୍ତପୁରର ପ୍ରବୀର କୁମାର ଦାସ, ନାଗପୁରାର ପ୍ରଶାନ୍ତ କୁମାର ରାୟ, ପାଖଡର ପ୍ରସନ୍ନ କୁମାର ଦାସ, ଗ୍ରାମେଶ୍ୱରର ଶୁକଦେବ ବେହେରା, କୋଲରର ଯୋଗେଶ ରଞ୍ଜନ ସ୍ୱାଇଁ ଓ ମା' ଚଣ୍ଡୀ ବଏଲ କୁଲର ଇନ୍‌ଚାର୍ଜ ସସ୍ମିତା ଚଇନି ସେମାନଙ୍କ ପାଖରେ ସଂଗୃହୀତ ହୋଇ ଆସୁଥିବା ଦୁଗ୍ଧ ପରିମାଣ କମିଥିବା ସ୍ୱୀକାର କରିଛନ୍ତି। ଏହାର କାରଣ ସମ୍ପର୍କରେ ସେମାନେ କୁହନ୍ତି, ନିମ୍ନମାନର ଅପମିଶ୍ରିତ ତଥା ଗୁଣବତ୍ତା ନ ଥିବା ଦୁଗ୍ଧ ଆଦୌ ଖାଦ୍ୟ ଉପଯୋଗୀ ନୁହେଁ। ଏହି ଦୁଗ୍ଧକୁ ପରୀକ୍ଷା କରାଯିବା ସମୟରେ ଏପରି ବ୍ୟତିକ୍ରମ ପରିଲକ୍ଷିତ ହେଉଥିବାରୁ ତାହାକୁ ଓମ୍‌ଫେଡ ଫେରାଇ ଦେଉଛି। ତେବେ ଉକ୍ତ ଦୁଗ୍ଧକୁ ଖରାପ ଦର୍ଶାଯାଇଥିବାରୁ ଯେଉଁ ସୋସାଇଟିରୁ ଅଧିକ ପରିମାଣରେ ଦୁଗ୍ଧ ଆସୁଥିଲା ସେ ସ୍ଥାନରୁ ଏବେ କମ୍ ଆସୁଛି। ସୋସାଇଟିରୁ ସଂଗୃହୀତ ହେଉଥିବା ଦୁଗ୍ଧ ଓମ୍‌ଫେଡ ଦ୍ୱାରା ରିଜେକ୍ଟ ହେବା ପରେ ଦଲାଲଙ୍କ ଜରିଆରେ ପ୍ରାଇଭେଟ ଡାଏରୀକୁ ଚାଲି ଯାଉଥିବା ସଙ୍ଗିନ ଅଭିଯୋଗ ହେଉଛି। ମୁଖ୍ୟତଃ ଦୁଗ୍ଧକୁ ଅପମିଶ୍ରଣ କରିବା ଲାଗି ଲୁଣ, ଚିନି, ସୋଡ଼ା ମିଶାଯାଉଛି। ଅପମିଶ୍ରିତ ଦୁଗ୍ଧ ମଣିଷ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହେଉଥିବା ବେଳେ ଫୁଡ୍ସ ଇନ୍ସପେକ୍ଟରମାନେ ଏହାର ତଦାରଖ କରୁନାହାନ୍ତି। ଏଣୁ ମଣିଷ ଜୀବନ ସହ ଖେଳ ଖେଳୁଥିବା ଦଲାଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କ ନିକଟରେ ବଏଲ କୁଲର ଇନ୍‌ଚାର୍ଜମାନଙ୍କ ପକ୍ଷରୁ ଦାବି କରାଯାଇଛି।

## ହାତୀ ଶାବକର ମୃତଦେହ ଉଦ୍ଧାର



**ଦେବଗଡ଼,୨୬।୧୨(ଡି.ଏନ.ଏ.)**

ଦେବଗଡ଼ ବନଖଣ୍ଡ ରିଆମାଳ ରେଞ୍ଜ ଅଧୀନ ବରଡାନାଳି ଗ୍ରାମରୁ ଗୁରୁବାର ଏକ ହାତୀ ଶାବକର ମୃତଦେହ ଉଦ୍ଧାର କରାଯାଇଛି। ମୃତ ହାତୀ ଶାବକର ଆନୁମାନିକ ବୟସ ୩ ବର୍ଷ। ତେବେ କେଉଁ କାରଣରୁ ହାତୀ ଶାବକର ମୃତ୍ୟୁ ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ହାତୀର ମୃତଦେହରେ କୌଣସି କ୍ଷତଚିହ୍ନ ବି ନାହିଁ। ତେବେ କୌଣସି ହାତୀର ଆକ୍ରମଣରେ ଏହି ଶାବକର ମୃତ୍ୟୁ ଘଟିଥିବା ବନ ବିଭାଗ ଅନୁମାନ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ସକାଳେ ବରଡାନାଳି ଗ୍ରାମର ଫକୀର ଗଡନାୟକଙ୍କ ଗୁହାଳ ପଛପଟେ ଏକ ହାତୀ ଶାବକର ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀ ଏ ସଂକ୍ରାନ୍ତରେ ପଳସମା ସେକ୍ସନ ଫରେଷ୍ଟର ଓ ରିଆମାଳ ରେଞ୍ଜ ଅଫିସରଙ୍କୁ ଖବର ଦେଇଥିଲେ। ଖବର ପାଇ ରେଞ୍ଜ ଅଫିସର ଭବାନୀ ଶଙ୍କର ଦାଶ ଓ ପଳସମା ଫରେଷ୍ଟର ଘଟଣା ସ୍ଥଳରେ ପହଞ୍ଚି ମୃତ ଶାବକକୁ ଉଦ୍ଧାର କରିବା ସହ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

**LOK MAHOTSAV-2020**
**SAMBALPUR**

**4th January- 6th January- 2020**
**Organised by: District Council of Culture, Sambalpur**
**Sponsored by: Dept. of Tourism & Culture, Govt. of Odisha**

**Ref. No.: 2752** **Date: 26.12.2019**

**ବିଜ୍ଞାପନ**

ଏତଦ୍ୱାରା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ବ୍ୟାଙ୍କ, ବିଭିନ୍ନ ଉତ୍ପାଦର ବିତରକ, ହୋଟେଲ ବ୍ୟବସାୟୀ ତଥା ଅନ୍ୟାନ୍ୟ ଘରୋଇ ପ୍ରତିଷ୍ଠାନକୁ ଜଣାଇ ଦିଆଯାଉଛି ଯେ, ଆସନ୍ତା ଜାନୁୟାରୀ ମାସ 4, 5 ଏବଂ 6 ତାରିଖରେ ସମ୍ବଲପୁର ଲୋକ ମହୋତ୍ସବ-2020 ବିର୍ସା ମଇଦାନ୍, ପି.ଏଚ୍.ଇ.ଡି. ପଡ଼ିଆରେ ଅନୁଷ୍ଠିତ ହେବାକୁ ଯାଉଅଛି। ଉକ୍ତ ମହୋତ୍ସବରେ ଷ୍ଟଲ୍ ନିମନ୍ତେ ଆଗ୍ରହୀ ବ୍ୟବସାୟୀ ତଥା ବ୍ୟବସାୟ ପ୍ରତିଷ୍ଠାନକୁ ଅନୁରୋଧ କରାଯାଉଛି ଯେ, ସେମାନେ କଚେରି ରୋଡ୍‌ରେ ଅବସ୍ଥିତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ସମ୍ବଲପୁରର ଓରମାସ୍ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ତା. 27.12.2019 ରିଖରୁ ତା. 02.01.2020 ରିଖ ସନ୍ଧ୍ୟା 5 ଘଣ୍ଟା ପର୍ଯ୍ୟନ୍ତ ବୁକିଂ କରିପାରିବେ। ପ୍ରତ୍ୟେକ ଷ୍ଟଲ୍ (10 ଫୁଟ X 10 ଫୁଟ) ସହ ଗୋଟିଏ ଟେବୁଲ, 2ଟି ଚେୟାର, 3ଟି ଥାକ ରହିଛି ଏବଂ ଆବଶ୍ୟକ ବିଜୁଳିର ବ୍ୟବସ୍ଥା ଅଛି। ଏଥିନିମନ୍ତେ ପ୍ରତ୍ୟେକ ଷ୍ଟଲ୍ ପାଇଁ ଟ.5,000/- ଙ୍କା (ପାଞ୍ଚ ହଜାର) ଅଗ୍ରିମ ଜମା କରିବାକୁ ପଡ଼ିବ। ଅଧିକ ଜାଣିବା ପାଇଁ ସହକାରୀ ନିର୍ଦ୍ଦେଶକ, ଓରମାସ୍‌ଙ୍କୁ ମୋବାଇଲ ନଂ. **9938409890/ 8847837375** ରେ ସମ୍ପର୍କ କରନ୍ତୁ।

**ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶକ, ଡି.ଆର୍.ଡି.ଏ.-ତଥା-**
**ନୋଡାଲ୍ ଅଫିସର, ଲୋକ ମହୋତ୍ସବ- 2020, ସମ୍ବଲପୁର**

## ନାବାଳିକା ଗଣବଳାତ୍କାର, ହତ୍ୟା ଘଟଣା ପ୍ରତିବାଦରେ କଂଗ୍ରେସର ବନ୍ଦ

# ରାସ୍ତା ଅବରୋଧ, ଜାଳିଦେଲେ କାର୍

**ନବରଙ୍ଗପୁର,୨୬।୧୨(ବି.ପ୍ର.)**

- ■ ବନ୍ଦ ପରେ ତେଜିଲା ବିତର୍କ
- ■ ଆନ୍ଦୋଳନକୁ ଉସୁକାଇବା ଅଭିଯୋଗ
- ■ ଗାନ୍ଧୀଗିରି ଛାଡି ଆପଣେଇବୁ ସୁଭାଷ ନୀତି: ପ୍ରଦୀପ ମାଝି

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ବାମୁଣି ପଞ୍ଚାୟତରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣାରେ ଗୁରୁବାର କଂଗ୍ରେସ ପକ୍ଷରୁ ଜିଲାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ବନ୍ଦ ବେଳେ ଗୋଟିଏ କାର ଜାଳିଦେବା ଓ ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଏହାକୁ ଉସୁକାଇବା ଭଳି ମନ୍ତବ୍ୟ ବିତର୍କ ସୃଷ୍ଟି କରିଛି। ଶାନ୍ତିପୂର୍ଣ୍ଣ ଭାବେ ନ୍ୟାୟ ନ ମିଳିଲେ ଏହାକୁ ଛଡାଇ ନେବୁ। ଗାନ୍ଧୀଙ୍କୁ ଛାଡି ସୁଭାଷ ବୋଷଙ୍କ ନୀତି ଆପଣେଇବୁ ବୋଲି ପ୍ରଦୀପ ଦେଇଥିବା ମନ୍ତବ୍ୟ କଂଗ୍ରେସର ଦଳୀୟ ଆଦର୍ଶକୁ ବିରୁଦ୍ଧାଚରଣ କରୁଥିବାରୁ ଏହାକୁ ନେଇ ରାଜନୀତି ତେଜିଛି।

ବାମୁଣି ପଞ୍ଚାୟତର ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣାରେ କଂଗ୍ରେସର ବନ୍ଦ ଡାକରା ଜିଲାର ୧୦ଟି ବ୍ଲକ ଓ ଦୁଇଟି ପୌରାଞ୍ଚଳରେ ପ୍ରଭାବ ପକାଇଛି। ଦୋକାନ, ବଜାର ବନ୍ଦ ରହିବା ସହ ଗାଡି ମୋଟର ଚଳାଚଳ ବନ୍ଦ ରହିଥିଲା। ପିସିସି କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ଏମପି ପ୍ରଦୀପ ଓ ଜିଲା କାର୍ଯ୍ୟକାରୀ ସଭାପତି ମୁନା ତ୍ରିପାଠୀଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ସହରର ବିଭିନ୍ନ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ବନ୍ଦ ବେଳେ ସହର ସ୍ଥିତ ଉଠାଜଳସେଚନ କାର୍ଯ୍ୟାଳୟ ପାଚେରୀ ନିକଟରେ ବିକ୍ଷୋଭକାରୀ ଅକାମୀ ପଡିଥିବା ଏକ କାରକୁ ନିଆଁ ଲଗାଇ ଦେଇଥିଲେ। ଏହା ପରେ ପୂର୍ବତନ ଏମପି ପ୍ରଦୀପ ଆନ୍ଦୋଳନକାରୀଙ୍କୁ ଉସୁକାଉଛନ୍ତି ବୋଲି ଆଲୋଚନା ଜୋର ଧରିଥିଲା। ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ପୋଲିସ ମଧ୍ୟ ସଜାଗ ରହିଥିଲା। ଏନେଇ ପ୍ରଦୀପ କହିଛନ୍ତି ଯେ,ନାବାଳିକାଙ୍କୁ ଗଣବଳାତ୍କାର ପରେ ନିର୍ମମ ଭାବେ ହତ୍ୟା କରାଯାଇଛି। ୧୩ ଦିନ ବିତିଗଲାଣି ବ୍ୟବଚ୍ଛେଦ ରିପୋର୍ଟ ଦାଖଲ କରାଯାଇ ନାହିଁ। ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ଓ ଜନସାଧାରଣଙ୍କ ନିକଟରେ ଏ ସରକାରଙ୍କ ଷଡଯନ୍ତ୍ରକୁ ପର୍ଦ୍ଦାଫାଶ କରିବା ପାଇଁ ଏହି ଆନ୍ଦୋଳନ ଡାକରା ଦିଆଯାଇଥିଲା। ଶାନ୍ତି ପୂର୍ଣ୍ଣ ଭାବେ ଆନ୍ଦୋଳନ ଚାଲିଥିଲା। ପୋଲିସ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଉଦ୍ୟମ କରି ଗାଡି ମୋଟର ଚଳାଚଳ ସ୍ୱାଭାବିକ କରିବାକୁ ଚେଷ୍ଟା କରିବା ସହ କର୍ମୀଙ୍କୁ ଛତ୍ରଭଙ୍ଗ ଦେବା ପାଇଁ ଉଦ୍ୟମ କରିଥିଲା । ଏହାକୁ ନେଇ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ବିକ୍ଷୋଭକାରୀମାନେ କିଛି କାଣ୍ଡ ଭିଆଇଛନ୍ତି। ମୃତ ନାବାଳିକାଙ୍କ ପରିବାରଙ୍କୁ ନ୍ୟାୟ ନମିଳିବା ଯାଏ ଆନ୍ଦୋଳନ ଜାରିରଖିବୁ। ଆସନ୍ତା ମାସରେ ପିସିସି ସଭାପତି ନାବାଳିକାଙ୍କ ଗାଁକୁ ଯାଇ ପରିବାର ଲୋକଙ୍କୁ ଭେଟିବେ। ପରେ ଅନ୍ୟ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ପ୍ରଦୀପ କହିଛନ୍ତି। ଜିଲା ସଭାପତି ମୁନା ତ୍ରିପାଠୀ କହିଛନ୍ତି ଯେ, କଂଗ୍ରେସ ଦେଇଥିବା ବନ୍ଦ ଡାକରାକୁ ଜିଲାବାସୀ ସମର୍ଥନ କରିଛନ୍ତି। ବନ୍ଦ ସଫଳ ହୋଇଛି। ଆନ୍ଦୋଳନକାରୀ କାହାକୁ ଉସୁକାଇ ନ ଥାନ୍ତି। ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ବିରୋଧୀ ଉସୁକାଇଥାନ୍ତି। ଗଣ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଏସ୍‌ପି କୌଣସି ଖୁଲାସା କରୁ ନାହାନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିନାହିଁ, ଅଭିଯୁକ୍ତଙ୍କୁ ଧରିପାରୁ ନାହିଁ ପୋଲିସ। ରାଜ୍ୟ ସରକାର ନାରୀ ମାନଙ୍କୁ ସୁରକ୍ଷା ଦେଇ ପାରୁ ନାହାନ୍ତି ବୋଲି ମୁନା କହିଥିଲେ।


ବିକ୍ଷୋଭକାରୀମାନେ ଜାଳି ଦେଇଥିବା କାର।

**Office of the Executive Engineer,**
**Earth Dam Division, Chitrakonda, Malkangiri**

**Quotation Call Notice**

Sealed quotation(s) in plain paper are invited by the Executive Engineer, Earth Dam Division, Chitrakonda, Dist. Malkangiri for the following works as detailed below:-

| Sl. No. | Name of work/ Item of work |
|---|---|
| 01. | Name of work: Water Supply to Dam Toe Garden & Picnic spot for the year 2019-20. |
| Description and quantity required of individual items. | Supply of (1) 1" HDPE Pipe= 2800 mtrs., 1/2" (2) HDPE Pipe= 700 Mtrs, (3) 1" Gate Valve= 10 Nos., (4) 1" Union= 30 Nos., (5) 1" Socket= 40 Nos., (6) 1" Nipple = 3 Nos., (7) 1" Bend= 6 Nos., (8) 1/2" Socket= 10 Nos., (9) 1" x 1/2" Tee= 15 Nos., (10) 1/2" x 6" Nipple = 18 Nos., (11) 1/2" Valve= 10 Nos., (12) 1/2" Tee= 8 Nos. (13) 1/2" Elbow= 7 Nos., (14) 1/2" Bend= 10 Nos., (15) 1/2" Union= 3 Nos., (16) 1" Elbow= 7 Nos., (17) 1" x 1/2" Reducing socket= 5 Nos., (18) 1/2" Brass Tap= 10 Nos. and (19) Sintax tank with fittings 2000 ltrs.= 1 No. |
| 02. | Procurement of 15 HP. open well pump set, Panel board, Main switch for spillway drainage gallery for the year 2019-20. |
| -do- | Supply of (1) 15 H.P. open well pump set= 1 set, (2) 15 H.P. Panel board= 1 No., (3) main Switch= 1 No., (4) Transportation charges from Malkangiri to Chitrakonda= 1 Trip, (5) Fitting charges= 1 set. |
| 03. | Name of work:- Procurement of Bleaching Powder & Alum for the month from January 2020 to March 2020 |
| -do- | (1) Supply of Bleaching Powder= 819.00 Kg and (2) Supply of Ferric Allum= 1638.00 Kg. |
| 04. | Annual maintenance and procurement of materials for Head work of 80 H.P. and 40 H.P. pump house for the year 2019-20 (Transportation of materials, Labour charges towards Dismentaling, repairning, polishing and smiting of Motors). |
| -do- | (1) Labour charges towards dismantling of the motor from the pumps set for repair and fitting of the same after repairs= 3 sets. (2) Transportation charges towards repairing work shop and again delivery at Chitrakonda pump house after repairing including loading and unloading charges of motor and pump= 3 sets. (3) Labour charges towards cost of residing of 25 HP/3 phase 415 volt submersible bore well motor including all copper material etc. comlete= 3 sets. (4) Labour charges towards polishing of rotor= 3 sets. (5) Labour charges towards smithing and polishing of bushes and rotor= 3 sets and (6) Deduction towards cost of scrap, winding wire etc. during pertaining to repairs of 25 HP KSB Motors= 3 sets. |

from the registered/ reputed firms/ suppliers/ fabricators/ SSI Units EPM Rate contractor which will be received by the undersigned upto 3.00 PM on or before dt. 27.12.2019 and will be opened on the same day at 4.00 PM in presence of the quotationers or their authorized agents who ever may be present.

In additin to the above, true attested Xerox copies of valid Regd. Certificate/PAN Card/ GSTN Certificate will be furnished along with the Quotation. The authority reserves all rights to reject any or all the quotations without assigning any reason there of.

**Terms and conditions**

1. The rates should be quoted for the individual works per each No. of items separately.
2. F.O.R.:- SDO LED Sub-Division, Chitrakonda and RB & WS Sub-Division, Chitrakonda.
3. Delivery:- The lowest accepted quotations should be delivery/supply the materials to the sectional store/and complete the work at his own risk and expense after received the purchase order/Work order from the undersigned.
4. Taxes: Inclusive all taxes.
5. Consignee:- For Sl. No. 01 & 02: SDO LED Sub-Divn., Chitrakonda and Sl. No. (3) & (4) SDO, RB & WS Sub-Division, Chitrakonda.
6. Xerox copies of valid Regd. Certificate/PAN Card/GSTN Certificate issued by the concerned authority should be furnished.
7. Any defect found within 6 months of uses should be exchange in new one by the quotation at his own cost and expense.
8. The stipulated period of supplying the material/ complete the work within 15 days from issue of purchase order.
9. The payment will be made after received the materials in full and good condition subject to availability of fund.

**Sd./- (K.P. Nath),**
**Executive Engineer,**
**Earth Dam Division, Chitrakonda**

# ପୁଲୱାମାରୁ ବାଲାକୋଟ

**ବିଦାୟୀ ବର୍ଷ ଦେଖିଛି ସୀମାରେ ଶତ୍ରୁ ପାକିସ୍ତାନର ଛାୟାଯୁଦ୍ଧ ଆଉ ଭାରତୀୟ ସେନାର ପରାକ୍ରମ। ଏହି ବର୍ଷ ପୁଲୱାମାରେ ଆତଙ୍କବାଦୀଙ୍କ ସଂହାରଲୀଳାରୁ ଆଇଏଏଫ୍‌ର ବାଲାକୋଟ ଏୟାରଷ୍ଟ୍ରାଇକ୍ ଥିଲା ସବୁଠୁ ଚର୍ଚ୍ଚିତ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ରାଜନୀତିର ବିବାଦ ଓ ବିତର୍କ ବଳୟରେ ଛନ୍ଦି ହୋଇଯାଇଥିବାବେଳେ ସିଜେଆଇଙ୍କ ବିରୋଧରେ ଆସିଥିଲା ଯୌନ ଶୋଷଣ ଅଭିଯୋଗ। ହାଇଦ୍ରାବାଦ ଏନ୍‌କାଉଣ୍ଟର ହେଉ ଅଥବା ଉନ୍ନାଓ ଗଣବଳାତ୍କାର ଏବଂ କ୍ରମବର୍ଦ୍ଧିଷ୍ଣୁ ଭିଡ଼ହିଂସାରୁ ନେଇ କେନ୍ଦ୍ରର ଏନ୍‌ଆର୍‌ସି, ସିଏଏ, ଏନ୍‌ପିଆର୍‌କୁ ନେଇ ଦେଶବ୍ୟାପୀ ହିଂସାତ୍ମକ ଆନ୍ଦୋଳନ ଭାରତୀୟ ଇତିହାସରେ ଯୋଡ଼ିଛି ଗୋଟିଏ ଗୋଟିଏ ବିବାଦୀୟ ଫର୍ଦ୍ଦ।**



ବିଦାୟୀ ବର୍ଷର ଫେବୃୟାରୀ ୨୪ ତାରିଖକୁ ଭୁଲି ପାରିବେନି କୌଣସି ଭାରତୀୟ। ଏହି ଦିନ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜେଇଏମ୍ ସୁରକ୍ଷା ବଳ ଉପରେ କରିଥିଲା ସବୁଠୁ ବଡ଼ ଆକ୍ରମଣ। ଜମ୍ମୁ-କଶ୍ମୀରର ପୁଲୱାମା ଜିଲା ଅୱନ୍ତିପୋରା ଅଞ୍ଚଳ। ଶ୍ରୀନଗର-ଜମ୍ମୁ ରାଜପଥ ଦେଇ ୭୮ଟି ସିଆର୍‌ପିଏଫ୍ ଭ୍ୟାନ୍ ଯାଉଥିଲା। ସେଥିରେ ୨,୫୪୭ ଯବାନ ଜମ୍ମୁ ଶିବିରରୁ ଶ୍ରୀନଗର ଅଭିମୁଖେ ଯାଉଥିଲେ। ବସ୍‌ଗୁଡ଼ିକ ସୂର୍ଯ୍ୟାସ୍ତ ପୂର୍ବରୁ ରାଜଧାନୀ ଶ୍ରୀନଗରସ୍ଥିତ ଶିବିରରେ ପହଞ୍ଚିଥାଆନ୍ତା। ହେଲେ ସେଠାରୁ ୩୦ କି.ମି. ଦୂର ଲେଥ୍‌ପୋରାରେ ଅପରାହ୍ନ ୩ଟା ୧୫ରେ ସିଆର୍‌ପିଏଫ୍‌ର ୫୪ତମ ବାଟାଲିୟନ୍‌ର ଏକ ବସ୍‌କୁ ହଠାତ୍ ଧକ୍କା ଦେଇଥିଲା ଆତଙ୍କବାଦୀଙ୍କ ବିସ୍ଫୋରକ ବୋଝେଇ ଭ୍ୟାନ୍। ଆତ୍ମଘାତୀ ବିସ୍ଫୋରଣରେ ବସ୍ ଧ୍ୱଂସ ହୋଇଯାଇଥିଲା। ବସ୍‌ରେ ଥିବା ୫୪ ଯବାନଙ୍କ ମଧ୍ୟରୁ ୪୦ରୁ ଊର୍ଦ୍ଧ୍ୱ ଶହୀଦ ହୋଇଥିଲେ। ଏହି କାଣ୍ଡ ଭିଆଇଥିବା କାକାପୋରାର ଆଦିଲ ମହମ୍ମଦ ମଧ ଆତ୍ମଘାତୀ ବିସ୍ଫୋରଣରେ ପ୍ରାଣ ହରାଇଥିଲେ। ଏହାରର ୧୨ ଦିନ ପରେ ପାକିସ୍ତାନକୁ ଭାରତ ଦେଇଥିଲା କଡ଼ା ଜବାବ। ପଡ଼ୋଶୀ ଦେଶର ଖାଇବର ପାଖତୁନ୍‌ଖ୍ୱା ପ୍ରଦେଶସ୍ଥିତ ବାଲାକୋଟରେ ଭାରତୀୟ ବାୟୁସେନାର ୧୨ ମିରାଜ-୨୦୦୦ ଯୁଦ୍ଧବିମାନରୁ ୧୦୦ କେ.ଜି. ଓଜନର ଲେଜର ଗାଇଡେଡ୍ ବୋମା ନିକ୍ଷେପ କରାଯାଇଥିଲା। ଆକାଶମାର୍ଗରୁ ଏହି ଆକ୍ରମଣରେ ୩୨୫ ଆତଙ୍କବାଦୀ ଓ ୨୫ ତାଲିମଦାତା ନିହତ ହୋଇଥିବା ଭାରତ ପକ୍ଷରୁ ଦାବି କରାଯାଇଥିଲା। ନିହତଙ୍କ ମଧ୍ୟରେ ଜୈଶ୍ ମୁଖ୍ୟ ମୌଲାନା ମାସୁଦ୍ ଆଝାରଙ୍କ ଶାଳକ ମୌଲାନା ୟୁସୁଫ୍ ଆଝାର ଓରଫ୍ ଉସ୍ତାଦ ଘୋରୀଙ୍କ ସମେତ ଅନେକ କମାଣ୍ଡର ରହିଥିବା କୁହାଗଲା। କାହାଣୀ ଏତିକିରେ ସରି ନ ଥିଲା। ୨୭ ତାରିଖରେ ପାକିସ୍ତାନୀ ସେନାର ୨ଟି ଯୁଦ୍ଧବିମାନ ଭାରତୀୟ ବାୟୁସୀମା ଉଲ୍ଲଂଘନ କରି ସେନା ଘାଟିଗୁଡ଼ିକୁ ଟାର୍ଗେଟ କରୁଥିବାବେଳେ ଭାରତର ଏକ ମିଗ୍ ବିମାନ ଘଉଡ଼ାଇ ଦେଇଥିଲା। ଗୋଟିଏ ବିମାନ ପାକିସ୍ତାନ ସୀମା ଭିତରକୁ ଚାଲିଯାଇଥିଲା। ସେଥିରେ ଥିଲେ ବାୟୁସେନାର ୱିଙ୍ଗ୍ କମାଣ୍ଡର କ୍ୟାପ୍‌ଟେନ ଅଭିନନ୍ଦନ ବର୍ଥମାନ। ଦୁଇଦେଶ ମଧ୍ୟରେ କୂଟନୈତିକ ଆଲୋଚନା ପରେ ଶେଷରେ ପାକିସ୍ତାନ ତାଙ୍କୁ ମୁକ୍ତ କଲା। ଅଟ୍ଟାରି-ୱାଘା ବର୍ଡରସ୍ଥିତ ଜିରୋ ଲାଇନ୍‌ରୁ ବୀରଦର୍ପରେ ମା' ମାଟି ଆଡ଼କୁ ଅଗ୍ରସର ହେଲେ ଯୋଦ୍ଧା ଅଭିନନ୍ଦନ। ୬୦ ଘଣ୍ଟା ପରେ ଶତ୍ରୁ ପଞ୍ଝାରୁ ମୁକୁଳି ହସ ହସ ମୁହଁରେ କହିଥିଲେ, ମୋ ଦେଶକୁ ଫେରିଆସିଥିବାରୁ ଗର୍ବିତ। ତେବେ ବିବାଦ ଓ ବିତର୍କ ବଳୟ ବାହାରେ ନ ଥିଲା ଏସବୁ ଘଟଣାକ୍ରମ।

## ପିଆର୍‌ସି-ଏନ୍‌ଆର୍‌ସି-ସିଏଏ-ଏନ୍‌ପିଆର୍

ବିରୋଧୀଙ୍କ ମତରେ ଦେଶରେ ଆର୍ଥିକ ମାନ୍ଦାବସ୍ଥା ଜଟିଳ ହେବାରେ ଲାଗିଥିବାବେଳେ ସେଥିରୁ ଧ୍ୟାନ ହଟାଇବା ପାଇଁ କେନ୍ଦ୍ର ଆଣୁଛି ଗୋଟିଏ ପରେ ଗୋଟିଏ ବିଚିତ୍ର ଯୋଜନା। ଆସାମରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ପ୍ରୟୋଗ ପରେ ଏହାକୁ ଦେଶବ୍ୟାପୀ ଲାଗୁ କରିବା ପାଇଁ ଚଳାଇଛି ଉଦ୍ୟମ। ଫେବୃୟାରୀରେ ଅରୁଣାଚଳ ପ୍ରଦେଶରେ କେତେକ ନିର୍ଦ୍ଦିଷ୍ଟ ଆଦିବାସୀ ସମୁଦାୟକୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର (ପିଆର୍‌ସି) ଦିଆଯିବା ପ୍ରତିବାଦରେ ଆନ୍ଦୋଳନ ବେଳେ ପୋଲିସ ଗୁଳିରେ ଜଣେ ବିକ୍ଷୋଭକାରୀଙ୍କ ଜୀବନ ଯାଇଥିଲା। ଅଗଷ୍ଟ ଶେଷରେ ପ୍ରକାଶିତ ଆସାମ ଏନ୍‌ଆର୍‌ସି ଚୂଡ଼ାନ୍ତ ତାଲିକାରେ ୩,୧୧,୨୧,୦୦୪ ଲୋକଙ୍କୁ ସାମିଲ କରାଯାଇଥିବାବେଳେ ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଜଣଙ୍କୁ ବାଦ୍ ଦିଆଯାଇଥିଲା। ବେଆଇନ ବାଂଲାଦେଶୀଙ୍କୁ ଚିହ୍ନଟ କରିବା ଏହାର ଲକ୍ଷ୍ୟ ବୋଲି କୁହାଯାଇଥିଲା। ସେହିପରି ପଡ଼ୋଶୀ ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶରେ ଧାର୍ମିକ ଅତ୍ୟାଚାରର ଶିକାର ହୋଇ ଭାରତରେ ଆଶ୍ରୟ ନେଇଥିବା ଶରଣାର୍ଥୀଙ୍କୁ ନାଗରିକତ୍ୱ ପ୍ରଦାନ ପାଇଁ କେନ୍ଦ୍ର ସରକାର ଆଣିଲେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)। ଏ ସମ୍ପର୍କିତ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରୁ ଉଠିଥିବା ନିଆଁ କ୍ରମଶଃ ପଶ୍ଚିମବଙ୍ଗ ଓ ଦିଲ୍ଲୀରେ ପହଞ୍ଚି ସାରା ଦେଶକୁ ବ୍ୟାପିଥିଲା। ଆନ୍ଦୋଳନ ବେଳେ ବିଭିନ୍ନ ସ୍ଥାନରେ ହିଂସା ପୋଡ଼ାଜଳା ଜାରି ରହିଛି ଏବଂ ପୋଲିସ ଗୁଳିରେ ଅନେକ ଲୋକଙ୍କ ଜୀବନ ଯାଇଛି। ଇତିମଧ୍ୟରେ କେନ୍ଦ୍ର କ୍ୟାବିନେଟ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍)କୁ ମଞ୍ଜୁରୀ ଦେଇଛି। ଦେଶର ସମସ୍ତ ବାସିନ୍ଦାଙ୍କୁ ଚିହ୍ନଟ କରିବା ପାଇଁ ଏହା ଏକ ପ୍ରକ୍ରିୟା ବୋଲି ସରକାର କହୁଛନ୍ତି। ହେଲେ ୨୦୧୪ରେ ତତ୍କାଳୀନ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ କିରେନ୍ ରିଜିଜୁ ରାଜ୍ୟ ସଭାରେ ବିବୃତି ଦେଇଥିଲେ, ଏନ୍‌ପିଆର୍ ହେଉଛି ଦେଶବ୍ୟାପୀ ଏନ୍‌ଆର୍‌ସି ଲାଗୁ କରିବା ପାଇଁ ପ୍ରଥମ ପଦକ୍ଷେପ। ତେଣୁ ଏହି ପ୍ରସଙ୍ଗରେ ଉଠିଥିବା ବିବାଦ ଆଗକୁ କେଉଁ ରୂପ ନେବ ତାହା କହି ହେଉନାହିଁ।




## ଛଟିଲା ୩୭୦

ବିଦାୟୀ ବର୍ଷର ସବୁଠୁ ଚର୍ଚ୍ଚିତ ତଥା ବିବାଦୀୟ ଘଟଣା ଥିଲା ୩୭୦ ଉଚ୍ଛେଦ। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଏହି ଅନୁଚ୍ଛେଦକୁ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଉଚ୍ଛେଦ କରିଥିଲେ। ଏହାସହ ଜମ୍ମୁ-କଶ୍ମୀର ପାଇଁ ଥିବା ସ୍ୱତନ୍ତ୍ର ସମ୍ବିଧାନ ଏବଂ ଅନୁଚ୍ଛେଦ ୩୫ଏ ସମେତ ଅନ୍ୟ ସମସ୍ତ ନିୟମ ସ୍ୱତଃ ଉଚ୍ଛେଦ ହୋଇଯାଇଥିଲା। ସେହିପରି ଜମ୍ମୁ-କଶ୍ମୀରଠାରୁ ଲଦାଖ୍‌କୁ ଅଲଗା କରି ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ପ୍ରତିଷ୍ଠା କରାଯାଇଛି। ଏନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଆଗତ କରିଥିବା ପ୍ରସ୍ତାବ ପାର୍ଲାମେଣ୍ଟରେ ଗୃହୀତ ହୋଇଥିଲା। ଏହାସହ ଭାରତର ଆତ୍ମାକୁ ଥରାଇଦେଇଥିବା ଦୀର୍ଘ ୭୨ ବର୍ଷ ପୁରୁଣା ସମସ୍ୟାର ସମାଧାନ ହୋଇଛି। ଏହି ଐତିହାସିକ ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱିତୀୟ ପାଳି ଶାସନରେ ସବୁଠୁ ଦୁଃସାହସିକ ବୋଲି କୁହାଯାଉଛି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ଅଂଶୀଦାର ଦଳଗୁଡ଼ିକ ଏହାକୁ ସ୍ୱାଗତ କରି ଉତ୍ସବ ମନାଇଥିବାବେଳେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ନିନ୍ଦା କରିଥିଲେ। ଏହି ପଦକ୍ଷେପର ସପ୍ତାହେ ପୂର୍ବରୁ ଉପତ୍ୟକାକୁ ୩୮ ହଜାର ସୈନ୍ୟ ପଠାଯାଇଥିଲା। ୩୭୦ ଉଚ୍ଛେଦ ପରେ ଗୃହବନ୍ଦୀ କରାଯାଇଥିବା ଶତାଧିକ କଶ୍ମୀରୀ ନେତାଙ୍କ ମଧ୍ୟରୁ ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା, ଓମାର ଅବ୍‌ଦୁଲ୍ଲା ଓ ମେହବୁବା ମୁଫ୍‌ତିଙ୍କ ସମେତ ଅନେକେ ଅଦ୍ୟାବଧି ମୁକୁଳି ପାରିନାହାନ୍ତି। କେନ୍ଦ୍ରର ଏହି ଆଇନକୁ ନେଇ କେବଳ କଶ୍ମୀର କି ଭାରତ ନୁହେଁ, ବରଂ ବିଦେଶରେ ବି ଜୋର୍ ଧରିଥିଲା ବିବାଦ ଓ ବିତର୍କ।



## ବିଚାର ପୂର୍ବରୁ ଗୁଳି

ଡିସେମ୍ବର ୬ ତାରିଖ ସକାଳେ ନିଦ ଭାଙ୍ଗୁ ଭାଙ୍ଗୁ ଦେଶବାସୀ ଜାଣିବାକୁ ପାଇଥିଲେ ଏକ ବିଚିତ୍ର ଘଟଣା। ହାଇଦ୍ରାବାଦରେ ୪ ଜଣ ବଳାତ୍କାର ଅଭିଯୁକ୍ତଙ୍କୁ ଗୁଳିକରି ହତ୍ୟା କରିଥିଲା ପୋଲିସ। ନଭେମ୍ବର ୨୭ରେ ଜଣେ ୨୬ ବର୍ଷୀୟା ମହିଳା ପ୍ରାଣୀ ଚିକିତ୍ସକଙ୍କୁ ୪ ଅଭିଯୁକ୍ତ ବଳାତ୍କାର ପରେ ହତ୍ୟା କରିଥିଲେ। ପରଦିନ ସକାଳେ ଡାକ୍ତରଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଏକ ଟୋଲ୍ ପ୍ଲାଜା ନିକଟ ନିର୍ମାଣାଧୀନ ବ୍ରିଜ୍ ତଳେ ଠାବ ହୋଇଥିଲା। ଏହାକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ମୁଣ୍ଡଟେକିବା ପରେ ଜାତୀୟ ଗଣମାଧ୍ୟମରେ ଗୋଟି ଗୋଟି କରି ଅନେକ ବଳାତ୍କାର ଘଟଣାର ରିପୋର୍ଟ ଦେଶର ବିଭିନ୍ନ ସ୍ଥାନରୁ ଆସିବାରେ ଲାଗିଥିଲା। ଏହାକୁ ନେଇ ଆନ୍ଦୋଳନ ଉଗ୍ରରୂପ ଧାରଣ କରିଥିଲା। ଶେଷରେ ସାଇବରାବାଦ ପୋଲିସ ଭୋର ସମୟରେ ଘଟଣାସ୍ଥଳକୁ ୪ ଅଭିଯୁକ୍ତଙ୍କୁ ନେଇ ଗୁଳି କରିଥିଲା। ଅଭିଯୁକ୍ତମାନେ ସେମାନଙ୍କ ବନ୍ଧୁକ ଛଡ଼ାଇନେଇ ଗୁଳିକରିବା ସହ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଆତ୍ମରକ୍ଷା ଲାଗି ପୋଲିସ ସେମାନଙ୍କୁ ଏନ୍‌କାଉଣ୍ଟର କରିଥିବା ସଫେଇ ଦେଇଥିଲା। ଏହି କାର୍ଯ୍ୟାନୁଷ୍ଠାନକୁ ନେଇ କେତେକେ ପୋଲିସକୁ ସାବାସି ଦେଇଥିବାବେଳେ ବିଭିନ୍ନ ମହଲରେ 'ନ୍ୟାୟ ବହିର୍ଭୂତ ହତ୍ୟା' ବୋଲି ନିନ୍ଦା କରାଯାଇଥିଲା। ଏନ୍‌ଏଚ୍‌ଆର୍‌ସି ଏହାର ତଦନ୍ତ ଦାୟିତ୍ୱ ନେଇଥିବା ବେଳେ ଅଭିଯୁକ୍ତମାନଙ୍କ ପରିବାର ଲୋକେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।



**ହାଇଦ୍ରାବାଦ ଏନ୍‌କାଉଣ୍ଟର**

## ଭୟାବହ ଭିଡ଼ହିଂସା



ଜୁନ୍ ୧୭ ତାରିଖରେ ଝାଡ଼ଖଣ୍ଡର ୨୪ ବର୍ଷୀୟ ମୁସଲିମ୍ ଯୁବକ ତବରେଜ ଅନ୍‌ସାରୀ ଭିଡ଼ହିଂସାର ଶିକାର ହୋଇଥିଲେ। ସେ ଜାମସେଦପୁରରୁ ଫେରୁଥିବାବେଳେ କଦମଡ଼ିହ ନିକଟସ୍ଥ ଧାତ୍‌କିଡ଼ିହ ଗ୍ରାମରେ ରାତିରେ କେତେଜଣ ବ୍ୟକ୍ତି ତାଙ୍କୁ ବାଇକ୍ ଚୋରି ସନ୍ଦେହରେ ଧରି ମାଡ଼ମାରିଥିଲେ। ତବରେଜଙ୍କୁ ଏକ ଖୁଣ୍ଟରେ ବାନ୍ଧି ଜୟ ଶ୍ରୀରାମ ଓ ଜୟ ହନୁମାନ କହିବାକୁ ସେମାନେ ବାଧ କରିଥିଲେ। କିଛି ଦିନ ପରେ ସେ ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜି ଦେଇଥିଲେ। ଏହି ପ୍ରସଙ୍ଗକୁ ନେଇ ପାର୍ଲାମେଣ୍ଟରେ ବି ଝଡ଼ ଉଠିଥିଲା। କେବଳ ତବରେଜ ନୁହନ୍ତି, ବରଂ ରାଜସ୍ଥାନ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଆଦି ରାଜ୍ୟରେ ତଥାକଥିତ ଗୋରକ୍ଷକ ଓ ହିନ୍ଦୁବାଦୀଙ୍କ ଆକ୍ରମଣର ଶିକାର ହୋଇ ଦଳିତ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ଅନେକ ଲୋକଙ୍କ ଜୀବନ ଯାଇଛି।



ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ସ୍ୱାମୀ ଚିନ୍ମୟାନନ୍ଦଙ୍କ କାରନାମା ସେତେବେଳେ ସାମ୍ନାକୁ ଆସିଲା ଯେତେବେଳେ ଉତ୍ତରପ୍ରଦେଶସ୍ଥିତ ଶାହଜାହାନପୁର କଲେଜର ଜଣେ ୨୩ ବର୍ଷୀୟା ଆଇନ ଛାତ୍ରୀ ତାଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଲେ। ଏହି ମାମଲାରେ ଅଗଷ୍ଟ ୨୦ରେ ତାଙ୍କୁ ଗିରଫ କରାଯାଇ ଜେଲକୁ ପଠାଇ ଦିଆଗଲା। ଚିନ୍ମୟାନନ୍ଦ ବ୍ଲାକ୍‌ମେଲିଂ ଅଭିଯୋଗ ଆଣିବା ପରେ ଆଇନ ଛାତ୍ରୀଙ୍କୁ ମଧ୍ୟ ଗିରଫ କରାଯାଇଥିଲା।

## ଚିନ୍ମୟାନନ୍ଦଙ୍କ କାରନାମା

## ଉନ୍ନାଓକୁ ବଳାତ୍କାର ବଦନାମ

୨୦୧୯ରେ ବଳାତ୍କାରକୁ ନେଇ ସବୁଠୁ ବେଶି ବଦନାମ ମୁଣ୍ଡାଇଛି ଉତ୍ତରପ୍ରଦେଶର ଉନ୍ନାଓ। ୨୦୧୭ରେ ଉନ୍ନାଓର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଥିଲା ବିଧାୟକ କୁଲଦୀପ ସିଂ ସେନଗାରଙ୍କ ବିରୋଧରେ। ସେନଗାର ଜେଲରେ ଥିବାବେଳେ ଗତ ଜୁଲାଇ ୨୯ରେ ରଚିଥିଲେ ପୀଡ଼ିତାଙ୍କ ହତ୍ୟାର ଷଡ଼ଯନ୍ତ୍ର। ଏକ ଟ୍ରକ୍ ଧକ୍କାରେ ପୀଡ଼ିତାଙ୍କ ମାଉସୀ ଓ ଖୁଡ଼ୀଙ୍କ ମୃତ୍ୟୁ ଘଟିଥିଲା। ହେଲେ ପୀଡ଼ିତା ବଞ୍ଚିଯାଇଥିଲେ। ଏହି ମାମଲାରେ ସେନଗାରଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ହୋଇଛି। ସେହିପରି ଡିସେମ୍ବରରେ ୨୦୧୮ର ଆଉ ଏକ ଗଣବଳାତ୍କାର ମାମଲା ସାମ୍ନାକୁ ଆସିଥିଲା। ଜେଲରୁ ଜାମିନରେ ଫେରିଥିବା ଅଭିଯୁକ୍ତମାନେ ବଳାତ୍କାର ପୀଡ଼ିତାଙ୍କ ଦେହରେ କିରୋସିନ ଢାଳି ହତ୍ୟା ଉଦ୍ୟମ କରିଥିଲେ। ତାଙ୍କ ଦେହର ୯୦ ଭାଗ ପୋଡ଼ିଯାଇଥିବାରୁ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ୬ ତାରିଖ ବିଳମ୍ବିତ ରାତିରେ ସେ ଆଖିବୁଜି ଦେଇଥିଲେ। କେବଳ ଏତିକି ନୁହେଁ, ଉନ୍ନାଓରେ ଉତ୍ତରପ୍ରଦେଶର ସବୁଠୁ ବେଶି ବଳାତ୍କାର ଘଟୁଥିବା ନେଇ ପ୍ରକାଶିତ ଏକାଧିକ ରିପୋର୍ଟ ଏହି ସହର ପାଇଁ ସୃଷ୍ଟି କରିଥିଲା ଲଜ୍ଜାଜନକ ସ୍ଥିତି।




## କାଠଗଡ଼ାରେ ସିଜେଆଇ



୨୦୧୯ ଏପ୍ରିଲ ୧୯ରେ ସିଜେଆଇ ରଞ୍ଜନ ଗୋଗୋଇଙ୍କ ବିରୋଧରେ ଆସିଥିଲା ସାଂଘାତି ଅଭିଯୋଗ। ଜଷ୍ଟିସ ଗୋଗୋଇଙ୍କ ଦ୍ୱାରା ଯୌନ ଶୋଷଣର ଅଭିଯୋଗ ଆଣି ୨୨ ବିଚାରପତିଙ୍କୁ ଚିଠି ଲେଖିଥିଲେ ସୁପ୍ରିମକୋର୍ଟର ଜଣେ ପୂର୍ବତନ ମହିଳା କର୍ମଚାରୀ, ଯାହାକୁ ନେଇ ନ୍ୟାୟପାଳିକାରେ ଉଠିଥିଲା ଝଡ଼। ଗୋଗୋଇ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ତଦନ୍ତର ସମ୍ମୁଖୀନ ହୋଇଥିଲେ। ସେ ମେ ୧ ତାରିଖରେ କମିଟି ଆଗରେ ହାଜର ହୋଇ ନିଜର ବୟାନ ରେକର୍ଡ କରାଇଥିଲେ। ଶେଷରେ ଯୌନ ଶୋଷଣ ଅଭିଯୋଗ ଉପରେ ସୁପ୍ରିମକୋର୍ଟର ଇନ୍-ହାଉସ୍ ତଦନ୍ତ କମିଟି ତାଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲା।

## ଅନାଜ ମଣ୍ଡି ଅଗ୍ନିକାଣ୍ଡ

ଡିସେମ୍ବର ୮ ତାରିଖ ଭୋର ସମୟର ଘଟଣା। ପଶ୍ଚିମ ଦିଲ୍ଲୀର ରାଣୀ ଝାନ୍‌ସି ରୋଡ୍ ଅଞ୍ଚଳର ବ୍ୟସ୍ତବହୁଳ ଅନାଜ ମଣ୍ଡିରେ ଘଟିଥିଲା ଭୟାବହ ଅଗ୍ନିକାଣ୍ଡ। ଏକ ଚାରିମହଲା ବିଶିଷ୍ଟ କୋଠାରେ ବେଆଇନ ଭାବେ ଚାଲୁଥିବା ବ୍ୟାଗ୍ ଫ୍ୟାକ୍ଟ୍ରିରେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଯାଇଥିଲା। ଏଥିରେ ୪୩ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିବାବେଳେ ୬୩ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ସେଠାରେ ଫାୟାର ସିକ୍ୟୁରିଟି ନ ଥାଇ ଫ୍ୟାକ୍ଟ୍ରି ଚଳାଇବାକୁ କିଏ ଅନୁମତି ଦେଇଥିଲା ବୋଲି ଭାଜପା-ଏଏପି-କଂଗ୍ରେସ ପରସ୍ପରକୁ ଦୋଷ ଦେଇଥିଲେ। ଏହି ବିପର୍ଯ୍ୟୟ ୨୨ ବର୍ଷ ତଳର ଉପହାର ପ୍ୟାଲେସ୍ ଅଗ୍ନିକାଣ୍ଡର ଦୁଃଖଦ ସ୍ମୃତିକୁ ଉଜ୍ଜୀବିତ କରିଦେଇଥିଲା।



## ମଦ ନେଲା ୧୫୦ ଜୀବନ

ଫେବୃୟାରୀ ଶେଷରେ ଆସାମରେ ଦେଖିବାକୁ ମିଳିଥିଲା ମଦମୃତ୍ୟୁର ବିଭୀଷିକା। ବିଷାକ୍ତ ମଦ ପିଇ ୧୫୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିବାବେଳେ ୩୦୦ ଜଣ ଅସୁସ୍ଥ ହୋଇଥିଲେ। ମୃତକଙ୍କ ମଧ୍ୟରୁ ଅଧିକାଂଶ ଥିଲେ ସଲମାରା ଚା ବଗିଚାର କର୍ମଚାରୀ। ଏହାର ଦୁଇ ସପ୍ତାହ ପୂର୍ବରୁ ୟୁପି ଓ ଉତ୍ତରାଖଣ୍ଡରେ ବିଷାକ୍ତ ମଦ ପିଇ ଶତାଧିକ ବ୍ୟକ୍ତି ପ୍ରାଣ ହରାଇଥିଲେ।



"ଅଧିକାରୀଙ୍କ ପଦୋନ୍ନତି ଏବଂ ବରିଷ୍ଠତାକୁ ବିଚାରକୁ ନେବା ସହ ସେମାନଙ୍କ ସ୍ୱାର୍ଥ ରକ୍ଷା ଲାଗି ବିକଳ୍ପ ବ୍ୟବସ୍ଥା କରାଯିବା।
–ପୀୟୂଷ ଗୋୟଲ, କେନ୍ଦ୍ର ରେଳମନ୍ତ୍ରୀ



"ଯାତ୍ରୀ ଏବଂ ମାଲ୍ ଭଡାକୁ ତର୍କ ସଙ୍ଗତ କରାଇବା ଲାଗି ବିଭିନ୍ନ ପ୍ରସଙ୍ଗ ଉପରେ ଏବେ ବିଚାର କରାଯାଉଛି।
– ଭି.କେ.ଯାଦବ, ରେଳ ବୋର୍ଡ ଅଧ୍ୟକ୍ଷ

## ସଂକ୍ଷେପରେ

### ବାୟ୍ୟାବନ୍ଦନ ଯୋଜନା ଲାଗି ଆଧାର ଅନିବାର୍ଯ୍ୟ

ନୂଆଦିଲ୍ଲୀ,୨୬-୧୨: ବରିଷ୍ଠ ନାଗରିକଙ୍କ ଲାଗି ପେନସନ ସ୍କିମ ପ୍ରଧାନମନ୍ତ୍ରୀ ବାୟ୍ୟାବନ୍ଦନ ଯୋଜନା ଲାଗି ସରକାର ଆଧାରକୁ ଅନିବାର୍ଯ୍ୟ କରିଛନ୍ତି। ଏହି ଯୋଜନାରରେ ୮% ନିଶ୍ଚିତ ସୁଧହାର ପ୍ରଦାନ କରାଯାଇଥାଏ। ଏହାକୁ ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି) ପକ୍ଷରୁ କାର୍ଯ୍ୟକାରୀ କରାଯାଇଛି। କେନ୍ଦ୍ର ବଜେଟ ୨୦୧୭-୧୮ ଏବଂ ୨୦୧୮-୧୯ରେ ଏହି ଯୋଜନା ସମ୍ପର୍କରେ ସରକାର ଘୋଷଣା କରିଥିଲେ। ଏହି ଯୋଜନାର ଲାଭ ନେବା ଲାଗି ଆଧାର ନିଶ୍ଚିତ ଭାବେ ଦେବାକୁ ଦେବାକୁ ପଡିବ। ସେହିଭଳି ଆଧାର ପ୍ରମାଣନ ପ୍ରକ୍ରିୟା ଦେଇ ଯିବାକୁ ପଡିବ ବୋଲି ଅର୍ଥମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି। ଯୋଜନାର ଲାଭ ନେବାକୁ ଇଚ୍ଛୁକ ବ୍ୟକ୍ତି, ଯେଉଁ ମାନଙ୍କ ପାଖରେ ଆଧାର ନାହିଁ ସେମାନେ ଆଧାର ପାଇଁ ଆବେଦନ କରିବାକୁ କୁହାଯାଇଛି। ଖରାପ ବାୟୋମେଟ୍ରିକ ଲାଗି ଆଧାର ପ୍ରମାଣନ ପ୍ରକ୍ରିୟାରେ ବାଧା ଉପୁଜିଲେ ଅର୍ଥମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଧାରିତ ଏଜେନ୍ସି ଆଧାର ପାଇବା ନମ୍ବର ପାଇବା ଲାଗି ସମସ୍ତ ପ୍ରକାରର ସୁବିଧା କରିବ। ସେହିଭଳି ସମୟ ଭିତ୍ତିକ ଓଟିପି ପ୍ରମାଣନ ପ୍ରକ୍ରିୟାରେ ବାଧା ଉପୁଜିଲେ ଏକ ଆଧାର ଲେଟର ପ୍ରଦାନ ବ୍ୟବସ୍ଥା ରହିଛି। ଏଥିରେ ଥିବା କ୍ୟୁକରେସପନ୍ସ(କ୍ୟୁଆର୍) କୋଡ୍ ସହାୟତାରେ କାର୍ଯ୍ୟ ସମ୍ପାଦନ ହୋଇ ପାରିବ।

### ମାନ୍ୟବରର ୱେଡିଂ କ୍ୟାମ୍ପେନ

ନୂଆଦିଲ୍ଲୀ,୨୬-୧୨: ମାନ୍ୟବର ବ୍ରାଣ୍ଡ ପକ୍ଷରୁ ନୂଆୱେଡିଂ କ୍ୟାମ୍ପେନ 'ଶାଦି ହେ ତୟାର ହୋକେ ଆଇଏ' ଆରମ୍ଭ ହୋଇଛି। ଏହି ଆଡ୍ କ୍ୟାମ୍ପେନରେ ବଲିଉଡ ଅଭିନେତା ରଣବୀର ସିଂ ଅଭିନୟ କରିଛନ୍ତି। ବିବାହ ସମୟରେ ଭାରତୀୟ ପରିଧାନ ପିନ୍ଧିବାକୁ ପ୍ରୋତ୍ସାହିତ କରିବା ଲାଗି ଏଭଳି କ୍ୟାମ୍ପେନ ହାତକୁ ନିଆଯାଇଛି। ବିବାହ ସମୟରେ ଭାରତୀୟଙ୍କୁ ସ୍ୱତନ୍ତ୍ର ଅନୁଭବ ପ୍ରଦାନ କରିବା ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମାନ୍ୟବରର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରବି ମୋଦି କହିଛନ୍ତି। ବିବାହ ସମୟରେ ଆଧୁନିକ ଛାପ ସହିତ ଭାରତୀୟ ପରମ୍ପରାକୁ ଧରି ରଖିଥିବା ପୋଷାକ ପିନ୍ଧିବାକୁ ପସନ୍ଦ କରିଥାଏ । ମାନ୍ୟବର ଠାରେ ଏସବୁ ପ୍ରସଙ୍ଗ ଫିଟ୍ ହେଉଥିବାରୁ ଏହାକୁ ନେଇ ଖୁସି ବୋଲି ଅଭିନେତା ରଣବୀର କହିଛନ୍ତି।

# ଜିଏସ୍‌ଟି ପୈଠ ନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୨୬-୧୨

ଧାର୍ଯ୍ୟ ସମୟରେ ଜିଏସ୍‌ଟି ପୈଠ କରୁ ନ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ସରକାର ଏବେ ଆଭିମୁଖ୍ୟ ବଦଳାଇଛନ୍ତି। ଏହି ଲୋକମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ହେବ ବୋଲି କୁହାଯାଉଛି। ଜିଏସ୍‌ଟିଆର୍-୩ବି ଟିକସଦାତାଙ୍କ ପାଖକୁ ୫ ଦିନ ପରେ ନୋଟିସ ଜାରି କରାଯିବ ବୋଲି ସୂଚନା ରହିଛି। ଟିକସ ପୈଠ କ୍ଷେତ୍ରରେ ଟାଇମ୍ ଲାଇନ ରହୁ ନ ଥିବାରୁ ବିଭିନ୍ନ ରାଜ୍ୟରେ ଟିକସ ସଂଗ୍ରହ ନେଇ ତାରତମ୍ୟ ଦେଖାଯାଉଛି। ଏହାକୁ ନଜରରେ ରଖି କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ପକ୍ଷରୁ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍ଓପି) ଜାରି କରାଯାଇଛି। ଟିକସଦାତାଙ୍କୁ ନୋଟିସ ଗଲା ପରେ ଯଦି ଫାଇଲିଂ ନ ହୁଏ ତେବେ ୧୫ ଦିନ ପରେ ଆସେସ୍‌ମେଣ୍ଟ ନୋଟିସ ପୁଣି ଦିଆଯିବ। ଏହା ପରେ ରେସ୍‌ପନ୍ସ ନ ମିଳିଲେ ଟିକସ ଅଧିକାରୀ ଆସେସିଙ୍କ ଉପଲବ୍ଧ ରେକର୍ଡ ଏବଂ ଡାଟା ଆଧାରରେ ଆସେସ୍‌ମେଣ୍ଟ ଦ୍ୱାରା ଟିକସ ଡିମାଣ୍ଡ ଅସୁଲ କରିପାରିବେ।



ଲଗାତର ୨ ମାସ ଲାଗି ରିଟର୍ନ ଭରୁ ନ ଥିବା ଲୋକଙ୍କ ଇ-ୱେବିଲ ରଦ୍ଦ କରିବା ଲାଗି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ୬ ମାସ ଧରି ରିଟର୍ନ ଭରୁ ନ ଥିବା ଲୋକଙ୍କ ଲାଗି ପଞ୍ଜୀକରଣ ମଧ୍ୟ ରଦ୍ଦ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୩.୫ ଲକ୍ଷ ବ୍ୟବସାୟୀଙ୍କ ଇ-ୱେବିଲ ବ୍ଲକ୍ କରାଯାଇଛି। ସେହିଭଳି ୧୨.୫ ଲକ୍ଷ ବ୍ୟବସାୟୀଙ୍କ ପଞ୍ଜୀକରଣ ରଦ୍ଦ କରିବା ଲାଗି ନିଷ୍ପତ୍ତି ହୋଇଛି। ଜିଏସ୍‌ଟି ରିଟର୍ନ ଫାଇଲ କରୁ ନ ଥିଲେ ସାରା ଦେଶ ଲାଗି ଏକକ ସମୟ ଏବଂ ଗୋଟିଏ ପ୍ରକାରର ଫର୍ମ, ନୋଟିସ ବା ଡିମାଣ୍ଡ ନୋଟିସ ଜାରି ହେବ ବୋଲି ଜିଏସ୍‌ଟିର ପ୍ରିନ୍ସିପାଲ କମିଶନର ଯୋଗେନ୍ଦ୍ର ଗର୍ଗ କହିଛନ୍ତି। ସେହିଭଳି ଜିଏସ୍‌ଟି ଫାଇଲ କରୁ ନ ଥିଲେ ସେକ୍ସନ ୩୯,୪୪ ବା ୪୫ ମୁତାବକ ଡିଫଲ୍ଟର ଘୋଷଣା କରାଯିବ। ଟିକସ ପ୍ରଦାନ ଶେଷ ତାରିଖର ୫ ଦିନ ଗଲା ପରେ ଜିଏସ୍‌ଟିଆର୍-୩ଏ ନୋଟିସ ଜାରି କରାଯିବ। ସେହିଭଳି ୧୫ ଦିନରେ ଟିକସ ପ୍ରଦାନ କରିବା ଲାଗି କୁହାଯିବ। ପୈଠ ନ କ୍ଷେତ୍ରରେ ଏଏସ୍ଏମ୍‌ଟି-୧୩ ଦ୍ୱାରା ୩୦ ଦିନର ଡେଡ୍ ଲାଇନ ସହ ଆସେସମେଣ୍ଟ ନୋଟିସ ପଠାଯିବ। ଏହା ପରେ ଅଧିକାରୀ ୱେ ବିଲ୍ ରେକର୍ଡ, ଜିଏସ୍‌ଟିଆର୍ ୨-ଏ ଡାଟା ଏବଂ ବ୍ୟାଙ୍କ ନେଣଦେଣ ଆଧାରରେ ଟିକସ ଡିମାଣ୍ଡ ଅସୁଲ କରିପାରିବେ।

- ୫ ଦିନ ପରେ ଜାରି ହେବ ଟିକସ ନୋଟିସ୍
- ଜାରି ହେଲା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର
- ଖିଲାପକାରୀ ଘୋଷଣା କରାଯାଇପାରିବ
- ଟିକସ ଡିମାଣ୍ଡ ଅସୁଲ କରିପାରିବେ ଅଧିକାରୀ

### ବ୍ୟାଙ୍କ ଆକାଉଣ୍ଟ, ସମ୍ପତ୍ତି ଜବତ ହୋଇପାରେ

ଜିଏସ୍‌ଟି ରିଟର୍ନ ଫାଇଲ କରୁ ନ ଥିଲେ ଟିକସ ଅଧିକାରୀଙ୍କ ଦ୍ୱାରା ସମ୍ପତ୍ତି ଏବଂ ବ୍ୟାଙ୍କ ଆକାଉଣ୍ଟ ଜବତ ହୋଇପାରେ। ଜାରି ହୋଇଥିବା ଏସ୍ଓପି ମୁତାବକ କେନ୍ଦ୍ରୀୟ ଜିଏସ୍‌ଟି ଧାରା ୮୩ ମୁତାବକ ଜିଏସ୍‌ଟି କମିଶନର ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ଏକ ଆକଳନ ମୁତାବକ ୨୦ ଲକ୍ଷରୁ ଅଧିକ ଟିକସଦାତା ନିୟମିତ ଭିତ୍ତିରେ ଜିଏସ୍‌ଟି ପ୍ରଦାନ କରୁ ନାହାନ୍ତି। ଏହାବାଦ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ୬ ମାସରୁ ଅଧିକ ସମୟ ହେବ ରିଟର୍ନ ଫାଇଲ କରିନାହାନ୍ତି। ଟିକସ ଫାଇଲ ନ କରିବା ଯୋଗୁ ଅଧିକ ପରିମାଣର ଟିକସ ଚୋରି ହେଉଥିବା ସରକାର ଆକଳନ କରିଛନ୍ତି। ଏହା ଉପରେ ଲଗାମ ଲାଗିଲେ ସପ୍ଲାଇ ଚେନ୍‌ର ଅନ୍ୟ ବ୍ୟବସାୟୀମାନେ ମଧ୍ୟ ନିୟମିତ ଭାବେ ଟିକସ ପ୍ରଦାନ କରିବାକୁ ବାଧ ହେବେ। ସରକାର ମିଥ୍ୟା ଆଇଟିସି କ୍ଲେମ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଥିଲେ ହେଲେ ବୃହତ ପରିମାଣର ଲୋକ ଟିକସ ଫାଇଲ ନ କରିବା ଯୋଗୁ ରାଜସ୍ୱ ହ୍ରାସ ହେଉଥିବା ସହ ଟିକସ ଫସି ରହୁଥିବା କୁହାଯାଉଛି।

# ଯାତ୍ରୀ ନିରାପତ୍ତା କ୍ଷେତ୍ରରେ ରେଳପଥର ରେକର୍ଡ



- ଚଳିତବର୍ଷ ଜିରୋ ପାସେଞ୍ଜର ଡେଥ୍
- ୧୬୬ ବର୍ଷରେ ପ୍ରଥମ

ମୁମ୍ବାଇ,୨୬-୧୨

ଚଳିତ ବର୍ଷ ରେଳ ଦୁର୍ଘଟଣାରେ କୌଣସି ଯାତ୍ରୀଙ୍କ ଜୀବନ ହାନି ହୋଇନି। ରେଳପଥର ୧୬୬ ବର୍ଷ ଲମ୍ବା ଇତିହାସରେ ପ୍ରଥମଥର ଲାଗି ଏଭଳି ହୋଇଛି। ଚଳିତ ଆର୍ଥିକ ବର୍ଷରେ ଆଦୌ ଜୀବନହାନି ହୋଇ ନ ଥିବା (ଜିରୋ ପାସେଞ୍ଜର ଡେଥ୍) ଭାରତୀୟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ରେଳପଥ ସୂଚନା ମୁତାବକ, ରେଳଗାଡି ମଧ୍ୟରେ ଧକ୍କା, ଟ୍ରେନରେ ନିଆଁ ଲାଗିବା, ରେଳ ଲାଇନଚ୍ୟୁତ ହେବା ଭଳି ବିଭିନ୍ନ ଦୁର୍ଘଟଣା ଗତ ୩୮ ବର୍ଷ ମଧ୍ୟରେ ୯୫%ରୁ ଉର୍ଦ୍ଧ୍ୱ ହ୍ରାସ ଘଟିଛି। ସୁରକ୍ଷା ଦୃଷ୍ଟିକୋଣରୁ ଏହା ରେଳୱେ ଲାଗି ଏକ ବଡ ସଫଳତା। ୨୦୧୭-୧୮ରେ ୭୩ ରେଳ ଦୁର୍ଘଟଣା ସାମ୍ନାକୁ ଆସିଛି। ଗତ ଆର୍ଥିକ ବର୍ଷରେ ପ୍ରତି ୧୦ ଲକ୍ଷ କିଲୋମିଟର ମଧ୍ୟରେ ହେଉଥିବା ଟ୍ରେନ ଦୁର୍ଘଟଣା ହ୍ରାସ ଘଟି ନ୍ୟୂନତମ ୦.୦୬%କୁ ହ୍ରାସ ଘଟିଛି। ୧୯୬୦-୬୧ରେ ମୋଟ ୨୧୩୧ ରେଳ ଦୁର୍ଘଟଣା ଘଟିଥିଲା। ୧୯୭୦-୭୧ରେ ଏହା ହ୍ରାସ ଘଟି ୮୪୦ ରହିଥିଲା। ୧୯୮୦-୮୧ରେ ଏହା ୧୦୧୩କୁ ବଢ଼ିଯାଇଥିଲା। ୧୯୯୦-୯୧ରେ ଏହା ୫୩୨କୁ ଖସିଥିବା ବେଳେ ୨୦୧୦-୧୧ରେ ୧୪୧ ରେଳ ଦୁର୍ଘଟଣା ସାମ୍ନାକୁ ଆସିଥିଲା। ୨୦୧୪ ପରେ ରେଳ ବୋର୍ଡ ତରଫରୁ ରେଳପଥ ବିକାଶ ଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଭିନ୍ନ ଅପହଞ୍ଚ ଇଲାକାକୁ ଟ୍ରେନ ସେବା ପହଞ୍ଚାଇବାକୁ ଯୋଜନା ଆରମ୍ଭ ହୋଇଛି। ନିକଟରେ କେନ୍ଦ୍ର କ୍ୟାବିନେଟ ରେଳ ବୋର୍ଡ ପୁନର୍ଗଠନକୁ ମଞ୍ଜୁରୀ ପ୍ରଦାନ କରିଛି। ରେଳପଥରେ ଏବେ ରେଳ ସୁରକ୍ଷା ବଳ ଏବଂ ଚିକିତ୍ସା ସେବା ବିଭାଗ ଭଳି ୨ଟି ବିଭାଗ ରହିବ। ବୋର୍ଡର ନେତୃତ୍ୱ ରେଳବୋର୍ଡ ଅଧ୍ୟକ୍ଷ ନେବେ। ସେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଏଥିପାଇଁ ରେଳ ବୋର୍ଡରେ ୪ ସଦସ୍ୟ ଏବଂ କିଛି ସ୍ୱତନ୍ତ୍ର ସଦସ୍ୟ ରହିବେ।

# ମିଳି ନ ପାରେ ଆୟକର ରିହାତି

ନୂଆଦିଲ୍ଲୀ,୨୬-୧୨

ସରକାର କର୍ପୋରେଟ୍ ଟିକସ ହାର ହ୍ରାସ କରିବା ପରେ ବ୍ୟକ୍ତିଗତ ଆୟକର ହ୍ରାସ ହେବା ନେଇ ଚର୍ଚ୍ଚା ହେଉଛି। ଫେବୃୟାରୀ ପହିଲାରେ ଆସିବାକୁ ଥିବା ସାଧାରଣ ବଜେଟରେ ଆୟକର ହ୍ରାସ ହେବା ନେଇ ଲୋକମାନେ ଆଶା ରଖିଛନ୍ତି। ମାତ୍ର ବର୍ତ୍ତମାନ ଅର୍ଥ ବ୍ୟବସ୍ଥାରେ ମାନ୍ଦାବସ୍ଥା ଲାଗି ରହିଥିବାରୁ ସରକାର ଆୟକରରେ ରିହାତି ନ ଦେଲା ଭଳି ଅନୁମାନ କରାଯାଉଛି। ଏକ ନ୍ୟୁଜ୍ ଏଜେନ୍ସିକୁ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ଦେଇଥିବା ସୂଚନା ମୁତାବକ, ଟିକସ ହାର ହ୍ରାସ ହେଲେ ଯଦି ଲୋକମାନେ ସେମାନଙ୍କ ଖର୍ଚ୍ଚ ନ ବଢାନ୍ତି, ତେବେ ଏହାର ଫାଇଦା ଅର୍ଥ ବ୍ୟବସ୍ଥାକୁ ମିଳିବ ନାହିଁ। ଏହାକୁ ନେଇ ସରକାର ଆଶଙ୍କାରେ ରହିଛନ୍ତି। ଏହାକୁ ଧ୍ୟାନରେ ରଖି ସରକାର ଅଭିବୃଦ୍ଧି ଏବଂ ଚାହିଦା ସହ ସମ୍ପର୍କ ରଖୁଥିବା କ୍ଷେତ୍ରଗୁଡିକରେ ଲୋକମାନେ କିଭଳି ଖର୍ଚ୍ଚ ବଢାଇ ପାରିବେ, ସେ ଦିଗରେ କାର୍ଯ୍ୟକ୍ରମ ଜାରି କରିବାକୁ ଫୋକସ୍ କରାଯିବ ବୋଲି ସେ ମତ ଦେଇଛନ୍ତି।

ଅଧିକାରୀ ଜଣକ କହିଛନ୍ତି ଯେ, ସେପ୍ଟେମ୍ବରରେ ସରକାର କର୍ପୋରେଟ ଟିକସରେ ହ୍ରାସ କରିଥିଲେ। ଏହା ଦ୍ୱାରା ୧.୪୫ ଲକ୍ଷ କୋଟି ଟଙ୍କାର ରାଜସ୍ୱ ହ୍ରାସ ହୋଇଛି। ସରକାରଙ୍କ ଏହି ପଦକ୍ଷେପର ପ୍ରଭାବ ଏବେ ଯାଏ ବଜାର ଉପରେ ପରିଲକ୍ଷିତ ହୋଇ ନାହିଁ। ଏହାର ପ୍ରଭାବ ଦେଖିବା ଲାଗି ଚଳିତ ଆର୍ଥିକ ବର୍ଷ ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିପାରେ। ସେହିଭଳି ପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ ଏବେ ବୃଦ୍ଧି ହେଉଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଥିଲେ। ନଭେମ୍ବର ଶେଷ ପର୍ଯ୍ୟନ୍ତ ଏଥିରେ ୫% ବୃଦ୍ଧି ଘଟିଛି। ସେହିଭଳି ସରକାର ଲକ୍ଷ୍ୟ ରଖିଥିବା ପୁଞ୍ଜି ପ୍ରତ୍ୟାହାରଠାରୁ ବହୁ ପଛରେ ଅଛନ୍ତି। ଚଳିତ ଆର୍ଥିକ ବର୍ଷରେ ୧.୦୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲାଗି ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୭,୩୫୪ କୋଟି ଟଙ୍କା ହାସଲ କରିପାରିଛନ୍ତି। ଏହାବାଦ ପରୋକ୍ଷ ଟିକସ ସଂଗ୍ରହ ମଧ୍ୟ ଆଶାନୁରୂପ ହେଉନାହିଁ। ଜିଏସ୍‌ଟି ପରିଷଦର ପ୍ରେଜେଣ୍ଟେଶନ ମୁତାବକ, ଚଳିତଆର୍ଥିକ ବର୍ଷରେ ୧.୬ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି କ୍ଷତିପୂରଣ ଆବଶ୍ୟକତା ପଡିବ। ଟିକସ ରାଜସ୍ୱ କମୁଥିବାରୁ ଜିଏସ୍‌ଟି କ୍ଷତିପୂରଣ ସେସ୍ ସଂଗ୍ରହ ୬୦ ହଜାର କୋଟି ଟଙ୍କାକୁ ଖସିପାରେ ବୋଲି କୁହାଯାଉଛି। ଜିଏସ୍‌ଟି କ୍ଷତିପୂରଣ ପ୍ରଦାନରେ କେନ୍ଦ୍ର ସରକାର ବିଳମ୍ବ କରୁଥିବାରୁ ଏହାକୁ ନେଇ ରାଜ୍ୟଗୁଡିକ ଅସନ୍ତୋଷ ପ୍ରକାଶ କରିଥିଲେ। ୧୬ ଡିସେମ୍ବରରେ କେନ୍ଦ୍ର ସରକାର ରାଜ୍ୟଗୁଡିକୁ ୩୫,୨୯୮ କୋଟି ଟଙ୍କା କ୍ଷତିପୂରଣ ଦେଇଛନ୍ତି।




- ଲୋକଙ୍କ ଖର୍ଚ୍ଚ ବଢ଼ାଇବାକୁ ପଦକ୍ଷେପ ନିଆଯାଇପାରେ
- ମାନ୍ଦାବସ୍ଥା ଯୋଗୁ ପରୋକ୍ଷ ଟିକସ ସଂଗ୍ରହ କମିଛି
- ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ପୂରଣ ହୋଇନି

# ନୋମିନି ନିର୍ଦ୍ଦେଶକ ନିଯୁକ୍ତ କରିପାରନ୍ତି ମିସ୍ତ୍ରି

ମୁମ୍ବାଇ,୨୬-୧୨

ଟାଟା ସନ୍ସର ଅଧ୍ୟକ୍ଷ ଏବଂ ଟାଟା ଗ୍ରୁପର ଅନ୍ୟ ୩ କମ୍ପାନୀର ବୋର୍ଡରେ ସାମିଲ ହେବା ନେଇ ପୂର୍ବତନ ଅଧ୍ୟକ୍ଷ ସାଇରସ ମିସ୍ତ୍ରି ଇଚ୍ଛୁକ ନୁହନ୍ତି। ମିସ୍ତ୍ରି ଏଥିଲାଗି ଏକ ନୋମିନି ନିର୍ଦ୍ଦେଶକ ନିଯୁକ୍ତ କରିପାରନ୍ତି ବୋଲି ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଏକ ବିବାଦୀୟ ସ୍ଥିତିରେ ମିସ୍ତ୍ରିଙ୍କୁ ୨୦୧୬ ଅକ୍ଟୋବରରେ ଟାଟାସନ୍ସର ଅଧକ୍ଷ ପଦବୀରୁ ବିଦା କରାଯାଇଥିଲା। ଏହା ପରେ ତାଙ୍କୁ ଗ୍ରୁପର ଅନ୍ୟ ୩ କମ୍ପାନୀରୁ ଇସ୍ତଫା ଦେବାକୁ ପଡିଥିଲା। ନ୍ୟାଶନାଲ କମ୍ପାନୀ ଲ ଆପିଲେଟ ଟ୍ରିବ୍ୟୁନାଲ ୧୮ ଡିସେମ୍ବରରେ ମିସ୍ତ୍ରିଙ୍କ ସପକ୍ଷରେ ରାୟ ଶୁଣାଇବା ସହ ତାଙ୍କୁ ଟାଟାସନ୍ସର ଅଧକ୍ଷ ପଦବୀରେ ପୁନଃ ଅବସ୍ଥାପିତ କରାଇବା ଲାଗି କହିଥିଲେ। ଏହି ରାୟ ବିରୋଧରେ ଟାଟା ଗ୍ରୁପ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିପାରେ। ଏଥିଲାଗି ଗ୍ରୁପକୁ ୪ ସପ୍ତାହ ସମୟ ମିଳିଛି। ରିପୋର୍ଟ ମୁତାବକ ସୁପ୍ରିମକୋର୍ଟ ମିସ୍ତ୍ରିଙ୍କ ସପକ୍ଷରେ ରାୟ ଶୁଣାଇବା ପରେ ମଧ୍ୟ ମିସ୍ତ୍ରି ଅଧକ୍ଷ ହେବା ନେଇ ଆଶା ଦେଖାଯାଉ ନାହିଁ। କାରଣ ସେ ନିଜେ ହିଁ ଏହି ପଦବୀ ଲାଗି ଇଚ୍ଛୁକ ନୁହନ୍ତି। ଅଧକ୍ଷ ପଦବୀରେ ତାଙ୍କର କାର୍ଯ୍ୟକାଳ ଆଉ ୫ ମାସ ବାକି ରହିଛି। ମିସ୍ତ୍ରି ୨୦୦୬ରେ ଟାଟା ସନ୍ସର ବୋର୍ଡରେ ଯୋଗ ଦେଇଥିଲେ। ରତନ ଟାଟାଙ୍କ ଅବସର ପରେ ମିସ୍ତ୍ରି ଟାଟା ସନ୍ସର ଅଧକ୍ଷ ଭାବେ ଅବସ୍ଥାପିତ ହୋଇଥିଲେ। ୨୦୧୬ ଅକ୍ଟୋବରରେ ତାଙ୍କ ଉପରେ ବୋର୍ଡର ଅବିଶ୍ୱାସ ପ୍ରସ୍ତାବରେ ତାଙ୍କୁ ହଟାଯାଇଥିଲା। ଏହି ମାମଲାରେ ପ୍ରଥମେ ମିସ୍ତ୍ରି ଗ୍ରୁପ ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲରେ ଚ୍ୟାଲେଞ୍ଜ କରିଥିଲେ। ହେଲେ ମାମଲା ହାରିବା ପରେ ଏହାକୁ ପୁନଶ୍ଚ କମ୍ପାନୀ ଲ ଆପିଲେଟ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହେବା ପରେ ଟ୍ରିବ୍ୟୁନାଲ ମିସ୍ତ୍ରିଙ୍କ ସପକ୍ଷରେ ରାୟ ଶୁଣାଇଥିଲେ।



CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

ମହେଶ୍ୱରୀ ଫାଇନାନ୍ସ
LOAN IN 7 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ (2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact 9716825082

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka- 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free
ଆଜି ହିଁ ସମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ 20,00,000, ଭଡ଼ା 60,000 + କୋର୍ଟ ଏଗ୍ରିମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

omfed
The Odisha State Co-operative Milk Producers' Federation Limited
D-2, Sahidnagar, Bhubaneswar - 751007
Ph. No.- 0674-2546030, 2540273, 2540417, Fax No: 0674-2540974, Email ID : omfed@yahoo.com
www.omfed.com
CAD-741 :- TENDER FOR SUPPLY AND COMMISSIONING OF DIGITAL EPBAX SYSTEM
OMFED invites sealed tenders in TWO BID system from reputed Manufacturer/ Authorized Dealer having their establishment in Bhubaneswar for "Supply and commissioning of digital EPBAX system" at the corporate office of Omfed, Bhubaneswar. All other information such as tender document, Cost of Tender Paper, Date and Time of Receiving and Opening of tender can be downloaded from the OMFED website: www.omfed.com. Addendum/Corrigendum if any will be published in Omfed website only. The management reserves the right to accept or reject any or all the bid document or part thereof without assigning any reason.
06063/11/0003/1920 General Manager (HR)

ଓଡ଼ିଶା ପଛୁଆ ବର୍ଗ ଅର୍ଥ ଓ ଉନ୍ନୟନ ସମବାୟ ନିଗମ ଲିମିଟେଡ୍
କ୍ୱାର୍ଟର ନମ୍ବର ଏ/୬, ୟୁନିଟ୍-୫, ରାଜୀବ ଭବନ ପାଖ, ଭୁବନେଶ୍ୱର-୭୫୧୦୦୧, ଟେଲିଫୋନ ନମ୍ବର - ୦୬୭୪-୨୩୯୧୦୬୧
ଇ ମେଲ- obcfdcc@yahoo.com
No.CAD-738 :- ଚଳିତ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଓଡ଼ିଶା ପଛୁଆ ବର୍ଗ ଅର୍ଥ ଓ ଉନ୍ନୟନ ସମବାୟ ନିଗମ (OBCFDCC) ପଛୁଆ ବର୍ଗ (OBC/S&EBC) ଏବଂ ସଂଖ୍ୟାଲଘୁ (Minority) ସମ୍ପ୍ରଦାୟର ଯୋଗ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ/କ୍ଲଷ୍ଟରମାନଙ୍କ ପାଇଁ ଯୋଜନା (ଚାଷକାର୍ଯ୍ୟ, ଉଦ୍ୟାନକୃଷି, ହସ୍ତଶିଳ୍ପ, ହସ୍ତତନ୍ତ, ଜଳସେଚନ, ପଶୁପାଳନ ଓ ମାଛଚାଷ) ଅନ୍ତର୍ଗତ ବିଭିନ୍ନ ଆୟକାରୀ ପ୍ରକଳ୍ପ ମାଧ୍ୟମରେ (Income Generating Scheme) ଆର୍ଥିକ ସହାୟତା ଯୋଗାଇ ଦେବପାଇଁ ସ୍ଥିରୀକୃତ ହୋଇଅଛି। ପ୍ରକଳ୍ପ ଓ ତତ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଜିଲ୍ଲା ମଙ୍ଗଳ ଅଧିକାରୀ/ବ୍ଲକର କଲ୍ୟାଣ ସଂପ୍ରସାରଣ ଅଧିକାରୀଙ୍କ ପାଖରେ ଉପଲବ୍ଧ ଅଛି। ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀ/କ୍ଲଷ୍ଟର ହିତାଧିକାରୀମାନେ ଉପରୋକ୍ତ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ଆବେଦନ କରିପାରିବେ।
ସ୍ୱା./-
26008/11/0001/1920 ପରିଚାଳନା ନିର୍ଦ୍ଦେଶକ

"ଇଂଲିଶ କାଉଣ୍ଟି ଖେଳିବା ବେଳେ କେବଳ ଜଣେ କ୍ରିକେଟର ହିସାବରେ ନୁହେଁ ଜଣେ ମଣିଷ ହିସାବରେ ଅନେକ କିଛି ଶିକ୍ଷାଲାଭ କରିଛି।
-ଅଜିଙ୍କ୍ୟ ରାହାନେ, ଭାରତୀୟ ବ୍ୟାଟ୍ସମ୍ୟାନ



"ସିଡ୍‌ନୀ ଟେଷ୍ଟରେ ଦୁଇଜଣ ସ୍ପେଶାଲିଷ୍ଟ ସ୍ପିନରଙ୍କ ସମ୍ଭାବ୍ୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ଦଳରେ ମିଚଲେ ସୁଇପ୍‌ସନଙ୍କୁ ସାମିଲ କରାଯାଇଛି।
-ଟ୍ରେଭର ହନ୍ସ, ଅଷ୍ଟ୍ରେଲିଆ କ୍ରିକେଟ ଚୟନକର୍ତ୍ତା



## ସଂକ୍ଷେପରେ

### ୪ ନମ୍ବର ଗେଟ୍‌ରେ ଟିକେଟ ମିଳିବ

ଭୁବନେଶ୍ୱର,୨୬ା୧୨(ସ୍ପୋର୍ଟ୍ସ ବ୍ୟୁରୋ)- ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ଶୁକ୍ରବାର ପ୍ରଥମଥର ପାଇଁ ଆଇଏସ୍‌ଏଲ୍ ମ୍ୟାଚ୍ ଖେଳିବାକୁ ଯାଉଛି। ଏ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ମ୍ୟାଚ୍ ଦେଖିବାପାଇଁ ଦର୍ଶକମାନେ ଷ୍ଟାଡିୟମର ୪ ନମ୍ବର ଗେଟ୍‌ରେ ଟିକେଟ ପାଇପାରିବେ। ଏଥିସହିତ ଦର୍ଶକମାନେ ପେଟିଏମ୍ ଇନ୍‌ସାଇଡରରେ ମଧ ଅନ୍‌ଲାଇନ୍‌ରେ ଟିକେଟ ପାଇପାରିବେ ବୋଲି ସୂଚନା ଲୋକସମ୍ପର୍କ ବିଭାଗ ତରଫରୁ କୁହାଯାଇଛି। ଏହି ମ୍ୟାଚ୍ ଦେଖିବାକୁ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହିବେ ବୋଲି ଓଡ଼ିଶା ଏଫ୍‌ସି ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ଆଶିଷ ଶାହା କହିଛନ୍ତି। ଓଡ଼ିଶା ଏଫ୍‌ସି ଏଠାରେ ତା'ର ୬ଟି ଘରୋଇ ମ୍ୟାଚ୍ ଖେଳିବ। ଏହା ପୂର୍ବରୁ ଓଡ଼ିଶା ତା'ର ୯ଟି ମ୍ୟାଚ୍ ଭୁବନେଶ୍ୱର ବାହାରେ ଖେଳିଛି। ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ଓଡ଼ିଶାକୁ ଉତ୍ସାହିତ କରନ୍ତୁ ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାର କାନ୍ତି ବେହେରା କହିଛନ୍ତି। ଓଡ଼ିଶା ଏଫ୍‌ସିକୁ ମଧ ସେ ଶୁଭକାମନା ଜଣାଇଛନ୍ତି। ଷ୍ଟାଡିୟମରେ ଘରୋଇ ଦର୍ଶକ ଉତ୍ସାହିତ କଲେ ଆମେ ଉନ୍ନତ ଖେଳ ପ୍ରଦର୍ଶନ କରିବୁ ବୋଲି ଓଡ଼ିଶା ଏଫ୍‌ସି ମିଡ୍‌ଫିଲ୍ଡର ଭିନିତ ରାଏ କହିଛନ୍ତି।

### ଓଡ଼ିଶା ସିନିୟର ଥ୍ରୋ ବଲ ଦଳ ଘୋଷଣା

ଭୁବନେଶ୍ୱର,୨୬ା୧୨(ସ୍ପୋର୍ଟ୍ସ ବ୍ୟୁରୋ)- ପଶ୍ଚିମବଙ୍ଗର ବର୍ଦ୍ଧମାନଠାରେ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି ୪୨ତମ ଜାତୀୟ ସିନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍ ପ୍ରତିଯୋଗିତା। ଏଥିନେଇ ଗୁରୁବାର ୧୪ ଜଣିଆ ମହିଳା ଓ ପୁରୁଷ ବିଭାଗର ଓଡ଼ିଶା ଦଳ ଘୋଷଣା ହୋଇଯାଇଛି। ମହିଳା ଦଳରେ ଅଛନ୍ତି ନିବେଦିତା ଖୁଣ୍ଟିଆ, ଜ୍ୟୋତି ସେଠୀ, ସ୍ୱୟଂପ୍ରଭା ମହାପାତ୍ର, ସବିତା ସାହୁ, ନିବେଦିତା ନାୟକ, ପୁଷ୍ପାଞ୍ଜଳି ପତି, ରଚନା ନାୟକ, ପ୍ରିୟଙ୍କା ବିଶ୍ୱାଳ, ସୁଚିତ୍ରା ମହାନ୍ତି, ଭାରତୀ ମଲ୍ଲିକ, ଏ. ରାଜେଶ୍ୱରୀ, ଅର୍ଚ୍ଚନା ଅନୁରାଗିନୀ ମହାନ୍ତି, ପାର୍ବତୀ ମହାରଣା ଓ ସୁଧାସିନ୍ଧୁ ସାହୁ। ସେହିଭଳି ପୁରୁଷ ଦଳରେ ସମ୍ପିତ୍ କୁମାର ବଳିଆରସିଂ, ରମେଶ ଗୋଛାୟତ, ରମଣୀ ରଞ୍ଜନ ପ୍ରଧାନ, ସୂର୍ଯ୍ୟକାନ୍ତ ସ୍ୱାଇଁ, ରାକେଶ ସାହୁ, ମହମ୍ମଦ ନଜିବ, ବିପିନ ବିହାରୀ ବେହେରା, ସୁବ୍ରତ କୁମାର ଭଞ୍ଜ, ଏସ୍. ଜଗା ରେଡ୍ଡୀ, ଆଲଭିନ ଓରାମ, ଦେବାଶିଷ ସ୍ୱାଇଁ, ସୁଶାନ୍ତ କୁମାର ଦାସ, ରୋନିତ କୁମାର ମିଶ୍ର ଓ ସୌଭାଗ୍ୟ ପ୍ରଧାନ। ମହିଳା ଦଳର କୋଚ୍ ପୁଷ୍ପଲତା ପ୍ରଧାନ ଓ ମ୍ୟାନେଜର ଭାବେ ଶୁଭଦର୍ଶିନୀ ଜେନାଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ପୁରୁଷ ଦଳ ସହ କୋଚ୍ ରାଜେଶ ପ୍ରଧାନ ଓ ଅଭିଜିତ ମହାନ୍ତି (ମ୍ୟାନେଜର) ପଶ୍ଚିମବଙ୍ଗ ଗସ୍ତ କରିବେ। ରେଫରି ଭାବେ ଓଡ଼ିଶାରୁ ଯଶୋବନ୍ତ ପରମଗୁରୁ, କୈଳାସ ଚନ୍ଦ୍ର ବାରିକ, ରାମ ବେହେରା ଏବଂ ଓଡ଼ିଶା ଥ୍ରୋ ବଲ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର ନାଥ ଦାସ ଦଳ ସହ ଯିବେ ବୋଲି ଆସୋସିଏଶର ସହସମ୍ପାଦକ ଯଶୋବନ୍ତ ପରମଗୁରୁ କହିଛନ୍ତି।

### ଡିକକ୍ ଶତକରୁ ବଞ୍ଚିତ

ସେଞ୍ଚୁରିଆନ୍,୨୬ା୧୨- ସ୍ଥାନୀୟ ସୁପର ସ୍ପୋର୍ଟ ପାର୍କରେ ଦକ୍ଷିଣ ଆଫ୍ରିକା ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଟସ୍ ହାରି ଦକ୍ଷିଣ ଆଫ୍ରିକା ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିଲା। ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୮୨.୪ ଓଭରରେ ୯ ଉଇକେଟ ହରାଇ ୨୭୭ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଭର୍ନନ ଫିଲାଣ୍ଡର ୨୮ ରନ କରି ଅପରାଜିତ ରହିଛନ୍ତି। ଦଳ ତରଫରୁ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡିକକ୍ ସର୍ବାଧିକ ୯୫ ରନ କରି ଆଉଟ ହେବା ସହ ୫ ରନ ପାଇଁ ଶତକରୁ ବଞ୍ଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏଡେନ ମାରାକ୍ରମ ୨୦, ଜୁବେର ହମ୍‌ଜା ୩୯, ଅଧିନାୟକ ଫାଫ୍ ଡୁପ୍ଲେସି ୨୯, ଡ୍ୱେନ ପ୍ରିଟୋରିୟସ ୩୩, କାଗିସୋ ରାବାଡ଼ା ୧୨ ରନ କରି ଆଉଟ ହୋଇଛନ୍ତି। କେଶବ ମହାରାଜ ୬, ରାଶି ଭାନ ଡେର ଡୁସେନ ୬ ରନ କରି ଆଉଟ ହୋଇଥିବା ବେଳେ ଓପନର ଡିନ୍ ଏଲଗାର ଖାତା ଖୋଲିପାରି ନ ଥିଲେ। ବୋଲିଂରେ ସାମ କୁରାନ ୪, ଷ୍ଟୁଆର୍ଟ ବ୍ରଡ ୩, ଜେମ୍ସ ଆଣ୍ଡରସନ ଓ ଜୋଫ୍ରା ଆର୍ଚର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ସଂକ୍ଷିପ୍ତ ସ୍କୋର: ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ- ୮୨.୪ ଓଭରରେ ୨୭୭/୯ (ଡିକକ୍- ୯୫, ହମ୍‌ଜା- ୩୯, ପ୍ରିଟୋରିୟସ- ୩୩, ଡୁପ୍ଲେସି- ୨୯, ଫିଲାଣ୍ଡର- ୨୮*, ମାରାକ୍ରାମ- ୨୦, କୁରାନ- ୪/୫୭, ବ୍ରଡ- ୩/୫୨, ଆଣ୍ଡରସନ- ୧/୬୯, ଆର୍ଚର- ୧/୬୫)।



ଓଡ଼ିଶା ଏଫ୍‌ସି-ଜାମସେଦପୁର ଏଫ୍‌ସି ଇଣ୍ଡିଆନ ସୁପରଲିଗ ମ୍ୟାଚ୍ ପାଇଁ ପ୍ରସ୍ତୁତ କଳିଙ୍ଗ ଷ୍ଟାଡିୟମ।

# କଳିଙ୍ଗରେ ଆଜି ଖେଳିବ ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର,୨୬ା୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ଓ ଜାମ୍‌ସେଦପୁର ଏଫସି ମୁହାଁମୁହିଁ ହେବେ। ଚଳିତ ସେସନରେ ଘରୋଇ ସହରରେ ଓଡ଼ିଶା ଏଫ୍‌ସି ତା'ର ପ୍ରଥମ ମ୍ୟାଚ୍ ଖେଳିବାକୁ ଯାଉଛି। ପୂର୍ବରୁ ପୁଣେରେ ଓଡ଼ିଶା ତା'ର ଘରୋଇ ମ୍ୟାଚ୍ ଖେଳୁଥିଲା। ବିଜୟ ନେଇ ଉଭୟ ଦଳ ବେଶ୍ ଆଶାବାଦୀ ଅଛନ୍ତି। ମ୍ୟାଚ୍ ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ଏଫ୍‌ସି ହେଡ କୋଚ ଜୋସେଫ୍ ଗୋମ୍ବାଉ ଦଳର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଲିଗ୍‌ରେ ଏପର୍ଯ୍ୟନ୍ତ ଓଡ଼ିଶାର ପ୍ରଦର୍ଶନ ଆଶାନୁରୂପ ହୋଇ ନ ଥିଲେ ମଧ ଏହି ମ୍ୟାଚ୍ ଦଳ ପ୍ରଦର୍ଶନ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଓଡ଼ିଶା ଏପର୍ଯ୍ୟନ୍ତ ୯ଟି ମ୍ୟାଚ୍ ଖେଳି ୨ ବିଜୟ, ୩ ଡ୍ର ଓ ୪ ପରାଜୟ ସହ ମୋଟ ୯ ପଏଣ୍ଟ ପାଇ ତାଲିକାର ସପ୍ତମ ସ୍ଥାନରେ ରହିଛି। ତେଣୁ ଶ୍ରେଷ୍ଠ ୪ରେ ସ୍ଥାନ ପାଇବାକୁ ହେଲେ ଏହି ମ୍ୟାଚ୍‌ରେ ବିଜୟୀ ହେବାକୁ ପଡିବ ବୋଲି ଗୋମ୍ବାଉ ହୃଦୟଙ୍ଗମ କରିଛନ୍ତି। ମ୍ୟାଚ୍ ପାଇଁ ସ୍ୱତନ୍ତ୍ର ରଣନୀତି ଅଭିଜ୍ଞ ଖେଳାଳିଙ୍କ ସହିତ ଦଳରେ ଯୁବ ଖେଳାଳିଙ୍କର ମଧ ସମାନ ଗୁରୁତ୍ୱ ରହିଛି ବୋଲି ସେ କହିଛନ୍ତି। ଗତ ୩ଟି ମ୍ୟାଚ୍‌ରେ ଓଡ଼ିଶା ବେଙ୍ଗାଲୁରୁ, ହାଇଦ୍ରାବାଦ ଓ ଗୋଆଠାରୁ ପରାସ୍ତ ହୋଇ ହ୍ୟାଟ୍ରିକ ପରାଜୟ ବରଣ କରିଛି। ଗତ ମ୍ୟାଚ୍‌ରେ ଓଡ଼ିଶା ୩-୦ ଗୋଲରେ ଏଫ୍‌ସି ଗୋଆଠାରୁ ପରାସ୍ତ ହୋଇଥିଲା। ତେଣୁ ବିଜୟଧାରାକୁ ଫେରିବା ପାଇଁ ଆମେ ସବୁମତେ ପ୍ରୟାସ କରିବୁ ବୋଲି ସେ କହିଛନ୍ତି। ଡିଫେନ୍ସରେ ଥିବା ଦୁର୍ବଳତାକୁ ସେ ସ୍ୱୀକାର କରିଛନ୍ତି। ଏଥିପାଇଁ ଅନ୍ତିମ ମୁହୂର୍ତ୍ତରେ ଗୋଲ ବରଣ କରୁଥିବାରୁ ଆମେ ଏହାକୁ ରୋକିବା ପାଇଁ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି। ୧୯ ବର୍ଷୀୟ ରାଇଟ୍ ବ୍ୟାକ୍ ଶୁଭମ ଷଡଙ୍ଗୀ ଜଣେ ପ୍ରତିଭାସମ୍ପନ୍ନ ଖେଳାଳି ବୋଲି ସେ କହିଛନ୍ତି। ଯୁବ ଖେଳାଳିଙ୍କ ପ୍ରଦର୍ଶନରେ ସନ୍ତୁଷ୍ଟ ବୋଲି ସେ କହିଛନ୍ତି। ଭଲ ପାସ୍ ଦେବା ସହିତ ସୁଯୋଗ ସୃଷ୍ଟି କରିବା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ମ୍ୟାଚ୍‌ରେ ଜିତିଲେ ଖେଳାଳିଙ୍କ ଆତ୍ମବିଶ୍ୱାସ ଫେରିପାଇବ। ଭାରତରେ ବହୁ ପ୍ରତିଭାସନ୍ନ ଫୁଟବଲର ରହିଛନ୍ତି। ଆଗାମୀ ୧୦ ବର୍ଷରେ ଭାରତୀୟ ଫୁଟବଲ ଦୃଢ଼ ହେବ। ଘରୋଇ ଦର୍ଶକଙ୍କ ସମର୍ଥନ ଦଳକୁ ଉତ୍ସାହିତ କରିବ। ଘରୋଇ ଗ୍ରାଉଣ୍ଡରେ ଆମେ ଏବେ କେତୋଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବାକୁ ଯାଉଛୁ ଓ ଏ ନେଇ ଆମେ ଉତ୍ସାହିତ ଅଛୁ। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଜାମସେଦପୁରଠାରୁ ଆମେ ମାତ୍ର ଗୋଟିଏ ପଏଣ୍ଟ ଦୂରରେ ରହିବୁ ବୋଲି ଗୋମ୍ବାଉ କହିଛନ୍ତି। ଖବରଦାତା ସମ୍ମିଳନୀରେ ଡିଫେଣ୍ଡର ଗୌରବ ବୋରା ଓ ଫରଓ୍ୱାର୍ଡ ଡାନିଏଲ ଲାଲଲିମ୍ପୁଇଆ ଉପସ୍ଥିତ ରହି ଓଡ଼ିଶାର ବିଜୟ ନେଇ ଆଶାବାଦୀ ଥିବା କହିଛନ୍ତି। ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ କୋଚ୍‌ଙ୍କ ରଣନୀତିକୁ କାର୍ଯ୍ୟକାରୀ କରିବା ଆମର ମୂଳ ଲକ୍ଷ୍ୟ ବୋଲି ବୋରା କହିଛନ୍ତି। ସେହିପରି ଷ୍ଟାଡିୟମରେ ଦର୍ଶକଙ୍କ ଉପସ୍ଥିତି ଆଶା କରୁଛୁ ଓ ଯୋଜନା ଅନୁଯାୟୀ ଖେଳି ବିଜୟୀ ହେବୁ ବୋଲି ଡାନିଏଲ କହିଛନ୍ତି।



ଗୁରୁବାର ଓଡ଼ିଶା ଏଫ୍‌ସି ଦଳର ଅଭ୍ୟାସ।

## ଜିତିବା ପାଇଁ ଆସିଛୁ: ଆଣ୍ଟୋନିଓ

ଇଣ୍ଡିଆନ ସୁପର ଲିଗ୍

**ଭୁବନେଶ୍ୱର,୨୬ା୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ଆଇଏସ୍‌ଏଲ୍‌ରେ ଜାମସେଦପୁର ଏଫ୍‌ସି ଏପର୍ଯ୍ୟନ୍ତ ୯ଟି ମ୍ୟାଚ୍ ଖେଳି ୩ ବିଜୟ, ୪ ଡ୍ର ଓ ୨ଟି ପରଜୟ ସହ ମୋଟ ୧୩ ପଏଣ୍ଟ ପାଇଁ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଓଡ଼ିଶା ଏଫ୍‌ସିଠାରୁ ଜାମସେଦପୁର ଅପେକ୍ଷାକୃତ ଭଲ ସ୍ଥିତିରେ ରହିଛି। ଏହା ସତ୍ତ୍ୱେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌କୁ ଆଦୌ ହାଲ୍‌କା ଭାବେ ନେଉନାହୁଁ ବୋଲି ଜାମସେଦପୁର କୋଚ୍ ଆଣ୍ଟୋନିଓ ଇରିଓଣ୍ଡୋ ଖବରଦାତା ସମ୍ମିଳନୀରେ କହିଛନ୍ତି। କେବଳ ଚତୁର୍ଥ ସ୍ଥାନ ବଜାୟ ରଖିବାକୁ ନୁହେଁ ପଏଣ୍ଟ ତାଲିକାର ୧ ନମ୍ବର ସ୍ଥାନ ଅଧିକାର କରିବା ଆମର ଲକ୍ଷ୍ୟ ବୋଲି ସେ କହିଛନ୍ତି। ବିଜୟୀ ହେବା ପାଇଁ ଆମେ ଏଠାକୁ ଆସିଛୁ ବୋଲି ସେ ସ୍ପଷ୍ଟ କରିଛନ୍ତି। ବିଜୟୀ ହେଲେ ଜାମସେଦପୁର ୧୬ ପଏଣ୍ଟ ପାଇ ବେଙ୍ଗାଲୁରୁ ଏଫ୍‌ସି ସହିତ ସମାନ ତୃତୀୟ ସ୍ଥାନରେ ରହିବ।

ଦ୍ୱିତୀୟାର୍ଦ୍ଧରେ ଜାମସେଦପୁର ତୁଳନାରେ ଓଡ଼ିଶା ଅଧିକ ଗୋଲ (୧୦) ବରଣ କରିଛି। ଜାମସେଦପୁର ମଧ ୧୧ଟି ଗୋଲରୁ ୭ଟି ଗୋଲ ଦ୍ୱିତୀୟାର୍ଦ୍ଧରେ ବରଣ କରିଛି। ଦଳରେ ଉଭୟ ଡିଫେନ୍ସ ଓ ଆଟାକ୍‌ରେ ଆମେ ସନ୍ତୁଳନ ରକ୍ଷା କରିବା ଉପରେ ଗୁରୁତ୍ୱ ଦେବୁ ବୋଲି ଆଣ୍ଟୋନିଓ କହିଛନ୍ତି। ଗୋଲ କରିବା ପାଇଁ ଆମ ପାଖରେ ଅଫେନ୍ସିଭ ଖେଳାଳି ରହିଛନ୍ତି। ତେବେ ପ୍ରଦର୍ଶନରେ ଉନ୍ନତି ଆଣିବା ଜରୁରୀ ବୋଲି ସେ ସ୍ୱୀକାର କରିଛନ୍ତି। ପୂର୍ବାପେକ୍ଷା ଅଧିକ ଗୋଲ ଦେବାକୁ ଆମେ ପ୍ରୟାସ କରିବୁ। ଏବେ ଡିଫେନ୍ସକୁ ଆମେ ସେତେଟା ଗୁରୁତ୍ୱ ଦେଉନାହୁଁ ବୋଲି ଆଣ୍ଟୋନିଓ କହିଛନ୍ତି। ଖରବରଦାତା ସମ୍ମିଳନୀରେ କୋଚ୍‌ଙ୍କ ସମେତ ଫରଓ୍ୱାର୍ଡ ସୁମିତ ପାସି ମଧ ଉପସ୍ଥିତ ଥିଲେ। ଦଳର ଦୁଇଜଣ ଆଗଧାଡିର ଖେଳାଳି ଆହତ ହୋଇଛନ୍ତି। ତାରକା ଷ୍ଟ୍ରାଇକର ସର୍ଗିଓ କ୍ୟାସଲ ଏହି ମ୍ୟାଚ୍‌ରେ ଖେଳିବା ନେଇ ଆଶଙ୍କା ରହିଛି ବୋଲି ପାସି କହିଛନ୍ତି। ଲେଫ୍ଟ ମିଡଫିଲ୍ଡର ନୋଏ ଆକୋଷ୍ଟା ମଧ ସମ୍ପୂର୍ଣ୍ଣ ଫିଟ୍ ନାହାନ୍ତି। ସେହିପରି ତାରକା ମିଡ ଫିଲ୍ଡର ପିଟି ମଧ ସମ୍ପୂର୍ଣ୍ଣ ଫିଟ୍ ନାହାନ୍ତି ଓ ସେ ଏହି ମ୍ୟାଚ୍ ଖେଳି ନ ପାରନ୍ତି। ଇଞ୍ଜୁରି ଦଳର ପ୍ରଦର୍ଶନ ଉପରେ ପ୍ରଭାବ ପକାଇବ। ଗତ ୩ଟି ମ୍ୟାଚ୍‌ରେ ଜାମସେଦପୁର ଦୁଇଟି ମ୍ୟାଚ୍ ଡ୍ର ରଖିଥିବାବେଳେ ଗୋଟିଏ ପରାଜୟବରଣ କରିଛି। ଗତ ମ୍ୟାଚ୍‌ରେ ଜାମସେଦପୁର ମୁମ୍ବାଇ ସିଟିଠାରୁ ୨-୧ ଗୋଲରେ ପରାସ୍ତ ହୋଇଥିଲା। ତେବେ ଏହା ସତ୍ତ୍ୱେ ବିଜୟୀ ହେବା ପାଇଁ ଯଥା ସମ୍ଭବ ପ୍ରୟାସ କରିବ ବୋଲି ଆଣ୍ଟୋନିଓ ଓ ପାସି କହିଛନ୍ତି। ଫଳରେ ଏହି ମ୍ୟାଚ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

■ ସିଦ୍ଧାନ୍ତ ମେମୋରିଆଲ ଜୁନିୟର କ୍ରିକେଟ ଲିଗ୍

## ବିବିସିଏ, ପାରାମାଉଣ୍ଟ 'ଏ' ବିଜୟୀ

**ଭୁବନେଶ୍ୱର, ୨୬ା୧୨ (କ୍ରୀଡ଼ା ପ୍ରତିନିଧି)**

ପାରାମାଉଣ୍ଟ ସ୍ପୋର୍ଟିଂ ପଡ଼ିଆରେ ଚାଲିଥିବା ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ ଜୁନିୟର (୧୩ ବର୍ଷରୁ କମ୍) କ୍ରିକେଟ ଲିଗ୍‌ରେ ଗୁରୁବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ବିବିସିଏ ଓ ପାରାମାଉଣ୍ଟ 'ଏ' ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ ବିବିସିଏ ୯ ଉଇକେଟରେ ପାରାମାଉଣ୍ଟ 'ବି'କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ପାରାମାଉଣ୍ଟ 'ବି' ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୮୫ ରନ କରିଥିଲା। ଜବାବରେ ବିବିସିଏ ୯ ଉଇକେଟରେ ବିଜୟ ହାସଲ କରି ନେଇଥିଲା। ସାରାଂଶ ରାଉତ ୪୦ ରନରେ ଅପରାଜିତ ରହି ଦଳର ବିଜୟକୁ ସହଜ କରିଥିଲେ। ସାରାଂଶ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଦ୍ୱିତୀୟ ମ୍ୟାଚରେ ପାରାମାଉଣ୍ଟ 'ଏ' ୭ ଉଇକେଟରେ ଓସ୍କାର ସ୍ପୋର୍ଟିଂକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଓସ୍କାର ସ୍ପୋର୍ଟିଂ ୨୦ ଓଭରରେ ୯ ଉଇକେଟ ହରାଇ ୬୧ ରନ କରିଥିଲା। ପାରାମାଉଣ୍ଟ 'ଏ' ପକ୍ଷରୁ ସୟଦ ତୁଫୈଲ ଅହମ୍ମଦ ୮ ରନରେ ୩ଟି, ପ୍ରତ୍ୟୁଷ କୁମାର ସାହୁ ୧୦ ରନରେ ୩ଟି ଏବଂ ଆଶିଷ ରାଉତ ୨ଟି ଉଇକେଟ ନେଇଥିଲେ। ୬୨ ରନର ବିଜୟ ଲକ୍ଷ୍ୟକୁ ପାରାମାଉଣ୍ଟ 'ଏ' ୧୩.୫ ଓଭରରେ ୩ ଉଇକେଟ ହରାଇ ହାସଲ କରିଥିଲା। ସ୍ୱାଗତ ସୌରଭ ମିଶ୍ର ୨୬ ଓ ପ୍ରିୟାଂଶୁ ରଞ୍ଜନ ସାହୁ ୨୧ ରନରେ ଅପରାଜିତ ରହିଥିଲେ। ସୟଦ ତୁଫୈଲ ଅହମ୍ମଦ ମ୍ୟାନ ଅଫ ଦି ମ୍ୟାଚ ଏବଂ ସ୍ୱାଗତ ସୌରଭ ମିଶ୍ର ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ। ଅମ୍ପାୟର ସୁଶାନ୍ତ ଦାସ, ଦିଲୀପ ସାମଲ ଓ ଶରତ ସାହୁ ମ୍ୟାଚ ପରିଚାଳନା କରିଥିଲେ। ଶୁକ୍ରବାର ଏମସିସି-ପ୍ରଗତି ଏବଂ ପାରାମାଉଣ୍ଟ 'ବି'-ସହିଦ ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।



ସୟଦ ତୁଫୈଲ ଅହମ୍ମଦଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଉଛି।

## ସୁନ୍ଦରଗଡ଼, ନୟାଗଡ଼ ହଷ୍ଟେଲ ସେମିରେ

**ଭୁବନେଶ୍ୱର, ୨୬ା୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ସୁନ୍ଦରଗଡ଼ ଓ ନୟାଗଡ଼ ସ୍ପୋର୍ଟ୍ସ ହଷ୍ଟେଲ ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ବିଜୁ ପଟ୍ଟନାୟକ ଗୋଲ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟରଫାଇନାଲରେ ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲ ୧-୦ ଗୋଲ୍‌ରେ କେନ୍ଦୁଝର ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇ ଦେଇଛି। ଦଳପକ୍ଷରୁ ବିଜୟସୂଚକ ଗୋଲଟିକୁ ଖେଳର ୪୧ତମ ମିନିଟ୍‌ରେ ବିଜୟ କୁମାର ସୋରେନ ସ୍କୋର କରିଥିଲେ। କ୍ରୀଡ଼ା ସଂଗଠକ ତଥା ଅତିଥି ନବରଞ୍ଜନ ପଟ୍ଟନାୟକ ସୁନ୍ଦରଗଡ଼ ଦଳର ଅଜୟ ଟୋପୋଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ଦ୍ୱିତୀୟ କ୍ୱାର୍ଟରଫାଇନାଲ ନୟାଗଡ଼ ସ୍ପୋର୍ଟ୍ସ ହଷ୍ଟେଲ ଏବଂ ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ହୋଇଥିଲା। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ବରାବର ରହିଥିଲା। ବଲାଙ୍ଗୀର ଦଳ ପକ୍ଷରୁ ଅତିଶ ଓରାମ ୧୫ତମ ମିନିଟ୍‌ରେ ଏକ ଗୋଲ ସ୍କୋରକରି ତାଙ୍କ ଦଳକୁ ଅଗ୍ରଣୀ କରାଇଥିଲେ। ମାତ୍ର ୫୮ତମ ମିନିଟ୍‌ରେ ନୟାଗଡ଼ ଦଳର ମନୋଜ ମିଞ୍ଜ୍‌ଙ୍କ ଏକ ପେନାଲ୍‌ଟି ଗୋଲ ଦ୍ୱାରା ମ୍ୟାଚ ସମାନ ସ୍ତରକୁ ଚାଲିଆସିଥିଲା। ଟାଇବ୍ରେକର ପଦ୍ଧତିରେ ନୟାଗଡ଼ ସ୍ପୋର୍ଟ୍ସ ହଷ୍ଟେଲ ୭-୬ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନର ସମ୍ପାଦକ ଏସ୍. ଆର. ପରିଜା ଅତିଥି ଭାବେ ଯୋଗଦେଇ ନୟାଗଡ଼ର ଆଲୋକ ମିଞ୍ଜ୍‌ଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ନରେନ୍ଦ୍ର ସେଠୀ, ପ୍ରିୟନାଥ ମିଶ୍ର, ତପନ ମହାନ୍ତି ଓ ଦେବେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦ୍ରକାନ୍ତ ବାରିକ, କୀର୍ତ୍ତିରଞ୍ଜନ ସ୍ୱାଇଁ, ଅମିତ କୁମାର ନାୟକ,ଶେଖାଓ୍ୱତ ଖାଁ ପ୍ରମୁଖ ଖେଳ ପରିଚାଳନା କରିଥିବାବେଳେ ମହେଶ୍ୱର ସିଂ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ତୃତୀୟ ଓ ଚତୁର୍ଥ କ୍ୱାର୍ଟରଫାଇନାଲ ମ୍ୟାଚ ଖେଳାଯିବ। ଗୋଟିକରେ ଫୁଲ୍‌ବାଣୀ ସ୍ପୋର୍ଟ୍ସ ହଷ୍ଟେଲ କଟକର ୟୁନାଇଟେଡ୍ ଫୁଟ୍‌ବଲ କ୍ଲବକୁ ଅନ୍ୟଟିରେ ବାଲେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ପୁରୀର ନୀତା ଫୁଟ୍‌ବଲ ଏକାଡେମୀକୁ ଭେଟିବ।



ଆଲୋକ ମିଞ୍ଜ୍‌ଙ୍କୁ ପୁରସ୍କୃତ କରାଯାଉଛି।

## ଶାଗୁଆ କପ୍ କ୍ରିକେଟରେ ୩ ଲକ୍ଷ ଟଙ୍କା ପୁରସ୍କାର

**ବାଲକାଟି, ୨୬ା୧୨(ଡି.ଏନ.ଏ.)**

ଚତୁର୍ଥ ଶାଗୁଆ କପ ମା' ଉପୁଳାଇ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଜାନୁୟାରୀ ୨୩ରୁ ସ୍ଥାନୀୟ ଶାଗୁଆ ପଡ଼ିଆରେ ଆରମ୍ଭ ହେବ। ଫେବୃୟାରୀ ୯ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। କ୍ରାରିୟନ ୟୁଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା ପ୍ରତିଯୋଗିତା ପାଇଁ ୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ପ୍ରତିଯୋଗିତାରେ ମୋଟ ୧୬ ଦଳ ଭାଗନେବେ। ଚାମ୍ପିୟନ ଦଳକୁ ୧,୦୦,୦୦୦, ରନର୍ସଅପ୍‌କୁ ୫୦,୦୦୦ ଟଙ୍କା ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯିବ। ସେମିଫାଇନାଲିଷ୍ଟ ଓ କ୍ୱାର୍ଟରଫାଇନାଲିଷ୍ଟ ଦଳକୁ ଯଥାକ୍ରମେ ୧୦,୦୦୦ ଓ ୫,୦୦୦ ଟଙ୍କା ପୁରସ୍କାର ଆକାରରେ ଦିଆଯିବ। କେବଳ ସେତିକି ନୁହେଁ ଦର୍ଶକଙ୍କ ପାଇଁ ମଧ ଆକର୍ଷଣୀୟ ପୁରସ୍କାର ରଖା ଯାଇଛି। ମୋଟ ୧,୦୦,୦୦୦ ଟଙ୍କା ମୂଲ୍ୟରେ ଟିଭି, ଗ୍ରାଇଣ୍ଡର, ଇଣ୍ଡକ୍ସନ କୁକ ଟପ, ପ୍ରେସର କୁକର, ଆଇରନ, ହାତ ଘଣ୍ଟା ଆଦି ବିଭିନ୍ନ ଦିବସରେ ଦର୍ଶକଙ୍କୁ ପ୍ରଦାନ କରାଯିବ ବୋଲି ମୁଖ୍ୟ ଆୟୋଜକ ଅନୂପ ଶୁଭଙ୍କର ପ୍ରକାଶ କରିଛନ୍ତି। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଆଗ୍ରହୀ ଦଳ ଅନୂପ ଶୁଭଙ୍କର କିମ୍ବା ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିପାରିବେ। ପ୍ରକାଶ ଯୋଗ୍ୟ ଯେ, ଗତବର୍ଷ ଏହି ପ୍ରତିଯୋଗିତାରେ ଦୁଇ ଭୁବନେଶ୍ୱର ଦଳ ଷ୍ଟାର ଇଲେଭେନ ଓ ଏମ୍‌ବିଏସ୍ ଇଲେଭେନ ଯଥାକ୍ରମେ ଚାମ୍ପିୟନ ଓ ରନର୍ସଅପ୍ ହୋଇଥିଲେ।

## ତ୍ରିବେଣୀ, ହାପି ଇଲେଭେନ ବିଜୟୀ

ସନ୍ତୋଷ ମେମୋରିଆଲ କ୍ରିକେଟ

**ଭୁବନେଶ୍ୱର, ୨୬ା୧୨(କ୍ରୀଡ଼ା ପ୍ରତିନିଧି)**

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଦ୍ୱିତୀୟ ଦିବସରେ ଭୁବନେଶ୍ୱରର ଆଇଆରସି ତ୍ରିବେଣୀ ଓ କଟକର ହାପି ଇଲେଭେନ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ ତ୍ରିବେଣୀ ୨୩ ରନରେ ବିନଦାସ ଏକାଦଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ତ୍ରିବେଣୀ ୧୨ ଓଭରରେ ୮ ଉଇକେଟ ହରାଇ ୧୧୯ ରନ କରିଥିଲା। ଜୁନାଇଦ୍ ଖାଁ ସର୍ବାଧିକ ୫୯ ରନ କରିଥିଲେ। ପ୍ରତିପକ୍ଷ ଦଳର ଅମରେଶ ଜେନା ୩ଟି ଉଇକେଟ ନେଇଥିଲେ। ଜବାବରେ ବିନ୍‌ଦାସ ଏକାଦଶ ୧୧.୩ ଓଭରରେ ୯୬ ରନ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳର ନୀତୀଶ କୁମାର ମହାନ୍ତି ୧୬ ରନରେ ୪ଟି ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ହାପି ଇଲେଭେନ ୨୨ ରନରେ ଭୁବନେଶ୍ୱରର ଜେଏମଡିକୁ ହରାଇ ଦେଇଛି। ହାପି ଇଲେଭେନ ଚିତ୍ତରଞ୍ଜନ ଜେନାଙ୍କ ଦ୍ରୁତ ୫୫ ରନ ବଳରେ ୧୨ ଓଭରରେ ୬ ଉଇକେଟ ହରାଇ ୧୬୪ ରନ କରିଥିବାବେଳେ ଜେଏମଡି ୧୨ ଓଭରରେ ୬ ଉଇକେଟ ହରାଇ ୧୨୪ ରନ କରିବାକୁ ସକ୍ଷମ ହୋଇଥିଲା। ୩ ଓଭରରେ ଗୋଟିଏ ମେଡେନ ନେବା ସହ ୧୬ ରନ ଦେଇ ୨ଟି ଉଇକେଟ ନେଇଥିବା ସତୀଶ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ରଜତ ଜଗଦେବ ଓ ମୁନା ରାଉଳ ମ୍ୟାଚ ପରିଚାଳନା କରିଥିଲେ। ହୃଷୀକେଶ ଦାଶ ମ୍ୟାଚ ରେଫରି ଥିଲେ। ଏମପି ଅପରାଜିତା ଷଡ଼ଙ୍ଗୀ ଓ ବୁଦ୍ଧ ପ୍ରକାଶ ମହାପାତ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।



ଏମ୍‌ପି ଅପରାଜିତା ଷଡଙ୍ଗୀ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।



"ଜଣେ ଯୁବ ଖେଳାଳି ନିଜ ଷ୍ଟାଇଲରେ ଖେଳି ଯଦି ଦଳକୁ ଜିତାଇବାକୁ ଚେଷ୍ଟା କରୁଛନ୍ତି, ଏକ୍ଷେତ୍ରରେ ତାଙ୍କୁ ସ୍ୱାଧୀନତା ଦିଆଯିବା ଉଚିତ ।
–ରୋହିତ ଶର୍ମା, ଭାରତୀୟ ଷ୍ଟାର ବ୍ୟାଟ୍ସମ୍ୟାନ



"ଗତ ଦୁଇ ବର୍ଷ ମଧ୍ୟରେ ଯଥେଷ୍ଟ ଟେଷ୍ଟ ସିରିଜ ଜିତି ନ ଥିବାରୁ ଆଇସିସି ଟେଷ୍ଟ ର୍ୟାଙ୍କିଂ ତାଲିକାରେ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ୨ୟ ଓ ୪ର୍ଥ ସ୍ଥାନରେ ରହିବା ଯଥାର୍ଥ ନୁହେଁ।
–ମାଇକେଲ ଭନ୍, ପୂର୍ବତନ ଇଂଲଣ୍ଡ ଅଧିନାୟକ

## ସଂକ୍ଷେପରେ

### ଓଡ଼ିଶା ମହିଳା, ପୁରୁଷ ଦଳ ବିଜୟୀ

ଭୁବନେଶ୍ୱର, ୨୬।୧୨(କ୍ରୀଡ଼ା ପ୍ରତିନିଧି) ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ କିଟ୍ ଇନ୍‌ଡୋର ହଲ୍‌ରେ ଚାଲିଥିବା ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍‌ର ଗୁରୁବାର ଦ୍ୱିତୀୟ ଦିବସରେ ଓଡ଼ିଶା ମହିଳା ଓ ପୁରୁଷ ଦଳ ବିଜୟ ହାସଲ କରିଛନ୍ତି। ଓଡ଼ିଶା ମହିଳା ଦଳ ୩-୦ ସେଟ୍‌ରେ ପଣ୍ଡିଚେରୀକୁ ଏବଂ ପୁରୁଷ ଦଳ ସମାନ ବ୍ୟବଧାନରେ ସମାନ ପ୍ରତିଦ୍ୱନ୍ଦ୍ୱୀକୁ ପରାସ୍ତ କରିଛି। ଓଡ଼ିଶା ମହିଳା ଦଳର ଏହା ପ୍ରଥମ ଓ ପୁରୁଷ ଦଳର ଦ୍ୱିତୀୟ ବିଜୟ। ପୁରୁଷ ବିଭାଗର ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଉତ୍ତରପ୍ରଦେଶ ୩-୦ରେ ମଣିପୁର, ପଶ୍ଚିମବଙ୍ଗ ୩-୦ରେ ମିଜୋରାମ, ଆସାମ ୩-୦ରେ ହିମାଚଳ ପ୍ରଦେଶ, ଛତିଶଗଡ଼ ୩-୦ରେ ଜମ୍ମୁ କଶ୍ମୀର, ତେଲଙ୍ଗାନା ୩-୦ରେ ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ର ୩-୦ ସେଟ୍‌ରେ ଉତ୍ତରାଞ୍ଚଳକୁ ପରାସ୍ତ କରିଛି। ସେହିପରି ମହିଳା ବିଭାଗର ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଆସାମ ୩-୧ରେ ମଣିପୁର, ମଧ୍ୟପ୍ରଦେଶ ୩-୧ରେ ଉତ୍ତରାଞ୍ଚଳ, ହିମାଚଳ ପ୍ରଦେଶ ୩-୦ରେ ଉତ୍ତର ପ୍ରଦେଶ, ଛତିଶଗଡ଼ ୩-୦ରେ ତ୍ରିପୁରା, ଗୁଜରାଟ ୩-୦ରେ ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା ୩-୦ରେ ଝାଡ଼ଖଣ୍ଡ ଓ ରାଜସ୍ଥାନ ୩-୦ ସେଟ୍‌ରେ ଜମ୍ମୁ କଶ୍ମୀରକୁ ହରାଇ ଦେଇଛି।

### ଡୋପ୍ ଟେଷ୍ଟ: ସୁମିତ ସାଙ୍ଗୱାନ ସସ୍‌ପେଣ୍ଡ

ନୂଆଦିଲ୍ଲୀ, ୨୬।୧୨(ପି.ଟି.)- ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ଡୋପ୍ ଟେଷ୍ଟରେ ବିଫଳ ପାଇଁ ପୂର୍ବତନ ଏସୀୟ ରୌପ୍ୟ ବିଜୟୀ ବକ୍ସର ସୁମିତ ସାଙ୍ଗୱାନଙ୍କୁ ଗୁରୁବାର ୧ ବର୍ଷ ପାଇଁ ବାସନ୍ଦ କରିଛି। ଲଣ୍ଡନ ଅଲିମ୍ପିକ୍ସ ୨୦୧୨ରେ ଅଂଶଗ୍ରହଣ କରିଥିବା ସାଙ୍ଗୱାନ ପୂର୍ବରୁ ଜଣେ ୯୧କେଜି କାଟେଗୋରି ବକ୍ସର ଥିଲେ। ସେ ଅଲିମ୍ପିକ କ୍ୱାଲିଫାୟର୍ସରେ ଅଂଶଗ୍ରହଣ କରିଥାନ୍ତେ, ମାତ୍ର ବର୍ତ୍ତମାନ ଆଉ ସମ୍ଭବ ନୁହେଁ। ଅକ୍ଟୋବର ୧୦ରେ ପ୍ରତିଯୋଗିତା ବାହାରେ ସାଙ୍ଗୱାନଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇଥିଲା। ଏଥିରେ ଆଷ୍ଟାଜୋଲାମାଇଡ୍ ନାମକ ନିଷିଦ୍ଧ ଦ୍ରବ୍ୟ ଠାବ କରାଯାଇଥିଲା। ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା)ର ୨୦୧୯ ନିଷିଦ୍ଧ ତାଲିକାରେ ରହିଛି। ଏହି ବକ୍ସରଙ୍କୁ କିନ୍ତୁ ସାମୟିକ ସସ୍‌ପେଣ୍ଡ କରାଯାଇ ନ ଥିଲା। ତାଙ୍କ ସସ୍‌ପେଣ୍ଡ ଅବଧି ୨୦୧୯ ଡିସେମ୍ବର ୨୬ରୁ ଆରମ୍ଭ ହୋଇଛି। ଖାମଖିଆଲ ମନୋଭାବ ଯୋଗୁ ସାଙ୍ଗୱାନଙ୍କୁ ଏହି ଦଣ୍ଡବିଧାନ ହୋଇଥିବା ନାଡାର ମହାନିର୍ଦ୍ଦେଶକ ନବୀନ ଅଗ୍ରୱାଲ ପ୍ରକାଶ କରିଛନ୍ତି।

## ରଣ୍‌ଜୀ ଟ୍ରଫି: କୋହଲା ପାଗ, ସୂର୍ଯ୍ୟୋପରାଗ
# ଦ୍ୱିତୀୟ ଦିନ ଖେଳ ବାଧାପ୍ରାପ୍ତ

କଟକ ଅଫିସ,୨୬।୧୨

କୋହଲା ପାଗ ସାଙ୍ଗକୁ ଆଲୋକ କମିଯିବା ଏବଂ ସାମାନ୍ୟ ବର୍ଷା ଯୋଗୁ ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା–ଉତ୍ତରାଖଣ୍ଡ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ର ଦ୍ୱିତୀୟ ଦିବସ ଖେଳ ବାଧାପ୍ରାପ୍ତ ହୋଇଛି। ସୂର୍ଯ୍ୟୋପରାଗ ଯୋଗୁ ଲଞ୍ଚ୍ ପର୍ଯ୍ୟନ୍ତ ଖେଳକୁ ବନ୍ଦ ରଖା ଯାଇଥିବାବେଳେ ଦ୍ୱିତୀୟ ଦିବସରେ ମାତ୍ର ୧୬.୨ ଓଭର ଖେଳ ସମ୍ଭବ ହୋଇଥିଲା। ଏହି ସମୟ ମଧ୍ୟରେ ଓଡ଼ିଶା ୪୭ରନ କରିବା ସହ ୩ଟି ଉଇକେଟ ହରାଇଛି। ଏଥିସହ ଓଡ଼ିଶାର ସ୍କୋର ୧୪୫/୬ରେ ପହଞ୍ଚିଛି। ଉତ୍ତରାଖଣ୍ଡର ପ୍ରଥମ ଇନିଂସ୍‌ରେ ୧୧୭ରନ କରିଥିବାରୁ ଓଡ଼ିଶା ଅଗ୍ରଣୀ ହାସଲ କରିଛି। ପ୍ରଥମ ଇନିଂସରେ ୧୦୦ରୁ ଅଧିକ ରନ୍ ଅଗ୍ରଣୀ ନେଲେ ଦଳ ବଳକା ଦୁଇ ଦିନରେ ଉତ୍ତରାଖଣ୍ଡକୁ ପରାସ୍ତ କରିପାରିବ ବୋଲି ଅଧିନାୟକ ଶୁଭ୍ରାଂଶୁ ସେନାପତି କହିଛନ୍ତି।

ବସନ୍ତ ମହାନ୍ତିଙ୍କ ୬ ଉଇକେଟ ହାସଲ ବଳରେ ଉତ୍ତରାଖଣ୍ଡର ପ୍ରଥମ ଇନିଂସ୍ ୧୧୭ରନରେ ଶେଷ ହୋଇଥିଲା। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୩ ଉଇକେଟ ହରାଇ ୯୮ରନ କରିଥିଲା। ଶାନ୍ତନୁ ମିଶ୍ର ୩୦ରନରେ, ବିପ୍ଳବ ସାମନ୍ତରାୟ ୩୫ରନରେ ଅପରାଜିତ ଥିଲେ। ଗୁରୁବାର ବ୍ୟକ୍ତିଗତ ଦୁଇ ରନ୍ ଯୋଡ଼ିବା ପରେ ବିପ୍ଳବ ପ୍ରଦୀପ ଚାମୋଲିଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ପାଗ ଖରାପ ହୋଇଥିବା ଯୋଗୁଁ ଉତ୍ତରାଖଣ୍ଡର ପେସ ବୋଲରମାନେ ଭରପୂର ଫାଇଦା ଉଠାଇଥିଲେ। ପ୍ରତ୍ୟେକ ଓଭରରେ ଉଇକେଟ ହାସଲ କରିବା ଭଳି ସୁଯୋଗ ସୃଷ୍ଟି ହୋଇଥିଲା। ବିପ୍ଳବଙ୍କ ପରେ କ୍ରିଜକୁ ଆସିଥିବା ଅଭିଷେକ ୮ରନ କରିଥିବା ବେଳେ ଚାମୋଲିଙ୍କ ବଲକୁ ଡିଫେନ୍ସ କରିବାକୁ ଯାଇ ସ୍ଲିପ୍ ଅଞ୍ଚଳରେ କ୍ୟାଚ ଆଉଟ ହୋଇଥିଲେ। ଉତ୍ତରାଖଣ୍ଡ ଅଧିନାୟକ ଉନ୍ମୁକ୍ତ ଚାନ୍ଦ ଏହି କ୍ୟାଚ୍ ଧରିଥିଲେ। ପରେ ଉଇକେଟ କିପର ସୁଜିତ ଲେଙ୍କା ଉତ୍ତରାଖଣ୍ଡ ପେସ୍ ଆଟାକ୍‌କୁ ସମ୍ମୁଖୀନ କରିବାରେ ବିଫଳ ହୋଇଥିଲେ। ଫାଇନଲେଗ୍ ଅଞ୍ଚଳରେ ସୁଜିତଙ୍କର ଗୋଟିଏ କ୍ୟାଚ୍ ମିସ୍ ହୋଇଥିଲା। ଏହାର ପରବର୍ତ୍ତୀ ବଲ୍‌ରେ ସୁଜିତ ସ୍ଲିପ୍‌ରେ କ୍ୟାଚ୍ ଆଉଟ ହୋଇଥିଲେ। ତେବେ ଓପନର ଶାନ୍ତନୁ ମିଶ୍ରଙ୍କ ଚମତ୍କାର ବ୍ୟାଟିଂ ଜାରି ରଖି ଓଡ଼ିଶା ଆଶା ଉଜ୍ଜୀବିତ ରଖିଛନ୍ତି। ସେ ୧୫୧ବଲରୁ ୫୪ରନରେ ଅପରାଜିତ ଅଛନ୍ତି। ଲଗାତର ଦୁଇଟି ଚୌକା ମାରି ଶାନ୍ତନୁ କ୍ୟାରିୟରର ୬ଷ୍ଠ ଅର୍ଦ୍ଧଶତକ ହାସଲ କରିଥିଲେ। ଦେବବ୍ରତ ପ୍ରଧାନ ୨ରନରେ ଅପରାଜିତ ଅଛନ୍ତି।


ମ୍ୟାଚ୍ ବନ୍ଦ ହେବା ପରେ ଓଡ଼ିଶା ଖେଳାଳିଙ୍କ ଅଭ୍ୟାସ।

**ସଂକ୍ଷିପ୍ତ ସ୍କୋର**

ଉତ୍ତରାଖଣ୍ଡ ପ୍ରଥମ ଇନିଂସ: ୧୧୭। ଓଡ଼ିଶା ପ୍ରଥମ ଇନିଂସ: ୧୪୫/୬(ଶାନ୍ତନୁ ମିଶ୍ର–୫୪*, ବିପ୍ଳବ ସାମନ୍ତରାୟ–୩୭, ପ୍ରଦୀପ ଚାମୋଲି–୨/୩୬, ସନ୍ନି ରଣା–୨/୨୨, ଆକାଶ ମଣ୍ଡୱାଲ–୧/୩୩)।

## ଦେବାଙ୍ଗ ଗାନ୍ଧୀଙ୍କୁ ଡ୍ରେସିଂରୁମ୍‌ରୁ ବାହାର କରିଦିଆଗଲା

କୋଲକାତା, ୨୬।୧୨ (ପି.ଟି.)

ଜାତୀୟ ଚୟନକର୍ତ୍ତା ଦେବାଙ୍ଗ ଗାନ୍ଧୀଙ୍କୁ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି। ଦୁର୍ନୀତି ନିରୋଧୀ ପ୍ରୋଟୋକଲ୍ ଭଙ୍ଗ କରିଥିବା କାରଣ ଦର୍ଶାଇ ତାଙ୍କୁ ବେଙ୍ଗଲ ରଣଜୀ ଟିମ୍ ଡ୍ରେସିଂ ରୁମ୍‌ରୁ ବିଦା କରିଦିଆଯାଇଥିଲା। ଗୁରୁବାର ଆନ୍ଧ୍ର–ବେଙ୍ଗଲ ରଣଜୀ ଟ୍ରଫି ମ୍ୟାଚର ଦ୍ୱିତୀୟ ଦିବସରେ ଏହି ଘଟଣା ଘଟିଛି। ଖରାପ ଆଲୁଅ ଯୋଗୁ ଖେଳ ଅଟକି ଥିବାବେଳେ ଗାନ୍ଧୀ ଡ୍ରେସିଂ ରୁମ୍‌ରେ ପ୍ରବେଶ କରି ଫିଜିଓଙ୍କୁ ଖୋଜିଥିଲେ। ପୂର୍ବତନ ଅଧିନାୟକ ମନୋଜ ତିୱାରୀଙ୍କ ଅଭିଯୋଗକ୍ରମେ ବିସିସିଆଇର ଦୁର୍ନୀତି ନିରୋଧୀ ଅଫିସିଆଲ ସୋମେନ କର୍ମାକାର ଗାନ୍ଧୀଙ୍କୁ ଡ୍ରେସିଂରୁମ୍ ଛାଡ଼ି ଚାଲିଯିବା ଲାଗି କହିଥିଲେ। ଦୁର୍ନୀତି ନିରୋଧୀ ପ୍ରୋଟୋକଲ ଅନୁସାରେ ଡ୍ରେସିଂରୁମ୍‌ରେ କେବଳ ଖେଳାଳି ଏବଂ ସହାୟକ ଷ୍ଟାଫ୍ ଡ୍ରେସିଂ ରୁମ୍‌ରେ ଉପସ୍ଥିତ ରହିପାରିବେ। ଜଣେ ଜାତୀୟ ଚୟନକର୍ତ୍ତା ଅନଧିକାର ଡ୍ରେସିଂରେ ପ୍ରବେଶ କରିପାରିବେ ନାହିଁ। ଗାନ୍ଧୀ କହିଛନ୍ତି, ମୁଁ ପ୍ରତ୍ୟେକ ପ୍ରୋଟୋକଲ ଅନୁସରଣ କରିଛି। ଡ୍ରେସିଂରୁମ୍‌ରେ ପ୍ରବେଶ ପୂର୍ବରୁ ଦୁର୍ନୀତି ନିରୋଧୀ ଅଫିସିଆଲଙ୍କ ଅନୁମତି ନେଇଛି। ବେଙ୍ଗଲ କୋଚ୍ ଅରୁଣ ଲାଲ୍ ମୋର ପ୍ରଥମ ଅଧିନାୟକ ଥିଲେ ତାଙ୍କ ଆମନ୍ତ୍ରଣକ୍ରମେ ମୁଁ ଡ୍ରେସିଂ ରୁମ୍‌କୁ ଯାଇଥିଲି। ମେଡିକାଲ ରୁମ୍‌କୁ ଆସିବା ଲାଗି ମୁଁ ବେଙ୍ଗଲ ଫିଜିଓଙ୍କୁ କହିଥିଲି। ପୂର୍ବାଞ୍ଚଳ ଚୟନକର୍ତ୍ତା କହିଛନ୍ତି, ତିୱାରୀ କେତୋଟି ରଣଜୀ ସିଜନ ତାଙ୍କ ଅଧୀନରେ ଖେଳିଛନ୍ତି। ସେ ଏଭଳି କିଛି କାର୍ଯ୍ୟ କରିଥିଲେ ଯେଉଁଥିପାଇଁ ତାଙ୍କୁ ଦଳରୁ ବିଦାହେବାକୁ ପଡ଼ିଥିଲା। କିନ୍ତୁ ଏହାପଛରେ ମୋର କୌଣସି ହାତ ନ ଥିଲା। ମନୋଜ ବୋଧହୁଏ ପ୍ରତିଶୋଧ ପରାୟଣ ହୋଇ ଏପରି କରିଥାଇ ପାରନ୍ତି। କିନ୍ତୁ ତିୱାରୀ ଯୁବ ଖେଳାଳିଙ୍କ ଲାଗି ଭଲ ପରମ୍ପରା ସୃଷ୍ଟି କଲେ ନାହିଁ। ଖବର ଅନୁସାରେ ଏବିଷୟ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କ ନିକଟରେ ରିପୋର୍ଟ କରାଯିବ।

## ୧୫୦ ଟେଷ୍ଟ ଖେଳିଲେ ଆଣ୍ଡରସନ

ସେଞ୍ଚୁରିୟନ, ୨୬।୧୨– ଇଂଲଣ୍ଡ ପକ୍ଷରୁ ସର୍ବାଧିକ ଟେଷ୍ଟ ଉଇକେଟ୍ ହାସଲ କରିଥିବା ଜେମ୍ସ ଆଣ୍ଡରସନ ଗୁରୁବାର ଆଉ ଏକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ବିଶ୍ୱର ପ୍ରଥମ ଦ୍ରୁତ ବୋଲର ଭାବେ ଆଣ୍ଡରସନ ଟେଷ୍ଟ କ୍ରିକେଟ୍‌ରେ ଦେଢ଼ଶହ ମ୍ୟାଚ୍ ଖେଳିବାର କୃତିତ୍ୱ ଲାଭ କରିଛନ୍ତି। ଘରୋଇ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟ ଅବସରରେ ୩୭ ବର୍ଷୀୟ ଆଣ୍ଡରସନ ଏହି ସଫଳତା ପାଇଛନ୍ତି।

## ପିବି ଆଥ୍‌ଲେଟିକ କୋଚିଂ ସେଣ୍ଟର ଚାମ୍ପିୟନ

କଟକ ଅଫିସ,୨୬।୧୨

କଟକ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା କଟକ ଜିଲା ବାର୍ଷିକ ଆଥ୍‌ଲେଟିକ ମିଟ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ପିବି ଆଥ୍‌ଲେଟିକ କୋଚିଂ ସେଣ୍ଟର ୩୧୧ ପଏଣ୍ଟ ହାସଲ କରି ଦଳଗତ ଚାମ୍ପିୟନ ହୋଇଛି। ୧୪ବର୍ଷରୁ କମ୍ ବାଳିକା ବର୍ଗରେ କାଜିବଜାର ସରକାରୀ ସ୍କୁଲ, ବାଳକ ବର୍ଗରେ ଟାଙ୍ଗୀ ଚୌଦ୍ୱାର ଆଥ୍‌ଲେଟିକ ଆସୋସିଏଶନ୍, ୧୬ବର୍ଷରୁ କମ୍ ବାଳିକା ବର୍ଗରେ କାଜିବଜାର ସରକାରୀ ସ୍କୁଲ, ବାଳକ ବର୍ଗରେ ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ, ୧୮ବର୍ଷରୁ କମ୍ ବାଳିକା ବର୍ଗରେ ରେଭେନ୍‌ଶା ମର୍ନିଂ କ୍ଲବ, ବାଳକ ବର୍ଗରେ ସାଇ ହଷ୍ଟେଲ, ୨୦ବର୍ଷରୁ କମ୍ ବାଳିକା ବର୍ଗରେ ସାଇ ହଷ୍ଟେଲ, ବାଳକ ବର୍ଗରେ ପିବି ଆଥ୍‌ଲେଟିକ କୋଚିଂ ସେଣ୍ଟର ଚାମ୍ପିୟନ ହୋଇଥିଲା। ଏହାଛଡ଼ା ମହିଳା ବର୍ଗରେ ପିବି ଆଥ୍‌ଲେଟିକ କୋଚିଂ ସେଣ୍ଟର ଓ ପୁରୁଷ ବର୍ଗରେ ସ୍ପୋର୍ଟସ ଲଭର୍ସ ଆଥଲେଟିକ କ୍ଲବ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ସଂସଦ ସମ୍ପାଦକ ଆଶୀର୍ବାଦ ବେହେରା, ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଭକ୍ତବଲ୍ଲଭ ଦାସ, ରମେଶ ମଲ୍ଲିକ, ସହଦେବ ରାଉତ, ବିମଳ ସେଠୀ, ପ୍ରବୋଧ ମହାନ୍ତି, ବିଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ଜିଲା ଆଥ୍‌ଲେଟିକ ମିଟ୍‌ରେ ଚାମ୍ପିୟନ ପିବି ଆଥ୍‌ଲେଟିକ କୋଚିଂ ସେଣ୍ଟର ଦଳ।

## ବକ୍ସିଂ ଡେ ଟେଷ୍ଟ: ପ୍ରଥମ ଦିନର ସମ୍ମାନ ନେଲା ଅଷ୍ଟ୍ରେଲିଆ

ମେଲବୋର୍ନ, ୨୬।୧୨

ସ୍ଥାନୀୟ ମେଲବୋର୍ନ କ୍ରିକେଟ୍ ଗ୍ରାଉଣ୍ଡ (ଏମ୍‌ସିଜି)ଠାରେ ଗୁରୁବାରଠାରୁ ଘରୋଇ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ବକ୍ସିଂ ଡେ ଅବସରରେ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ଷ୍ଟମ୍ପ ଅପସାରଣ ସୁଦ୍ଧା ୪ ଉଇକେଟ୍ ହରାଇ ୨୫୭ ରନ ସଂଗ୍ରହ କରିଛି। ଯୁବ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସେନ ଓ ଷ୍ଟିଭ ସ୍ମିଥଙ୍କ ଅର୍ଦ୍ଧଶତକ ସହାୟତାରେ ପ୍ରଥମ ଦିନର ସମ୍ମାନ ଅଷ୍ଟ୍ରେଲିଆ ହାତେଇ ନେଇଛି। ପୂର୍ବରୁ ପ୍ରଥମ ମ୍ୟାଚ୍‌କୁ ୨୯୬ ରନର ବୃହତ୍ ବ୍ୟବଧାନରେ ଜିତି ଅଷ୍ଟ୍ରେଲିଆ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧–୦ରେ ଅଗ୍ରଣୀ ରହିଛି।

**୮୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ମ୍ୟାଚ୍ ଦେଖିଲେ**

ଗୁରୁବାରଠାରୁ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ସ୍ଥାନୀୟ ମେଲବୋର୍ନ କ୍ରିକେଟ୍ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ରେକର୍ଡ ସଂଖ୍ୟକ ଦର୍ଶକ ମ୍ୟାଚ୍ ଉପଭୋଗ କରିଛନ୍ତି। ବକ୍ସିଂ ଡେ' ଅବସରରେ ଆରମ୍ଭ ହୋଇଥିବା ଏହି ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ୮୦ ହଜାର ୪୭୩ ଦର୍ଶକ ମ୍ୟାଚ୍ ଦେଖିଥିଲେ। ନ୍ୟୁଜିଲାଣ୍ଡ–ଅଷ୍ଟ୍ରେଲିଆ ମଧ୍ୟରେ କୌଣସି ଟେଷ୍ଟର ଗୋଟିଏ ଦିନରେ ଏତେ ସଂଖ୍ୟକ ଦର୍ଶକ ମ୍ୟାଚ୍ ଉପଭୋଗ କରିବା ରେକର୍ଡ ହୋଇଛି।

ବକ୍ସିଂ ଡେ ଟେଷ୍ଟ ଅଷ୍ଟ୍ରେଲିଆ କ୍ରିକେଟ କ୍ୟାଲେଣ୍ଡରର ଏକ ପ୍ରମୁଖ ମ୍ୟାଚ୍। ୨୦୧୩ରେ ଆଶେସ ସିରିଜରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ବକ୍ସିଂ ଡେ'ରେ ଖେଳାଯାଇଥିବା ଟେଷ୍ଟର ଗୋଟିଏ ଦିନରେ ୯୧ ହଜାର ୧୧୨ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ରହି ମ୍ୟାଚ୍‌ର ମଜା ନେଇଥିଲେ। କିନ୍ତୁ ଅଣ–ଆଶେସ ସିରିଜରେ ଅର୍ଥାତ ୧୯୭୫ରେ ଘରୋଇ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ବକ୍ସିଂ ଡେ'ରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ୮୫ ହଜାର ୬୬୧ ଜଣ ଦର୍ଶକ ମ୍ୟାଚ୍ ଦେଖିଥିଲେ। ଯାହାକି ଅଣ–ଆଶେସ ସିରିଜରେ ରେକର୍ଡ। ଏହି ତାଲିକାରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଗୁରୁବାରଠାରୁ ବକ୍ସିଂ ଡେ'ରେ ଆରମ୍ଭ ହୋଇଥିବା ଟେଷ୍ଟ ରହିଛି। ଏହି ଟେଷ୍ଟର ପ୍ରଥମ ଦିନରେ ୮୦ ହଜାର ୪୭୩ ଦର୍ଶକ ମ୍ୟାଚ୍ ଦେଖିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୫୭/୪(ଷ୍ଟିଭେନ ସ୍ମିଥ–୭୭*, ମାର୍ନସ ଲାବୁସେନ–୬୩, ଡେଭିଡ ୱାର୍ନର–୪୧, ମାଥ୍ୟୁ ୱାଡେ–୩୮, ଟ୍ରାଭିସ ହେଡ୍–୨୫*, କଲିନ ଡି ଗ୍ରାଣ୍ଡହୋମ–୨/୪୮, ଟ୍ରେଣ୍ଟ ବୋଲ୍ଟ–୧/୬୦, ନେଲ ୱାଗନର–୧/୪୦)।

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ତୀରନ୍ଦାଜୀ ଉଦ୍‌ଘାଟିତ

ଭୁବନେଶ୍ୱର, ୨୬।୧୨(ସ୍ପୋର୍ଟସ୍ ବ୍ୟୁରୋ)

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାରଠାରୁ ସର୍ବଭାରତୀୟ ଆନ୍ତଃ–ବିଶ୍ୱବିଦ୍ୟାଳୟ ତୀରନ୍ଦାଜୀ (ଉଭୟ ମହିଳା ଓ ପୁରୁଷ) ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ୧୮୦ଟି ବିଶ୍ୱବିଦ୍ୟାଳୟ ଏବଂ ୧୫୦୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ଓସ୍‌ମାନିଆ ବିଶ୍ୱବିଦ୍ୟାଳୟର ଏଆଇୟୁ ପର୍ଯ୍ୟବେକ୍ଷକ ଓ କ୍ରୀଡ଼ା ନିର୍ଦ୍ଦେଶକ ପ୍ରଫେସର ରାଜେଶ କୁମାର, ଓସମାନିଆ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ନିଜାମ କଲେଜ ପ୍ରିନ୍ସିପାଲ ଲକ୍ଷ୍ମୀକାନ୍ତ ରାଠୋଡ, ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟି (ଏଆଇୟୁ) କୋଅର୍ଡିନେଟର ନୀଳକମଳ ରାୟ ଏବଂ କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତା ଚଳିତ ମାସ ୩୦ରେ ଶେଷ ହେବ।

# ଟପ୍–୫ରେ କୋହଲି

ଲଣ୍ଡନ, ୨୬।୧୨

ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ବିରାଟ କୋହଲି ଆଉ ଏକ ସମ୍ମାନର ଅଧିକାରୀ ହୋଇଛନ୍ତି। କ୍ରିକେଟର ବାଇବେଲ୍ ଭାବେ ପରିଚଳିତ 'ୱିଜଡେନ' ପତ୍ରିକା ପକ୍ଷରୁ ଗୁରୁବାର ପ୍ରକାଶିତ ଦଶନ୍ଧିର ଶ୍ରେଷ୍ଠ–୫ କ୍ରିକେଟର୍ ତାଲିକାରେ କୋହଲି ସ୍ଥାନ ପାଇବାର ଗୌରବ ଲାଭ କରିଛନ୍ତି। ଏକମାତ୍ର ଭାରତୀୟ ଭାବେ ସେ ଏହି ସମ୍ମାନଜନକ ତାଲିକାରେ ସ୍ଥାନ ପାଇଛନ୍ତି। 'ୱିଜଡେନ' ପକ୍ଷରୁ ଘୋଷିତ ଏହି ତାଲିକାରେ ସ୍ଥାନ ପାଇଥିବା ଆଉ ୪ କ୍ରିକେଟର୍ ହେଲେ ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍, ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଡେଲ୍ ଷ୍ଟେଇନ, ଏବି ଡି ଭିଲର୍ସ ଓ ଅଷ୍ଟ୍ରେଲିଆ ମହିଳା କ୍ରିକେଟର୍ ଏଲିସେ ପେରୀ।

ଗତ ୧୦ ବର୍ଷ ମଧ୍ୟରେ କୋହଲି ଅନ୍ତର୍ଜାତୀୟସ୍ତରରେ ଅନ୍ୟମାନଙ୍କ ଅପେକ୍ଷା ୫,୭୭୫ ରନ୍ ଅଧିକ ସ୍କୋର କରିଛନ୍ତି। ଯାହା କୋହଲିଙ୍କୁ ଗତ ଦଶନ୍ଧିର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଅଭିହିତ କରୁଛି। ସେହିଭଳି ନିକଟରେ 'ୱିଜଡେନ' ପକ୍ଷରୁ ଘୋଷଣା କରାଯାଇଥିବା ଦଶନ୍ଧିର ଟେଷ୍ଟ ଟିମ୍‌ର ଅଧିନାୟକ ଭାବେ ୩୧ ବର୍ଷୀୟ କୋହଲିଙ୍କୁ ନିଯୁକ୍ତ କରାଯାଇଥିଲା। ସେହିଭଳି ୱିଜଡେନ ଦିନିକିଆ ଦଳରେ ମଧ୍ୟ ତାଙ୍କୁ ସ୍ଥାନ ମିଳିଥିଲା। 'ସେ ପ୍ରତିଭାଶାଳୀ ଖେଳାଳି। ୨୦୧୪ରେ ଇଂଲଣ୍ଡ ଗସ୍ତଠାରୁ ଚଳିତ ବର୍ଷ ନଭେମ୍ବରରେ ବାଂଲାଦେଶ ବିପକ୍ଷରେ କୋଲକାତାରେ ଖେଳାଯାଇଥିବା ୨ୟ ଟେଷ୍ଟ ପର୍ଯ୍ୟନ୍ତ ବିରାଟ ୬୩ ଆଭରେଜରେ ୨୧ ଶତକ ଓ ୧୩ ଅର୍ଦ୍ଧଶତକ ହାସଲ କରିଛନ୍ତି' ବୋଲି ୱିଜଡେନ ପକ୍ଷରୁ କୁହାଯାଇଛି। 'ଅନ୍ତର୍ଜାତୀୟ କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ଏକମାତ୍ର ବ୍ୟାଟ୍ସମ୍ୟାନ ଭାବେ ସେ ୫୦ରୁ ଊର୍ଦ୍ଧ୍ୱ ଆଭରେଜରେ ରନ୍ ସଂଗ୍ରହ କରିଛନ୍ତି। ନିକଟରେ କୋହଲିଙ୍କ ପରି ବ୍ୟାଟ୍ସମ୍ୟାନ କେହି ନାହାନ୍ତି ବୋଲି ଷ୍ଟିଭ ସ୍ମିଥ୍ ମଧ୍ୟ ଟିପ୍ପଣୀ ଦେଇଥିଲେ' ବୋଲି ୱିଜଡେନ୍ ଉଲ୍ଲେଖ କରିଛି। ୱିଜଡେନ ଅନୁସାରେ, ସଚିନ ତେନ୍ଦୁଲକରଙ୍କ ଅବସର ପରେ ଏବଂ ମହେନ୍ଦ୍ର ସିଂ ଧୋନୀଙ୍କ କ୍ୟାରିୟର ଅବସାନ ଆଡ଼କୁ ଗତି କରୁଥିବାବେଳେ ବିଶ୍ୱରେ ଏହିଭଳି ଜଣେ କ୍ରିକେଟର୍ ନାହିଁ ଯିଏକି ପ୍ରତିଦିନ କୋହଲିଙ୍କ ପରି ଚାପରେ ଖେଳୁଥିବ।

**ଦଶନ୍ଧିର ଶ୍ରେଷ୍ଠ କ୍ରିକେଟର୍**

**୨୦୧୦ରୁ ୨୦୧୯ ମଧ୍ୟରେ କୋହଲି**

ଗତ ଦଶନ୍ଧିରେ କୋହଲି ଟେଷ୍ଟ କ୍ରିକେଟ୍‌ରେ ୭,୨୦୨ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୨୭ ଶତକ ସାମିଲ ରହିଛି। ସେହିଭଳି ସୀମିତ ଓଭର କ୍ରିକେଟ୍‌ରେ ମଧ୍ୟ କୋହଲି ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ୨୬୦ ଦିନିକିଆରୁ ୬୦.୭୯ ଆଭରେଜରେ ସେ ୧୧,୧୨୫ ରନ କରିଛନ୍ତି। ଏହା ମଧ୍ୟରେ ୪୨ ଶତକ ଓ ୫୨ ଅର୍ଦ୍ଧଶତକ ରହିଛି। ଟି୨୦ରେ ମଧ୍ୟ ୨,୬୩୩ ରନ ସଂଗ୍ରହ କରିଛନ୍ତି। ପ୍ରତ୍ୟେକ ଫର୍ମାଟ୍‌ରେ ୫୦ରୁ ଊର୍ଦ୍ଧ୍ୱ ଆଭରେଜରେ ଖେଳୁଥିବା କୋହଲି ବର୍ତ୍ତମାନ ସୁଦ୍ଧା ୭୦ ଅନ୍ତର୍ଜାତୀୟ ଶତକ ହାସଲ କରିସାରିଛନ୍ତି। ଅନ୍ତର୍ଜାତୀୟସ୍ତରରେ ସର୍ବାଧିକ ଶତକ ହାସଲ କରିବା ତାଲିକାରେ ସେ ସଚିନ ତେନ୍ଦୁଲକର (୧୦୦) ଓ ରିକି ପଣ୍ଟିଂ (୭୧)ଙ୍କ ପଛକୁ ୩ୟ ସ୍ଥାନରେ ରହିଛି। ସେହିଭଳି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୩ଟି ଯାକ ଫର୍ମାଟ୍‌କୁ ମିଶାଇ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ତାଲିକାରେ ସଚିନ (୩୪,୩୫୭) ଓ ପଣ୍ଟିଂ (୨୭,୪୮୩) ପଛକୁ ବିରାଟ (୨୧,୪୪୪) ୩ୟ ସ୍ଥାନରେ ରହିଛନ୍ତି।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଏକାଦଶାହ/ଗଙ୍ଗାଶ୍ରାଦ୍ଧ ଉପଲକ୍ଷେ



ଗୁରୁ ଗୌତମ ପ୍ରସାଦ ମେହେର
ଆବିର୍ଭାବ: ୦୧।୦୪।୧୯୪୧
ତିରୋଧାନ: ୧୭।୧୨।୨୦୧୯
ଆପଣଙ୍କ ଦୁଃଖଦ ବିୟୋଗରେ ଆମେ ସମସ୍ତେ ମର୍ମାହତ। ସ୍ୱଶରୀରେ ଆମ ନିକଟରେ ଉପସ୍ଥିତ ନଥିଲେ ମଧ୍ୟ ଆପଣଙ୍କ ଆଶୀର୍ବାଦ ଓ ପ୍ରେରଣା ଚିରଦିନ ଆମ ଉପରେ ଥାଉ, ଏତିକି କାମନା । ହେ ମହାନ ଆତ୍ମା, ଈଶ୍ୱରଙ୍କ ନିକଟରେ ଆପଣ ଶାନ୍ତିରେ ଥାଆନ୍ତୁ ।
ଶୋକସନ୍ତପ୍ତ:
ମେହେର ପରିବାର, ବନ୍ଧୁବର୍ଗ
ଭାଗବତ ମଣ୍ଡଳୀ ତଥା ସାଲେପାଲି ଗ୍ରାମବାସୀ, ଦେଓଗାଁ, ବଲାଙ୍ଗୀର
ଧ–୧୫୯୨୫

**ସପ୍ତମ ଶ୍ରାଦ୍ଧବାର୍ଷିକ**



ସ୍ୱର୍ଗତ ସ୍ୱରାଜ ମିଶ୍ର (ବୁବୁନ୍)
ମାର୍କଣ୍ଡେଶ୍ୱର ସାହି, ରଥ ଲେନ୍, ପୁରୀ
ତିରୋଧାନ: ୧୩।୦୧।୨୦୧୩
ଭଗବାନଙ୍କ ପ୍ରତି ଭକ୍ତି, ପ୍ରେମ, ସମସ୍ତଙ୍କ ପ୍ରତି ନିଷ୍କପଟ ସ୍ନେହ ଶ୍ରଦ୍ଧା ସାରା ଜୀବନ ଅଭୁଲା ସ୍ମୃତି ହୋଇ ରହିବ। ଶ୍ରୀଜଗନ୍ନାଥ ତୋର ଅମରଆତ୍ମାକୁ ଅମ୍ଳାନ ରଖନ୍ତୁ ।
ନନା–ମନୋଜ, ବୋଉ–କଳ୍ପନା ଓ ମିଶ୍ର ପରିବାର
ଧ–୧୬୦୩୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଦୀପକ ମହାନ୍ତି
କଟେରା ମଠ ଲେନ୍, ବଳଗଣ୍ଡି, ପୁରୀ
ଆବିର୍ଭାବ : ୧୮.୦୩.୧୯୭୬
ତିରୋଧାନ : ୧୭.୧୨.୨୦୧୯
ଖୁସି ବାଣ୍ଟୁଥିଲୁ ସଦାସର୍ବଦା ତୁ
ନଥିଲା ଦୁଃଖ ନା କ୍ଳାନ୍ତି ।
ଛାଡ଼ି ଦେଇଗଲୁ କେମିତି
ଦୁଃଖର ସାଗରେ ଆମକୁ ଆଜି ।
-: ଶୋକସନ୍ତପ୍ତ :-
ବନ୍ଧୁ ଓ ପରିବାରବର୍ଗ
ଧ–୧୫୯୨୨

**ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା**



(ମାହି)
ଶ୍ରୀମାନ୍ ଆୟୁଷ୍ମାନ୍
ଗ୍ରାମ: ବାଲିଆ, ଜଗତ୍‌ସିଂହପୁର
ଆମ୍ଭର ନାତି ତଥା (ମିଳନ୍ ଓ ଶ୍ରୀୟାଙ୍କର ପୁତ୍ର)
ଶୁଭେଚ୍ଛା ସହ:
ଜେଜେ ମା' (ଜୟନ୍ତୀ ମାଳା ସାହୁ), ଜେଜେ: (ଉପେନ୍ଦ୍ରନାଥ ସାହୁ), ମହେନ୍ଦ୍ର ସାହୁ, ଦିବାକର ସାହୁ, ଇନ୍ଦ୍ରଜିତ୍ ସାହୁ, ସତ୍ୟଜିତ୍ ସାହୁ, ବିଶ୍ୱଜିତ୍ ସାହୁ, ବନ୍ଧୁ ଓ ପରିବାରବର୍ଗ ।
ଧ–୧୫୯୨୩

**ଜନ୍ମଦିନ ଶୁଭେଚ୍ଛା**



ଶୁଭଶ୍ରୀ ବେହେରା (ଦେବକାନୀ)
ସାଇଁସ, କଟକ
ଆଜି ତୋର ପଞ୍ଚମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୋତେ ଦୀର୍ଘାୟୁ କରନ୍ତୁ ।
ଶୁଭେଚ୍ଛା ସହ
ଜେଜେ, ମା', ଅଜା (ଜୟଦେବ), ଆଈ: ସୌଦାମିନୀ, ବାପା: କୃପାସିନ୍ଧୁ, ବୋଉ: ତେଜସ୍ୱୀ, ମାମୁ: ଜୀବନ, ରଶ୍ମି ଓ ପରିବାରବର୍ଗ ।
ଧ–୪୬୭୭୪

CLASSIFIED DISPLAY






DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୭/୨୦୧୯ Bhubaneswar, Friday, December 27/2019

# ଏସାର ଷ୍ଟିଲ୍‌ରୁ ଏଏମ୍‌ଏନ୍‌ଏସ୍

**ପାରାଦୀପ, ୨୬।୧୨(ସ୍ୱ.ପ୍ର.)**

ପାରାଦୀପର ଅନ୍ୟତମ ବୃହତ୍ ଶିଳ୍ପ ଏସାର ଷ୍ଟିଲ୍ ଇଣ୍ଡିଆ ଲିମିଟେଡ୍‌କୁ ଗତ ୧୬ରେ ବିଶ୍ୱର ଅଗ୍ରଣୀ ଇସ୍ପାତ କମ୍ପାନୀ ଆର୍ସେଲର ମିତ୍ତଲ ଓ ନିପ୍ପନ ଷ୍ଟିଲ(ଏଏମ୍‌ଏନ୍‌ଏସ୍) ଅଧିଗ୍ରହଣ କରିଛି। ଏସାର ଷ୍ଟିଲକୁ ଅଧିଗ୍ରହଣ କରିବା ପରେ ଏବେ କମ୍ପାନୀର ପୁରୁଣା ଲୋଗୋଗୁଡ଼ିକୁ ପରିବର୍ତ୍ତନ କରାଯାଇ ନୂତନ ଏଏମ୍‌ଏନ୍‌ଏସ୍ ଲେଖାଗଲାଣି। ଏମିତି କେତେକ ସ୍ଥାନ ଅଛି ଯେଉଁଠି ପୁରୁଣା ନାମ ପରିବର୍ତ୍ତନ ହୋଇନାହିଁ। ତେବେ ନାମ ପରିବର୍ତ୍ତନ ନ ହେବା ପଛରେ ଭିନ୍ନ ଭିନ୍ନ ଫାର୍ମର ନାମ ରହିଛି। ଏପରିକି ଏକାଧିକ ଫାର୍ମ ଏବଂ ପୂର୍ବାପରି ଭିତ୍ତିଭୂମି ଏବେ ସୁଦ୍ଧା ଅସ୍ପଷ୍ଟ ରହିଛି।

ସୂଚନାଯୋଗ୍ୟ ଯେ, ପାରାଦୀପର ମୁଷାଡିହାଠାରେ ଏସାର ଷ୍ଟିଲ୍ କମ୍ପାନୀ କରିବା ପାଇଁ ୨୦୦୫-୦୬ ମସିହାରେ ରାଜ୍ୟ ସରକାରଙ୍କ ସହ ଚୁକ୍ତି ହୋଇଥିଲା। ପ୍ରଥମେ ସରକାରୀ ଜମି ୧୦୩ଏକରରେ କାମ ଆରମ୍ଭ ହୋଇଥିଲା। ୨୦୦୮ ବେଳକୁ ଘରୋଇ ଜମି ଅଧିଗ୍ରହଣ ଆରମ୍ଭ ହୋଇଥିଲା। ଏବେ ସୁଦ୍ଧା କମ୍ପାନୀ ମୋଟ ଜମି ୧୬୬୮ ଏକର ରହିଛି। ସେଥିରୁ ୧୨୬୮ ଏକର ଘରୋଇ ଜମି ହୋଇଥିବାବେଳେ ୪୦୦ଏକର ସରକାରୀ ଥିବା ଜଣାଯାଏ। ଏସାର ଷ୍ଟିଲ କମ୍ପାନୀକୁ ଖଣି ନ ମିଳିବା ଯୋଗୁ ସେ କେନ୍ଦୁଝରର ଦାବୁନାଠାରୁ ଲୁହାପଥର ଗୁଣ୍ଡ ପାଇପଲାଇନ ଯୋଗେ ଆଣି ପେଲେଟ ଉତ୍ପାଦନ କରୁଥିଲା। ଏସାର ଷ୍ଟିଲ କମ୍ପାନୀ ସହିତ ଆଉ ୩ଟି ଫାର୍ମ ସେହି ସ୍ଥାନରେ କାମ କରୁଛି। ସେଗୁଡ଼ିକ ହେଲା ଏସାର ପ୍ରୋଜେକ୍ଟ, ଏସାର ପାୱାର ଓ ଇବିଟିପିଏଲ୍ (ଏସାର ବଲ୍କ ଟର୍ମିନାଲ ପ୍ରାଇଭେଟ ଲିମିଟେଡ)। ୨୧୮ଏକର ଜମିରେ ପାୱାର ପ୍ଲାଣ୍ଟ ରହିଛି। ଇବିଟିପିଏଲ୍ କାରଖାନାରୁ ପାରାଦୀପ ବନ୍ଦର ପର୍ଯ୍ୟନ୍ତ କନ୍‌ଭେୟର ବେଲ୍ଟ ଲାଇନ୍ ରହିଛି। ଏସାର ଷ୍ଟିଲରୁ ଉତ୍ପାଦିତ ପେଲେଟକୁ ବେଲ୍ଟ ଲାଇନ୍ ଜରିଆରେ ବନ୍ଦର ଜାହାଜକୁ ପରିବହନ କରାଯାଏ। ଏଥିସହ ପାୱାର ପ୍ଲାଣ୍ଟର ବିଦ୍ୟୁତ୍ ଯାଏ। ଏମିତି ଦେଖିବାକୁଗଲେ କାରଖାନା ଗୋଟିଏ କିନ୍ତୁ ଫାର୍ମ ୪ଟି। ଏବେ ଏଏମ୍‌ଏନ୍‌ଏସ୍ କେବଳ ଏସାର ଷ୍ଟିଲକୁ ଅଧିଗ୍ରହଣ କରିଛି। ଅନ୍ୟ ସମସ୍ତ ଫାର୍ମ ମାଲିକାନା ପୂର୍ବବତ୍ ଏସାର କମ୍ପାନୀର ରହିଛି। ଏଏମ୍‌ଏନ୍‌ଏସ୍ ସେଗୁଡ଼ିକୁ ଅଧିଗ୍ରହଣ କରି ନ ଥିବା ସେ ସବୁର ଲୋଗୋ ପରିବର୍ତ୍ତନ ହୋଇନାହିଁ। କମ୍ପାନୀ ପରିସରରେ ଥିବା ଏକ ବ୍ୟାଙ୍କ ଏଟିଏମ୍ ଉପରେ ଥିବା ଲୋଗୋକୁ ଦୁଇଦିନ ତଳେ ଏସାର ହଟାଯାଇ ଏଏମ୍‌ଏନ୍‌ଏସ୍ ଲେଖାଯାଇଥିଲା। ପରେ ସେହି ଏଟିଏମ୍ ଏସାର ପାୱାର ଜମିରେ ଥିବାରୁ ପୁଣି ଲୋଗୋ ଖୋଲାଯାଇ ପୁରୁଣା ନାମ ଫଳକ ଲଗାଯାଇଥିଲା। ଏଥିସହ କାରଖାନାରେ କାମ କରୁଥିବା କର୍ମଚାରୀ ଶ୍ରମିକମାନେ ପୂର୍ବରୁ ସମସ୍ତେ ଏସାର ଷ୍ଟିଲ ଷ୍ଟିକର ଲଗାଉଥିଲେ। ଏବେ ସେଥିରୁ ଅର୍ଦ୍ଧେକ ଏଏମ୍‌ଏନଏସ୍ ଲଗାଉଛନ୍ତି। କମ୍ପାନୀ ପରିସରରେ ଏବେ ଅଲଗା ଅଲଗା ସ୍ଥିତି ରହିଛି।

### ଲୋଗୋ ପରିବର୍ତ୍ତନ ଚାଲିଛି, ସମସ୍ୟା ଅସମାହିତ



ନୂଆ କମ୍ପାନୀ ଯଦିଓ କୌଣସି ପୁରୁଣା କର୍ମଚାରୀଙ୍କୁ ବାହାର କରିନାହାନ୍ତି କିନ୍ତୁ ୨୦୨୦ ଜାନୁୟାରୀରେ ବଡ଼ ପରିବର୍ତ୍ତନ ହେବାର ଆଶଙ୍କା ରହିଥିବା କେତେକ କହୁଛନ୍ତି। କାରଣ ନୂଆ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଜାନୁୟାରୀରେ ଆସି କାର୍ଯ୍ୟଭାର ସମ୍ଭାଳିବେ। ଅପରପକ୍ଷେ ଏସାର କମ୍ପାନୀର ଅନ୍ୟ ୩ ଫାର୍ମକୁ ଏଏମ୍‌ଏନ୍‌ଏଲ୍ ନେବା ପାଇଁ ଉପରସ୍ତରରେ ଆଲୋଚନା ଚଳାଇଥିବା ଜଣାପଡ଼ିଛି। ଏଏମ୍‌ଏସ୍‌ଏଲ୍‌ର ଜନସମ୍ପର୍କ ଅଧିକାରୀ ଆର.ଏନ୍.ପୃଷ୍ଟି କୁହନ୍ତି, ଏବେ କମ୍ପାନୀ କେବଳ ଷ୍ଟିଲ୍‌କୁ ନେଇଛି। ଅନ୍ୟ ପ୍ରକଳ୍ପ ସମ୍ପର୍କରେ ନିଷ୍ପତ୍ତି ଆଲୋଚନା ଜାରି ରହିଛି। ଏହା ଏକ ବିଶ୍ୱସ୍ତରୀୟ କମ୍ପାନୀ। ସବୁକିଛି ବ୍ୟବସ୍ଥିତ ହୋଇଯିବ। ସେହିପରି ଇବିଟିପିଏଲ୍‌ର ବରିଷ୍ଠ ଅଧିକାରୀ ବି.ଉପାଧ୍ୟାୟ କୁହନ୍ତି, କନ୍‌ଭେୟର ଲାଇନ ଏବେ ଏସାର ଷ୍ଟିଲ୍‌ର ଅଛି। ଆଗକୁ କ'ଣ ହେବ ତାହା ଆମ ପକ୍ଷେ କହିବା ମୁସ୍କିଲ ବୋଲି କହିଛନ୍ତି। ଅନ୍ୟଏକ ଖବର ଅନୁସାରେ ଇବିଟିପିଏଲ୍‌ର ୧୦ ବର୍ଷୀୟା ଚୁକ୍ତି ପାରାଦୀପ ପୋର୍ଟ ସହିତ ହୋଇଥିବା ଅବଧି ୨୦୨୦ ମାର୍ଚ୍ଚ ୩୧ରେ ଶେଷ ହେବାକୁ ଯାଉଛି। ଯେଉଁ ଷ୍ଟିଲ କମ୍ପାନୀ ପାଇଁ ଏହାକୁ ଏସାର ଚୁକ୍ତି କରିଥିଲା ସେ ନାହିଁ। ଆସନ୍ତା ବର୍ଷ ମାର୍ଚ୍ଚ ୩୧ ପୂର୍ବରୁ ଉକ୍ତ କନ୍‌ଭେୟର ବେଲ୍ଟ ଲାଇନ୍ ଓ ବର୍ଥ ପାଇଁ କିଏ ଚୁକ୍ତି କରିବ ତାହା ମଧ୍ୟ ସଂଶୟରେ ଅଛି।

## ସଂକ୍ଷେପରେ

### ନଦୀରୁ ନିଖୋଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

**ମାର୍ଶାଘାଇ, ୨୬।୧୨ (ଡି.ଏନ୍.ଏ.):** ମାର୍ଶାଘାଇ ଥାନା କୁଆଁରପାଳ ଗ୍ରାମ ଦେଇ ପ୍ରବାହିତ ଲୁଣା-ଚିତ୍ରୋତ୍ପଳା ନଦୀରୁ ଗୁରୁବାର ଜଣେ କଲେଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ନେମାଳ ଥାନା ଅଧୀନ ଫତେପୁର ଗ୍ରାମର କୈଳାସ ମହାନ୍ତିଙ୍କ ଝିଅ ରୋନାଲି। ଗୁରୁବାର ପୂର୍ବାହ୍ନରେ କୁଆଁରପାଳଠାରେ ରୋନାଲିଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍‌ର ମିଳିତ ଉଦ୍ୟମରେ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ରୋନାଲିଙ୍କ ବାପା ମେଡିକାଲରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଏ ନେଇ କୈଳାସ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୧/୧୯ ନଂ.ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଛି।

### ବଡ଼ଦିନ ପାଳିଲେ ଯୁବଗୋଷ୍ଠୀ

**ବାଲିଆ, ୨୬।୧୨ (ଡି.ଏନ୍.ଏ.)**

ବିରିଡି ବ୍ଲକ ଉତ୍ତରଶାସନ ପଞ୍ଚାୟତ ଯୁବକଗୋଷ୍ଠୀଙ୍କ ପକ୍ଷରୁ ବୁଧବାର ବଡ଼ଦିନ ବେଶ୍ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଯୁବକମାନେ କଟକ ଜିଲାର ୪୨ ମୌଜାସ୍ଥିତ ବଳିବାମନ ଜଙ୍ଗଲ ମଧ୍ୟରେ ବଣଭୋଜିର ଆୟୋଜନ କରିବା ସହ ବଡ଼ଦିନର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

## ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗ ଘଟଣା

# ୩୦ ଘଣ୍ଟା ଝୁଲି ରହିଲା ଶବ



ଧାରଣାରେ ବସିଥିବା ଅଞ୍ଚଳବାସୀ।

- ପ୍ରତିବାଦରେ ଧାରଣାରେ ବସିଲେ ଲୋକେ
- ଅଭିଯୋଗକାରୀ ସ୍ୱାମୀ ୨୪ ଘଣ୍ଟା ଅଟକ

**ମହାକାଳପଡା, ୨୬।୧୨ (ଡି.ଏନ୍.ଏ.)**

ଜମ୍ବୁ ମେରାଇନ୍ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ନେଇ ତାଙ୍କ ସ୍ୱାମୀ ଅଭିଯୋଗ କରିବା ଘଟଣାରେ ପୋଲିସର ବେପରୁଆ ମନୋବୃତ୍ତିରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ବେଳେ ପୋଲିସ ତାଙ୍କୁ ୨୪ ଘଣ୍ଟା ଅଟକ ରଖିବା ଓ କାଜୁ ଜଙ୍ଗଲରେ ୩୦ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ମୃତଦେହ ଝୁଲି ରହିବା ପରେ ଉଦ୍ଧାର କରାଯିବା ପ୍ରତିବାଦରେ ଅଞ୍ଚଳବାସୀ ଧାରଣାରେ ବସିଥିଲେ। ପରେ ପୋଲିସ ଧାରଣାକାରୀଙ୍କୁ ବୁଝାଶୁଝା କରିବା ପରେ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପଟେ ସ୍ୱାମୀଙ୍କ ଅଭିଯୋଗ ଆଧାରରେ ପୋଲିସ ହତ୍ୟା ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପୋଲିସ ମୃତଦେହ ଉଦ୍ଧାର କରିବା ସ୍ଥାନରୁ ଚପଲ, ଭଙ୍ଗା ଚୁଡ଼ି ଆଦି ଜବତ କରିବା ସହ ଏ ନେଇ ହତ୍ୟା ମାମଲା ନଂ. ୧୨୮/୧୯ ରୁଜୁ କରିଛି। ସୂଚନାଯୋଗ୍ୟ, ରାମନଗର କାଜୁ ଜଙ୍ଗଲରେ ଜଣେ ମହିଳାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ରହିଥିଲା। ଏ ନେଇ ତାଙ୍କ ସ୍ୱାମୀ ଥାନାରେ ବଳାତ୍କାର ଓ ହତ୍ୟା ଅଭିଯୋଗ କରିଥିଲେ। ହେଲେ ମାଜିଷ୍ଟ୍ରେଟ୍ ଘଟଣାସ୍ଥଳରେ ପହଞ୍ଚି ନ ପାରିବାରୁ ଶବ ଉଦ୍ଧାର କରାଯାଇ ପାରି ନ ଥିଲା। ତେବେ ଝୁଲନ୍ତା ମୃତଦେହକୁ ତୁରନ୍ତ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ କରାଯିବାର ନିୟମ ଥିଲେ ବି ପୋଲିସ ଏ ଦିଗରେ ପଦକ୍ଷେପ ନେଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

# ୱାଘା ବର୍ଡରକୁ ସାଇକେଲରେ ଯାତ୍ରାକରି ଫେରିଲେ ଫଇଜଲ

**କେନ୍ଦ୍ରାପଡା ଅଫିସ, ୨୬।୧୨**

କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ଜଇପୁରା ଗ୍ରାମର ସୟଦ ଫଇଜଲ ଅଲ୍ଲୀଙ୍କ ବୟସ ୬୩। ଏହି ବୟସରେ ସେ ପ୍ରାୟ ୭ ହଜାର କିଲୋମିଟର ସାଇକେଲରେ କେନ୍ଦ୍ରାପଡାରୁ ୱାଘା ବର୍ଡର ପର୍ଯ୍ୟନ୍ତ ଯାତ୍ରା କରି ଗୁରୁବାର ସହରକୁ ଫେରିଛନ୍ତି । ଏଥିପାଇଁ ସହରର ପୁରୁଣା ବସଷ୍ଟାଣ୍ଡ ଠାରେ ଜିଲା ପୋଲିସ ପ୍ରଶାସନ ସହ କେତେକ କ୍ରୀଡା ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି । ଏହି ଅବସରରେ ସେ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ । ସାଇକେଲରେ ୧୩ଟି ରାଜ୍ୟ ଅତିକ୍ରମ କରିବା ସମୟରେ ପ୍ଲାଷ୍ଟିକ ମୁକ୍ତ ଭାରତ ଓ ଟ୍ରାଫିକ ନିୟମ ପ୍ରତି ସଚେତନତା ସୃଷ୍ଟି କରିଥିଲେ। ଦିଲ୍ଲୀ ଓ ଅମୃତସରରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ମିଳିଥିବା ସେ ପ୍ରକାଶ କରିଥିଲେ। ସହରର ପୁରୁଣା ବସଷ୍ଟାଣ୍ଡଠାରେ ଡିଏସପି କାର୍ତ୍ତିକ ଚନ୍ଦ୍ର ମଲ୍ଲିକଙ୍କ ସମେତ ବହୁ ବୁଦ୍ଧିଜୀବୀ ଫଇଜଲଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ସାଉଦିରେ ରହିବା ସମୟରେ ତାଙ୍କର ସାଇକେଲରେ ଭ୍ରମଣ ନିଶା ଥିଲା। ଏହି ୬୮ ଦିନ ଯାତ୍ରାରେ ରାଞ୍ଚି, ଲକ୍ଷ୍ନୌ, ଦିଲ୍ଲୀ, ଜମ୍ମୁ, ଅମୃତସର, ଭୋପାଳ, ଜବଲପୁର ଆଦି ସହର ମଧ୍ୟ ଦେଇ ସାଇକେଲ ଯାତ୍ରା କରିଛନ୍ତି ।



ପ୍ରଶାସନ ପକ୍ଷରୁ ଫଇଜଲଙ୍କୁ ସ୍ୱାଗତ କରାଯାଇଛି।

# 'ନିଃସ୍ୱାର୍ଥପର ସେବା ମନୋଭାବ ରଖି ଦଳକୁ ଆଗେଇ ନିଅ'

**ବାଲିକୁଦା,୨୬।୧୨(ସ୍ୱ.ପ୍ର.)**

**ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ**

ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଗୁରୁବାର ବୋରିକିନା ଦୁର୍ଗା ପୂଜା ପଡିଆରେ ଏକ ସମାବେଶ ଆୟୋଜନ କରାଯାଇଥିଲା। ବାଲିକୁଦା ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ ଓ ଏରସମା ବ୍ଲକ ବିଜେଡି ସଭାପତି ପିତବାସ ଗୋଚ୍ଛାୟତଙ୍କ ଯୁଗ୍ମ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟଅତିଥି ଭାବେ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ନିଃସ୍ୱାର୍ଥପର ସେବା ମନୋଭାବ ରଖି ଦଳକୁ ଆଗେଇ ନେବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତାଭାବେ ମହିଳା ଓ ଶିଶୁ ବିକାଶ ଉପଦେଷ୍ଟା ସୁଲତା ଦେଓ, ସମ୍ମାନିତ ଅତିଥି ଜିଲାପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ଉପାଧ୍ୟକ୍ଷ ଲିଙ୍ଗରାଜ ସ୍ୱାଇଁ, କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ, ଜିଲା ବିଜେଡି ସଭାପତି ଅମରେନ୍ଦ୍ର ଦାସ, ବିଜେଡି ରାଜ୍ୟ ସମ୍ପାଦକ ସାରଦା ଜେନା, ବାଲିକୁଦା ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, ଉପାଧ୍ୟକ୍ଷ ରାଖାଲ ଦାସ ଓ ଏରସମା ବ୍ଲକ ଅଧ୍ୟକ୍ଷ ପ୍ରଣବ ପ୍ରକାଶ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପୂର୍ବାହ୍ନରେ ବାଲିକୁଦା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଶମ୍ଭୁ ପ୍ରସନ୍ନ ମହାନ୍ତିଙ୍କ ସଂଯୋଜନାରେ ଏକ ସଭା ଆୟୋଜନ କରାଯାଇଥିଲା। ସଭାରେ ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି,ଦୀପ୍ତିରଞ୍ଜନ କୁଅଁର, ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ଇତିଶ୍ରୀ ଭୂଇଆଁ, ଓ ସ୍ୱର୍ଣ୍ଣଲତା ସେନାପତି ପ୍ରମୁଖ ଯୋଗ ଦେଇ ଦଳର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ତିତିରା ପଞ୍ଚାୟତର ବହୁ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ । ରାମଚନ୍ଦ୍ର ବିଶ୍ୱାଳ, ପୂର୍ଣ୍ଣନନ୍ଦ ଭୋଲ, ନିତ୍ୟାନନ୍ଦ ଦାସ, ସୁଧାଂଶୁ ଶେଖର ବେହେରା, ପ୍ରକାଶ ସ୍ୱାଇଁ, ଶିବ ପ୍ରସାଦ ସାହୁ ଓ ଜଟାଧାରୀ ସ୍ୱାଇଁ ପ୍ରମୁଖ ବରିଷ୍ଠ କଂଗ୍ରେସ ନେତା ବିଜେଡିରେ ଯୋଗଦେଇଥିଲେ। ମନ୍ତ୍ରୀ ଦାସ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମିତିସଭ୍ୟା ସାଗରିକା ପରିଡା ଧନ୍ୟବାଦ ଦେଇଥିଲେ ।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୭ ଡିସେମ୍ବର, ୨୦୧୯



ନିନ୍ଦିତ କର୍ମ ଯେ କରନ୍ତି, ଜୀବନ ଥାଇ ସେ ମରନ୍ତି।
- ଜଗନ୍ନାଥ ଦାସ



## ସଂକ୍ଷେପରେ

### ୬୫ତମ କୁଆଖିଆ ଲକ୍ଷ୍ମୀନାରାୟଣ ଉତ୍ସବ ପ୍ରବଚନ, ନୃତ୍ୟ ପରିବେଷଣରେ ବର୍ଷା ବାଧକ

**ରସୁଲପୁର,୨୬ା୧୨(ଡି.ଏନ୍.ଏ.):** ୬୫ତମ କୁଆଖିଆ ଲକ୍ଷ୍ମୀନାରାୟଣ ଉତ୍ସବର ଗୁରୁବାର ୧୧ତମ ସନ୍ଧ୍ୟାର ପ୍ରବଚନ ଉତ୍ସବ ଓ ୧୨ତମ କୁଆଖିଆ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ ଅଦିନିଆ ବର୍ଷା ଯୋଗୁ ପ୍ରଭାବିତ ହୋଇଛି। ସନ୍ଧ୍ୟାରେ ଝିପ୍ ଝିପ୍ ବର୍ଷା ଲାଗି ରହିଥିବାରୁ ଉଭୟ ମଞ୍ଚର ପୂର୍ବ ପ୍ରସ୍ତାବିତ କାର୍ଯ୍ୟକ୍ରମକୁ ବାତିଲ କରି ଦିଆଯାଇଛି। ଅନୁକୂଳ ପାଗ ରହିଲେ ଏହି କାର୍ଯ୍ୟକ୍ରମ ଦୁଇଟି ଶୁକ୍ରବାର ସନ୍ଧ୍ୟାରେ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମଗୁଡ଼ିକ ସଅଳ ଆରମ୍ଭ ହେବ ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହାଛଡ଼ା ଲକ୍ଷ୍ମୀନାରାୟଣ ପୂଜା ମଣ୍ଡପରେ ସ୍ଥାନୀୟ ଅଞ୍ଚଳର ଶିଶୁ ସୈନିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବିଦ୍ୟାଳୟର କୁନିକିନି ପିଲାମାନେ ଉଭୟ ନୃତ୍ୟ ଓ ସଂଗୀତରେ ଉଚ୍ଚକୋଟୀର ଦକ୍ଷତା ପ୍ରଦର୍ଶନ କରିଥିଲେ। ଲକ୍ଷ୍ମୀନାରାୟଣ ମଞ୍ଚ ପକ୍ଷରୁ ତାଙ୍କ ବିଦ୍ୟାଳୟର ପ୍ରତିଭାଙ୍କୁ ସେମାନଙ୍କ କଳାକୌଶଳକୁ ପରିବେଷଣ କରିବାର ସୁଯୋଗ ଦେଇ ପ୍ରତିଭା ବିକାଶ ଦିଗରେ ସହାୟତା ପ୍ରଦାନ କରିଛି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏହି ମଞ୍ଚରେ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିବା ପିଲମାନଙ୍କୁ ଜିଲା ଓ ରାଜ୍ୟସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ସୃଷ୍ଟି କରିବ ବୋଲି କୁହାଯାଇଛି। ଏଥିସହ ଉନ୍ନତ କଳାନୈପୁଣ୍ୟତା ପାଇଁ ବିଦ୍ୟାର୍ଥୀଙ୍କୁ ଲକ୍ଷ୍ମୀନାରାୟଣ ପୂଜା କମିଟି ପକ୍ଷରୁ ପ୍ରଶଂସା କରାଯାଇଛି।

### ଧର୍ମଶାଳା ବିଜେଡି ପକ୍ଷରୁ ୨୩ତମ ପ୍ରତିଷ୍ଠା ଦିବସ

**ଧର୍ମଶାଳା,୨୬ା୧୨(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ସିଭିକ ସେଣ୍ଟରଠାରେ ଗୁରୁବାର ଧର୍ମଶାଳା ବିଜେଡି ପକ୍ଷରୁ ୨୩ତମ ପ୍ରତିଷ୍ଠା ଦିବସ ବ୍ଲକ ବିଜେଡି ସଭାପତି ନିରଞ୍ଜନ ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ବିଜେଡି କର୍ମୀମାନେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ପ୍ରଶାସନକୁ ଦୁର୍ନୀତିମୁକ୍ତ କରିବାର ନିରନ୍ତର ପ୍ରୟାସ ବୋଲି କହିଥିଲେ। ପ୍ରତିଷ୍ଠା ଦିବସରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ରୀତା ତରାଇ, ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଦୁଃଶାସନ ସାହୁ, ଜଳଧର ମହାନ୍ତି, ପ୍ରସନ୍ନ ରାଉତ, ଅମରେନ୍ଦ୍ର ରାୟ, ସୌମ୍ୟପ୍ରକାଶ ବିଶ୍ୱାଳ, କାର୍ତ୍ତିକ ମଲିକ ପ୍ରମୁଖ ବିଜେଡି ସରକାରଙ୍କ ବହୁମୁଖୀ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ।

## ତିତ୍‌ଲି , ଫନୀ ବାତ୍ୟା ଯୋଗୁ ପୁନରୁଦ୍ଧାର କାର୍ଯ୍ୟରେ ଆର୍ଥିକ ଅନିୟମିତତା

# ଦାଖଲ ୟୁସିରେ ବ୍ୟାପକ ତ୍ରୁଟି

**ଯାଜପୁର ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗ**

- ଓଜିଏଫ୍‌ଆର-୭ଏ ଅନୁଯାୟୀ ପୁନଃ ଦାଖଲ ନିର୍ଦ୍ଦେଶ
- ବିନା କାର୍ଯ୍ୟରେ କୋଟି କୋଟି ଆତ୍ମସାତ୍ ସନ୍ଦେହ

**ଯାଜପୁର ଅଫିସ, ୨୬ା୧୨**

ଯାଜପୁର ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସ୍‌ଏସ୍) ବିଭାଗରେ ତିତ୍‌ଲି ଓ ଫନୀ ବାତ୍ୟା କାମରେ ହୋଇଥିବା ପୁନରୁଦ୍ଧାର କାର୍ଯ୍ୟରେ ବ୍ୟାପକ ଅର୍ଥ ଆତ୍ମସାତ ହୋଇଛି। ଏହି ମର୍ମରେ ଆରଡବ୍ଲ୍ୟୁଏସ୍‌ଏସ୍ ଯାଜପୁର ଡିଭିଜନର ନିର୍ବାହୀ ଯନ୍ତ୍ରୀ ଦାଖଲ କରିଥିବା ବିନିଯୋଗ ପତ୍ର(ୟୁସି)ରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। ଯଦ୍ୱାରା ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଇଞ୍ଜିନିୟର-ଇନ-ଚିଫ୍ ଓଜିଏଫ୍‌ଆର(ଓଡିଶା ଜେନେରାଲ ଫାଇନାନ୍ସିଆଲ ରୁଲ୍‌ସ)-୭-ଏ ର ଉଲ୍ଲଂଘନ ହୋଇଥିବା ଦର୍ଶାଇ ଉଦ୍‌ବେଗ ପ୍ରକାଶ କରିବା ସହିତ ତ୍ରୁଟିପୂର୍ଣ୍ଣ ୟୁସିକୁ ଫେରସ୍ତ କରିଛନ୍ତି। ଏହାସହ ଓଜିଏଫ୍‌ଆର ଅନୁଯାୟୀ ୟୁସି ଦାଖଲ କରିବାକୁ ଯାଜପୁର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୧୮ ଅକ୍ଟୋବର ୧୧ତାରିଖ ତିତ୍‌ଲି ବାତ୍ୟା ହୋଇଥିଲା। ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଜିଲାର କେବଳ ଯାଜପୁର, ଦର୍ପଣ ଓ ବ୍ୟାସନଗର ତହସିଲର କେତେକ ଚାଷଜମି ତିତ୍‌ଲି ଯୋଗୁ କ୍ଷତିଗ୍ରସ୍ତ ହୋଇଥିଲା। ତେବେ ଏହି ବାତ୍ୟାର ସୁଯୋଗ ନେଇ ଆରଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ୧୦୪ଟି ପାଇପ ଜଳଯୋଗାଣ ପ୍ରକଳ୍ପ ନଷ୍ଟ ହୋଇଥିବା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦେଇଥିଲେ। ରିପୋର୍ଟରେ ତୁରନ୍ତ ମରାମତି ଓ ପୁନଃରୁଦ୍ଧାର ପାଇଁ ୨କୋଟି ୫୦ ଲକ୍ଷ ୩୨ହଜାର ଟଙ୍କା ଅନୁଦାନ ଦେବାକୁ ଅନୁରୋଧ କରାଯାଇଥିଲା। ଏହି ରିପୋର୍ଟକୁ ଯାଜପୁର ଜିଲାପାଳ ମଧ୍ୟ ପ୍ରମାଣିତ କରିଥିଲେ। ଏହାପରେ ଏସ୍‌ଆର୍‌ସି ପାଣ୍ଠିରୁ ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କ ପତ୍ରସଂଖ୍ୟା ୧୦୫୨ ଓ ୧୮୪୩/୧।୨।୨୦୧୯ ଜରିଆରେ ଯାଜପୁର ଆରଡବ୍ଲ୍ୟୁଏସ୍‌ଏସ୍‌କୁ ୧କୋଟି ୫୩ଲକ୍ଷ ୯୭ ହଜାର ଟଙ୍କା ଆବଣ୍ଟିତ ହୋଇଥିଲା। ଏହି ଆବଣ୍ଟିତ ଅର୍ଥ ମଧ୍ୟରୁ ୧କୋଟି ୫୨ ଲକ୍ଷ ୮୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ୟୁସିରେ ଦର୍ଶାଯାଇଛି। ୟୁସି ରିପୋର୍ଟ ଅନୁସାରେ ଯାଜପୁର ବ୍ଲକର ୨୦, ବିଞ୍ଝାରପୁର ବ୍ଲକର ୨୩ଟି, ଦଶରଥପୁର ବ୍ଲକର ୧୪ଟି ପ୍ରକଳ୍ପ, ବଡଚଣା ବ୍ଲକର ୧୧ଟି ପ୍ରକଳ୍ପ, ବରୀ ବ୍ଲକର ୧୩ଟି ପ୍ରକଳ୍ପ, ଧର୍ମଶାଳା ବ୍ଲକର ୭ଟି ପ୍ରକଳ୍ପ, ରସୁଲପୁର ବ୍ଲକର ୧୦ଟି ପ୍ରକଳ୍ପ ଏବଂ କୋରେଇ ବ୍ଲକର ୬ଟି ପ୍ରକଳ୍ପରେ ପ୍ରାୟ ୧ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ଖର୍ଚ୍ଚ କରାଯାଇଛି। କିନ୍ତୁ ଏହିସବୁ ପ୍ରକଳ୍ପ ତିତ୍‌ଲି ବାତ୍ୟା ଯୋଗୁ କ୍ଷତିଗ୍ରସ୍ତ ହୋଇ ନ ଥିଲେ ହେ ମିଥ୍ୟା ବିଲ୍ ଭାଉଚର ଦର୍ଶାଇ ସମୁଦାୟ ଟଙ୍କାକୁ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି। ତ୍ରୁଟିପୂର୍ଣ୍ଣ ୟୁସି ଦାଖଲ ମଧ୍ୟ ଏହି ଅଭିଯୋଗକୁ ପ୍ରାୟତଃ ପ୍ରମାଣିତ କରୁଛି। ରିପୋର୍ଟରେ ନଷ୍ଟ ପାଇପଲାଇନ ପରିବର୍ତ୍ତନ, ଷ୍ଟାଣ୍ଡପୋଷ୍ଟ ନିର୍ମାଣ, ଭଲ୍‌ବ ଚ୍ୟାମ୍ବର, ପରିସର ଉନ୍ନତିକରଣ, ପାଇପଲାଇନ ସଂପ୍ରସାରଣ, ଆଭ୍ୟନ୍ତରୀଣ ୱାରିଂ, ରଙ୍ଗ ଆଦିରେ ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ତିତ୍‌ଲି ପ୍ରଭାବରେ ରାଜ୍ୟର ବିଶେଷକରି ଗଞ୍ଜାମ ଓ ଗଜପତି ଜିଲାର ବହୁ ଅଞ୍ଚଳ ପ୍ରଭାବିତ ହୋଇଥିଲା। କିନ୍ତୁ ଯାଜପୁର ଜିଲାରେ ମାତ୍ର ଝିପିଝିପି ବର୍ଷା ହେବା ସହିତ ପାଗ ମେଘୁଆ ରହିଥିଲା। ଏପରିକି ପବନର ଗତି ମଧ୍ୟ ସେତେଟା ତୀବ୍ର ନ ଥିଲା। ସେହିପରି ଗତ ମେ ମାସ ୩ ତାରିଖରେ ଫନି ବାତ୍ୟାରେ ମଧ୍ୟ ଜିଲାର ଜଳଯୋଗାଣ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇ ନ ଥିଲେ ହେଁ ବିଭାଗୀୟ ରିପୋର୍ଟ ଅନୁସାରେ ୯୩ଟି ପ୍ରକଳ୍ପର ପୁନରୁଦ୍ଧାର ପାଇଁ ୧କୋଟି ୩୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏଥିରେ ମଧ୍ୟ ଯେନତେନ ପ୍ରକାରେ ଖର୍ଚ୍ଚ କରାଯାଇ ସିଂହଭାଗ ଅର୍ଥ ହରିଲୁଟ ହୋଇଥିବା ଅଭିଯୋଗ ହୋଇଛି। ଏହି ଦୁଇ ବାତ୍ୟା ପାଇଁ ହୋଇଥିବା କ୍ଷତିର ପୁନରୁଦ୍ଧାର ଖର୍ଚ୍ଚ ଉପରେ ହୋଇଥିବା ୟୁସି ଦାଖଲରେ ତ୍ରୁଟି ମଧ୍ୟ ଦେଖାଦେଇଛି। ଏଥିପାଇଁ ବିଭାଗୀୟ ଇଞ୍ଜିନିୟର-ଇନ୍-ଚିଫ୍ ତାଙ୍କ ପତ୍ରସଂଖ୍ୟା ୧୦୮୮୪/୨୩।୧୨।୨୦୧୯ରେ ଯାଜପୁର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଓଜିଏଫ୍‌ଆର-୭ଏ ଅନୁଯାୟୀ ୟୁସି ଦାଖଲ ହୋଇନାହିଁ। ଏହାସହ ଅନୁଦାନ ଗ୍ରହଣ ହୋଇଥିବା ବିବରଣୀ, ୟୁସି ଦାଖଲ ଓ ୟୁସି ବାକି ଏବଂ ଡିଭିଜନ, ବ୍ଲକ ଓ ଗ୍ରାମ ପଞ୍ଚାୟତ ଅନୁଯାୟୀ କାର୍ଯ୍ୟର ସବିଶେଷ ତଥ୍ୟ ଦାଖଲ ହୋଇନାହିଁ। ତେଣୁ ଓଜିଏଫଆର-୭ଏ ଆଇନ ଅନୁସାରେ ପୁନଃ ୟୁସି ଦାଖଲ କରିବାକୁ ସେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

### ସିଏଏ ବିରୋଧରେ ପ୍ରତିବାଦ ସଭା

**ଚଣ୍ଡିଖୋଲ,୨୬ା୧୨(ଡି.ଏନ.ଏ)**

କେନ୍ଦ୍ର ସରକାର ନିକଟରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ଗୁରୁବାର ବଡ଼ଚଣା ବ୍ଲକ ଚାରିନଙ୍ଗଳଠାରେ ଆଞ୍ଚଳିକ ସଚେତନ ନାଗରିକ ମଞ୍ଚ ତରଫରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ଅଜୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବକ୍ତାମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଥିଲେ। ନାଗରିକତ୍ୱ ସଂଶୋଧନ ଆଇନ ଦେଶରେ ଭାଇଚାରାର ପରମ୍ପରାକୁ ନଷ୍ଟ କରୁଛି। ଦେଶରେ କନ୍ଦଳ ସୃଷ୍ଟି କରି ଦେଶ ବିଭାଜନ କରିବା ପାଇଁ ଘୋର ଅପଚେଷ୍ଟା କରୁଥିବା ବକ୍ତାମାନେ କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା କମ୍ୟୁନିଷ୍ଟ ନେତା ଇଶ୍ୱର ଚନ୍ଦ୍ର ପରିଡ଼ା, ଚଣ୍ଡିତଳ ସରପଞ୍ଚ ସେକ ମମିନ ଅଲ୍ଲୀ, ଚାରିନଙ୍ଗଳ ସରପଞ୍ଚ ଯଦୁମଣି ଦାସ, ମନୋରଞ୍ଜନ ମଲିକ, ସମିତି ସଭ୍ୟ ଖଗେଶ୍ୱର ବେହେରା, ପ୍ରାକ୍ତନ ସରପଞ୍ଚ ରିୟାସତ ଅଲୀ, ସେକ ଇମାମ ଉଦିନ, ମୌଲାନା ଫକୀରୁଦ୍ଦିନ ହାସିମ, ମୌଲାନା ଇଲିଆସ, ମୌଲାନା ଅଜିଜ, ହାପିଜ ସଲା ଉଦିନ, ଯୁବ କଂଗ୍ରେସ ସଭାପତି ବିଶ୍ୱପ୍ରକାଶ ସାମଲ ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇ ଏହାର ପ୍ରତିବାଦ କରିଥିଲେ। ରସିକ ଉଦ୍ଦିନ ଖାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବାଲିଚନ୍ଦ୍ରପୁର ଥାନାଧିକାରୀ ସୁକାନ୍ତ କୁମାର ପାତ୍ରଙ୍କୁ ପ୍ରଦାନ କରାଯାଇଥିଲା।

## ଧର୍ମଶାଳା ବାଣୀପୀଠର ପ୍ରତିଷ୍ଠା ଦିବସ, ପୁରାତନ ଛାତ୍ର ସଂସଦର ବାର୍ଷିକୋତ୍ସବ

# 'ଜାତି, ଧର୍ମ ଭୁଲି ସମାଜ ପାଇଁ କାମ କରିବା'



ଧର୍ମଶାଳା ବାଣୀପୀଠର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ।

**ଧର୍ମଶାଳା,୨୬ା୧୨(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକର ସର୍ବପୁରାତନ ଧର୍ମଶାଳା ବାଣୀପୀଠର ପ୍ରତିଷ୍ଠା ଦିବସ ଓ ପୁରାତନ ଛାତ୍ର ସଂସଦର ବାର୍ଷିକୋତ୍ସବ ଗୁରୁବାର ବାଣୀପୀଠ ପରିସରରେ ଅନୁଷ୍ଠିତ ହୋଇଛି। ଛାତ୍ର ସଂସଦର ସଭାପତି ବିଜୟ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହକୁ ବିଶିଷ୍ଟ ବିଦ୍ୱାନ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ପ୍ରଦୀପ ପ୍ରଜ୍ଜଳନ କରି ଉଦ୍‌ଘାଟନ କରିଥିଲେ। ଏଥିସହ ସମାଜରେ ଜାତି ଧର୍ମକୁ ନେଇ ଚାଲିଥିବା ବିବାଦକୁ ଭୁଲି ଆମେ ସମସ୍ତେ ଇଶ୍ୱରର ସନ୍ତାନ ବୋଲି ଭାବି ସମାଜର ହିତ ପାଇଁ କାମ କରିବା ଉଚିତ ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ବିଜୟାନନ୍ଦ ସିଂ ଯୋଗଦେଇ ୧୯୪୭ରେ ପ୍ରତିଷ୍ଠା ହୋଇଥିବା ଏହି ଶିକ୍ଷାନୁଷ୍ଠାନର ଇତିହାସ ଓ ଭାରତ ବର୍ଷର ଇତିହାସର ସାମଞ୍ଜସ୍ୟ ରହିଥିବା ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସଂସଦର ବାର୍ଷିକ ମୁଖପତ୍ର 'ବାଣୀବିତାନ'କୁ ଅତିଥିମାନେ ଲୋକାର୍ପିତ କରିଥିଲେ। ଏଥିସହ ପୁରାତନ ଶିକ୍ଷକ ଛାୟାପତି ଜେନା, ଦିନବନ୍ଧୁ ରାଉତ, ସୀତାକାନ୍ତ ବିଶ୍ୱାଳ, ପୁରାତନ ଛାତ୍ର ଗୌରାଙ୍ଗ ଚରଣ ପାତ୍ର, ଜଗବନ୍ଧୁ ସ୍ୱାଇଁ, ଭିକାରୀ ଚରଣ ଚନ୍ଦ ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଆକାଂକ୍ଷା ନାୟକ ଓ ଛାତ୍ର ଦେବାଶିଷ ମହାନ୍ତିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବାଣୀପୀଠର ପ୍ରଧାନ ଶିକ୍ଷକ ନିରୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପୁରାତନ ଛାତ୍ର ମଦନ ମୋହନ ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ବିଜୟ କୁମାର ନାୟକ ବିବରଣୀ ପାଠ କରିଥିବା ବେଳେ ସଂସଦର ଉପଦେଷ୍ଟା ରମେଶ ଚନ୍ଦ୍ର ସିଂ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

### ରାଜ୍ୟସ୍ତରୀୟ ପୁସ୍ତକମେଳାର ୪ର୍ଥ ସନ୍ଧ୍ୟା

**ଯାଜପୁର ଟାଉନ,୨୬ା୧୨(ଡିଏନଏ)**

ଅନନ୍ୟା ସାହିତ୍ୟ ସଂସଦ ଓ ଯାଜପୁର ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ୧୧ତମ ରାଜ୍ୟସ୍ତରୀୟ ପୁସ୍ତକମେଳାର ୪ର୍ଥ ସାନ୍ଧ୍ୟ ଅଧିବେଶନ ଗୁରୁବାର ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ପାଦକ କାହ୍ନୁଚରଣ ମିଶ୍ର ପୁସ୍ତକମେଳା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ପୁସ୍ତକ ମେଳା କରାଯିବା ଯୋଗୁ ଯୁବପୀଢ଼ିଙ୍କ ମଧ୍ୟରେ ପୁସ୍ତକ ପ୍ରତି ଆଗ୍ରହ ପ୍ରକାଶ ପାଉଛି ବୋଲି ଉଦ୍‌ଘାଟକ ଖୁଣ୍ଟିଆ କହିଥିଲେ। ମୁଖ୍ୟବକ୍ତାଭାବେ ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ ଅଲ୍ଲୀ ଯୋଗଦେଇ ଯାଜପୁର ଜିଲାରୁ ସାରା ଦେଶରେ ପୁସ୍ତକ ପ୍ରକାଶନ କରି ଅନେକ କବି, ପ୍ରକାଶକ, ପ୍ରାବନ୍ଧିକ ତଥା ଲେଖକମାନେ ସୁଖ୍ୟାତି ଅର୍ଜନ କରିଛନ୍ତି। ଯାଜପୁର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଯୋଗଦେଇ ପୁସ୍ତକ ମେଳାର ଆୟୋଜକଙ୍କ ପ୍ରଶଂସା କରିଥିଲେ। ଏହି ଦିବସରେ ମୁସଲିମ ମହିଳା ତଥା ରିୟାମାଳ ଅଞ୍ଚଳର ସଂସ୍କୃତ ଶିକ୍ଷୟିତ୍ରୀ ହସନ ତାରାଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଶେଷରେ ବିଭୂତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରତିଷ୍ଠା ଦିବସରେ ଜାଳିଲେ ୨୩ ଦୀପ

**ଚଣ୍ଡିଖୋଲ,୨୬ା୧୨(ଡି.ଏନ.ଏ)**

ବଡ଼ଚଣା ବିଜୁ ଜନତା ଦଳ ତରଫରୁ ୨୩ତମ ପ୍ରତିଷ୍ଠା ଦିବସ ଗୁରୁବାର ଚଣ୍ଡିଖୋଲଠାରେ ଦଳର ସଭାପତି ଅରବିନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଥିଲା। ଏଥିରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲାବେଳେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥି ବିଶିଷ୍ଟ ଅତିଥିଭାବେ ଯୋଗଦେଇ କେନ୍ଦ୍ର ସରକାର ଯେଉଁ ନାଗରିକ ସଂଶୋଧନ ଓ ନାଗରିକ ପଞ୍ଜୀକରଣ ବିଲ ୨୦୧୯ ଆଇନରେ ପରିଣତ କରିଛନ୍ତି, ତାହାକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସମର୍ଥନ କରିବେ ନାହିଁ ବୋଲି ପ୍ରକାଶ କରିଥିଲେ। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଓଡ଼ିଶାର ଗମନାଗମନଠାରୁ ଆରମ୍ଭ କରି ସବୁକ୍ଷେତ୍ରରେ ବ୍ୟାପକ ଉନ୍ନତି ଆସିଛି। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ପଞ୍ଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଲିକ, ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ଗଣେଶ୍ୱର ବରାଳ, ନିରଞ୍ଜନ ସେନାପତି, ଶାରଦା ମହାନ୍ତି, ସଞ୍ଜୟ କୁମାର ସ୍ୱାଇଁ, ମସିର ଆଲାମ, ମୋହନ ଖିଲାର, ଛାତ୍ର ବିଜେଡି ସଭାପତି ଯତୀନ୍ଦ୍ର ନାୟକ, ମହିଳା ବିଜେଡି ସଭାନେତ୍ରୀ ସରସ୍ୱତୀ ବେହେରା, ଜିଲାପରିଷଦ ସଭ୍ୟା ସୁମତୀ ବାସ୍କେ, ମିହିର ପ୍ରତାପ ସ୍ୱାଇଁ, ପଞ୍ଚାନନ ଧଳ, ନାରଣ ଓଝା, ସୁଶାନ୍ତ ନାୟକ, ପ୍ରମୁଖ ଯୋଗ ଦେଇଥିଲେ। ସୁଗୁଡ଼ା ସରପଞ୍ଚ ଚାଚାଲିନ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ବତନ ସରପଞ୍ଚ ମନ୍ଦାକିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ ଚଣ୍ଡିଖୋଲ ଛକରେ ଥିବା ଦୁଇଟି ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ୨୩ତମ ପ୍ରତିଷ୍ଠା ଦିବସ ପାଇଁ ୨୩ଟି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଶେଷରେ ପ୍ରମୁଖ ବ୍ୟକ୍ତିଙ୍କୁ ଚାରା ଉପହାର ଦେଇ ଅତିଥିମାନେ ବଡ଼ଚଣାକୁ ସବୁଜ ବଳୟ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ।



## କେଡିଏମ୍ କ୍ରିକେଟ ଟୁର୍ନାମେଣ୍ଟ

# ପାଟପୁର, ଜାରକା ବିଜୟୀ

**ଧର୍ମଶାଳା,୨୬ା୧୨(ଡି.ଏନ୍.ଏ.)**

କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ବଡ଼କାଏମା ଖେଳ ପଡ଼ିଆରେ ଅନୁଷ୍ଠିତ ୫ମ କେଡିଏମ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ୨ଗୋଟି ମ୍ୟାଚ୍‌ରେ ପାଟପୁର ଓ ଜାରକା ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ସୁନ୍ଦୁରିଆ ଟିମ୍‌କୁ ୪ ୱିକେଟରେ ପରାସ୍ତ କରି ପାଟପୁର ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ କୋଟପୁର ଟିମ୍‌କୁ ୬ ୱିକେଟରେ ପରାସ୍ତ କରି ଜାରକା ଟିମ୍ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ସୁନ୍ଦୁରିଆ ଦଳ ବ୍ୟାଟିଂ କରି ୧୪.୫ ଓଭରରେ ସମସ୍ତ ୱିକେଟ ହରାଇ ୧୬୩ ରନ ସଂଗ୍ରହ କରିଥିଲା। ଦଳପକ୍ଷରୁ ଅଗଷ୍ଟ ସ୍ୱାଧୀନ ସେଠୀ ୪୧ ଓ ସାଗର ସାମଲ ୩୯ ରନ କରିଥିଲେ। ବିପକ୍ଷ ପାଟପୁର ଦଳର ଅଜୟ ପ୍ରଧାନ ୫ ଓ ଜିତେନ୍ଦ୍ର ପ୍ରଧାନ ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ଏହାର ଜବାବରେ ପାଟପୁର ଦଳ ବ୍ୟାଟିଂ କରି ୧୨ଓଭରରେ ୬ ୱିକେଟ ହରାଇ ୧୬୪ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସରୋଜ ବଳ ୭୧ ଓ ଦିବ୍ୟରଞ୍ଜନ ସାହୁ ୪୦ ରନ୍ କରିଥିଲେ। ବିପକ୍ଷ ସୁନ୍ଦୁରିଆ ଦଳର ଦୁର୍ଯ୍ୟୋଧନ ଦାସ ୨ଟି ଓ ରୋନେଶ ନାୟକ ଗୋଟିଏ ୱିକେଟ ନେଇଥିଲେ। ଦ୍ୱିତୀୟ ମ୍ୟାଚରେ କୋଟପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ୱିକେଟ ହରାଇ ୧୨୯ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ଗୋବିନ୍ଦ ସାହୁ ୪୨ ଓ ସିପୁନ ସେଠୀ ୨୯ ରନ କରିଥିଲେ। ବିପକ୍ଷ ଜାରକା ଦଳର ପ୍ରମୋଦ ଦାସ ୫ଟି ଓ ଶ୍ରୀକାନ୍ତ ମହାନ୍ତି ୨ଟି ୱିକେଟ ନେଇଥିଲେ। ଜବାବରେ ଜାରକା ଦଳ ବ୍ୟାଟିଂ କରି ୧୦.୪ଓଭରରେ ୪ ୱିକେଟ୍ ହରାଇ ୧୩୦ ରନ୍ କରି ବିଜୟୀ ହୋଇଥିଲା। ଦଳପକ୍ଷରୁ ସତ୍ୟସାଗର ମହାନ୍ତି ଓ ଶ୍ରୀକାନ୍ତ ମହାନ୍ତି ୩୪ ଲେଖାଏ ରନ କରିଥିଲେ। ବିପକ୍ଷ କୋଟପୁର ଦଳର ବସନ୍ତ ରାଉଳ ଓ ଅମୀୟ ନାୟକ ଗୋଟିଏ ଲେଖାଏ ୱିକେଟ ନେଇଥିଲେ। ଉଭୟ ମ୍ୟାଚକୁ ଉତ୍ତମ ସାମଲ, ମହେଶ୍ୱର ସ୍ୱାଇଁ ପରିଚାଳନା କରିଥିଲେ। ଶୁକ୍ରବାର ଉତ୍ତରପ୍ରତାପ ସହିତ ମିର୍ଜାପୁର ଓ ନେଉଳପୁର ସହିତ କୁମାରୀ ପଞ୍ଚାୟତ ମଧ୍ୟରେ ଖେଳ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# କାରିଗର ପ୍ରୋତ୍ସାହନ ଯୋଜନା ଦିଗହରା

**ରସୁଲପୁର,୨୬ା୧୨(ଡି.ଏନ୍.ଏ.)**



- ଦିବ୍ୟାଙ୍ଗ କର୍ମଜୀବୀ ମହିଳାଙ୍କୁ ଭତ୍ତାଦେଇ ସରକାର ସନ୍ତୁଷ୍ଟ
- ଆର୍ଥିକ ସହାୟତା ଅଭାବରୁ ପୂରଣ ହୋଇପାରୁନି ଇଚ୍ଛାଶକ୍ତି

ମୁଁ ପରିବାର ଉପରେ ବୋଝ ହୋଇ ବଞ୍ଚିବାକୁ ଚାହେଁ ନାହିଁ, ଆତ୍ମ ନିର୍ଭରଶୀଳ ହେବାକୁ ଚାହେଁ। ମୋତେ ସରକାରୀ ପ୍ରୋତ୍ସାହନ ମିଳିଲେ ମୁଁ ଆଗକୁ ବଢ଼ିବା ସହ ବଞ୍ଚି ପାରିବି। ଦିବ୍ୟାଙ୍ଗ ହୋଇଥିବାରୁ ମୋତେ କିଏ ବାହା ହେବ? ସେ ଆଶା ଆଉ ସ୍ୱପ୍ନ କ୍ରମଶଃ ମିଳେଇ ଯାଉଛି। ହେଲେ ପରିବାର ଉପରେ ଆଉ ବୋଝ ହେବାକୁ ଚାହୁଁ ନାହିଁ। ନିଜ ଗୋଡ଼ରେ ନିଜେ ସଳଖି ଠିଆହେବି, ଆଉ ଆଗକୁ ବଢ଼ିବି। ନିଜେ ବଞ୍ଚିବା ସହ ଅନ୍ୟ ଝିଅମାନଙ୍କ ପାଇଁ କାମ କରିବାରେ ଇଚ୍ଛା ରଖିଛି ବୋଲି କହିଛନ୍ତି ଦିବ୍ୟାଙ୍ଗ କର୍ମଜୀବୀ ୩୨ବର୍ଷିୟା ଯୁବତୀ ନମିତା ଦଳେଇ। ଯାଜପୁର ଜିଲା ବଡ଼ଚଣା ବ୍ଲକ ବିକ୍ରମତିରଣ ପଞ୍ଚାୟତ ବରଦା ଗ୍ରାମର ମଗୁଲି ଦଳେଇଙ୍କ ୩ୟ କନ୍ୟା ନମିତା ରସୁଲପୁର ବ୍ଲକ ଅଭିମନ୍ୟୁ ସାମନ୍ତ ସିଂହାର ଭବନ ପରିସରରେ ଅନୁଷ୍ଠିତ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳାକୁ ଏକ ଷ୍ଟଲ ନେଇ ଆସିଛନ୍ତି। ଧରିତ୍ରୀ ପ୍ରତିନିଧିଙ୍କ ସହ ବର୍ତ୍ତାଳପ ସମୟରେ ତାଙ୍କ ମୁହଁରୁ ଏହିଭଳି କୋହଭରା କଥା କେଇପଦ ବାହାରି ଆସିଥିଲା। ସରକାର ଦିବ୍ୟାଙ୍ଗ କର୍ମଜୀବୀ ମହିଳାଙ୍କୁ କେବଳ ଭତ୍ତା ବାବଦକୁ ଟଙ୍କା ୭୦୦ ପ୍ରଦାନ କରି ସନ୍ତୁଷ୍ଟ କରିଥିବା କଥା ଜଣାପଡ଼ିଛି। କାରୀଗରଙ୍କ ପାଇଁ ମାଳମାଳ ଯୋଜନା ରହିଛି। ହେଲେ ଜଣେ ଦିବ୍ୟାଙ୍ଗ ମହିଳାଙ୍କ ପାଇଁ ଏହା ମୂଲ୍ୟହୀନ ହୋଇପଡ଼ିଛି। ସରକାରୀ ସହାୟତା ମିଳିଲେ ସେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଦୃଢ ଆଶାବାଦୀ ଅଛନ୍ତି।

ଦିବ୍ୟାଙ୍ଗ ନମିତାଙ୍କ ପରିବାର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଦୁର୍ବଳ। ବାପାଙ୍କ ବୟସ ବଢ଼ିବା ସହ ତାଙ୍କର ରୋଜଗାର କରିବା କ୍ଷମତା କମି ଗଲାଣି। ଭାଇମାନେ ଇଟାଭାଟିରେ କାମ କରି ପରିବାର ଚଳାଉଛନ୍ତି। ପରିବାରରେ ତାଙ୍କର ଉପସ୍ଥିତି ସମସ୍ୟାକୁ ବଢାଇ ଦେଉଛି। ସେବିଭିନ୍ନ ସରକାରୀ ସହାୟତା ପାଇଁ ଆବେଦନ କରି ହାତେଇବାରେ ବିଫଳ ହୋଇଛନ୍ତି। ଦିବ୍ୟାଙ୍ଗ ଋଣ ହେଉ ଅବା ସରକାରୀ ଆବାସ ତାଙ୍କୁ କିଛି ବି ମିଳିନି। ସେ ସରପଞ୍ଚଙ୍କଠାରୁ ଜିଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଛନ୍ତି। ମାତ୍ର ତାଙ୍କ ଦୁଃଖ କେହି ବୁଝି ନାହାନ୍ତି। ତେବେ ସେ ଆଉ ତାଙ୍କ ପରିବାର ଉପରେ ବୋଝ ହୋଇରହିବେ ନାହିଁ ବୋଲି ଚିନ୍ତା କରିଛନ୍ତି। ସେହି ସମୟରେ ତାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି କାରିଗର ତାଲିମଦାତା ସଂଯୁକ୍ତା ନନ୍ଦ ମାଡାମ୍। ସେ ତାଙ୍କଠାରୁ ପ୍ରେରଣା ପାଇବା ସହ ତାଲିମ କେନ୍ଦ୍ରକୁ ଯାଇ ବିଭିନ୍ନ କାରିଗରି କାମ ଶିଖୁଛନ୍ତି। କପଡ଼ା କାଟି ବ୍ୟାଗ୍ ପ୍ରସ୍ତୁତ କରିବା, ଚାନ୍ଦୁଆ କାମ କରିବା ପାଇଁ ଶିକ୍ଷାଲାଭ କରୁଛନ୍ତି। ମାତ୍ର ଗୋଟିଏ ହାତ ଅଚଳ ହୋଇଯାଇଥିବାରୁ ଛୁଞ୍ଚି ଓ ସୂତା ବ୍ୟବହାର କରିବା ସମ୍ଭବ ହେଉ ନ ଥିବାରୁ ସିଲାଇ କାମ କରିପାରୁ ନାହାନ୍ତି। ତେବେ ଏହି ତାଲିମ ଶିବିରରେ ଆହୁରି ବହୁତ କାମ ରହିଛି। ନମିତା ସେ ସବୁ କାମ କରିବାକୁ ଦକ୍ଷତା ରଖିଛନ୍ତି ବୋଲି ସଂଯୁକ୍ତା ମତ ରଖିଛନ୍ତି। ଏହାଛଡ଼ା ସେ ବହୁ ମେଳା ବୁଲି ଅନୁଭୂତି ସାଉଁଟିଲେଣି। କାରିଗର ତାଲିମ କେନ୍ଦ୍ରର ଉତ୍ପାଦିତ ଦ୍ରବ୍ୟ କିଣି ବି ସେ ଓର୍‌ମାସ, ମିଶନଶକ୍ତି, ଜିଲା ଶିଳ୍ପ କେନ୍ଦ୍ର, ପଲ୍ଲିଶ୍ରୀ ପକ୍ଷରୁ ବିଭିନ୍ନ ମେଳା ଓ ମହୋତ୍ସବରେ ଅନୁଷ୍ଠିତ ଷ୍ଟଲରେ ଜିନିଷ ବିକ୍ରି କରି ରୋଜଗାରକ୍ଷମ ହୋଇପାରିବେ। ହେଲେ ଏଥିପାଇଁ ସମ୍ବଳର ଆବଶ୍ୟକତା ରହିଛି ବୋଲି ସଂଯୁକ୍ତା କହିଛନ୍ତି। ଏହାଛଡ଼ା କେନ୍ଦ୍ର ସରକାରଙ୍କ ଦୀନ୍ ଦୟାଲ ଉପାଧ୍ୟାୟ-ଗ୍ରାମୀଣ କୌଶଳ ଯୋଜନା ତାଙ୍କ ପାଇଁ ଅପହଞ୍ଚ ହୋଇ ରହିଯାଇଛି। ଗ୍ରାମାଞ୍ଚଳର ଯୁବତୀଯୁବକଙ୍କୁ ତାଲିମ ଦେବା ସହ ରୋଜଗାରକ୍ଷମ କରାଇବା ପାଇଁ ଜିଲାର ଡୁବୁରୀସ୍ଥିତ ବ୍ଲକ ପାଛର ନାମକ ସଂସ୍ଥା କାର୍ଯ୍ୟ କରୁଛି। ତେବେ ସେ ସଂସ୍ଥାର ଦୃଷ୍ଟି ଆଢୁଆଳରେ ନମିତା ରହିଯାଇଛନ୍ତି। ନମିତାଙ୍କୁ ଏହି ସଂସ୍ଥା ପକ୍ଷରୁ ସୁଯୋଗ ଦିଆଗଲେ ସେ ଆତ୍ମନିର୍ଭଶୀଳ ହୋଇପାରନ୍ତେ। ଏମିତି କି କାରିଗରମାନଙ୍କ ଉନ୍ନତି ନିମନ୍ତେ ଉଦ୍ଦିଷ୍ଟ ସିଡାକ୍ ସଂସ୍ଥା ବି ଏହିଭଳି ଦିବ୍ୟାଙ୍ଗ ଝିଅକୁ ଠାବ କରିବାରେ ବିଫଳ ହୋଇଛି। ଏହାଛଡ଼ା କାରିଗରଙ୍କ ଉନ୍ନତି ନିମନ୍ତେ କାମ କରୁଥିବା ମାଷ୍ଟର କ୍ରାଫଟ୍ ଟ୍ରେନର(ଏମ୍‌ସିଏମ୍)ମାନେ ମଧ୍ୟ ଦିବ୍ୟାଙ୍ଗ ମହିଳାଙ୍କୁ ଅଣଦେଖା କରିଥିବା କୁହାଯାଉଛି। ତେବେ ଏନେଇ ଆଞ୍ଚଳିକ ଶିଳ୍ପକେନ୍ଦ୍ର କଳିଙ୍ଗନଗର ସାଧାରଣ ପରିଚାଳକ ମନୋଜ କୁମାର ବେହେରାଙ୍କୁ ପଚାରିବାରୁ ସେ ମେଳାସ୍ଥଳକୁ ଯାଉଛନ୍ତି। ସେଠାରେ ପହଞ୍ଚି ଏହି ଘଟଣାକୁ ଦେଖିବେ। ଆଉ ନମିତାଙ୍କ ସହ ଆଲୋଚନା ମଧ୍ୟ କରିବେ। ନମିତାଙ୍କୁ ସିଡାକ୍ ତରଫରୁ ଯଦି ତାଙ୍କ କିଛି ସାହାଯ୍ୟ କରିହେବ ସେ ଦିଗରେ ଦୃଷ୍ଟି ଦେବେ ବୋଲି ବେହେରା ପ୍ରକାଶ କରିଛନ୍ତି।



ନୀତିମୟ ଜୀବନ ଯାପନ କଲେ ମଣିଷ ଉଦାର ଓ ନମ୍ର ହୋଇଥାଏ। ଏହାଦ୍ୱାରା ସେ ସୁଗୁଣର ଅଧିକାରୀ ହୁଏ ଓ ସର୍ବଦା ସତ୍‌କର୍ମ କରେ। ଏହି ସତ୍‌କର୍ମ ହିଁ ମଣିଷକୁ ନିର୍ବାଣ ପ୍ରାପ୍ତିରେ ସାହାଯ୍ୟ କରିଥାଏ।

- ବୁଦ୍ଧଦେବ



## ସଂକ୍ଷେପରେ

### ପ୍ରତିଷ୍ଠା ଦିବସରେ ବିଜେଡିରେ ମିଶିଲେ ଭାଜପା, କଂଗ୍ରେସ କର୍ମୀ

**ବରୀ/ ରତ୍ନଗିରି, ୨୬।୧୨(ସ୍ୱ.ପ୍ର/ଡିଏନଏ):** ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ଗୁରୁବାର ବରୀ ବିଜେଡି ପକ୍ଷରୁ ସନ୍ଥନମଠ ନିକଟରେ ପାଳିତ ହୋଇଯାଇଛି। ବରୀ ବ୍ଲକ ବିଜେଡି ଉପସଭାପତି କେଦାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଯାଜପୁର ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର ଯୋଗଦାନ କରି ସାଧାରଣ ଲୋକଙ୍କ ସାଙ୍ଗରେ ବିଜେଡି ରହିଛି। ଲୋକଙ୍କ ସମସ୍ୟାକୁ ସମାଧାନ କରିବା ସହିତ ସରକାରଙ୍କ ଜନ ହିତକର ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଅନବରତ ପ୍ରୟାସ ଜାରି ରଖିଛି ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ବରୀର ବିଜେଡି ସଂଗଠକ ଦେବେନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ବରିଷ୍ଠ କଂଗ୍ରେସ ନେତା କାଜଲ ବେଉରିଆ, କୈବଲ୍ୟ ଜେନା, ସୁଶାନ୍ତ କୁମାର ଜେନା, ଯୁଗୋଳ କିଶୋର ଜେନା, ଶଙ୍କର ଜେନା, ବିଶ୍ୱନାଥ ଘଡାଇ, ମନୋଜ କୁମାର ଭୂୟାଁ, ସତ୍ୟବ୍ରତ ସାମଲ, ସରୋଜ କୁମାର ପାଣି, ଦୁର୍ଯ୍ୟୋଧନ ସାମଲ ପ୍ରମୁଖ ଭାଜପା ଓ କଂଗ୍ରେସ ଛାଡି ବିଜେଡିରେ ଯୋଗଦାନ କରିଛନ୍ତି। ବିଜେଡି ପକ୍ଷରୁ ଜିଲା ସଭାପତି ମହାପାତ୍ର ଦଳୀୟ ଉତ୍ତରୀୟ ଦେଇ ଦଳକୁ ସେମାନଙ୍କୁ ପାଛୋଟି ନେଇଥିବା ଦେଖିବାକୁ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ଗଣେଶ ମହାକୁଡ, ପ୍ରମୋଦ ସାମଲ, ବିଚିତ୍ରାନନ୍ଦ ଜେନା, ପ୍ରଦୀପ ଦାସ, ପ୍ରଦୀପ ଘଡେଇ, ପ୍ରବୀର ଜେନା, ନୀଳମଣି ସାମଲ, ଆଇନଜୀବୀ ଅମ୍ବିକା ସାମଲ, ବିରଜା ପ୍ରସାଦ ପରିଡା, ସମୀର ମଲ୍ଲିକ, ହିମାଂଶୁ ନାୟକ, ସନ୍ତୋଷ ନାୟକ, ସରୋଜିନୀ ପଣ୍ଡା, ଜିଲାପରିଷଦ ସଦସ୍ୟା ସତ୍ୟଭାମା ପଣ୍ଡା, ଯୁବନେତା ରଞ୍ଜନ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।

# ପ୍ରଭାବୀ ହୋଇପାରୁନି ବିରୋଧ

**ଯାଜପୁର ଜିଲା ରାଜନୀତି**

- ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଅଣଦେଖା ବିରୋଧୀଙ୍କ ପାଇଁ ମହଙ୍ଗା
- ଶକ୍ତିଶାଳୀ ହେଉଛି ବିଜେଡି
- ସ୍ଥାନୀୟ ନିଯୁକ୍ତି, ଦୁର୍ନୀତି, ଅବହେଳା ବିରୋଧରେ ନୀରବ

**ଯାଜପୁର ଅଫିସ, ୨୬।୧୨**

ଯାଜପୁର ଜିଲା ରାଜନୀତିରେ ବିରୋଧୀଙ୍କ ଭୂମିକା ପ୍ରଭାବଶାଳୀ ହୋଇପାରି ନାହିଁ। ତୃଣମୂଳସ୍ତରରେ ସଂଗଠନ ଦୁର୍ବଳ ରହିଥିବାବେଳେ ସବୁଠି ପ୍ରାୟ ଏକାଧିକ ଗୋଷ୍ଠୀ। ଜିଲାର ବହୁ ପ୍ରସଙ୍ଗ ରହିଥିଲେ ସୁଦ୍ଧା ବିରୋଧୀ ଏହାକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ଅସଫଳ ହେଉଛନ୍ତି। କାଁଭାଁ କିଛି ହାଲୁକା ଘଟଣାକୁ ନେଇ ବିରୋଧୀ ନିଜର ବଳ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳୁଛି। ବିରୋଧୀଙ୍କ ଏଭଳି କାର୍ଯ୍ୟ ଜିଲାର ନିଷ୍ପେସିତ, ଅସହାୟ, ଗରିବ ଲୋକଙ୍କ ଆସ୍ଥାଭାଜନ ହେବାରେ ଯଥେଷ୍ଟ ହେଉ ନାହିଁ। ଜିଲାର ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟ ଭଳି ମୌଳିକ ସମସ୍ୟାକୁ ସେତେଟା ଗୁରୁତ୍ୱ ଦିଆଯାଉ ନାହିଁ। ବିଜେଡି ଗୁରୁବାର ୨୩ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଦୁଇ ଦଶନ୍ଧୀ ହେଲା ଜିଲା ବିଜେଡିର ସଂଗଠନ ଗ୍ରାମାଞ୍ଚଳସ୍ତରରେ ଏକକ ସୈନିକ ଭଳି ଆଧିପତ୍ୟ ବିସ୍ତାର କରି ଚାଲିଛି। କିନ୍ତୁ ବିରୋଧୀଙ୍କ ନେତା ଚୟନରେ ତ୍ରୁଟି ହେଉ ଅବା ଆନ୍ତରିକତାର ଅଭାବ ଯୋଗୁ ଶାସକ ଦଳର ବିଭିନ୍ନ ଦୁର୍ନୀତି, ଅବହେଳା ଓ ମନମାନୀ ବିରୋଧରେ ସେତେଟା ସଫଳତା ହାସଲ କରି ପାରୁ ନ ଥିବାରୁ ବିଜେଡି ଏକ ଅଦ୍ୱିତୀୟ ଦଳ ଭାବେ ଉଭା ହେଉଛି।

କେନ୍ଦ୍ର ଓ ରାଜ୍ୟସ୍ତରରେ ପ୍ରଣୀତ ହେଉଥିବା ବିଭିନ୍ନ ଯୋଜନା ରାଶନ କାର୍ଡ, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାଇଖାନା, ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଗ୍ରାମାଞ୍ଚଳକୁ ରାସ୍ତା ନିର୍ମାଣ, ଧାନ କିଣା ଆଦି ସରକାରୀ କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ହେଉଛି। ହେଲେ ଏହା ବିରୋଧରେ ଭାଜପା ଓ କଂଗ୍ରେସ ପ୍ରଭାବି ଢଙ୍ଗରେ ବିରୋଧ ପ୍ରଦର୍ଶନ କରିବାରେ ସଫଳ ହୋଇ ପାରୁ ନାହାନ୍ତି। ଗତ ବିଧାନସଭା ଅଧିବେଶନରେ ସୁକିନ୍ଦା ନିର୍ବାଚନ ମଣ୍ଡଳୀର ବିଧାୟକଙ୍କ ସୁକିନ୍ଦା ବିହନ ଫାର୍ମକୁ ଅବହେଳା ସମ୍ପର୍କିତ ପ୍ରଶ୍ନ ଉପସ୍ଥାପନକୁ ଛାଡ଼ି ଦେଲେ ଜିଲାର ଅନ୍ୟ କୌଣସି ବିଧାୟକ ବିକାଶ ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପସ୍ଥାପନ କରି ପାରି ନାହାନ୍ତି। ସତେ ଯେପରି ସେହି ବିଧାୟକଙ୍କ ପାଇଁ ଜିଲାରେ ଆଉ କୌଣସି ସମସ୍ୟା ନାହିଁ। ଜିଲାର ମୋଟ ୧୭୮୧ରୁ ୧୩୩ଟି ଗ୍ରାମକୁ ଅଦ୍ୟାବଧି ସଡ଼କ ସଂଯୋଗ କରିବା ପାଇଁ ବାକି ଅଛି। ରାଜ୍ୟର ବୋଧହୁଏ କୌଣସି ଜିଲାରେ ଏତେ ସଂଖ୍ୟକ ଗ୍ରାମକୁ ସଡ଼କ ସଂଯୋଗ ହୋଇ ନ ଥିବ। ବିଡ଼ମ୍ବନା ଯେ, ଯାଜପୁର ଜିଲାରେ ଏଭଳି ସମ୍ଭବ ହୋଇପାରିଛି। ବିଧାୟକ ମୋହନଚରଣ ମାଝୀଙ୍କ ଦ୍ୱାରା ଉତ୍‌ଥାପିତ ବିଧାନସଭା ପ୍ରଶ୍ନସଂଖ୍ୟା ୧୯୬(ତାରକ ଚିହ୍ନିତ) ଉତ୍ତରରେ ଏହି ପରିସଂଖ୍ୟାନ ସ୍ପଷ୍ଟ ହୋଇଛି। ଏ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ସଂକ୍ରାନ୍ତରେ ମଧ୍ୟ ସମସ୍ତ ବିରୋଧୀ ଦଳ ନେତୃବର୍ଗଙ୍କ ନିକଟରେ ଖବର ରହିଛି। କିନ୍ତୁ ବିଡମ୍ବନା ଯେ, ଏଯାଏ କୌଣସି ବିରୋଧୀ ଦଳ ଏଭଳି ବିକାଶରେ ଅବହେଳା ସମ୍ପର୍କରେ ମୁହଁ ଖୋଲି ପାରିନାହାନ୍ତି। କେବଳ ଏତିକି ନୁହେଁ କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ଖଣି ଅଞ୍ଚଳରେ ସ୍ଥାନୀୟ ନିଯୁକ୍ତିକୁ ନେଇ ଅସନ୍ତୋଷ ଲାଗି ରହିଛି। କିନ୍ତୁ ଜିଲାର ବିରୋଧି ଏନେଇ ପ୍ରାୟ ନୀରବ। ସମସ୍ତ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ବିକାଶ ପଥରେ ଅନ୍ତରାୟ ହୋଇଛି। ଏଥିରେ ବି ବିରୋଧୀ ନିରବ କାହିଁକି ବୋଲି ଜିଲାବାସୀ ସଦାସର୍ବଦା ପ୍ରଶ୍ନ କରୁଛନ୍ତି। ନିକଟରେ ଭାଜପାର ଜିଲା ସଭାପତି ଭାବେ ଗୌତମ ରାୟଙ୍କୁ ପୁଣି ମନୋନୀତ କରାଯାଇଛି। ତେବେ ଗତ ୩ ବର୍ଷ ମଧ୍ୟରେ ଭାଜପା ଜିଲା ସଭାପତି ରାୟଙ୍କ ସଫଳତା ଉପରେ ନିଶ୍ଚିତ ଭାବେ ସମୀକ୍ଷା କରିବାର ବେଳ ଆସିଛି। ଗତ ପଞ୍ଚାୟତ ନିର୍ବାଚନରେ ଭାଜପାର ଭୋଟହାର ବୃଦ୍ଧି କେବଳ ପ୍ରଧାନମନ୍ତ୍ରୀ ମୋଦିଙ୍କ ହାୱା ବୋଲି କୁହାଯାଉଛି। ଅନ୍ୟପକ୍ଷେ କଂଗ୍ରେସ ସମ୍ପୂର୍ଣ୍ଣ ଭାବେ ହାତ ଟେକି ଦେଇଛି। କାଁଭାଁ କାର୍ଯ୍ୟକ୍ରମକୁ ବାଦ ଦେଲେ ଉଭୟ ବିରୋଧି ଦଳ ଭାଜପା ଓ କଂଗ୍ରେସ ଏକ ପ୍ରକାର ଅସହାୟ ବୋଲି ମନେ ହେଉଛି। ଏ ସଂକ୍ରାନ୍ତରେ ଜିଲା ଭାଜପା ସଭାପତି ଗୌତମ ରାୟ କହିଛନ୍ତି ଲୋକଙ୍କ ସ୍ୱାର୍ଥ ପାଇଁ ଲୋକଙ୍କ ସହିତ ରହି ଭାଜପା କାର୍ଯ୍ୟ କରୁଛି। ଭାଜପା ଲୋକଙ୍କ ଆସ୍ଥାଭାଜନ ହୋଇ ପାରିଛି। ଫଳରେ ପ୍ରତି ନିର୍ବାଚନରେ ଭାଜପାର ଭୋଟହାର ବୃଦ୍ଧି ଘଟିଛି। ଆଗାମୀ ଦିନରେ ଜିଲା ଭାଜପାର ସଂଗଠନକୁ ତୃଣମୂଳସ୍ତରରେ ଆହୁରି ଶକ୍ତିଶାଳୀ କରିବାକୁ ଉଦ୍ୟମ ଜାରି ରହିବ।

### ବିଜେଡି ପ୍ରତିଷ୍ଠା ଦିବସ

**କୋରେଇ, ୨୬।୧୨(ସ୍ୱ.ପ୍ର)**

କୋରେଇ ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର କିଲ୍ଲା ପଡିଆରେ ୨୩ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ମେଲଣ ପଡିଆରୁ ଏକ ଶୋଭାଯାତ୍ରା କିଲ୍ଲା ପଡିଆରେ ପହଞ୍ଚିବା ପରେ ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ସଭା କରାଯାଇଥିଲା। ବିଧାୟକ ଅଶୋକ କୁମାର ବଳ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଏହି ଦିବସ ପାଳନ ଅବସରରେ କେକ୍ କଟାଯାଇଥିଲା। ସାଧାରଣ ବର୍ଗର ଲୋକଙ୍କ ପାଇଁ ହୋଇଥିବା ଯୋଜନାର ସୁଫଳ ସମସ୍ତେ କିପରି ପାଇବେ ସେ ସମ୍ପର୍କରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଜିଲାପରିଷଦ ଉପାଧ୍ୟକ୍ଷ ଅମୂଲ୍ୟବାଳ ପାତ୍ର, ଜିଲା ପରିଷଦ ସଭ୍ୟା ମାତାଜୀ ଆଏଚ, ଜିଲା ଉପସଭାପତି ଧରଣୀଧର ଘଡାଇ, ପୂର୍ବତନ ବ୍ଲକ ସଭାପତି ଭୀକାରି ବରାଳ, ଜିଲା ସାଧାରଣ ସମ୍ପାଦକ ସୁବାସ ଧଳ, ଅଥୟ କୁମାର ମହାନ୍ତି, ଯୁବ ସଭାପତି ଧନେଶ୍ୱର ବାରିକ, ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ, ଉପାଧ୍ୟକ୍ଷ ସୁବାସ ବଳ, ବ୍ରଜ କିଶୋର ରାଉତଙ୍କ ସମେତ ସହସ୍ରାଧିକ କର୍ମୀ ଯୋଗ ଦେଇଥିଲେ।

### ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ

# ‘ଲୋକଙ୍କ ସହଯୋଗରେ ବିକାଶଧାରା ଜାରି ରହିବ’



୨୩ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

**ବିଞ୍ଝାରପୁର, ୨୬।୧୨(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକ ଉତ୍ତଙ୍ଗରା ଛକସ୍ଥିତ କାଳୀ ପଡ଼ିଆରେ ବିଞ୍ଝାରପୁର ବିଜେଡି ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ଆୟୋଜିତ ୨୩ତମ ବିଜେଡି ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ପ୍ରତିଷ୍ଠା ଦିବସ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ ବିଜେଡି ମୁରଲୀ ବେହେରା ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକା ତଥା ସରକାରୀ ଦଳର ମୁଖ୍ୟ ସଚେତିକା ବିଧାୟିକା ପ୍ରମିଳା ମଲ୍ଲିକ ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ବିଜେଡି ଜିଲା ସଭାପତି ସରୋଜ ମହାନ୍ତି, ଉପାଧ୍ୟକ୍ଷା କୁମୁଦିନୀ ଦାସ, ଜିଲାପରିଷଦ ସଭ୍ୟ ସୁଶାନ୍ତ ମିଶ୍ର, ସୁଷମା ସେଠୀ, ସୁଜାତା ମଲ୍ଲିକ, ଶ୍ରବଣ କୁମାର ଜେନା, ମାମିନା ମଲ୍ଲିକ, ପ୍ରଦୀପ ମହାନ୍ତି, ବିଜୁ କୃଷକ ନେତା ନିତ୍ୟାନନ୍ଦ ରାଉତ, ଲାୟକ ଅଲ୍ଲୀ ଖାଁ ପୂର୍ବତନ ଜିଲାପରିଷଦ ସଭ୍ୟା ନିନାରାଣୀ ସାମଲ, ବିଜେଡି ସଭାନେତ୍ରୀ ଅହଲ୍ୟା ସ୍ୱାଇଁ, ଦଶରଥପୁର ବ୍ଲକ ଅଧ୍ୟକ୍ଷା ସୁଜତା ସାହୁ, ଉପାଧ୍ୟକ୍ଷା ରଞ୍ଜନ ପୃଷ୍ଟି, ସରପଞ୍ଚ ମିନତୀ ସାହୁ, ଦର୍ପନାରାୟଣ ଦାସ, ମହେଶ୍ୱର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବିଜେଡି ଶାସନ ସମୟରେ ହିଁ ସାରା ରାଜ୍ୟ ତଥା ବିଞ୍ଝାରପୁରରେ ବିକାଶ ସମ୍ଭବ ହେବା ସହିତ ବିଜେଡି ସରକାର ଗରିବ, ଚାଷୀ, ଯୁବକଙ୍କ ପାଇଁ ସର୍ବଦା କାର୍ଯ୍ୟ କରିଆସୁଛି। ଆଗକୁ ସର୍ବଦା ଲୋକଙ୍କ ସହିତ ବିଜେଡି ରହି କାର୍ଯ୍ୟଧାରା ବଜାୟ ରଖିବ ବୋଲି ମତବ୍ୟକ୍ତ କରିଥିଲେ। ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ବିଜେଡି ସାଧାରଣ ଲୋକଙ୍କ ସହିତ ରହି ବିଜୁ ବାବୁଙ୍କ ସ୍ୱପ୍ନକୁ ତ୍ୱରାନ୍ୱିତ କରିଆସୁଥିବାବେଳେ ଭବିଷ୍ୟତରେ ଏକାଠି ହୋଇ ସମାଜ ପାଇଁ କାର୍ଯ୍ୟ କରିବାକୁ ବିଜେଡି କର୍ମୀଙ୍କୁ ବିଧାୟିକା ତଥା ସରକାରୀ ଦଳର ମୁଖ୍ୟ ସଚେତିକା ବିଧାୟିକା ପ୍ରମିଳା ମଲ୍ଲିକ ଆହ୍ୱାନ ଦେଇଥିଲେ। ଏହି ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସଭାରେ ୫ହଜାରରୁ ଊର୍ଦ୍ଧ୍ୱ ବିଜେଡିର ଛାମୁଆ କର୍ମୀ ଉପସ୍ଥିତ ଥିଲାବେଳେ ଅନ୍ୟମାନଙ୍କ ମଧ୍ୟରେ ଯୁବ ବିଜେଡି ସଭାପତି କାମଦେବ ଧଳ, ନିର୍ବାଚନମଣ୍ଡଳୀ ବିଜେଡି ସଭାପତି ଖଗେଶ୍ୱର ମହାନ୍ତି, ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ବରିଷ୍ଠ ନେତା ଅଶୋକ ସାହୁ, ସୁଖରଞ୍ଜନ ପରିଡା, ମାନସରଞ୍ଜନ ଦାସ, ଶ୍ୟାମସୁନ୍ଦର ବେହେରା, ଗୋପବନ୍ଧୁ ଦାସ, ସମରେନ୍ଦ୍ର ସାହୁ, ଲେଲିନ୍ ଦାସ, ମୋଜାହିଦ୍ ଖାନ, ତରୁଣ କୁମାର ସାହୁ, ରଞ୍ଜିତା ଦାସ, ଗଣିନାଥ ନାୟକ, ସରୋଜ ସାମଲ, ହେମେନ୍ଦ୍ର ସାମଲ, ସମୀର ଯେନା, ରାଧାରାଣୀ ସାହୁ, ସ୍ୱର୍ଣ୍ଣଲତା ସାମଲ ପ୍ରମୁଖ ଯୋଗ ଦେଇଥିଲେ।

### ସ୍କୁଲ ସମ୍ମୁଖରେ ମାଛ ମାର୍କେଟ, ବଢୁଛି ଅସନ୍ତୋଷ

**ବରୀ, ୨୬।୧୨(ସ୍ୱ.ପ୍ର)**

ଯାଜପୁର ଜିଲା ବରୀ ବ୍ଲକର ବ୍ୟବସାୟୀ ପେଣ୍ଠସ୍ଥଳୀ ହେଉଛି ବରୀ-ମାଉଣ୍ଡ ବଜାର। ଏହି ବଜାର ଉପରେ ରହିଛି ବିଦ୍ୟୁତ ବିଭାଗ, ପ୍ରାଣୀ ଚିକିତ୍ସାଳୟ, ଡାକଘର, ଜଳସମ୍ପଦ ବଙ୍ଗଳା ଓ ବରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟ ସମ୍ମୁଖରେ ଦୈନିକ ସକାଳେ ବସୁଛି ମାଛ ବଜାର। ଏନେଇ ସ୍ଥାନୀୟ ବଜାର ଅଞ୍ଚଳରେ ଦିନକୁ ଦିନ ଜନ ଅସନ୍ତୋଷ ବଢୁଛି। ମାଛ ବେପାରୀମାନେ ମାଛ କାଟି, ପୁଷ୍ଟି ଆଦି ଅଳିଆ ଆବର୍ଜନା କୁଢକୁଢ ଗଦା କରୁଥିବାରୁ ପରିବେଶ ଦୁର୍ଗନ୍ଧମୟ ହୋଇଉଠୁଛି। ଏହା ଦ୍ୱାରା ବିଦ୍ୟାଳୟକୁ ଆସୁଥିବା କୁନିକୁନି ଛାତ୍ରୀଛାତ୍ର ସଂକ୍ରମଣ ରୋଗର ଶିକାର ହେଉଥିବା ଅଭିଯୋଗ ହୋଇଛି। ଜଳ ସମ୍ପଦ ବିଭାଗ ପାଚେରୀ କଡରେ ଅଳିଆ ଆବର୍ଜନା ମାଛ ବେପାରୀ ଗଦା କରୁଥିବାବେଳେ ଜଳ ସମ୍ପଦ ବଙ୍ଗଳା ପରିବେଶ ନଷ୍ଟ ହେବାକୁ ବସିଛି। ଏଠାକୁ ଆସୁଥିବା ଅତିଥିମାନେ ମୁହଁମୋଡି ଚାଲି ଯାଉଥିବା ଅଭିଯୋଗ ହୋଇଛି। ଏପରିକି ସକାଳୁ ପୂର୍ବାହ୍ନ ୧୨ପର୍ଯ୍ୟନ୍ତ ବିଦ୍ୟାଳୟ ସମ୍ମୁଖରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏ ସଂକ୍ରାନ୍ତରେ ବରୀ ତହସିଲରେ ବାରମ୍ବାର ଅଭିଯୋଗ ହୋଇଛି। କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ସଂକ୍ରାନ୍ତରେ ବରୀ ଭାରପ୍ରାପ୍ତ ତହସିଲଦାର ପୁଷ୍ପଶ୍ରୀ ସାଣ୍ଡେଲଙ୍କୁ ପଚାରିବାରୁ, ତାଙ୍କର ଅନ୍ୟତ୍ର ବଦଳି ହୋଇଛି। ଏ ସଂକ୍ରାନ୍ତରେ କୌଣସି ମତାମତ ଦେଇ ପାରିବେ ନାହିଁ ବୋଲି କହିଥିଲେ।

# ‘ମହୋତ୍ସବ ଅଞ୍ଚଳର ଏକତାକୁ ବାନ୍ଧି ରଖେ’

**ଗୋଳେଇପୁର ପଞ୍ଚାୟତ ମହୋତ୍ସବ ଉଦ୍‌ଘାଟିତ**

**କୋରେଇ, ୨୬।୧୨(ସ୍ୱ.ପ୍ର)**

କୋରେଇ ବ୍ଲକ ଗୋଳେଇପୁର ପଞ୍ଚାୟତ ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଛି। ଏହି ମହୋତ୍ସବ ୭ଦିନ ବ୍ୟାପି ଚାଲିବ। ସଭା ସମିତି ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ କମିଟି ପକ୍ଷରୁ ସ୍ଥିର ହୋଇଛି। ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଏହି ମହୋତ୍ସବକୁ ଉଦ୍‌ଘାଟନ କରି ଭାଇଚାରାର ପର୍ବ ହେଉଛି ମହୋତ୍ସବ। ଏହାଦ୍ୱାରା ଅଞ୍ଚଳର ବିକାଶ ହୋଇପାରିବ ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ ମହୋତ୍ସବ ଅଞ୍ଚଳର ଏକତାକୁ ବାନ୍ଧି ରଖେ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି ମହୋତ୍ସବର ଅଗ୍ରଗତି ଓ ଉନ୍ନତି ପାଇଁ ବିଧାୟକ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି କରିଥିଲେ। ସରପଞ୍ଚ କାର୍ତ୍ତିକ ଦାସ ଓ ମହୋତ୍ସବ କମିଟି ସଭାପତି ଜୟପ୍ରକାଶ ମହାନ୍ତି ଉପସ୍ଥିତ ଥିଲେ। ପ୍ରଦୀପ ମହାନ୍ତି ମଞ୍ଚ ସଞ୍ଚାଳନା କରିଥିବାବେଳେ ପ୍ରଭାକର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପାଞ୍ଜଳି ଦେବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଅଦୈତ୍ୟ ଚରଣ ସାହୁ, ପ୍ରଭାକର ମହାନ୍ତି, ସତ୍ୟପ୍ରକାଶ ମହାନ୍ତି, ଗଙ୍ଗାଧର ମହାପାତ୍ର, ତପନ ଦାସ, ସୁଶାନ୍ତ ପଣ୍ଡା, ସଂଗ୍ରାମ ମହାନ୍ତି, ତପନ ପଣ୍ଡା, ଦେବୀଦତ ମହାପାତ୍ର, ହବିବୁଲ୍ଲା ବେଗ, ଚନ୍ଦ୍ରକାନ୍ତ ଖଣ୍ଡାଇ, ରବି ରଣା, ମଙ୍ଗୁଳି ବୋଷ, ମାଗୁଣୀ ମଳିକ, ରାଜୁ ମଳିକ ପ୍ରମୁଖ ସହଯୋଗ କରିଥିଲେ।



ମହୋତ୍ସବକୁ ପ୍ରଫୁଲ୍ଲ ଘଡ଼େଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି।

### ବିଜେଡିକୁ ଅଧିକ ମଜଭୁତ କରିବାକୁ ଆହ୍ୱାନ

**ଦଶରଥପୁର, ୨୬।୧୨(ଡିଏନ୍‌ଏ):** ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ଗୁରୁବାର ଦଶରଥପୁର ବ୍ଲକର ଝୁମ୍ପୁରୀ ବଜାରସ୍ଥିତ ସାଇ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗ ଦେଇଥିବାବେଳେ ବ୍ଲକ୍ ବିଜେଡି ସଭାପତି ଅଜୟ୍ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ବିଧାୟକ ଦାସ ଯୋଗଦେଇ ସାରା ରାଜ୍ୟକୁ ଏକତା ସୂତ୍ରରେ ବାନ୍ଧି ରଖିବାକୁ ଦଳ ସର୍ବଦା ପ୍ରୟାସ ଜାରି ରଖିଛି ବୋଲି କହିଥିଲେ। ନବୀନ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳର ପ୍ରତ୍ୟେକ କାର୍ଯ୍ୟକୁ ଦଶରଥପୁର ବ୍ଲକର କର୍ମୀମାନେ ସୂଚାରୁରୂପେ ପାଳନ କରି ଦଳକୁ ଆହୁରି ମଜଭୁତ କରିବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷା ସୁଜାତା ସାହୁ, ବରିଷ୍ଠ ବିଜେଡ଼ି ନେତା କର୍ଣ୍ଣାଟ କେଶରୀ ଦାସ, ଜୟନ୍ତ କୁମାର ନାୟକ, ଲକ୍ଷ୍ମୀଧର ସାହୁ ଯୋଗ ଦେଇଥିଲେ। ଏଥିରେ ବ୍ଲକ୍ ଯୁବ ବିଜେଡି ସଭାପତି ମନୀଷ କୁମାର ସାହୁ, ସରପଞ୍ଚ ଶିଶିର କୁମାର ଧଳ, ପ୍ରତାପ ଜେନା, ସୁରେଶ ଦାସ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ଯୋଗ ଦେଇଥିଲେ।

### ଅସହାୟଙ୍କୁ କମ୍ବଳ ବଣ୍ଟନ

**କୋରେଇ, ୨୬।୧୨(ସ୍ୱ.ପ୍ର):** କୋରେଇ ବ୍ଲକ ମୂଳାପାଳ ପଞ୍ଚାୟତର ଆଦିବାସୀ ସାହି ଓ କରଦା ପଞ୍ଚାୟତର ରାଣୀଗୋଡା ସବର ସାହିରେ ଥିବା ଦିବ୍ୟାଙ୍ଗ, ଅସହାୟ, ବୃଦ୍ଧାବୃଦ୍ଧଙ୍କୁ ଯାଜପୁରରୋଡ ସ୍ଥିତ ଶ୍ରୀଜଗନ୍ନାଥ ସେବା ସମିତି ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ପ୍ରବଳ ଶୀତ ସମୟରେ ଅନୁଷ୍ଠାନ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ ବରଦାନ ସଦୃଶ ହୋଇଛି। ଅନୁଷ୍ଠାନ ପକ୍ଷରୁ ରାଜେଶ କୁମାର ରାଉତ ପ୍ରକାଶ ମିଶ୍ର, ରାମ କୁମାର, ଅବିନାଶ କୁମାର, ସୁନିଲ ଶର୍ମା ସୁନୀଲ ପାଲ, ସଲୀଳ, ପ୍ରଶାନ୍ତ, ଅଶୋକ ଶୁକ୍ଳା, ସୁଧାକର ଚୌବେ, ମୋହନ, ମୋହାନ ମୁନିଷ ସିଂହ ପ୍ରମୁଖ ଯୋଗ ଦେଇଥିବାବେଳେ ଆମେ ବିପଦର ସାଥି ପକ୍ଷରୁ ସୁଧାଶଙ୍କର ବିଶ୍ୱାଳ ଓ ସାଥିମାନେ ଯୋଗ ଦେଇଥିଲେ।

# ଓଡ଼ିଆ ଭାଷା ସାହିତ୍ୟ ବଞ୍ଚାଇ ରଖିବାକୁ ଆହ୍ୱାନ

**କୋରେଇ ମହୋତ୍ସବ-୨୦୧୯ ଉଦ୍‌ଯାପିତ**

**କୋରେଇ, ୨୬।୧୨(ସ୍ୱ.ପ୍ର)**

ମା’ ଓ ମାତୃଭାଷା ଆମ ପରିଚୟ। ହେଲେ ମାତୃଭାଷା ଓଡ଼ିଆକୁ ଆମ ରାଜ୍ୟରେ ଗୁରୁତ୍ୱ ଦିଆଯାଉ ନାହିଁ ବୋଲି କୋରେଇ ମହୋତ୍ସବ ଉଦଯାପନୀ ଉତ୍ସବରେ ଶାସ୍ତ୍ରୀୟ ମାନ୍ୟତାର ପ୍ରମୁଖ ସ୍ରଷ୍ଟା ଭାଷାବିତ ରାମଚନ୍ଦ୍ର ଖୁଣ୍ଟିଆ ମତବ୍ୟକ୍ତ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ସଂସଦ ସଭାପତି ବିଶିଷ୍ଟ ଗୀତକାର ନନ୍ଦକିଶୋର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ସଭାରେ ମୁଖ୍ୟବକ୍ତାଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ତଥା କବି ଡକ୍ଟର ହୁସେନ ରବି ଗାନ୍ଧୀ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ବଞ୍ଚାଇ ରଖିବା ପାଇଁ ପରବର୍ତ୍ତୀ ପିଢିକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଆ ଗୀତିକବି ସମାଜର ସଭାପତି ମନୋଜ କୁମାର ପଟ୍ଟନାୟକ ଓ କଲିକତାରେ ପ୍ରକାଶିତ ଓଡ଼ିଆ ସାହିତ୍ୟ ପତ୍ରିକା ‘ମଲ୍ଲିକା’ର ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। କସ୍ତୁରୀ ସମ୍ପାଦକ ଅଧ୍ୟାପକ ଅକ୍ଷୟକୁମାର ମହାନ୍ତି ମଞ୍ଚ ପରିଚାଳନା ଓ ସଂସଦର କାର୍ଯ୍ୟକାରୀ ସମ୍ପାଦକ ଦୟାନିଧି ନାୟକ ସ୍ୱାଗତ ଭାଷଣ ଓ ସମ୍ପାଦକ ସୂର୍ଯ୍ୟମଣି ଖୁଣ୍ଟିଆ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଚଳିତବର୍ଷ ସଂସଦର ମର୍ଯ୍ୟାଦାଜନକ କସ୍ତୁରୀ ପୁରସ୍କାର ବିଶିଷ୍ଟ ଗୀତିକାର ମନୋଜ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିବାବେଳେ କାହ୍ନୁଚରଣ ଖୁଣ୍ଟିଆ ସ୍ମୃତି ପୁରସ୍କାର ଗାଳ୍ପିକ ନିତ୍ୟାନନ୍ଦ ପଣ୍ଡା, ଗଦାଧର ସ୍ୱାଇଁ ଶିକ୍ଷକ ଗୌରବ ପୁରସ୍କାର ପ୍ରଫୁଲ୍ଲ କୁମାର ଦାଶ, ସଚିଦେବୀ ଲେଖିକା ପୁରସ୍କାର ବିଦ୍ୟୁତ ଲତା ଦାସ, ଶ୍ୟାମସୁନ୍ଦର ମହାନ୍ତି ସ୍ମୃତି ପୁରସ୍କାର ବନଜ ତ୍ରିପାଠୀ, ଗଦାଧର ସାହୁ ସ୍ମୃତି ପୁରସ୍କାର ଗୋବିନ୍ଦଚନ୍ଦ୍ର ପାଣିଗ୍ରାହୀ(ପଲାଗାୟକ), ଦଶରଥ ବିଶ୍ୱାଳ ସ୍ମୃତି ପୁରସ୍କାର କୃତୀ ଛାତ୍ର ଅଭିନନ୍ଦନ ରାଉତ, ଅଚ୍ୟୁତାନନ୍ଦ ପତି ଗଳ୍ପ ସମ୍ମାନ ଡାକ୍ତର ରବି ନାରାୟଣ ସେନାପତି ଓ ଡକ୍ଟର ରମେଶ ମହାନ୍ତି ସାରସ୍ୱତ ସମ୍ମାନ ହିରଣ୍ମୟୀ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ସଂସଦ ସମ୍ମାନରେ କବି ନରୋତ୍ତମ ସାହୁ, କବି ଜଗତମୋହନ ଦାସ ଓ କବି ନୀଳମଣି ଓଝାଙ୍କୁ ପ୍ରଦାନ କରାଯାଇଥିଲାବେଳେ ପ୍ରବାସୀ ସାରସ୍ୱତ ସଂଗଠକ ସମ୍ମାନ ସୁଶାନ୍ତକୁମାର ପଣ୍ଡା ଏବଂ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମାନରେ ଉଦୟନାଥ ଖଣ୍ଡାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ବୋଲେ ହୁଁ ଟି ପତ୍ରିକାର ପ୍ରତିଭା ସମ୍ମାନ ବିନୋଦବିହାରୀ ସାହୁ ଏବଂ ଆଜ୍ଞାନମସ୍କାର ପତ୍ରିକାର ବ୍ୟାଙ୍ଗମଣି ସମ୍ମାନ ବୈଜୟନ୍ତୀ ମିଶ୍ର ପ୍ରମୁଖ ୧୬ଜଣ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ସୂର୍ଯ୍ୟମଣି ଖୁଣ୍ଟିଆ ପରିଚାଳନା କରିଥିଲେ। ଅଧ୍ୟାପିକା ସରିତା ପୃଷ୍ଟି ଓ ଅଧ୍ୟାପକ ଅକ୍ଷୟ କୁମାର ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ଶେଷରେ ସହସମ୍ପାଦକ ଅଧ୍ୟାପକ ମଳୟ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ ସମ୍ପାଦକ ବାଇଧର ମାଝି ସଞ୍ଚାଳନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁ ବୈକୁଣ୍ଠ ନନ୍ଦଙ୍କ ତତ୍ତ୍ୱାବଧାନରେ ସରସ୍ୱତୀ କଳା ନିକେତନର କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ପରିଚାଳନାରେ କାର୍ଯ୍ୟକାରୀ ସଭାପତି ପ୍ରାଧ୍ୟାପକ ଶିବ ଚରଣ ମାଝୀ, ଡକ୍ଟର ଅଶୋକ କୁମାର ସିଂହ, ସଙ୍ଗଠନ ସମ୍ପାଦକ ଭୁବନ ମୋହନ ମହାନ୍ତି, ସହସମ୍ପାଦକ ଅକ୍ଷୟ କୁମାର ବାରିକ ପ୍ରମୁଖ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଅଧାପନ୍ତରିଆ ବଡ଼ଚଣା ଆଦର୍ଶ ବିଦ୍ୟାଳୟ

# ଅବଧି ସରିଲାଣି, ସରୁନି କାର୍ଯ୍ୟ

**ଚଣ୍ଡିଖୋଲ, ୨୬।୧୨(ଡି.ଏନ.ଏ)**



- ଆସନ୍ତା ଶିକ୍ଷାବର୍ଷରେ ଛାତ୍ରୀଛାତ୍ରଙ୍କ ନାମ ଲେଖା ହୋଇପାରିବା ନେଇ ସନ୍ଦେହ
- ଜିଲା ଖଣିଜ ପାଣ୍ଠିରୁ ୩କୋଟି ୯୧ହଜାର ୪୭୪ ଟଙ୍କା ବ୍ୟୟ ଅଟକଳ
- ୨୦୧୯ ଜୁନ ୧ ସୁଦ୍ଧା କାମ ସାରିବାକୁ ଚୁକ୍ତି କରିଥିଲେ ଠିକାଦାର

ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକରେ ଗୋଟିଏ ଗୋଟିଏ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିବାବେଳେ ବଡ଼ଚଣାରେ ଏହି ବିଦ୍ୟାଳୟ ଭିତ୍ତିଭୂମି କାର୍ଯ୍ୟ ଅଦ୍ୟାବଧି ସରିପାରିଲା ନାହିଁ। ଫଳରେ ଆସନ୍ତା ୨୦୨୦-୨୧ ଶିକ୍ଷାବର୍ଷରେ ଛାତ୍ରୀଛାତ୍ରଙ୍କ ନାମ ଲେଖା ହୋଇପାରିବାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସୂଚନା ଥାଉକି, ବଡ଼ଚଣାରେ ୨୦୧୭ ମସିହା ଜୁନ ୨୮ରେ ବଡ଼ଚଣା ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ତେବେ ଏହି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲେ ମଧ୍ୟ ଦୀର୍ଘ ବର୍ଷକ ପର୍ଯ୍ୟନ୍ତ କାମ ଆରମ୍ଭ ହେଲାନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଜିଲା ଖଣିଜ ପାଣ୍ଠିରୁ ୩ କୋଟି ୯୧ହଜାର ୪୭୪ ଟଙ୍କା ବିନିମୟରେ କାର୍ଯ୍ୟ ହେବ ବୋଲି ୨୦୧୮ ଜୁଲାଇ ୨ରେ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ କରାଗଲା। ଏହି ବିଦ୍ୟାଳୟ କାର୍ଯ୍ୟ ୨୦୧୯ ଜୁନ ୧ ସୁଦ୍ଧା ଶେଷ ହେବ ବୋଲି ଠିକାଦାର ଚୁକ୍ତି କରିଥିଲେ। ଏହା ମଧ୍ୟରେ ଚୁକ୍ତି ଖିଲାପ ହୋଇ ଅବଧି ସରିବାର ୬ମାସ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶ୍ରେଣୀଗୃହ ଓ ଛାତ୍ରାବାସ କାର୍ଯ୍ୟ ଶେଷ ହୋଇ ନାହିଁ। ଏହାପରେ ଏଠାକୁ ବିଦ୍ୟୁତୀକରଣ, ପାନୀୟଜଳ ଯୋଗାଣ ଆଦି କାର୍ଯ୍ୟ ବାକି ରହିଥିବାବେଳେ ସମ୍ପୃକ୍ତ ଠିକାଦାର ଅଦ୍ୟାବଧି କାମ ଧିମା ଗତିରେ କରୁଥିବା ହେତୁ ଏହି କାର୍ଯ୍ୟ ପଛେଇ ଯାଇଛି। ୨୦୧୭ରେ ଟାଟା ଷ୍ଟିଲ କମ୍ପାନୀ ଆଦର୍ଶ ବିଦ୍ୟାଳୟ ନିର୍ମାଣ କରିବ ବୋଲି ଘୋଷଣା କରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଏଥିରୁ କମ୍ପାନୀ ଓହରି ଯାଇଥିଲା। ଏହାପରେ ୨୦୧୮ ମସିହାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପୁନର୍ବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ତେବେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନମାନୀ ଯୋଗୁ ଏହି କାର୍ଯ୍ୟ ପଛେଇ ଯାଇଥିବା ଜଣାପଡ଼ିଛି। ଯାହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇଛି। ଅନ୍ୟ ବ୍ଲକଗୁଡ଼ିକରେ ଦୀର୍ଘ ୨ବର୍ଷ ତଳୁ ପାଠ ପଢା ଆରମ୍ଭ ହୋଇଥିବାବେଳେ ବଡ଼ଚଣାରେ ଅଦ୍ୟାବଧି ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିଲା ନାହିଁ। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ତୁଳସୀ ପାତ୍ରଙ୍କୁ ପଚାରିବାରେ, ଖୁବ ଶୀଘ୍ର କାର୍ଯ୍ୟ ଶେଷ ହେବ ବୋଲି କହିଛନ୍ତି।

## ସଂକ୍ଷେପରେ

### ବାସନ୍ତୀ ମଞ୍ଜରୀ ମେମୋରିଆଲ କ୍ରିକେଟ୍: ସେମିରେ ଖୋର୍ଦ୍ଧା

**ଗଣିଆ,୨୬।୧୨(ଡି.ଏନ୍.ଏ.):** ଗଣିଆ ବ୍ଲକ ଅନ୍ତର୍ଗତ ବେଲପଡ଼ା ପାଟଣାର ଶ୍ରୀ ଶ୍ରୀ ରଘୁନାଥ ଜୀଉ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଦଧିବାମନ ଜୀଉ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ୪୫ତମ ବାସନ୍ତୀ ମଞ୍ଜରୀ ମେମୋରିଆଲ କ୍ରିକେଟ କପ୍‌ର ଗୁରୁବାର ୪ର୍ଥ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା କ୍ରିକେଟ ଟିମ୍ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିବସରେ ଆୟୋଜକ ରଘୁନାଥ ଜୀଉ କ୍ରିକେଟ କ୍ଲବ, ବେଲପଡ଼ା ପାଟଣା ଓ ଖୋର୍ଦ୍ଧା କ୍ରିକେଟ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ରଘୁନାଥ ଜୀଉ କ୍ରିକେଟ କ୍ଲବ ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ଖୋର୍ଦ୍ଧା କ୍ରିକେଟ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୩୮ ରନ୍ କରିବାକୁ ସକ୍ଷମ ହୋଇଥିଲା। ଏହାର ଜବାବରେ ରଘୁନାଥ ଜୀଉ କ୍ରିକେଟ କ୍ଲବ ୮ ଓଭରରେ ସମସ୍ତ ଉଇକେଟ ହରାଇ ୪୭ ରନ୍ କରି ଶୋଚନୀୟ ପରାଜିତ ହୋଇଥିଲା। ମ୍ୟାଚ୍‌କୁ ସମୀର କୁମାର ମହାପାତ୍ର ଓ ପୂର୍ଣ୍ଣଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ଶୁକ୍ରବାର ପ୍ରଥମ ସେମିଫାଇନାଲ କୁମାରବସ୍ତ କ୍ରିକେଟ ଟିମ୍ ଓ ଢେଙ୍କାନାଳ କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଟିମ୍ ପକ୍ଷରୁ ସୂଚନା ମିଳିଛି।

### ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ଖଣ୍ଡପଡ଼ା,୨୬।୧୨(ସ୍ୱ.ପ୍ର.):** ବାଣପୁର-ସିଧାମୂଳା ୪୮ନଂ. ରାଜ୍ୟ ରାଜପଥର ଘଣାଶାଳିଆ ଗ୍ରାମ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକଙ୍କୁ ଭୁବନେଶ୍ୱର ପଠାଯାଇଛି। କଣ୍ଟିଲୋ ଫାଣ୍ଡି ଅଧିକାରୀ ଜୟପ୍ରକାଶ ପରିଡ଼ାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, କଟକ ଜିଲା ନରସିଂହପୁର ଥାନା ଅଧୀନ ପଦମାଳ ଗ୍ରାମର ମାଟିଆ ଦଳେଇଙ୍କ ପୁଅ ମାନସ(୨୮) ଏକ ବାଇକ୍ ଯୋଗେ ବୁଧବାର ସନ୍ଧ୍ୟାରେ ସାଙ୍ଗ ଦିଲୀପ କୁମାର ନାୟକଙ୍କୁ କଣ୍ଟିଲୋ ଗ୍ରାମରୁ ନେବା ପାଇଁ ଆସିଥିଲେ। ବିଳମ୍ବିତ ରାତିରେ ଦିଲୀପଙ୍କୁ ସାଙ୍ଗରେ ଧରି ମାନସ ଗ୍ରାମକୁ ଫେରୁଥିବା ବେଳେ ବାଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ସ୍ଥାନୀୟ ବାସିନ୍ଦା ଓ କଣ୍ଟିଲୋ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ୨ଜଣଙ୍କୁ ଉଦ୍ଧାର କରି ପ୍ରଥମେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମାତ୍ର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମାନସଙ୍କ ମୃତ୍ୟୁ ଘଟିଥିଲା। ଆହତ ଯୁବକଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଖଣ୍ଡପଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୭୦/୧୯) ରୁଜୁ ହୋଇଥିବା ଆଇଆଇସି ବିମଳ କୁମାର ମଲ୍ଲିକଙ୍କଠାରୁ ପ୍ରକାଶ।

### ଭାଜପାର ସୁଶାସନ ଦିବସ

**ଖୋର୍ଦ୍ଧା ଅଫିସ,୨୬।୧୨:** ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ସ୍ତରୀୟ ଭାଜପାର ସୁଶାସନ ଦିବସ ଦଳୀୟ କାର୍ଯ୍ୟାଳୟ ମଳିପଡାଠାରେ ବୁଧବାର ଅନୁଷ୍ଠିତ ହୋଇ ଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାର ବାଜପେୟୀଙ୍କର ଜନ୍ମ ଦିବସକୁ ସରକାର ସୁଶାସନ ଦିବସ ରୂପେ ପାଳନ ଚ଼ରିବାକୁ କହିଥିବାରୁ ବାଜପେୟୀଙ୍କ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବାଜପେୟୀଙ୍କର ଏହି ଜନ୍ମ ଦିବସ ଅବସରରେ ବାଜପେୟୀଙ୍କର ଜୀବନଦର୍ଶନ, ଶାସନ ପ୍ରଣାଳୀ, ନୂତନ ଭାରତ ବର୍ଷ ପାଇଁ ଦେଖିଥିବା ସ୍ୱପ୍ନର କାର୍ଯ୍ୟଖସଡା ଉପରେ ବକ୍ତାମାନେ ଟିପ୍ପଣି ଦେଇଥିଲେ। ଭାଜପା ନେତା କାଳୁ ଚରଣ ଖଣ୍ଡେଇତରାୟଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ଜିଲା ସଭାପତି ଅଜେୟ ମିଶ୍ର, ଓବିସି ମୋର୍ଚ୍ଚାର ରାଜ୍ଯ ସମ୍ପାଦକ କେଳୁ ଜଗଦେବ, କୃଷକ ମୋର୍ଚ୍ଚାର ରାଜ୍ଯ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, ରଘୁନାଥ ସାହୁ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଜନସାଧାରଣ।

# ମହୀପୁରକୁ ଗଡ଼ିଲା ଟ୍ରେନ୍

**ନୟାଗଡ଼ ଅଫିସ/ ନୂଆଗାଁ(ଡି.ଏନ.ଏ.), ୨୬।୧୨**

### କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତର ଏପାଖସେପାଖ

ଖୋର୍ଦ୍ଧା ରୋଡ୍‌ରୁ ନୟାଗଡ଼ ଟାଉନ ଷ୍ଟେଶନକୁ ଚଳାଚଳ କରୁଥିବା ଦୁଇଟି ପାସେଞ୍ଜର ଟ୍ରେନ୍ ଗୁରୁବାର ମହୀପୁର ଷ୍ଟେଶନକୁ ସମ୍ପ୍ରସାରଣ କରାଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ।

#### ଗୋଟିଏ ମଞ୍ଚରେ ଦୁଇବନ୍ଧୁ

ନୟାଗଡ଼ ଟାଉନ ଷ୍ଟେଶନଠାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଗୋଟିଏ ମଞ୍ଚରେ ଦୁଇବନ୍ଧୁ ବସିଥିବା ଦେଖିବାକୁ ମିଳିଥିଲା। ସେମାନେ ହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ। ଉଭୟେ ଉତ୍କଳ ବିଶ୍ୱ ବିଦ୍ୟାଳୟରେ କ୍ଲାସ୍‌ମେଟ୍ ଥିଲେ।

#### ଧର୍ମେନ୍ଦ୍ରଙ୍କ ପାଇଁ ଭାରତ ମାତା କୀ, ଅରୁଣଙ୍କ ପାଇଁ ତାଳି

କାର୍ଯ୍ୟକ୍ରମରେ ଉଦ୍‌ଘୋଷକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ଘୋଷଣା କରୁଥିବା ବେଳେ ଭାରତ ମାତା କୀ ଜୟ ଧ୍ୱନି ଶୁଭୁଥିବା ବେଳେ ଅରୁଣଙ୍କ ନାମ ଘୋଷଣା ବେଳେ ତାଳି ଶୁଭିଥିଲା। ହେଲେ ଅନ୍ୟ ଅଧିକାରୀମାନଙ୍କ ନାମ ଘୋଷଣା ହେଉଥିବା ବେଳେ କୌଣସି ଉତ୍ସାହ ଦେଖିବାକୁ ମିଳି ନ ଥିଲା।

#### ସଭାରେ ଭାଜପା ପତାକା

ଏହା ସରକାରୀ କାର୍ଯ୍ୟକ୍ରମ ହୋଇଥିବା ବେଳେ କେତେଜଣ ଲୋକଙ୍କ ମୁଣ୍ଡରେ ଭାଜପା ଟୋପି ଓ କେତେଜଣ ଲୋକ ଭାଜପା ପତାକା ନେଇ ସଭାକୁ ଯାଇଥିବା ଦେଖିବାକୁ ମିଳିଥିଲା। ସଭାରେ କେତେକ ଲୋକ ପ୍ରଧାନମନ୍ତ୍ରୀଙ୍କ ଯୋଗୁ ଟ୍ରେନ୍ ଚଳାଚଳ କରୁଥିବା କହିଥିଲା ବେଳେ ଆଉ କେତେଜଣ ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ଏହା ସମ୍ଭବ ହୋଇଥିବା ଯୁକ୍ତି କରିଥିଲେ।

#### ଖାଲି ଖଣି ଥିଲେ ବିକାଶ ହେବ ନାହିଁ

କୃଷି ମନ୍ତ୍ରୀ ଅରୁଣ ସାହୁ ବକ୍ତବ୍ୟରେ ଜିଲାରେ ଖଣି ନ ଥିବାରୁ ବିକାଶ ହୋଇପାରୁ ନ ଥିବା କହିଥିଲେ। ହେଲେ ଏହାକୁ ଚେକ୍‌ମେଟ ଦେଇଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଥିଲେ, ଖଣିଖାଦାନ ଅଞ୍ଚଳ ତାଳଚେର, କେନ୍ଦୁଝରରେ ଲୁହା ଓ କୋଇଲା ଖଣି ଥିଲାବେଳେ ସେଠାରେ ଅବ୍ୟବସ୍ଥା ଦେଖାଦେଉଛି। ତେଣୁ ଖଣି ଖାଦାନ ହେଲେ ବିକାଶ ହେବ ତାହା ବାସ୍ତବିକତା ନୁହେଁ। ଏ ଅଞ୍ଚଳର ସବୁଜିମାକୁ ନେଇ କିପରି ବିକାଶ କରିହେବ ସେଥିପ୍ରତି ଧ୍ୟାନ ଦେବା ଦରକାର।

### କ'ଣ କହନ୍ତି ଏମାନେ



ଅଞ୍ଚଳବାସୀଙ୍କ ଅପେକ୍ଷାର ଅନ୍ତ ଘଟିଛି। ନିଜ ଗାଁଠାରୁ ଟ୍ରେନ ଯାତ୍ରା କରିବା ସ୍ୱପ୍ନ ସାକାର ହୋଇଛି। ବସ୍‌ରେ ଯାଇ ଭୁବନେଶ୍ୱରରୁ କାମ ସାରି ଘରକୁ ଫେରିବା କଷ୍ଟ ହେଉଥିଲା। ବର୍ତ୍ତମାନ ସକାଳୁ ଟ୍ରେନରେ ଯାଇ କାମ ସାରି ରାତି ସୁଦ୍ଧା ଘରକୁ ଫେରି ହେବ।

**- ପ୍ରଦ୍ୟୁମ୍ନ କୁମାର ପାତ୍ର, ମହୀପୁର**



ମହୀପୁରକୁ ଟ୍ରେନ ଚଳାଚଳ କରିବା ଆମ ପାଇଁ ଖୁସିର କଥା। ବସ୍‌ରେ ଯାତ୍ରାକରି ଜିନିଷପତ୍ର ଆଣିବା ସମୟ ସାପେକ୍ଷ ହେଉଥିଲା। ଏବେ ଟ୍ରେନରେ ଯାଇ ବାହାର ବଜାରରୁ ଜିନିଷ କିଣି ସୁବିଧାରେ ବ୍ୟବସାୟ କରିହେବ।

**- ସୁମନ୍ତ କୁମାର ପାତ୍ର, ବ୍ୟବସାୟୀ, ମହୀପୁର**



ଆମେମାନେ ଅନେକ ସମୟରେ ବିଶେଷକରି ପର୍ବପର୍ବାଣିରେ କୀର୍ତ୍ତନମଣ୍ଡଳୀ ନେଇ ବସ୍‌ରେ ପୁରୀ ଯାଉଥିବା ବେଳେ ସମୟ ସାପେକ୍ଷା ହୋଇଥାଏ। କିନ୍ତୁ ବର୍ତ୍ତମାନ ଟ୍ରେନ ଚଳାଚଳ କରିବା ଦ୍ୱାରା କମ୍ ସମୟ ଓ ସୁବିଧାରେ ପୁରୀ ଯିବା ସମ୍ଭବ ହୋଇପାରିବ। ଆସନ୍ତା ୩୧ ତାରିଖରେ ୨୦୪ ଜଣ ଭକ୍ତଙ୍କୁ ନେଇ ପୁରୀ ଯିବା ବ୍ୟବସ୍ଥା କରିଛୁ।

**- ରାମଚନ୍ଦ୍ର ବେହେରା, ଚାହାଳୀ**

## ନୀଳମାଧବ ପୀଠରେ ବକୁଳ ଅମାବାସ୍ୟା

**ଖଣ୍ଡପଡ଼ା,୨୬।୧୨(ସ୍ୱ.ପ୍ର.)**



ନୀଳମାଧବ ଜୀଉ

କଣ୍ଟିଲୋ ନୀଳମାଧବ ଜୀଉଙ୍କ ମନ୍ଦିରରେ ଗୁରୁବାର ବକୁଳ ଅମାବାସ୍ୟା ପାଳିତ ହୋଇଯାଇଛି। ତେବେ ସୂର୍ଯ୍ୟୋପରାଗ ଯୋଗୁ ଠାକୁରଙ୍କ ସ୍ୱତନ୍ତ୍ର ନୀତି ସମ୍ପନ୍ନ କରାଯାଇଥିଲା। ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ମୋକ୍ଷ ପରେ ମନ୍ଦିର ଶୌଦ୍ଧ କରାଯାଇ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି ସମ୍ପନ୍ନ ପରେ ବଲ୍ଲଭ ବେଶ ସମ୍ପନ୍ନ ହୋଇଥିଲା। ସକାଳ ଧୂପ ଉଠିବା ସମୟରେ ରୋଷଘରୁ ବଉଳ ଗଇଁଠା ଅଣାଯାଇ ଠାକୁରଙ୍କୁ ଷୋଡ଼ଶ ଉପଚାରରେ ଭୋଗ ଲାଗି ହୋଇଥିଲା।

ପୌଷମାସ ଅମାବାସ୍ୟା ତିଥିକୁ ବଉଳ ଅମାବାସ୍ୟା କୁହାଯାଏ। ବକୁଳ ବା ବଉଳ ଶବ୍ଦର ଅର୍ଥ ହେଲା ଆମ୍ବଗଛର ଫୁଲ। ଠାକୁରଙ୍କଠାରେ ବକୁଳ ଅମାବାସ୍ୟା ନୀତିର ତାତ୍ପର୍ଯ୍ୟ ହେଲା ଆମ୍ବ ବୃକ୍ଷର ସଂରକ୍ଷଣ ଓ ଆମ୍ବର ବର୍ଦ୍ଧିତ ଉତ୍ପାଦନ। ଖଣ୍ଡପଡା ଜଗନ୍ନାଥ ଜୀଉ, ରଘୁନାଥ ଜୀଉ, ମହିମା ମେରୁ, ଉମାଦେଈ ଠାକୁରାଣୀ, ରାମେଶ୍ୱର ଠାକୁର, ଜଗନ୍ନାଥପ୍ରସାଦ ଦରଦା ଗ୍ରାମର ମହିଷାଶୁଣୀ ଓ ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ମନ୍ଦିରରେ ବକୁଳ ଅମାବାସ୍ୟା ପାରମ୍ପରିକ ରୀତିରେ ସମ୍ପନ୍ନ ହୋଇଯାଇଛି। ଠାକୁରଙ୍କ ଏହି ବେଶ ଦର୍ଶନ ପାଇଁ ଅପରାହ୍ନରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତମାନେ ଠାକୁରଙ୍କୁ ଗଇଣ୍ଠା ଭୋଗ ନୈବେଦ୍ୟ ଓ ଆମ୍ବ ବଉଳ ଅର୍ପଣ କରି ପରିବାରର ସୁଖ ସମୃଦ୍ଧି କାମନା କରିଥିଲେ। ସେହିପରି ଗୁରୁବାର ବକୁଳ ଅମାବାସ୍ୟା ଅବସରରେ କଣ୍ଟିଲୋ ଅଞ୍ଚଳର ଗଛସାର ଭାବେ ପରିଚିତ ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁ ଧାନଚେଙ୍ଗଡା ପଞ୍ଚାୟତ ଅନ୍ତର୍ଗତ କାଳିଆପଲ୍ଲୀ ଗ୍ରାମ ତଥା ନୀଳମାଧବ ଜୀଉଙ୍କ ଆଦ୍ୟ ସେବକ ବିଶ୍ୱାବସୁ ଶବର ରାଜାଙ୍କ ସ୍ମୃତିପୀଠରେ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ବଉଳ ଗଛ ରୋପଣ କରିଥିଲେ।

## ରଘୁନାଥ ଟ୍ରଫି କ୍ରିକେଟ: ଫାଇନାଲରେ ନୟାଗଡ଼ ୱାରିୟର୍ସ

**ଓଡ଼ଗାଁ,୨୬।୧୨(ସ୍ୱ.ପ୍ର.):** ଓଡ଼ଗାଁ ରଘୁନାଥ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ୨୬ତମ ରଘୁନାଥ ଟ୍ରଫି ଟେନିସ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚରେ ଇଗଲେ କ୍ଲବ ନୟାଗଡ ୱାରିୟର୍ସ ୧୦ ରନରେ ଆୟୋଜକ (ଏ) ଟିମକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛି। ନୟାଗଡ ୱାରିୟର୍ସ ପ୍ରଥମେ ବ୍ୟାଟିଂ କରି ୧୯ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୪ ରନ ସଂଗ୍ରହ କରିଥିଲା। ଜବାବରେ ଆୟୋଜକ (ଏ) ଦଳ ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୮୪ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ନୟାଗଡ ଟିମ୍ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିବା ନେଇ ଘୋଷଣା କରାଯାଇଥିଲା। ଏମ୍‌ଡି ଆକବର, ବିଜୟ ନାୟକ ଓ ମିଥୁନ ମହାରଣା ମ୍ୟାଚ ପରିଚାଳନା କରିଥିଲେ। ଲାଇଫ ମେମ୍ବର ପ୍ରକାଶ କୁମାର ମିଶ୍ର ଓ ଭୁବନେଶ୍ୱର ଡାକୁଆ ଅତିଥି ଭାବେ ଯୋଗଦେଇଥିଲେ। ଶୁକ୍ରବାର ୨ୟ ସେମି ଫାଇନାଲ ଆଙ୍ଗସିଙ୍ଗି ଓ ଗୋଡିପଲ୍ଲୀ ଟିମ୍ ମଧ୍ୟରେ ହେଉଥିବା ସମ୍ପାଦକ ଦିବାକର ନାୟକ ସୂଚନା ଦେଇଛନ୍ତି।




ନୟାଗଡ଼ଠାରେ ବିଜେଡି ପ୍ରତିଷ୍ଠା ଦିବସରେ ଦଳୀୟ ନେତା ଓ କର୍ମୀ।

## ବିଜେଡିର ୨୩ ତମ ପ୍ରତିଷ୍ଠା ଦିବସ

**ନୟାଗଡ଼ ଅଫିସ,୨୬।୧୨**

ନୟାଗଡ଼ ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଦଳର ୨୩ ତମ ପ୍ରତିଷ୍ଠା ଦିବସ ଗୁରୁବାର ସ୍ଥାନୀୟ ଦୁର୍ଗାମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବ୍ଲକ ବିଜେଡି ସଭାପତି ଶ୍ରବଣ ରାମଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କ ନିକଟରେ କର୍ମୀମାନେ ଉତ୍ତରଦାୟୀ ରହିବା ପାଇଁ କହିଥିଲେ। ଏହାସହ ଜିଲାରେ ୯୦ ହଜାର ସଭ୍ୟ ସଂଗ୍ରହ କରାଯାଇଥିବା ନେଇ ସେ ସୂଚନା ଦେଇଥିଲେ। ୫ମ ପାଳିରେ ୫-ଟି ବେଶ୍ ଆଦୃତ ହୋଇଥିବା ମନ୍ତ୍ରୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ପଣ୍ଡା, ଗୁରୁପ୍ରସାଦ ଜେନା, ବସନ୍ତ ରଥ ଶର୍ମା, ବିରଜାଲକ୍ଷ୍ମୀ ସାହୁ, ପ୍ରଭାସିନୀ ନନ୍ଦ, ଗୋଲାପ ଦଳବେହେରା, ମମତା ଦଳବେହେରା, ଶେଖ ନଇମ, ଶ୍ରୀକାନ୍ତ ପଟ୍ଟନାୟକ, ମାଳତୀ ଗୁରୁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

**ଖଣ୍ଡପଡା,୨୬।୧୨(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଅଧୀନ ବନମାଳୀପୁର ପଞ୍ଚାୟତର ପଞ୍ଚୁଦୋଳ ପଡିଆରେ ଗୁରୁବାର ବିଜେଡି ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଖଣ୍ଡପଡା ନିର୍ବାଚନମଣ୍ଡଳୀର ୪୨ ପଞ୍ଚାୟତ ସମେତ ଖଣ୍ଡପଡା ସହରାଞ୍ଚଳରୁ ବହୁ ଦଳୀୟ କର୍ମୀ, କର୍ମକର୍ତ୍ତା, ସଂଗଠକ ଓ ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି ଯୋଗଦେଇଥିଲେ। ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ବଳ ବୋଲି ବିଧାୟକ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ସୁଦୂରପ୍ରସାରୀ ଲୋକହିତକର ଯୋଜନାଗୁଡିକରୁ ପ୍ରକୃତ ହିତାଧିକାରୀମାନେ ଯେପରି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦଳୀୟ କର୍ମକର୍ତ୍ତା, ସଂଗଠକ ଓ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିମାନେ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଖଣ୍ଡପଡାକୁ ରାଜ୍ୟର ଏକ ନମ୍ବର ନିର୍ବାଚନମଣ୍ଡଳୀରେ ପରିଣତ କରିବା ସମସ୍ତଙ୍କର ଲକ୍ଷ୍ୟ ହେଉ ବୋଲି ବିଧାୟକ କହିଥିଲେ। ଖଣ୍ଡପଡା ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିୟାର ସିଂହ, ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ପୂର୍ବତନ ଖଣ୍ଡପଡା ବ୍ଲକ ଅଧ୍ୟକ୍ଷ ଶିଶିର କୁମାର ସାହୁ, ବିଜେଡି ନେତା ଗୟାଧର ପରିଡାଙ୍କ ସମେତ ଦଳର ବରିଷ୍ଠ ନେତାମାନେ ଏହି ପ୍ରତିଷ୍ଠା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜେଡି ନେତ୍ରୀ ଶୈଳେନ୍ଦ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।




ଖଣ୍ଡପଡ଼ାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳୀୟ ନେତୃବୃନ୍ଦ।

## ସାମୁଦ୍ରିକ କଇଁଛ ସୁରକ୍ଷା କର୍ମଶାଳା

**କୃଷ୍ଣପ୍ରସାଦ,୨୬।୧୨(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ବନବାସପୁର଼ଠାରେ ଚିଲିକା ନୂଆପଡା ରେଞ୍ଜ ତରଫରୁ ଗୁରୁବାର ସାମୁଦ୍ରିକ କଇଁଛ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିଲିକା ନୂଆପଡା ବନାଞ୍ଚଳ ଅଧିକାରୀ ଗଙ୍ଗାଧର ସାହୁ, ବନପାଳ ରବିନ୍ ଶତପଥୀ, ବନପାଳ ଶୁଭଶ୍ରୀ ଦାସ ପ୍ରମୁଖ ଯୋଗଦେଇ ସାମୁଦ୍ରିକ କଇଁଛମାନଙ୍କର କିଭଳି ସୁରକ୍ଷା କରାଯାଇପାରିବ ସେ ଦିଗରେ ସଚେତନ କରାଇଥିଲେ। କର୍ମଶାଳାରେ ଶତାଧିକ ମହିଳା ପୁରୁଷ ମତ୍ସ୍ୟଜୀବୀ ଅଂଶଗ୍ରହଣ କରିଥିଲେ।

## ଜାମିନରେ ଆସିଥିବା ଯୁବକଙ୍କୁ ଆକ୍ରମଣ

**ରଣପୁର,୨୬।୧୨(ସ୍ୱ.ପ୍ର.)**

### ନାବାଳିକା ଅପହରଣ ଘଟଣା

ନୟାଗଡ଼ ଜିଲା ରଣପୁର ଥାନା ବ୍ରଜରାଜପୁର ପଞ୍ଚାୟତ ଅଞ୍ଚଳରେ ଜଣେ ନାବାଳିକା ଅପହରଣ ଘଟଣାରେ ଜେଲଯାଇ ଜାମିନରେ ଆସିଥିବା ଅପହରଣକାରୀଙ୍କୁ ଗୁରୁବାର ଆକ୍ରମଣ କରାଯାଇଛି। ସେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଗୁରୁତର ଯୁବକ ହେଲେ ବାମଡା ଗ୍ରାମର ରମଜାନ ବିନ ଖାନ୍(୨୪)। ତାଙ୍କୁ ପ୍ରଥମେ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ବ୍ରଜରାଜପୁର ପଞ୍ଚାୟତ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

ପ୍ରାପ୍ତ ସୂଚନା ଅନୁସାରେ, ପ୍ରାୟ ୪୦ ଦିନ ତଳେ ଜଣେ ୧୬ ବର୍ଷିୟା ନାବାଳିକାଙ୍କୁ ରମଜାନ ଅପହରଣ କରି ନେଇଥିଲେ। ନାବାଳିକାଙ୍କ ପରିବାରର ଅଭିଯୋଗ ପରେ ପୋଲିସ ୨୨୪/୧୯ରେ ମାମଲା ରୁଜୁକରି ରମ୍‌ଜାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନ୍ୟପକ୍ଷେ ଉଦ୍ଧାର ନାବାଳିକାଙ୍କୁ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତେବେ ପରିବାର ଲୋକେ ନାବାଳିକାଙ୍କୁ ଘରକୁ ନେବାକୁ ଅମଙ୍ଗ ହେବା ପରେ ନୟାଗଡ଼ର ଏକ ଷ୍ଟେ ହୋମ୍‌ରେ ତାଙ୍କୁ ରଖାଯାଇଛି। ସେହିପରି ରଣପୁର ସବଜେଲରେ ରମଜାନ ୩୫ ଦିନ ରହିବା ପରେ ଜାମିନରେ ୨ଦିନ ହେଲା ଘରକୁ ଫେରିଥିଲେ। ଗୁରୁବାର ସକାଳେ କୌଣସି କାମରେ ରଣପୁରକୁ ଚାଲି ଚାଲି ଆସିଥିଲେ। ଲତାର ଛକରେ ନାବାଳିକାଙ୍କ ଦାଦା ରମଜାନଙ୍କୁ କଟୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇନାହିଁ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସକ୍ଷମ ହୋଇନାହିଁ।




ବୋଲଗଡ଼ ମହୋତ୍ସବରେ ଯୋଗଦେଇଥିବା ଅତିଥି।

## ଦର୍ଶକଙ୍କୁ ଆକୃଷ୍ଟକଲା ସମ୍ବଲପୁରୀ ନୃତ୍ୟ

**ବୋଲଗଡ,୨୬।୧୨(ଡି.ଏନ୍.ଏ.)**

### ବୋଲଗଡ଼ ମହୋତ୍ସବ ଉଦ୍‌ଘାଟିତ

ସ୍ଥାନୀୟ ଅଞ୍ଚଳର ଐତିହ୍ୟ, ସଂସ୍କୃତି, ପରମ୍ପରା ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି ୧୬ତମ ବୋଲଗଡ ମହୋତ୍ସବ ଆଶା। ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ମୁଖ୍ୟଅତିଥି ସାଧାରଣ ଉଦ୍ୟୋଗ ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ କୁମାର ପଣ୍ଡା ଓ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ସାହୁ ପୌରୋହିତ୍ୟ କରିଥିବାବେଳେ ବରିଷ୍ଠ ଉପଦେଷ୍ଟା ଐତିହାସିକ ରବୀନ୍ଦ୍ର କୁମାର ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଚଳିତ ବର୍ଷର ସମସ୍ତ ଦିବଂଗତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମହୋତ୍ସବ କମିଟି ଉପସଭାପତି କୃଷ୍ଣମୋହନ ପାଲଟାସିଂହ, ଆଶା ମେମୋରିଆଲ ଟ୍ରଷ୍ଟର ପରିଚାଳନା ନିର୍ଦ୍ଦେଶିକା ଲୁସି ମହାପାତ୍ର, ବ୍ଲକ ଅଧ୍ୟକ୍ଷ ଗୋପାଳ ଚରଣ ବେହେରା, ସରପଞ୍ଚ ବବିତା ସାହୁ, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଡାଇରେକ୍ଟର ପ୍ରଫୁଲ୍ଲ କୁମାର ପ୍ରଧାନ, ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣ୍ଠଶିଳ୍ପୀ ଅସୀମା ପଣ୍ଡା, ସୁରେଶ କୁମାର ସେଠୀ ଓ ସିନେ କଳାକାର ପ୍ରେରଣା ପ୍ରତୀକ୍ଷା ପ୍ରମୁଖ ଉପସ୍ଥିତ ଥିଲେ। ମୁକ୍ତାକାଶ ମଞ୍ଚରେ ଜିଲା ସଂସ୍କୃତି ବିଭାଗ ସୌଜନ୍ୟରେ ଭୁବନେଶ୍ୱରରୁ ଆସିଥିବା କଳାକାରଙ୍କ ଦ୍ୱାରା ଓଡିଶୀ ଓ ଲୋକନୃତ୍ୟ, ରାଜ୍ୟ ସଂସ୍କୃତି ବିଭାଗ ସୌଜନ୍ୟରେ ଲୋଇସିଂଘାରୁ ଆସିଥିବା ସମ୍ବଲପୁରୀ ନୃତ୍ୟ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା। ଭୁବନେଶ୍ୱର କଳାକାରଙ୍କ ମଡର୍ଣ୍ଣ ଡ୍ୟାନ୍ସ, ବୋଲଗଡର ଡ୍ୟାନ୍ସ ଡ୍ୟାନ୍ସ ସାଙ୍ଗକୁ ସ୍ଥାନୀୟ ଅଞ୍ଚଳର ସଂକୀର୍ତ୍ତନ, ପାଲା ପରିବେଷିତ ହୋଇଥିଲା। ଏହି ଅବସରରେ ଖବରଦାତା ଦୀପକ କୁମାର ପାହାଡସିଂହ, ଗୀତିକାର ସନ୍ଧ୍ୟାରାଣୀ ରାଉତରାୟ ଓ କ୍ରୀଡାବିତ ସୌମ୍ୟନ ପ୍ରଧାନଙ୍କୁ ବୋଲଗଡ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ପାର୍ବତିକାନ୍ତ ଚମ୍ପତିରାୟ, ଭଞ୍ଜ କିଶୋର ଜତି ଓ ଲକ୍ଷ୍ମୀଧର ଚୌଧୁରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମହୋତ୍ସବ କମିଟିର ସମ୍ପାଦକ ନାରାୟଣ ମାର୍ଥା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ୪ ମାସ ହେଲା ମିଳୁନି ରାଶନ ସାମଗ୍ରୀ ଡେଙ୍ଗୁରା ଦେଇ ହିତାଧିକାରୀଙ୍କୁ ଫେରାଇଲେ

**ରଣପୁର,୨୬।୧୨(ସ୍ୱ.ପ୍ର.):** ନୟାଗଡ ଜିଲା ରଣପୁର ବ୍ଲକ ମୟୂରଝାଲିଆ ପଞ୍ଚାୟତରେ ୪ମାସ ହେଲା ରାଶନ ସାମଗ୍ରୀ ମିଳୁନି। ହିତାଧିକାରୀ ଅଭିଯୋଗ କଲା ପରେ ବି ସୁଫଳ ପାଉନାହାନ୍ତି। ଗୁରୁବାର ରାଶନ ସାମଗ୍ରୀ ଦିଆଯିବ ବୋଲି ବୁଧବାର ସନ୍ଧ୍ୟାରେ ପଞ୍ଚାୟତ ପକ୍ଷରୁ ଡେଙ୍ଗୁରା ଦିଆଯାଇଥିଲା। ହେଲେ ହିତାଧିକାରୀ ରାଶନ ସାମଗ୍ରୀ ନେବାକୁ ଆସିବାବେଳେ ଗୁରୁବାର ଛୁଟି କୁହାଯାଇଥିଲା। ପଞ୍ଚାୟତ ପକ୍ଷରୁ ଡେଙ୍ଗୁରା ପିଟାଯାଇ ନ ଥିବା ସଫେଇ ଦିଆଗଲା। ହିତାଧିକାରୀ ଭାଗ୍ୟକୁ ଆଦରି ଘରକୁ ଫେରିଥିଲେ।

### ନିପେନ୍ଦ୍ର ଫୁଟବଲ କ୍ଲବ ବିଜୟୀ

**ପୁରୀ ଅଫିସ, ୨୬।୧୨:** ପୁରୀର ନୀତା ଫୁଟବଲ ଏକାଡେମୀ ପକ୍ଷରୁ ତାଳବଣିଆ ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଆନ୍ତଃ କ୍ଲବ ଫୁଟବଲ ଟୁର୍ନାମେଣ୍ଟ ଚାଲିଛି। ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ ଭୁବନେଶ୍ୱର ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ ଏବଂ କଟକର ନିପେନ୍ଦ୍ର ଫୁଟବଲ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନିପେନ୍ଦ୍ର ଫୁଟବଲ କ୍ଲବ ୩-୧ ଗୋଲରେ ବିଜୟୀ ଲାଭ କରିଛି। ନିପେନ୍ଦ୍ର ଫୁଟବଲ କ୍ଲବର ନାଗ ମାଝିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା।

### କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଦଶପଲ୍ଲା,୨୬।୧୨(ଡି.ଏନ୍.ଏ.):** ବଲାଙ୍ଗୀର ଗସ୍ତ ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଗୁରୁବାର ସନ୍ଧ୍ୟାରେ ଦଶପଲ୍ଲା ମେଡିକାଲ ଛକଠାରେ ଭାଜପା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। ଏଥିରେ ଏନ୍‌ଏସି ଭାଜପା ମଣ୍ଡଳ ସଭାପତି ରବି ପୃଷ୍ଟି, ମଣ୍ଡଳ ସଭାପତି କିଶୋର ଦଳବେହେରା, ସରିଗଣ୍ଡା ସଭାପତି ବିଦେଶୀ ମଲିକ, ପୂର୍ବତନ ସମିତି ସଭ୍ୟ ପ୍ରଫୁଲ୍ଲ କୁମାର ସାହୁ, ଭାଜପା ମହିଳା ମୋର୍ଚ୍ଚା ସଭାପତି ସରୋଜିନୀ ସାହୁଙ୍କ ସମେତ ବହୁ ମହିଳାପୁରୁଷ ସାମିଲ ହୋଇଥିଲେ।

# ନଗର ପରିକ୍ରମା କରି ନିମନ୍ତ୍ରଣ କଲେ ଚକୁଳିଆ ପଣ୍ଡା

ଆଜି ଖଣ୍ଡାପଡ଼ା ମହୋତ୍ସବ



ଚକୁଳିଆ ପଣ୍ଡାମାନେ ନିମନ୍ତ୍ରଣ କରିବାକୁ ସହର ପରିକ୍ରମା କରୁଛନ୍ତି।

**ଖଣ୍ଡପଡ଼ା,୨୬।୧୨(ସ୍ୱ.ପ୍ର.)**

କଳାବିକାଶ ପରିଷଦ ଖଣ୍ଡପଡ଼ା ପକ୍ଷରୁ ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଶୁକ୍ରବାରଠାରୁ ୪ଦିନ ବ୍ୟାପୀ ଆରମ୍ଭ ହେବ ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା-୨୦୧୯। ଏହି ଅବସରରେ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ମହୋତ୍ସବ କମିଟିର ମୁଖ୍ୟ ପୁରୋଧା ପ୍ରଦୀପ୍ତ କିଶୋର ମିଶ୍ର ଓ ଆବାହକ ଶିକ୍ଷକ ଦୀନବନ୍ଧୁ ଦାସ ସୂଚନା ଦେଇଛନ୍ତି। ମହୋତ୍ସବ ପାଇଁ ୨ ଚକୁଳିଆ ପଣ୍ଡା ଖଣ୍ଡପଡା ସହର ପରିକ୍ରମା କରି ସମସ୍ତଙ୍କୁ ନିମନ୍ତ୍ରଣ କରିଥିବା ଜଣାଯାଇଛି। ମହୋତ୍ସବର ବାର୍ତ୍ତା ନେଇ ବିନାୟକ ସୁନ୍ଦର ସିଂ ଓ ପ୍ରଭାତ କୁମାର ରଥ ନାମକ ୨ ଚକୁଳିଆ ପଣ୍ଡା ଖଣ୍ଡପଡା ସହର ସମେତ ଆଖପାଖ ଗ୍ରାମ ପରିକ୍ରମା କରି ଅଞ୍ଚଳବାସୀଙ୍କୁ ମହୋତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛନ୍ତି। ଖଣ୍ଡପଡା ସହର ପରିକ୍ରମା କଲାବେଳେ ସାଧାରଣରେ କୌତୂହଳ ସୃଷ୍ଟି ହୋଇଥିଲା। ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ ପରିସରରେ ଚଳିତ ମାସ ୨୭ ତାରିଖ ଠାରୁ ମହୋତ୍ସବର ଶୁଭାରମ୍ଭ ହୋଇ ୩୦ ତାରିଖରେ ଶେଷ ହେବ ବୋଲି ଜଣାଯାଇଛି। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ମହୋତ୍ସବର ଅଧ୍ୟକ୍ଷ ତଥା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାରତୀ ଭୂଷଣ ମିଶ୍ର, ଅବସରପ୍ରାପ୍ତ ଅଧିକାରୀ କ୍ରୀଡ଼ା ବିଭାଗ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମହୋତ୍ସବ ପଡ଼ିଆରେ ୫୦ରୁ ଊର୍ଦ୍ଧ୍ୱ ସରକାରୀ ଷ୍ଟଲ୍ ଓ ଶହେରୁ ଊର୍ଦ୍ଧ୍ୱ ବେସରକାରୀ ଷ୍ଟଲ୍ ଖୋଲାଯିବ ବୋଲି ଅନୁଷ୍ଠାନର ସଭାପତି ପ୍ରଦୀପ୍ତ କିଶୋର ମିଶ୍ର ସୂଚନା ଦେଇଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସୂଚନା ଦେଇଛନ୍ତି। ବିଶେଷକରି ଏହି ମହୋତ୍ସବକୁ ଏକ ନିଆରା ଢଙ୍ଗରେ ପାଳନ କରାଯିବା ସହ ପ୍ଲାଷ୍ଟିକ୍‌ମୁକ୍ତ ପରିବେଶ ଉପରେ ଗୁରୁତ୍ୱ ଦିଆଯାଇଥିବା ଆୟୋଜକଙ୍କଠାରୁ ପ୍ରକାଶ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ଖଣ୍ଡପଡ଼ା,୨୬।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ କିଆଝର ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ବଡ଼ଦିନ ଅବସରରେ ବୁଧବାର ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କିଆଝର ସରପଞ୍ଚ ଚନ୍ଦ୍ରକାନ୍ତ ବଳିୟାର ସିଂହ ମୁଖ୍ୟ ଅତିଥିରୂପେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ମନୋରଞ୍ଜନ ପଣ୍ଡା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିଜୟ କୁମାର ନନ୍ଦ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଶରତ କୁମାର ସିଂହ ଉତ୍ସବରେ ପୌରୋହିତ୍ୟ କରିଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ କିରଣବାଳା ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ପରିପ୍ରେକ୍ଷୀରେ ଆୟୋଜିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ।

## ବିଜେଡିର ପ୍ରତିଷ୍ଠା ଦିବସ

**ଦଶପଲ୍ଲା, ୨୬।୧୨ (ଡି.ଏନ୍.ଏ.):** ଦଶପଲ୍ଲା ବିଜେଡି ତରଫରୁ ଗୁରୁବାର ଦଳର ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଗାନ୍ଧୀ ମଇଦାନଠାରେ ଏକ ସମାବେଶ ଆୟୋଜନ ହୋଇଥିଲା। ପ୍ରାରମ୍ଭରେ ମେଡିକାଲ ଛକଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଓ ଗାନ୍ଧୀ ମଇଦାନଠାରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସମାବେଶରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶାର ଉନ୍ନତି ହୋଇପାରିଛି। ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଆଜି ଶ୍ରେଷ୍ଠ ରାଜ୍ୟ ରୂପେ ପରିଣତ ହୋଇ ପୁରସ୍କୃତ ହୋଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ, ଏନ୍‌ଏସି ଅଧ୍ୟକ୍ଷା ବବିତା ସାହୁ, ନୂଆଗାଁ ବ୍ଲକ ଚେୟାରମ୍ୟାନ ଅନ୍ତର୍ଯ୍ୟାମୀ ସ୍ୱାଇଁ, ଗଣିଆ ବ୍ଲକ ଚେୟାରମ୍ୟାନ ଶେଷଦେବ ସ୍ୱାଇଁ, ଜିଲା ପରିଷଦ ଉପାଧ୍ୟକ୍ଷ ଅଖିଳ ଜାନି, ଜିଲା ସାଧାରଣ ସମ୍ପାଦକ ଶରତ ସାହୁ, ବିଜେଡି ଦଶପଲ୍ଲା ବ୍ଲକ ସଭାପତି ବାପୁଜୀ ସାହୁ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଏମ୍‌ପିଙ୍କ ପ୍ରତିନିଧି ଦଶପଲ୍ଲାର ପ୍ରସନ୍ନ ସାହୁ, ନୂଆଗାଁର ବିଜୟ କୁମାର ସାସମଲ ଓ ଗଣିଆର ବଳରାମ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।





ଦଶପଲ୍ଲାରେ ବିଜେଡି ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ନେତୃବୃନ୍ଦ।





ରଣପୁରରେ ବିଜେଡି ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ଶୋଭାଯାତ୍ରାରେ ନେତା ଓ କର୍ମୀ।

## ରଣପୁରରେ ବିଜେଡିର ପ୍ରତିଷ୍ଠା ଦିବସ

**ରଣପୁର,୨୬।୧୨(ସ୍ୱ.ପ୍ର.):** ନୟାଗଡ ଜିଲା ରଣପୁର ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେଡିର ପ୍ରତିଷ୍ଠା ଦିବସ ରଣପୁରସ୍ଥିତ ମା' ମଣିନାଗଙ୍କ ପୀଠରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରଣପୁର ବ୍ଲକ ସଭାପତି ପାଣ୍ଡବ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ବିଜେଡି ଜିଲା ସଭାପତି ରବି ନାରାୟଣ ମହାପାତ୍ର, ଜିଲା ଉପସଭାପତି ଗିରିଜାକାନ୍ତ ମହାପାତ୍ର, ରଣପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଓ ପ୍ରଭାତ ଦଳବେହେରା, ଯୁବନେତା ବନମାଳୀ ମହାପାତ୍ର, ସୌମ୍ୟ ପ୍ରକାଶ ରାଉତରାୟ, ଛାତ୍ର ନେତା ରଞ୍ଜନ ଦାସ, ଏମ୍‌ପିଙ୍କ ରଣପୁର ବ୍ଲକ ପ୍ରତିନିଧି କିଶୋର ପଟ୍ଟନାୟକ, ନାରୀନେତ୍ରୀ ପ୍ରତିଭା ମହାନ୍ତି, ନର୍ମଦା ରାୟ, ସୁନାଖଳା ପଞ୍ଚାୟତର ପୂର୍ବତନ ସରପଞ୍ଚ ସଚ୍ଚିକାନ୍ତ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ବିଜେଡିର ସଫଳତାର ବାର୍ତ୍ତା ବଖାଣିଥିଲେ। ରାଜ୍ୟରେ ସବୁ ଦଳକୁ ପଛରେ ପକାଇ ନବୀନ ପଟ୍ଟନାୟକ ୧ନଂ ହୋଇଥିବାବେଳେ ବିକାଶ ମଧ୍ୟ ତ୍ୱରାନ୍ୱିତ ହେଉଛି। ଏହି ଅବସରରେ ଅପରାହ୍ନ ୨ଟାରେ ରଣପୁର ପଞ୍ଚୁଦୋଳ ପଡିଆରୁ ଏକ ବିରାଟ ଶୋଭାଯାତ୍ରା ରଣପୁର ସହର ପରିକ୍ରମା କରି ମଣିନାଗଙ୍କ ପୀଠରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ସଭାରେ ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଏଥିରେ ଓଡଗାଁ ବ୍ଲକ ଓ ରଣପୁର ବ୍ଲକର ୪୦ ପଞ୍ଚାୟତର କର୍ମୀ ଓ ସମର୍ଥକମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

### ପଲିଥିନ୍ ବ୍ୟାଗ୍‌ରେ ଗଛ ରଖାଯିବାକୁ ବିରୋଧ
## ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ

**ପୁରୀ ଅଫିସ, ୨୬।୧୨**

୭୫ ମିଟର ଉଚ୍ଛେଦ ସ୍ଥାନରେ ପ୍ରଶାସନ ପକ୍ଷରୁ ଗଛ ରଖାଯାଇଛି। ଫଳରେ ଶ୍ରୀମନ୍ଦିର ତତ୍ତ୍ୱଃପାର୍ଶ୍ୱରେ ସବୁଜିମାମୟ ପରିବେଶ ସୃଷ୍ଟି ହୋଇଛି। ଅନ୍ୟପଟେ ବଡ ବଡ ଗଛକୁ ପଲିଥିନ ବ୍ୟାଗ ମଧ୍ୟରେ ରଖାଯିବାକୁ ନେଇ ପରିବେଶବିତ୍‌ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏ ପଟେ ସରକାର ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରିଥିବାବେଳେ ଖୋଦ୍ ଜିଲା ପ୍ରଶାସନ ଏହାକୁ ଉଲ୍ଲଂଘନ କରୁଛି। ଗଛ ରଖିବା ପାଇଁ ମାଟି କିମ୍ବା ସିମେଣ୍ଟ କୁଣ୍ଡ ବ୍ୟବହାର କରାଯାଇପାରିଥାନ୍ତା। ମାତ୍ର ସେଥିପ୍ରତି ଗୁରୁତ୍ୱ ଦିଆଯାଇନାହିଁ। ଗଛଗୁଡିକରେ ପାଣି ସିଞ୍ଚନ କରାଯାଉ ନ ଥିବାରୁ ଅଧିକାଂଶ ଗଛ ଝାଉଁଳି ପଡ଼ି ପତ୍ରଝଡ଼ା ହେଲାଣି। ଏହାଦ୍ୱାରା ସବୁଜିମାମୟ ପରିବେଶ ନାମରେ ପ୍ରଶାସନ ପରିବେଶକୁ ନଷ୍ଟ କରୁଛି ବୋଲି ଅଭିଯୋଗ ଆଣିଛନ୍ତି କେତେଜଣ ପରିବେଶ ପ୍ରେମୀ।

ଏ ନେଇ ଗୁରୁବାର ସିଂହଦ୍ୱାର ସମ୍ମୁଖ ଓ ବଡଦାଣ୍ଡର ବିଭିନ୍ନ ସ୍ଥାନରେ କେତେଜଣ ପରିବେଶପ୍ରେମୀ ହାତରେ ପ୍ଲାକାର୍ଡ ଧରି ଏହାର ବିରୋଧ କରିଛନ୍ତି। କାଠରେ ତିଆରି କାଳିଆ ଠାକୁର, ଗଛକୁ ନ କର ହତାଦର, ଜୀବନଦାୟିନୀ ଗଛକୁ ଅପ୍ରାକୃତିକ ପରିବେଶରେ ସୌନ୍ଦର୍ଯ୍ୟକରଣ ବସ୍ତୁ ଭାବେ ବ୍ୟବହାର ମନା ଆଦି ପ୍ଲାକାର୍ଡରେ ଉଲ୍ଲେଖ ରହିଥିଲା। ସେମାନେ କାକୁଡ଼ିଖାଇ ଛକ, ଏମାର ଚକଡ଼ା, ସିଂହଦ୍ୱାର ସମ୍ମୁଖ, ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ, ଶ୍ରୀନଅର, ଟାଉନ ଥାନା ଛକ, ମାର୍କେଟ ଛକ, ବଳଗଣ୍ଡି ଓ ମେଡିକାଲ ଛକରେ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ଏଥିରେ ସାମାଜିକ କର୍ମୀ ଚନ୍ଦ୍ରଶେଖର ମିଶ୍ର, ଦୀପକ କୁମାର ଜେନା, ଦୁଷ୍ମନ୍ତ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

### ଶ୍ରୀଜଗନ୍ନାଥ ରସ ମହୋତ୍ସବ ଉଦ୍‌ଘାଟିତ
## ଜୀବନ ଅମୃତମୟ ହେବା ଦରକାର

**ପୁରୀ ଅଫିସ, ୨୬।୧୨**

ରସ ଏକ ମହାନ ଶବ୍ଦ। ସତ୍ୟ ହେଉଛି ରସ, ପ୍ରେମ ହେଉଛି ରସ ଆଉ କରୁଣା ବି ହେଉଛି ରସ। ପ୍ରତ୍ୟେକଙ୍କ ଜୀବନ ରସ ତଥା ଅମୃତମୟ ହେବା ଦରକାର ବୋଲି କହିଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ଭୋଳାନାଥ ବିଦ୍ୟାପୀଠ ପରିସରରେ ଆୟୋଜିତ ସାତଦିନିଆ ଶ୍ରୀଜଗନ୍ନାଥ ରସ ମହୋତ୍ସବକୁ ଗୁରୁବାର ଉଦ୍‌ଘାଟନ କରି ରାଜ୍ୟପାଳ କହିଥିଲେ, ହଜାର ହଜାର ସୂର୍ଯ୍ୟ ଯଦି ଆକାଶରେ ଛାଇଯାନ୍ତି ଏବଂ ସେମାନଙ୍କଠାରୁ ଏକାସଙ୍ଗରେ ଆସୁଥିବା ରଶ୍ମି ପ୍ରଭୁଙ୍କର ଗୋଟିଏ ଛୋଟିଆ କିରଣର ମଧ୍ୟ ମୁକାବିଲା କରିପାରିବ ନାହିଁ। ଭଗବାନଙ୍କ ପାଖରେ ସମର୍ପିତ ହୋଇଗଲେ ପ୍ରତ୍ୟେକଙ୍କ ଜୀବନ ଆଲୋକମୟ ହୋଇଯିବ। ଏଥିପାଇଁ ନିଶ୍ଚିତ ବ୍ୟାସପୀଠର ଆବଶ୍ୟକତା ରହିଛି। ଏହି ଅବସରରେ ଭଗବାନ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ କଥୋପକଥନର ଉଦାହରଣ ଦେଇ ଜୀବନର ଅନେକ ଗୂଢ ରହସ୍ୟ ସମ୍ପର୍କରେ କହିଥିଲେ ରାଜ୍ୟପାଳ। ଭଗବାନ କହିଛନ୍ତି ତୁମେ ମୋର ଆଉ ମୁଁ ବି ତୁମର। ତୁମର ଥିଲି, ରହିଛି ଆଉ ରହିବି ମଧ୍ୟ। ତୁମ ସାଙ୍ଗ କେବେ ଛାଡ଼ିବି ନାହିଁ। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ ଏପରି ଏକ କାର୍ଯ୍ୟକ୍ରମ ଆୟୋଜିତ ହେବା ନିଶ୍ଚିତ ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ ବୋଲି ରାଜ୍ୟପାଳ କହିଥିଲେ। ଏହି ଅବସରରେ ରାଜ୍ୟପାଳ ପୁରୀର ପ୍ରତ୍ୟେକ ଗୋ ଶାଳାକୁ ୧ ଲକ୍ଷ ଟଙ୍କା ଲେଖାଏ ଏବଂ ଅସୁସ୍ଥ ଗୋମାତାଙ୍କୁ ରଖି ସେବା କରୁଥିବା ଗୋ ଶାଳାକୁ ୨ ଲକ୍ଷ ଟଙ୍କା ଲେଖାଏ ଦିଆଯିବ ବୋଲି ଘୋଷଣା କରିଥିଲେ।

ଅନ୍ୟତମ ଅତିଥି ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ କହିଥିଲେ, ଭାରତର ପରମ୍ପରା, ଧର୍ମ, ସଂସ୍କୃତି ଓ ଇତିହାସ ହେଉଛି ମହାନ। ତଥାପି ଭାରତ ବର୍ଷରେ ଅନେକ କଳଙ୍କିତ ଘଟଣା ଘଟୁଛି। ଗୋ ମାତାଙ୍କ ପ୍ରତି ଉପଯୁକ୍ତ ବ୍ୟବହାର କରାଯାଉ ନାହିଁ। ଭାରତରେ ଯେଉଁଭଳି ସ୍ୱଚ୍ଛତା ରହିବା କଥା ତାହା ନାହିଁ। ଏଥିପାଇଁ ଯାହା କିଛି କରାଯାଇପାରିବ ସେ ଦିଗରେ ଆମେ ଚିନ୍ତା କରିବା ଆବଶ୍ୟକ। ପ୍ରକୃତି ଓ ପୁରୁଷର ମିଳନରେ ସୃଷ୍ଟି ଚାଲିଛି। ଆଉ ଏହି ମିଳନ ହିଁ ହେଉଛି ରସ ମହୋତ୍ସବ। ଶ୍ରଦ୍ଧା, ଭକ୍ତି ଓ ପ୍ରେମର ଧାରା ପ୍ରବାହିତ ହେଲେ ସମାଜ ତଥା ରାଷ୍ଟ୍ରରେ ଯେଉଁ କୁସଂସ୍କାର ଓ ଅନ୍ଧବିଶ୍ୱାସ ରହିଛି ତାହା ଦୂର ହୋଇପାରିବ। ଗୋ' ମାତାଙ୍କୁ ସୁରକ୍ଷା ଦେବାରେ ଇଚ୍ଛାଶକ୍ତିର ଯେଉଁ ଅଭାବ ରହିଛି ତାହା ମଧ୍ୟ ଜାଗ୍ରତ ହୋଇପାରିବ। ଜୀବନ ହେଉଛି ମୂଲ୍ୟବାନ। ସମସ୍ତେ ଜୀବନକୁ ସୁଧାରିବା ଲାଗି ନୂଆ ସଂକଳ୍ପ ନେବା, ସମାଜରେ ପରିବର୍ତ୍ତନ ଆଣିବା ଏବଂ ଆମ ସଂସ୍କୃତି ଓ ପରମ୍ପରାକୁ ବିଶ୍ୱବ୍ୟାପି କରିବାରେ ପ୍ରତିବଦ୍ଧତାର ସହ କାମ କରିବା ଲାଗି ପ୍ରଜ୍ଞାନାନନ୍ଦ ଆହ୍ୱାନ ଦେଇଥିଲେ। ଏଥିରେ ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ମହାରାଜ, ମାତା ମଠ ମହନ୍ତ ସୁବଳ ଚରଣ ମହାରାଜ ପ୍ରମୁଖ ଯୋଗଦେଇଥିଲେ। ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ସମ୍ପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା ଅତିଥିଙ୍କୁ ସ୍ୱାଗତ ଏବଂ ଟ୍ରଷ୍ଟ ମୁଖପାତ୍ର ବିଷ୍ଣୁଦତ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏହି ଅବସରରେ ଗୋ ସେବା ଏବଂ ସାମାଜିକ ସେବା ନିମନ୍ତେ ୧୮ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଧାକୃଷ୍ଣ ମହାରାଜ ଏବଂ ପୁଣ୍ଡରିକ ଗୋସ୍ୱାମୀ ମହାରାଜ ଆଧ୍ୟାତ୍ମିକ ପ୍ରବଚନ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେବା ପରେ ରାଜ୍ୟପାଳ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ନୂଆବର୍ଷ ପାଇଁ ସମସ୍ତଙ୍କ ସୁଖ, ସମୃଦ୍ଧି କାମନା କରିଥିଲେ ବୋଲି ସେ କହିଥିଲେ।



ମହୋତ୍ସବକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉଦ୍‌ଘାଟନ କରୁଛନ୍ତି।

## ମାନବ ସମାଜ ସତ୍‌ସଙ୍ଗ ମାର୍ଗରେ ପରିଚାଳିତ ହେବାକୁ ପରାମର୍ଶ

**ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ**

**ଖଣ୍ଡପଡା,୨୬।୧୨(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ତୋଟା ହନୁମାନଙ୍କ ପୀଠ ସାଂସ୍କୃତିକ କେନ୍ଦ୍ର ପରିସରରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୨ତମ ଜନ୍ମ ମହୋତ୍ସବ ବୁଧବାର ପାଳିତ ହୋଇଯାଇଛି। ଖଳିସାହି ସତସଙ୍ଗ କେନ୍ଦ୍ରର ମୁଖ୍ୟ ପ୍ରଫୁଲ୍ଲ ଚନ୍ଦ୍ର ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ପ୍ରମୋଦ କୁମାର ଦାସ ଯୋଗଦେଇଥିଲେ। ଈଶ୍ୱର ସର୍ବଶକ୍ତିମାନ। ଈଶ୍ୱରଙ୍କ ନିର୍ଦ୍ଦେଶରେ ପରିଚାଳିତ ମାନବ ସମାଜ ସତସଙ୍ଗ ମାର୍ଗରେ ପରିଚାଳିତ ହେବାକୁ ନାୟକ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗୁରୁ ଭାତୃମଣ୍ଡଳୀ ଓ ମାତୃ ମଣ୍ଡଳୀଙ୍କ ଦ୍ୱାରା ବେଦପାଠ ସହ ପ୍ରାର୍ଥନା ଓ ଉଷା କୀର୍ତ୍ତନ ଆଦି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଏକ ସୁସଜ୍ଜିତ ବିମାନରେ ବିଗ୍ରହମାନେ ଶ୍ରଦ୍ଧାଳୁଙ୍କ ଗହଣରେ ଖଳିସାହି ଓ ମର୍ଦ୍ଧରାଜପୁର ଗ୍ରାମ ପରିକ୍ରମା କରିଥିଲେ। ହରିବୋଲ ହୁଳହୁଳି ଧ୍ୱନୀରେ ଗଗନପବନ ପ୍ରକମ୍ପିତ ହେବା ସହ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରବୀନ୍ଦ୍ର କୁମାର ପ୍ରଧାନ, ମୁଖ୍ୟ ସହଯୋଗୀ ଦିଲ୍ଲୀପ କୁମାର ସ୍ୱାଇଁ ସତସଙ୍ଗ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।





କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

**ଜିଲା ମହୋତ୍ସବର ତୃତୀୟ ସନ୍ଧ୍ୟା**

## ମନ ମୋହିଲା ଫାୟାର ଡ୍ୟାନ୍ସ

**ନୟାଗଡ଼ ଅଫିସ,୨୬।୧୨**

ନୟାଗଡ଼ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଗୁରୁବାର ତୃତୀୟ ସନ୍ଧ୍ୟାରେ ପୁରୀରୁ ଆସିଥିବା କଳାକାରଙ୍କ ମାର୍ଶାଲ ଆର୍ଟ, ଫାୟାର ଡ୍ୟାନ୍ସ ଓ ଲାଇଟ ଶୋ ଦର୍ଶକଙ୍କ ମନ ମୋହିଥିଲା। ପ୍ରକଳ୍ପ ନିର୍ଦ୍ଦେଶକ (ଡିଆରଡିଏ) ସୁବାସ ଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଓ ନୟାଗଡ଼ ବ୍ଲକ ଅଧ୍ୟକ୍ଷା ଗୋଲାପ ଦଳ ବେହେରା, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଡିଏଫଓ ଧନରାଜ ଏଚ୍‌ଡି ସମ୍ମାନିତ ଅତିଥିଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡିଭାଇନ ମହାବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ନୟାଗଡ଼ ବନ୍ଦନା ପରିବେଷଣ ପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଗଜପତିର ସଖୀ ନୃତ୍ୟ, ପୁରୀର ମାର୍ଶାଲ ଆର୍ଟ, ଫାୟାର ଡ୍ୟାନ୍ସ ଦର୍ଶକଙ୍କ ବାନ୍ଧି ରଖିଥିଲା। ଏହା ପରେ ଗୀତ ସାଗର ପକ୍ଷରୁ ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।